(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୨୧/୨୦୨୨ (୧୨+୮=୨୦ ପୃଷ୍ଠା) | Sambalpur, Friday, October 21/2022 | Page 20 | ₹ 7.00 | ★★

୧୮ଶ ଭାଗ ୩୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 303 | ମୂଲ୍ୟ₹୭/-





## ସଂକ୍ଷେପରେ

### ୫ ବର୍ଷ ପରେ ଅଭିଯୁକ୍ତଙ୍କୁ ଜାମିନ

**ର୍ୟାନ୍ ସ୍କୁଲ୍ ହତ୍ୟା ମାମଲା**

ନୂଆଦିଲ୍ଲୀ,୨୦।୧୦: ଗୁରୁଗ୍ରାମର ର୍ୟାନ୍ ଇଣ୍ଟରନ୍ୟାଶନାଲସ୍କୁଲ୍‌ର ଜଣେ ୭ ବର୍ଷର ଛାତ୍ରଙ୍କୁ ୨୦୧୭ରେ ଗଳାକାଟି ହତ୍ୟା କରାଯାଇଥିଲା। ହତ୍ୟାକାରୀଙ୍କୁ ସେତେବେଳେ ୧୬ ବର୍ଷ ହୋଇଥିଲା। ଜଣେ ସାବାଳକ ଅଭିଯୁକ୍ତ ଭାବେ ତାଙ୍କ ନାମରେ ମାମଲା ଚାଲିବ ବୋଲି ସେତେବେଳେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ କହିଥିଲେ। ୫ ବର୍ଷ ଜେଲରେ ରହିବା ପରେ ସୁପ୍ରିମକୋର୍ଟ ଗୁରୁବାର ଅଭିଯୁକ୍ତଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ୨୦୧୭ ସେପ୍ଟେମ୍ବର ୮ରେ ଦ୍ୱିତୀୟ ଶ୍ରେଣୀ ଛାତ୍ର ପ୍ରଦ୍ୟୁମ୍ନଙ୍କୁ ସ୍କୁଲ୍ ୱାଶ୍‌ରୁମ୍‌ରେ ହତ୍ୟା କରାଯିବା ଘଟଣା ସେତେବେଳେ ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ବିଚାର ଶେଷ ହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ହାଜତରେ ରଖିବା ତାଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଜଷ୍ଟିସ ଦିନେଶ ମାହେଶ୍ୱରୀ ଏବଂ ଜେ.କେ. ମାହେଶ୍ୱରୀଙ୍କ ଖଣ୍ଡପୀଠ କହିଛନ୍ତି। ଗୁରୁଗ୍ରାମର ସେସନ୍ସ ଜଜ୍ ତାଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### କପିକୁ ପ୍ରେମ ପତ୍ର ଭାବି ଛାତ୍ରଙ୍କୁ ହତ୍ୟାକଲେ ଛାତ୍ରୀଙ୍କ ଭାଇ

ପାଟନା,୨୦।୧୦: ବିହାର ଭୋଜପୁରର ଏକ ସ୍କୁଲ୍‌ରେ ପରୀକ୍ଷା ଚାଲିଥିବାବେଳେ ଜଣେ ୧୨ ବର୍ଷୀୟ ୫ମ ଶ୍ରେଣୀ ଛାତ୍ର ଷଷ୍ଠ ଶ୍ରେଣୀରେ ପଢୁଥିବା ତାଙ୍କ ଭଉଣୀଙ୍କ ପାଖକୁ ଏକ କପି ପକାଇଥିଲେ। ଉକ୍ତ କପି ଅନ୍ୟ ଜଣେ ଛାତ୍ରୀଙ୍କ ଉପରେ ପଡ଼ିଥିଲା। ଉକ୍ତ ଛାତ୍ରୀ କପିକୁ ପ୍ରେମପତ୍ର ଭାବି ପରୀକ୍ଷା ପରେ ତାଙ୍କ ଭାଇମାନଙ୍କୁ କହିଦେଇଥିଲେ। ଉକ୍ତ ଛାତ୍ରୀଙ୍କ ଭାଇ ଅନ୍ୟମାନଙ୍କ ସହ ମିଶି ଛାତ୍ର ଜଣକୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ସେମାନେ ଛାତ୍ରଙ୍କ ମୁଣ୍ଡ, ଗୋଡ଼, ହାତ ସବୁ କାଟି ଅଲଗା କରିଦେଇଛନ୍ତି। ରେଳ ଧାରଣା ନିକଟରୁ ଛାତ୍ରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଛାତ୍ରୀଙ୍କ ଭାଇ ଓ ତାଙ୍କ ସାଙ୍ଗମାନଙ୍କୁ ପୋଲିସ ଗିରଫ କରିଛି।

### ବାଣ ବିସ୍ଫୋରଣରେ ଘର ଭୁଶୁଡ଼ି ୪ ମୃତ

ମୋରେନା,୨୦।୧୦: ମଧ୍ୟପ୍ରଦେଶର ମୋରେନା ଜିଲା ଅନ୍ତର୍ଗତ ବାନ୍‌ମୋର ସହରରେ ଗୁରୁବାର ବାଣ ବିସ୍ଫୋରଣ ଘଟି ଏକ ଘର ଭୁଶୁଡ଼ି ପଡ଼ିଛି। ଘରେ ଥିବା ପରିବାରର ୩ ସଦସ୍ୟଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଉକ୍ତ ଘରେ ବାଣ ଗଚ୍ଛିତ ରହିଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଦୁଇମହଲା ଘରଟି ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ପାଖରେ ଥିବା ଅନ୍ୟ ଦୁଇଟି ଘର ମଧ କ୍ଷତିଗ୍ରସ୍ତ ହୋଇଛି। ଘର ଭଡ଼ା ନେଇଥିବା ବ୍ୟକ୍ତିଙ୍କ ସ୍ତ୍ରୀ, ୮ ବର୍ଷର ଝିଅ, ୧୮ ବର୍ଷର ପୁଅ ଏବଂ ଅନ୍ୟ ଜଣେ ପ୍ରାଣ ହରାଇଛନ୍ତି। ବିସ୍ଫୋରଣର କାରଣ ଜଣା ପଡ଼ିନାହିଁ। ନିର୍ମଳ ଚନ୍ଦ୍ର ଜୈନ ନାମକ ବ୍ୟକ୍ତି ଉକ୍ତ ଘରର ପ୍ରଥମ ମହଲାକୁ ଜମିଲ ଖାନ୍ ନାମକ ବ୍ୟକ୍ତିଙ୍କୁ ଭଡ଼ା ଦେଇଥିଲେ। ଜମିଲ ସେଠାରେ ପରିବାର ସହ ରହିବା ସହ ବିପୁଳ ପରିମାଣର ବାଣ ଗଚ୍ଛିତ ରଖିଥିଲେ।

### ଏମ୍ସରେ ଭିଆଇପି ସଂସ୍କୃତିକୁ ଡାକ୍ତରଙ୍କ ନିନ୍ଦା

ଆଜମଗଡ଼,୨୦।୧୦: ଏମ୍‌ପିମାନଙ୍କ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ଜାରି କରିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)କୁ ଆବାସିକ ଡାକ୍ତରମାନଙ୍କ ମହାସଂଘ (ଏଫ୍‌ଓଆର୍‌ଡିଏ) ଏବଂ ଅନ୍ୟ ଡାକ୍ତର ସଂଘଗୁଡ଼ିକ ବିରୋଧ କରିଛନ୍ତି। ଗତ ବୁଧବାର ଏମ୍ସ ନିର୍ଦ୍ଦେଶକ ଡା. ଏମ୍. ଶ୍ରୀନିବାସ ଲୋକ ସଭା ଯୁଗ୍ମ ସଚିବ ୱାଇ.ଏମ୍. କାଣ୍ଡପାଲ୍‌ଙ୍କୁ ପତ୍ର ଲେଖି ଏମ୍‌ପିମାନଙ୍କ ପାଇଁ ଓପିଡି, ଜରୁରୀ ପରାମର୍ଶ ଏବଂ ଆନ୍ତଃ ରୋଗୀ ଚିକିତ୍ସା ସେବାକୁ ବ୍ୟବସ୍ଥିତ କରାଯାଇଥିବା କଥା ଜଣାଇଥିଲେ। ଏଥିପାଇଁ ଏସ୍‌ଓପି ଜାରି ହୋଇଥିଲା। ଏଭଳି ଭିଆଇପି ସଂସ୍କୃତିକୁ ଆମେ ନିନ୍ଦା କରୁଛୁ। କାହାର ସୁବିଧା ପାଇଁ ରୋଗୀ ଅସୁବିଧାର ସମ୍ମୁଖୀନ ହେବା ଉଚିତ ନୁହେଁ। ବ୍ୟବସ୍ଥିତ କରିବା ଅର୍ଥ ରୋଗୀସେବା ବାଧାପ୍ରାପ୍ତ ହେବା ଉଚିତ ନୁହେଁ ବୋଲି ଏଫ୍‌ଓଆର୍‌ଡିଏ ପକ୍ଷରୁ ଟୁଇଟ୍ କରାଯାଇଛି।




### ପାରିଲି ନାହିଁ, ଇସ୍ତଫା ଦେଉଛି: ଟ୍ରସ୍

ଅନ୍ତର୍ଜାତୀୟ ସ୍ତରରେ ଘୋର ଆର୍ଥିକ ଅସ୍ଥିରତା ଦେଖାଦେଇଥିବା ସମୟରେ ମୁଁ ବ୍ରିଟେନର ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିଥିଲି। ପରିବାର ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକ ସେମାନଙ୍କ ବିଲ୍ କିପରି ପଇଠ କରିବେ ସେନେଇ ଚିନ୍ତିତ ଥିଲେ। ୟୁକ୍ରେନ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବେଆଇନ ଯୁଦ୍ଧ ସମଗ୍ର ବିଶ୍ୱର ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିଥିବାବେଳେ ଆମ ଦେଶରେ ଆର୍ଥିକ ପ୍ରଗତି ଧିମେଇଯାଇଛି। ଏଥିରେ ପରିବର୍ତ୍ତନ ଆଣିବା ପାଇଁ ମୁଁ କଞ୍ଜରଭେଟିଭ୍ ପାର୍ଟି ନେତା ନିର୍ବାଚିତ ହୋଇଥିଲି। ଆମେ ଏନର୍ଜି ବିଲ୍ ଏବଂ ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ ସମ୍ପର୍କିତ ପ୍ରତିଶ୍ରୁତି ରକ୍ଷା କରିବା ସହ ନିମ୍ନ ଟିକସ ପାଇଁ ନିଜ ଆଭିମୁଖ୍ୟ ଉପସ୍ଥାପନ କରିଥିଲୁ। କିନ୍ତୁ ଆଉ କେତେକ କ୍ଷେତ୍ରରେ ମୁଁ ବିଫଳ ହୋଇଛି। ତେଣୁ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ସହ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଉଛି। ନୂଆ ଉତ୍ତରାଧିକାରୀ ଚୟନ ହେବା ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବି।

### ତୁରନ୍ତ ନିର୍ବାଚନ କରାଯାଉ: ବିରୋଧୀ

ବ୍ରିଟେନରେ ୪ ମାସ ମଧ୍ୟରେ ଦୁଇଜଣ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ବିରୋଧୀ ଦଳଗୁଡ଼ିକ ତୁରନ୍ତ ସାଧାରଣ ନିର୍ବାଚନ କରାଯାଉ ବୋଲି ଦାବି କରିଛନ୍ତି। ଲେବର ଲିଡର ସାର୍ କେଇର ଷ୍ଟାର୍ମର କହିଛନ୍ତି, କଞ୍ଜରଭେଟିଭ୍ ପାର୍ଟି ଦେଶ ଶାସନ କରିବା ପାଇଁ ପାଇଥିବା ଜନାଦେଶକୁ ହରାଇସାରିଛି। ବ୍ରିଟେନରେ ସାନି ନିର୍ବାଚନ କରାଯାଉ। ଟୋରି ବିଫଳତାର ୧୨ ବର୍ଷ ପରେ ବ୍ରିଟିଶ୍‌ମାନେ ନିଜ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉନ୍ନତ ବ୍ୟବସ୍ଥା ଆବଶ୍ୟକ କରୁଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଟୋରି ନେତାମାନେ ଉଚ୍ଚ ଟିକସ କ୍ଷେତ୍ରରେ ରେକର୍ଡ ଭାଙ୍ଗିଚାଲିଛନ୍ତି। ଏବେ ସେମାନେ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଛନ୍ତି। ସେହିପରି ପ୍ଲାଇଡ୍ ସାଉମ୍ରୁ ନେତା ଆଡାମ୍ ପିସ୍ ଏବଂ ୱେଷ୍ଟମିନିଷ୍ଟର ଲିଡର ଲିଜ୍ ସାଭିଲ୍ଲେ ରବର୍ଟ ଏକ ବିବୃତିରେ ସାମ୍ପ୍ରତିକ ସ୍ଥିତିକୁ 'ଅରାଜକତାର ସର୍କସ' ବୋଲି ନିନ୍ଦା କରିବା ସହ ତତ୍କାଳନ ନିର୍ବାଚନ କରାଇବାକୁ ଦାବି କରିଛନ୍ତି।

# ଡାଉନିଂ ଷ୍ଟ୍ରିଟ୍ ଦୌଡ଼: ଟ୍ରସ୍‌ଙ୍କ ପରେ କିଏ

**ଲଣ୍ଡନ,୨୦।୧୦**

ବ୍ରିଟେନରେ ଲିଜ୍ ଟ୍ରସ୍‌ଙ୍କ ଦେଢ଼ ମାସିଆ ସରକାରର ପତନ ଘଟିବା ପରେ ତାଙ୍କ ଉତ୍ତରାଧିକାରୀ କିଏ ହେବେ ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପୂର୍ବରୁ ପ୍ରଧାନମନ୍ତ୍ରୀ ଦୌଡ଼ରେ ଥିବା ପ୍ରାକ୍ତନ ଅର୍ଥମନ୍ତ୍ରୀ ତଥା ଭାରତୀୟ ବଂଶୋଦ୍ଭବ ଋଷି ସୁନକ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବୋଲି କୁହାଯାଉଛି। ଲଣ୍ଡନସ୍ଥିତ ବିଶ୍ୱର ସର୍ବବୃହତ୍ ଗ୍ୟାମ୍ବଲିଂ କମ୍ପାନୀ ବୁକ୍‌ମେକର ୱିଲିୟମ ହିଲ୍ ମତରେ ସୁନକ ହେଉଛନ୍ତି ପ୍ରଧାନମନ୍ତ୍ରୀ ପଦ ପାଇଁ ସର୍ବାଧିକ ଗ୍ରହଣଯୋଗ୍ୟ ପ୍ରାର୍ଥୀ। ତାଙ୍କ ପରେ ହାଉସ୍ ଅଫ୍ କମନ୍ସ ନେତା ପେନି ମୋର୍ଡଣ୍ଟ ଏବଂ ପ୍ରତିରକ୍ଷା ମନ୍ତ୍ରୀ ବେନ୍ ୱାଲେସ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ଦାବିଦାର ଭାବେ ଉଭା ହୋଇଛନ୍ତି। ୱିଲିୟମ୍ ହିଲ୍ ମୁଖପାତ୍ର ଲି ଫେଲ୍‌ପ୍ସ କହିଛନ୍ତି, ପ୍ରଧାନମନ୍ତ୍ରୀ ପଦରୁ ଲିଜ୍ ଟ୍ରସ୍ ଇସ୍ତଫା ଦେଇପାରନ୍ତି ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ଶେଷରେ ସେ ଡାଉନିଂ ଷ୍ଟ୍ରିଟ୍ ଛାଡ଼ିବା ନେଇ ଘୋଷଣା କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଇସ୍ତଫା ଦେବା ପରେ ଋଷି ସୁନକ କଞ୍ଜରଭେଟିଭ୍ ପାର୍ଟି ନେତା ଦୌଡ଼ରେ ଆଗରେ ଥିଲେ। କିନ୍ତୁ ନିଜ କାର୍ଯ୍ୟକାଳରେ ଭୁଲ୍ ପଦକ୍ଷେପ ନେଇ ବିଦା ହୋଇଥିବା ବୋରିସ୍‌ଙ୍କ ଲୋକପ୍ରିୟତା ଏବେ ମଧ୍ୟ ରହିଛି। ତେଣୁ ଟ୍ରସ୍‌ଙ୍କ ଉତ୍ତରାଧିକାରୀ ରୂପେ ବୋରିସ୍ ଚତୁର୍ଥ ଦାବିଦାର ହୋଇପାରନ୍ତି।

#### ଋଷି ସୁନକ



୧୯୮୦ ମେ' ୧୨ରେ ସାଉଥ୍‌ଆମ୍ପଟନ୍‌ରେ ଜନ୍ମିତ ଭାରତୀୟ ବଂଶୋଦ୍ଭବ ଋଷି ସୁନକ ହେଉଛନ୍ତି ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ। ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିରେ ପଢ଼ିବା ବେଳେ ନରାୟଣମୂର୍ତ୍ତିଙ୍କ ଝିଅ ଅକ୍ଷତା ମୂର୍ତ୍ତିଙ୍କ ସହ ତାଙ୍କର ସମ୍ପର୍କ ଗଢ଼ିଉଠିଥିଲା। ସୁନକ ଓ ତାଙ୍କ ସ୍ତ୍ରୀ ବ୍ରିଟେନର ୨୨୨ତମ ଧନୀ। ଦୁହିଁଙ୍କ ମୋଟ ସମ୍ପତ୍ତିର ପରିମାଣ ୭୩୦ ନିୟୁତ ଡଲାର ହେବ। ୨୦୧୫ରୁ ସେ ନର୍ଥ ୟୋର୍କଶାୟାରସ୍ଥିତ ରିଚ୍‌ମଣ୍ଡରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରୁଛନ୍ତି। ୨୦୨୦ରେ ବୋରିସ୍ ଜନ୍‌ସନ୍ ଋଷିଙ୍କୁ ଅର୍ଥମନ୍ତ୍ରୀ ନିଯୁକ୍ତ କରିଥିଲେ। କିନ୍ତୁ ଲକ୍‌ଡାଉନ୍ ବେଳେ ବୋରିସ୍ ପାର୍ଟିଗେଟ୍ ମାମଲାରେ ବିବାଦୀୟ ହୋଇଯିବା ପରେ ଜୁଲାଇ ୭ରେ ଋଷି ଇସ୍ତଫା ଦେଇଥିଲେ। ତାଙ୍କ ପରେ ଅନେକ ମନ୍ତ୍ରୀ ଓ ଅଧିକାରୀ ଇସ୍ତଫା ଦେବା ପରେ ବୋରିସ୍ ବାଧ୍ୟହୋଇ ପଦ ଛାଡ଼ିଥିଲେ। ତାଙ୍କ ଉତ୍ତରାଧିକାରୀ ଦୌଡ଼ରେ ଋଷି ଆଗୁଆ ଥିଲେ। ଗତ ସେପ୍ଟେମ୍ବର ୫ରେ କଞ୍ଜଭେଟିଭ୍ ପାର୍ଟି ନେତା ନିର୍ବାଚନରେ ଟ୍ରସ୍ ବିଜୟୀ ହୋଇଥିଲେ। ତାଙ୍କ ଇସ୍ତଫା ପରେ ଋଷି ପ୍ରଧାନମନ୍ତ୍ରୀ ହେବା ଆଶା ଉଜ୍ଜ୍ୱଳ ହୋଇଛି।

#### ପେନି ମୋର୍ଡଣ୍ଟ



୪୯ ବର୍ଷୀୟା ପେନେଲୋପ୍ ମେରି ମୋର୍ଡଣ୍ଟ ହେଉଛନ୍ତି ହାଇସ୍ ଅଫ୍ କମନ୍ସର ନେତା। ଗତ ସେପ୍ଟେମ୍ବରରୁ ସେ ଲର୍ଡ ପ୍ରେସିଡେଣ୍ଟ ଅଫ୍ ଦି କାଉନ୍‌ସିଲ ଲିଡର ରୂପେ ମଧ୍ୟ କାର୍ଯ୍ୟ କରୁଛନ୍ତି। ୨୦୧୦ ମେ'ରେ ପୋର୍ଟସ୍‌ମାଉଥ୍ ନର୍ଥ ଆସନରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରୁଥିବା କଞ୍ଜରଭେଟିଭ୍ ପାର୍ଟିର ଏହି ଏମ୍‌ପି ବୋରିସ୍ ଜନ୍‌ସନ କ୍ୟାବିନେଟରେ କନିଷ୍ଠ ମନ୍ତ୍ରୀ ଥିଲେ। ଏହା ପୂର୍ବରୁ ଥେରେସା ମେ' କ୍ୟାବିନେଟରେ ଅନ୍ତର୍ଜାତୀୟ ବିକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ୨୦୧୭-୧୯ କାର୍ଯ୍ୟ କରିଥିଲେ। ୨୦୧୯ ଜୁଲାଇରେ ତାଙ୍କୁ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ କରାଯାଇଥିଲା। ଲୋକ ସମ୍ପର୍କ ଶିଳ୍ପରେ କ୍ୟାରିୟର ଆରମ୍ଭ ପୂର୍ବରୁ ପେନି ୟୁନିଭର୍ସିଟି ଅଫ୍ ରିଡିଂରେ ଦର୍ଶନଶାସ୍ତ୍ର ଅଧ୍ୟୟନ କରିଥିଲେ।

#### ବେନ୍ ୱାଲେସ୍



୧୯୭୦ ମେ' ୧୫ରେ ଜନ୍ମିତ ରବର୍ଟ ବେନ୍ ଲୋଲ୍ଡାନ ୱାଲେସ୍ ବ୍ରିଟିଶ ଆର୍ମି ଅଧୀନ ସ୍କଟ ଗାର୍ଡସ୍ ରେଜିମେଣ୍ଟର ଜଣେ ପୂର୍ବତନ ସୈନିକ। ୨୦୧୯ ଜୁଲାଇ ୨୪ରୁ ସେ ପ୍ରତିରକ୍ଷା ମନ୍ତ୍ରୀ ରୂପେ କାର୍ଯ୍ୟରତ। ୱିରେ ଏବଂ ପ୍ରେଷ୍ଟନ ନର୍ଥରୁ ୨୦୦୫ ମସିହରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରୁଥିବା ବେନ୍ ଡେଭିଡ୍ କାମେରୁନ୍ ସରକାର ଅମଳରେ ନର୍ଦ୍ଦନ ଆୟର୍ଲାଣ୍ଡ ଅଫିସରେ ସଂସଦୀୟ ଅନୁସଚିବ ଥଲେ। ୨୦୧୬ରେ ପ୍ରଧାନମନ୍ତ୍ରୀ ଥେରେସା ମେ ତାଙ୍କୁ ନିଜ କ୍ୟାବିନେଟରେ ସୁରକ୍ଷା ଓ ଅର୍ଥନୈତିକ ଅପରାଧ ବିଭାଗର ରାଷ୍ଟ୍ରମନ୍ତ୍ରୀ ନିଯୁକ୍ତ କରିଥିଲେ। ବୋରିସ ଜନ୍‌ସନ୍‌ଙ୍କ ଜଣେ ଦୃଢ଼ ସମର୍ଥକ ଭାବେ ଜଣାଶୁଣା ବେନି ବୋରିସ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ହୋଇଥିଲେ ସେପ୍ଟେମ୍ବର ୬ରେ ଲିଜ୍ ଟ୍ରସ୍ ତାଙ୍କୁ ଏହି ଦାୟିତ୍ୱ ପାଇଁ ପୁନଃ ନିଯୁକ୍ତି ଦେଇଥିଲେ।

### ୨୮ ସୁଦ୍ଧା ନୂଆ ପ୍ରଧାନମନ୍ତ୍ରୀ

ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ ଇସ୍ତଫା ପରେ ଦେଶରେ ରାଜନୈତିକ ସଙ୍କଟ ଓ ଆର୍ଥିକ ଅସ୍ଥିରତା ଘନେଇବାରେ ଲାଗିଥିବାବେଳେ କଞ୍ଜରଭେଟିଭ୍ ପାର୍ଟିର ନୂଆ ନେତା ଅକ୍ଟୋବର ୨୮ ସୁଦ୍ଧା ଦାୟିତ୍ୱ ଗ୍ରହଣ କରିବେ ବୋଲି ଗୁରୁବାର ଟୋରି ବ୍ୟାକ୍‌ବେଞ୍ଚ ୧୯୨୨ କମିଟି ଅଧ୍ୟକ୍ଷ ସାର୍ ଗ୍ରାହାମ ବ୍ରାଡି ଘୋଷଣା କରିଛନ୍ତି। ଅକ୍ଟୋବର ୩୧ରେ ପାର୍ଲାମେଣ୍ଟରେ ଅଫିସ୍ ଅଫ୍ ବଜେଟ୍ ରେସ୍‌ପନ୍ସିବିଲିଟି (ଓବିଆର୍) ବା ମଧ୍ୟମ ଅବଧିର ବିତ୍ତୀୟ ଯୋଜନା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିବୃତି ଉପସ୍ଥାପନ କରାଯିବ। ତେଣୁ ଏହା ପୂର୍ବରୁ ନୂଆ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ଜରୁରୀ।

## ୧୦ ଲକ୍ଷଙ୍କୁ ମିଳିବ ନିଯୁକ୍ତି

**ରୋଜଗାର ମେଳା ଶୁଭାରମ୍ଭ କରିବେ ମୋଦି**

**ନୂଆଦିଲ୍ଲୀ,୨୦।୧୦**

ଦେଶର ୧୦ ଲକ୍ଷ ଲୋକଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର 'ରୋଜଗାର ମେଳା'ର ଶୁଭାରମ୍ଭ କରିବେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ହେବାକୁ ଥିବା ଏହି ମେଳାରେ ନବନିଯୁକ୍ତ ୭୫,୦୦୦ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଯୁବପିଢ଼ିଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ଓ ନାଗରିକମାନଙ୍କ କଲ୍ୟାଣ ଲାଗି ପ୍ରଧାନମନ୍ତ୍ରୀ ବାରମ୍ବାର ପ୍ରତିଶ୍ରୁତି ଦେଇଆସୁଥିଲେ। ଉକ୍ତ ପ୍ରତିଶ୍ରୁତି ପୂରଣ କରିବାରେ ନିଯୁକ୍ତି ମେଳା ଏକ ଉଲ୍ଲେଖନୀୟ ପଦକ୍ଷେପ ହେବାକୁ ଯାଉଛି ବୋଲି ପିଏମ୍‌ଓ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। କେନ୍ଦ୍ର ସରକାରଙ୍କ ୩୮ ମନ୍ତ୍ରଣାଳୟ ଓ ବିଭାଗରେ ନିଯୁକ୍ତି ଲାଗି ସାରା ଦେଶରୁ ପ୍ରାର୍ଥୀ ଚୟନ କରାଯିବ। ସେମାନେ ଗ୍ରୁପ୍ ଏ, ବି(ଗେଜେଟେଡ୍), ବି (ନନ୍‌ଗେଜେଟେଡ୍) ଏବଂ ଗ୍ରୁପ୍ ସି ଚାକିରିରେ ଯୋଗଦେଇପାରିବେ। କେନ୍ଦ୍ରୀୟ ସଶସ୍ତ୍ର ବଳ କର୍ମଚାରୀ, ସବ୍‌ଇନ୍ସପେକ୍ଟର, କନଷ୍ଟେବଲ, ଏଲ୍‌ଡିସି ଆଦି ପଦବୀରେ ନିଯୁକ୍ତି ମିଳିବ। ଏହି ନିଯୁକ୍ତି ମନ୍ତ୍ରଣାଳୟ ଏବଂ ବିଭାଗ ଦ୍ୱାରା ମିଶନ ମୋଡ୍‌ରେ କରାଯିବ। ସେମାନେ ନିଜେ ନିଯୁକ୍ତି ପ୍ରଦାନ କରିବେ କିମ୍ବା ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ ଦ୍ୱାରା ନିଯୁକ୍ତ କରାଇବେ। ଚୟନ ପ୍ରକ୍ରିୟାକୁ ସରଳ ଓ ପ୍ରଯୁକ୍ତିଭିତ୍ତିକ କରାଯିବ ବୋଲି ପିଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି।

ଗତ ଜୁନ୍‌ରେ ପ୍ରଧାନମନ୍ତ୍ରୀ ସମସ୍ତ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗର ମାନବ ସମ୍ବଳ ସ୍ଥିତିର ସମୀକ୍ଷା କରିଥିଲେ। ଆଗାମୀ ଦେଢ଼ବର୍ଷ ମଧ୍ୟରେ ସରକାର ମିଶନ ମୋଡ୍‌ରେ ୧୦ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୁପ୍ ଏ ବର୍ଗରେ ୨୩,୫୮୪ ପଦବୀ ଖାଲି ପଡ଼ିଥିବାବେଳେ ଗ୍ରୁପ୍ ବି (ଗେଜେଟେଡ୍)ରେ ୨୬,୨୮୨, ଗ୍ରୁପ୍ ବି (ନନ୍ ଗେଜେଟେଡ୍)ରେ ୯୨,୫୨୫ ଏବଂ ଗ୍ରୁପ୍ ସି'ରେ ୮.୩୬ ଲକ୍ଷ ପଦବୀ ଖାଲି ପଡ଼ିଛି। କେବଳ ପ୍ରତିରକ୍ଷା ମନ୍ତ୍ରଣାଳୟରେ ୩୯,୩୬୬ ଗ୍ରୁପ୍-ବି (ନନ୍ ଗେଜେଟେଡ) ଏବଂ ୨.୧୪ ଲକ୍ଷ ଗ୍ରୁପ୍ ସି ପଦବୀ ଖାଲି ଅଛି। ସେହିପରି ରେଲୱେରେ ୨.୯୧ ଲକ୍ଷ ପଦବୀ ଖାଲି ପଡ଼ିଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ୧.୨୧ ଲକ୍ଷ ଗ୍ରୁପ୍ ସି ପଦବୀ ଖାଲି ପଡ଼ିଛି।

## ୧,୪୪୮ କି.ମି. ପହଁରିବାରେ ପ୍ରଥମ ମହିଳା

**ଲଣ୍ଡନ, ୨୦।୧୦**

ନର୍ଥ ୟୋର୍କଶାୟରର ଥିରସ୍କ ସହରର ଜସ୍ମିନ୍ ହାରିସନ୍ (୨୩) ବିଶ୍ୱର ପ୍ରଥମ ମହିଳା ଭାବେ ସର୍ବାଧିକ ୯୦୦ ମାଇଲ (୧୪୪୮ କିଲୋମିଟର) ପହଁରି ରେକର୍ଡ କରିଛନ୍ତି। ଦେଶର ପଶ୍ଚିମ ତଟ ଦେଇ ସେ 'ଲ୍ୟାଣ୍ଡସ ଏଣ୍ଡ୍' ରୁ 'ଜନ୍ ଓ'ଗ୍ରୋଟ୍‌ସ' ପର୍ଯ୍ୟନ୍ତ ପହଁରିଥିଲେ। ଏହି ଦୂରତା ବ୍ରିଟେନ୍‌ର ଦୈର୍ଘ୍ୟ ସହ ସମାନ। ଜୁଲାଇ ୧ରେ ଜସ୍ମିନ୍ ପହଁରା ଆରମ୍ଭ କରିଥିଲେ। ଦିନକୁ ୧୨ ଘଣ୍ଟା ପହଁରି ସେ ପ୍ରାୟ ୧୧୦ ଦିନରେ ୯୦୦ ମାଇଲ ଅତିକ୍ରମ କରିଥିଲେ। ୨୦୨୧ରେ ସେ ଏକୁଟିଆ ଆଟ୍‌ଲାଣ୍ଟିକ୍ ସାଗରରେ ପହଁରି ସର୍ବକନିଷ୍ଠା ଭାବେ ବିରଳ ରେକର୍ଡ କରିଥିଲେ। ଏବେ ସେ ଆଉ ଏକ ରେକର୍ଡ ନିଜ ନାଁରେ କରିଛନ୍ତି।

ସମୁଦ୍ରରେ ପହଁରିବାବେଳେ ତାଙ୍କୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିଲା। ପାଣିରେ ଶାର୍କ ତାଙ୍କୁ ପିଛା କରିବା ସହ ବାଟରେ ସେ ଜେଲିଫିଶ୍‌ଙ୍କ ଭିତରେ ମଧ୍ୟ ଫସି ସେଠାରୁ ବାହାରିଥିଲେ। ଏହା ଏକ ନିଆରା ଅନୁଭବ ଥିଲା ବୋଲି ଜସ୍ମିନ୍ କହିଛନ୍ତି। ଏକ ବୋଟ୍‌ରେ ସେ ଖାଇବା ଏବଂ ଶୋଇବା ପାଇଁ ବ୍ୟବସ୍ଥା କରିଥିଲେ। ଦିନକୁ ଦୁଇଟି ପର୍ଯ୍ୟାୟରେ ସେ ପହଁରୁଥିଲେ। ଗୋଟିଏ ଶିଫ୍ଟରେ ଜାସ୍ମିନ୍ ପ୍ରାୟ ୫୦ କି.ମି. ଯାତ୍ରା କରୁଥିଲେ। ମଙ୍ଗଳବାର ସେ ଜନ୍ ଓ'ଗ୍ରୋଟ୍ସରେ ପହଞ୍ଚିଛନ୍ତି। ଏହା ପୂର୍ବରୁ ରୋସ୍ ଏଡ୍‌ଗଲେ ୨୦୧୮ରେ ଏବଂ ସିନ୍ କୋନ୍‌ୱେ ୨୦୧୩ରେ ଲ୍ୟାଣ୍ଡ୍‌ସ ଏଣ୍ଡରୁ ଜନ୍ ଓ'ଗ୍ରୋଟ୍ସକୁ ପହଁରିଥିଲେ।



ଜସ୍ମିନ୍ ହାରିସନ୍





JOIN INDIAN NAVY

Indian Navy invites online applications from unmarried men & women candidates, to join as Short Service Commission Officers.

| Branch/Cadre | Vacancies* | Gender |
|---|---|---|
| General Service [GS (X)]/ Hydro Cadre | 56 (including 06 Hydro) | Men and Women [maximum of 16 vacancies for women (14 in GS (X) and 02 in Hydro)] |
| Air Traffic Controller (ATC) | 05 | Men and Women |
| Naval Air Operations Officer (erstwhile Observer) | 15 | Men and Women (maximum of 03 vacancies for women) |
| Pilot | 25 | Men and Women (maximum of 03 vacancies for women) |
| Logistics | 20 | Men and Women (maximum of 06 vacancies for women) |
| Education | 12 | Men and Women |
| Engineering (General Service) | 25 | Men and Women (maximum of 07 vacancies for women) |
| Electrical (General Service) | 45 | Men and Women (maximum of 13 vacancies for women) |
| Naval Constructor | 14 | Men and Women |

* These vacancies are tentative and may be changed depending on availability of training slots.

Last date for online application is 06 Nov 22

For eligibility criteria and specific details for the batch, visit www.joinindiannavy.gov.in and Employment News dated 22 Oct 22.

Scan this QR Code to apply online

CBC10701/13/0010/2223



## ପୋଷାକ ପିନ୍ଧାକୁ ନେଇ ଟ୍ରୋଲ୍

ସୋସିଆଲ ମିଡିଆରେ ଟ୍ରାନ୍ସପରେଣ୍ଟ ପୋଷାକ ପିନ୍ଧା ଥ୍ରୋବ୍ୟାକ୍ ଫଟୋ ଶେୟାର କରିବା ପରେ ସୋସିଆଲ ମିଡିଆରେ ଟ୍ରୋଲ୍‌ର ଶିକାର ହୋଇଛନ୍ତି କଙ୍ଗନା ରାନାୱତ୍।

୦୮

୧୦

## ଏକତା ବିଷ୍ଟଙ୍କୁ ୭ ଉଇକେଟ

ଝାଡ଼ଖଣ୍ଡ ବିପକ୍ଷ ସିନିୟର ମହିଳା ଟି୨୦ ମ୍ୟାଚରେ ଉତ୍ତରାଖଣ୍ଡର ଏକତା ବିଷ୍ଟ ହ୍ୟାଟ୍ରିକ ସହ ୭ଉଇକେଟ ଅକ୍ତିଆର କରିଛନ୍ତି।



**ଆଜିର ସମ୍ପାଦକୀୟ**

**ଇରାନ ଓ ଧର୍ମୀୟ ଶାସନ**

**ଆଜିର ମନ୍ତବ୍ୟ**

"ଅରବିନ୍ଦ କେଜ୍‌ରିୱାଲଙ୍କ ପାର୍ଟି ଦିଲ୍ଲୀକୁ 'ଏଏପି ନିର୍ଭର' କରିବାକୁ ଚାହୁଁଥିବାବେଳେ ଭାଜପା ଦେଶର ରାଜଧାନୀକୁ ଆତ୍ମନିର୍ଭର କରିବାକୁ ଚାହୁଁଛି। ଦୁଇ ଦଳ ମଧ୍ୟରୁ କିଏ ଉପଯୁକ୍ତ ତାହା ଆଗାମୀ ଦିଲ୍ଲୀ ପୌର ନିଗମ ନିର୍ବାଚନରେ ଜନସାଧାରଣ ବାଛିବେ।

– ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ









# ବାଂଲାଦେଶ ମୁହାଁଇପାରେ ବାତ୍ୟା

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ଉତ୍ତର ଆଣ୍ଡାମାନ ସାଗର ଓ ନିକଟବର୍ତ୍ତୀ ଅଞ୍ଚଳରେ ଗୁରୁବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୨ ତାରିଖ ବେଳକୁ ଡିପ୍ରେସନ(ଅବପାତ)ରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଆହୁରି ଘନୀଭୂତ ହୋଇ ୨୩ ତାରିଖ ବେଳକୁ ଡିପ୍ ଡିପ୍ରେସନ(ଗଭୀର ଅବପାତ)ରେ ପରିଣତ ହେବ। ୨୪ ତାରିଖରେ ଏହା ଦିଗ ପରିବର୍ତ୍ତନ କରି ଉତ୍ତର ଆଡ଼କୁ ମୋଡ଼ ବଦଳାଇ ଭୟଙ୍କର

**ଟଳୁଛି ବିପଦ**

**ଉପକୂଳରେ ୨ ଦିନ ପ୍ରବଳ ବର୍ଷା ସମ୍ଭାବନା**

ସାମୁଦ୍ରିକ ଝଡ଼ରେ ରୂପାନ୍ତରିତ ହେବ। ଏହା ପରେ ବାତ୍ୟା ଉତ୍ତର-ଉତ୍ତର ପୂର୍ବ ଦିଗକୁ ଗତି କରିବ। ତେବେ ଏହି ବାତ୍ୟା ଓଡ଼ିଶା ଉପକୂଳ ଅତିକ୍ରମ କରିବା ସମ୍ଭାବନା ନାହିଁ। ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଆଡ଼କୁ ମୁହାଁଇବ। ୨୫ ତାରିଖରେ ଏହା ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପରେ ବାତ୍ୟାର ପ୍ରଭାବ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ☞ପୃଷ୍ଠା-୨

## ଅବହେଳାରୁ ବନ୍ଧ ଦୁର୍ବଳ

**ବୁଢ଼ାବଳଙ୍ଗରେ ବନ୍ୟା ଆଶଙ୍କା**



ପଦ୍ମକାଶାସନ ଗାଁରେ ଧସିଥିବା ନଦୀବନ୍ଧ।

ବାଲେଶ୍ୱର ଅଫିସ, ୨୦।୧୦(ମାନସ ବିଶ୍ୱାଳ)

ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ସୂଚନା ଅନୁଯାୟୀ, ଓଡ଼ିଶାରେ ବାତ୍ୟା ଟଳିବାର ସମ୍ଭାବନା ଥିଲେ ମଧ୍ୟ ବାଲେଶ୍ୱର ସମେତ ୭ଟି ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଲଘୁଚାପଜନିତ ବର୍ଷା ଯୋଗୁ ବନ୍ୟା ଆଶଙ୍କା ମଧ୍ୟ ପ୍ରକାଶ ପାଇଛି। ଜିଲାରେ ପ୍ରବାହିତ ବୁଢ଼ାବଳଙ୍ଗର ଦୁର୍ବଳ ବନ୍ଧ ଲୋକଙ୍କୁ ଅଧିକ ଭୟଭୀତ କରାଉଛି। ବିଭାଗୀୟ ଅଧିକାରୀମାନଙ୍କ ନଦୀବନ୍ଧ ବାନ୍ଧିବା କୌଶଳ ମଧ୍ୟ କାମ ଦେଉନି। ପ୍ରତିବର୍ଷ ବନ୍ୟାରେ ନଦୀବନ୍ଧ ଭୁଶୁଡୁଥିବା ବେଳେ ବହୁ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହେଉଛି। କୌଣସି ପରିସ୍ଥିତିରେ ନଦୀରେ ଯଦି ବଡ଼ ବନ୍ୟା ଆସେ, ତା'ହେଲେ ରେମୁଣା ☞ପୃଷ୍ଠା-୨

## ଫେରିଗଲା ମୌସୁମୀ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ଓଡ଼ିଶାରୁ ଗୁରୁବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିଛି। ରାଜ୍ୟର ୨୫ଟି ଜିଲାରୁ ମୌସୁମୀ ଫେରି ଯାଇଥିବାବେଳେ ବାକି ୫ଟି ଜିଲାରୁ ଆସନ୍ତା ୨ ଦିନ ମଧ୍ୟରେ ଫେରିଯିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ରାଜ୍ୟର ୧୯ଟି ଜିଲାରୁ ଦକ୍ଷିଣ-ପଶ୍ଚିମ ☞ପୃଷ୍ଠା-୨

# ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

ଲଣ୍ଡନ,୨୦।୧୦



ଲିଜ୍ ଟ୍ରସ୍

ବ୍ରିଟେନରେ ଲାଗିରହିଥିବା ରାଜନୈତିକ ଓ ଆର୍ଥିକ ସଙ୍କଟ ମଧ୍ୟରେ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ମାତ୍ର ୪୫ ଦିନ କ୍ଷମତାରେ ରହିଛନ୍ତି, ଯାହାକି ବ୍ରିଟେନ ଇତିହାସରେ କୌଣସି ପ୍ରଧାନମନ୍ତ୍ରୀଙ୍କ ସବୁଠୁ ସଂକ୍ଷିପ୍ତ କାର୍ଯ୍ୟକାଳ। ନିକଟରେ ଟ୍ରସ୍‌ଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ପରିଚାଳନାକୁ ନେଇ ଦେଶ ଓ ଶାସକ କଞ୍ଜରଭେଟିଭ୍ ପାର୍ଟିରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ପ୍ରଧାନମନ୍ତ୍ରୀ ରୂପେ ୬ ସପ୍ତାହର ଶାସନ ମଧ୍ୟରେ ଟ୍ରସ୍ ନିଜର ପଲିସି ପ୍ରୋଗ୍ରାମଗୁଡ଼ିକୁ ନେଇ ବିବାଦୀୟ ହୋଇପଡ଼ିଥିଲେ। ଫଳରେ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ନୀତିରୁ ତାଙ୍କୁ ଓହରିବାକୁ ପଡ଼ିଥିଲା। ଗତ ଶୁକ୍ରବାରଠାରୁ ଟ୍ରସ୍ ସରକାର ନିଜର ଦୁଇଜଣ ବରିଷ୍ଠ ମନ୍ତ୍ରୀଙ୍କୁ ହରାଇବା ପରେ ପାର୍ଲାମେଣ୍ଟରେ ଟ୍ରସ୍ ଅସହାୟ ହୋଇଯାଇଥିଲେ। ଏପରି କି ଟ୍ରସ୍‌ଙ୍କ ନୂଆ ଅର୍ଥମନ୍ତ୍ରୀ ଜେରେମି ହଣ୍ଟ ମଧ୍ୟ ତାଙ୍କ ଆର୍ଥିକ ଯୋଜନାଗୁଡ଼ିକୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ସୁଏଲା ବ୍ରାଭରମ୍ୟାନ୍‌ଙ୍କ ଇସ୍ତଫା ପରେ ଟ୍ରସ୍ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବା ନେଇ ଏକପ୍ରକାର ସ୍ପଷ୍ଟ ହୋଇଥିଲା।

୩ ବର୍ଷ ପ୍ରଧାନମନ୍ତ୍ରୀ ରହିବା ପରେ ବିବାଦୀୟ ହୋଇ ପଦ ଛାଡ଼ିଥିବା ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ କିଏ ହେବେ ତାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଥିଲା। ଗତ ସେପ୍ଟେମ୍ବର ୫ରେ ☞ପୃଷ୍ଠା-୨

# ଆଜି କ୍ୟାବିନେଟ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ମୋହର ଲାଗିବ। ଦୀପାବଳି ପୂର୍ବରୁ ରାଜ୍ୟ ସରକାର କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିପାରନ୍ତି। କ୍ୟାବିନେଟ ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜଳ ସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ, ରାଜସ୍ୱ, ସାଧାରଣ ପ୍ରଶାସନ, ଉଚ୍ଚଶିକ୍ଷା, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅର୍ଥ, ସ୍ୱାସ୍ଥ୍ୟ ବିଭାଗର ୧୦ରୁ ଉର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ଲାଗିବା ସମ୍ଭାବନା ରହିଛି।




## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୧୭,୧୪,୫୧୫ | ୬୫,୭୭,୮୭୪ | ୬୧,୦୫,୯୯,୫୮୧ |
| ଭାରତ | ୪,୪୬,୩୬,୫୧୭ | ୫,୨୮,୯୪୩ | ୪,୪୦,୮୨,୦୭୪ |
| ଓଡ଼ିଶା | ୧୩,୩୫,୬୯୪ | ୯୨୦୨(+୫୩) | ୧୩,୨୬,୦୩୧ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ରୁଦ୍ରାକ୍ଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ ଫୁଲ ଉଡ଼େଇଲା;**
**ତୋ ଘର ବାଟେ ଯାଆନ୍ତି ଧନ,**
**ଚିତ୍ତ ସିନା ଡରେଇଲା।**

କୁହାଯାଏ, ପ୍ରେମ ଦୁଇ ମନର ପବିତ୍ର ମିଳନ। ଏହା ମାନେନା ଆକଟ, ବାଧା କିମ୍ବା ବନ୍ଧନ। ପାରିବାରିକ ସ୍ୱୀକୃତି ଥାଉ ବା ନ ଥାଉ ଦୁଇପ୍ରେମୀ ମୁକ୍ତ ବିହଙ୍ଗ ହୋଇ ଉଡ଼ିବାକୁ ହୋଇ ଉଠନ୍ତି ବ୍ୟାକୁଳ। ସମସ୍ତ ସୀମା ସରହଦ ଡେଇଁ ହୋଇଯିବାକୁ ଚାହାନ୍ତି ଏକାକାର। ତେବେ କିଛି ପ୍ରେମୀ ଯୁଗଳ ପାଇଁ ଏ ସମାଜ ବା ଦୁନିଆ ସେତେଟା ସହଜ ହୋଇନଥାଏ। ଉଚ୍ଚ, ନୀଚ ଜାତିପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା' ଆଗରେ ପ୍ରାଚୀର ଭଳି ଦଣ୍ଡାୟମାନ ହୋଇଥାଏ, ଯାହାକୁ ମୁକାବିଲା କରିବା କଷ୍ଟକର ହୋଇପଡିଥାଏ। ପ୍ରେମୀକୁ ଭେଟିବା ନେଇ ଅଜଣା ଭୟରେ ଶଙ୍କାଗ୍ରସ୍ତ ହୋଇପଡିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧନ ଯାହାର**
**ଲୋଭ ତାହାର।**

ଯାହାର ଯେତେ ଧନ ଥାଏ ତା' ମନରେ ଧନକୁ ନେଇ ସେତେ ଆହୁରି ଅଧିକ ଲୋଭ ରହିଥାଏ। ଏପରି ସ୍ଥଳେ ଅର୍ଥ ପଛରେ ଗୋଡ଼ାଉଥିବା ଧନିକ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୃଷିକ୍ଷେତ୍ରରେ ରୂପାନ୍ତରଣ ଆଣିବା ବର୍ତ୍ତମାନର ଆହ୍ୱାନ: ମନ୍ତ୍ରୀ

## ଅନ୍ତଃରାଷ୍ଟ୍ରୀୟ ଖାଦ୍ୟନୀତି ଗବେଷଣା ସଂସ୍ଥା ସହ ପଲିସି ରାଉଣ୍ଡ ଟେବୁଲ ବୈଠକ

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

କୃଷକଙ୍କ ଆୟବୃଦ୍ଧି ଏବଂ ଗ୍ରାମାଞ୍ଚଳର ନିମ୍ନ ଆୟକାରୀ ପରିବାର ଓ କୃଷି ଶ୍ରମିକଙ୍କ ବିକାଶ ନିମନ୍ତେ ଓଡ଼ିଶା ସରକାର ଅନେକ ଅଭିନବ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହିସବୁ କୃଷକ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ସରକାରୀ ବିଭାଗ, ଅଂଶୀଦାର ସଂସ୍ଥା ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧିର ଆବଶ୍ୟକତା ରହିଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଅନ୍ତଃରାଷ୍ଟ୍ରୀୟ ଖାଦ୍ୟନୀତି ଗବେଷଣା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଗୁରୁବାର ଆୟୋଜିତ ୨ ଦିନିଆ ପଲିସି ରାଉଣ୍ଡ ଟେବୁଲ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଓଡ଼ିଶାର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ସହିତ ଜଡ଼ିତ। ତେଣୁ କୃଷକଙ୍କ ଆୟବୃଦ୍ଧି ଏବଂ ବିକାଶ ନିମନ୍ତେ କୃଷିକ୍ଷେତ୍ରରେ ରୂପାନ୍ତରଣ ଆଣିବା ବର୍ତ୍ତମାନର ଆବଶ୍ୟକତା ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ବୈଠକରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ଫସଲ ଅମଳ ପରବର୍ତ୍ତୀ ପରିଚାଳନା ସହିତ ଉତ୍ପାଦିତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରିପାରିଲେ ଚାଷୀଙ୍କ ଆୟରେ ବୃଦ୍ଧି ଆଣିହେବ। କ୍ଲଷ୍ଟର ପଦ୍ଧତିରେ କୃଷିକାର୍ଯ୍ୟ ସହିତ ଜଳବାୟୁ ସହନଶୀଳ କୃଷିକାର୍ଯ୍ୟ ଉପରେ ଚୋପ୍ରା ଗୁରୁତ୍ୱାରୋପ କରିଛନ୍ତି। ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, କୃଷିରେ ରୂପାନ୍ତରଣ ଦିଗରେ ଜଳର ପ୍ରମୁଖ ଭୂମିକା ରହିଛି। ବର୍ଷାର ଅନିୟମିତତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବୁନ୍ଦା ଜଳର ସଦୁପଯୋଗ କରିବାକୁ ପଡ଼ିବ। ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, କୃଷକଙ୍କ ଆୟବୃଦ୍ଧି ନିମନ୍ତେ କୃଷି ଏବଂ ଆନୁଷଙ୍ଗିକ ବିଭାଗ ସହିତ ସଂଯୋଜନର ଆବଶ୍ୟକତା ରହିଛି। ଅନ୍ତଃରାଷ୍ଟ୍ରୀୟ ଖାଦ୍ୟନୀତି ଗବେଷଣା ସଂସ୍ଥା ଦକ୍ଷିଣ ଏସିଆର ନିର୍ଦ୍ଦେଶକ ସାହିଦୁର ରସିଦ୍ ତାଙ୍କ ବକ୍ତବ୍ୟରେ କହିଛନ୍ତି, ୧୯୬୦ ପରଠାରୁ ଭାରତରେ କୃଷିକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ୨୦୦୦ରୁ ଓଡ଼ିଶାର କୃଷିକ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ଭାରତ ବର୍ତ୍ତମାନ ଚାଉଳ ରପ୍ତାନିକାରୀ ଦେଶ ହୋଇପାରିଛି ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାପଗ୍ରହ ଦୃଷ୍ଟି ବର୍ଜିତ ଚନ୍ଦ୍ର କୋଣଭାବସ୍ଥ ଯୋଗୁ ଦିନଟି ଭଲରେ ବିତିବ ଏବଂ ଯାହା ଚାହୁଁଛନ୍ତି ତାହା ପାଇବେ। ଶତ୍ରୁମାନେ ଚେଷ୍ଟାକରି ଥକିଯିବେ ସିନା କିଛି କ୍ଷତି କରିପାରିବେ ନାହିଁ । କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗର ହାତ ଆପଣଙ୍କ ପାଖକୁ ଲମ୍ବି ଆସିବ । ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ**
ରାଶିରେ ମଙ୍ଗଳ ସାଧାରଣ ବ୍ୟତିକ୍ରମରେ ମଧ୍ୟ ରାଗିଯିବେ ଏବଂ ଟେନ୍ସନ ରହିବେ। ଅବଶ୍ୟ ବନ୍ଧୁମାନଙ୍କ ସମର୍ଥନ କାମକୁ ଆଗକୁ ବଢାଇ ନେବାରେ ସାହାଯ୍ୟ କରିବ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ । କର୍ମକ୍ଷେତ୍ରରୁ ଫେରନ୍ତା ବାଟ ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ଧନାଧିପ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆର୍ଥିକ ଉନ୍ନତି ମନୋବଳ ବୃଦ୍ଧି କରିବ। ଅର୍ଥବଳରେ ଅସାଧ୍ୟ ସାଧନର ରାସ୍ତା ଉନ୍ମୁକ୍ତ ହେବ। କାର୍ଯ୍ୟବ୍ୟସ୍ତତା ହେତୁ ମୁଣ୍ଡବ୍ୟଥା ସହ ସ୍ୱାସ୍ଥ୍ୟହାନି ଘଟିବ। ରେସ୍ତୋରାଁ ମିଲ୍ସ୍ ହୋଟେଲ, ଫାଷ୍ଟଫୁଡ ଦୋକାନୀ ଲାଭବାନ ହେବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ସମସ୍ୟା ଆସିବାର ଆଶଙ୍କା ରହିଛି।

**କର୍କଟ**
ଆଜି ବ୍ୟସ୍ତବହୁଳ ଜୀବନରେ କୋମଳ କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ପରିସ୍ଥିତିକୁ ସମ୍ଭାଳି ନେବେ। ଗତକାଲିର ନିଷ୍ପତ୍ତିକୁ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ତଥାପି ଆଲୋଚନା, ବ୍ୟବସାୟ, ଯାତ୍ରା ପ୍ରଭୃତି ଯେକୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ସିଂହ**
ସ୍ୱଗୃହୀ ଶୁକ୍ରଙ୍କ ଶୁଭ ସମ୍ବନ୍ଧରୁ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଚେତନତା ଅଭାବରୁ ଅସୁସ୍ଥତା ଆଶଙ୍କା ଦେଖାଦେଇପାରେ। ଅପରିଚିତଙ୍କ ନିକଟରୁ କିଛି ଜିନିଷ ନେବାକୁ ଇଚ୍ଛା ନ ଥିଲେ ମଧ୍ୟ ଗ୍ରହଣ କରିବେ।

**କନ୍ୟା**
ଆଜି ଚନ୍ଦ୍ରଙ୍କ ସହ ବୃହସ୍ପତିଙ୍କ ଷଡାଷ୍ଟକ ଯୋଗରୁ ପାରିବାରିକ ଦୁଚିନ୍ତାରେ ମନ ଆନ୍ଦୋଳିତ ରହିବ। ଅଚାନକ ଅଶୌଚ ଖବର ଶୁଣି ବିସ୍ମିତ ହୋଇପାରନ୍ତି। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ନୂତନ ଜିନିଷ କ୍ରୟ କରିବା ସକାଶେ ସ୍ୱାମୀଙ୍କ ନିକଟରେ ଅଳି କରିପାରନ୍ତି ।

**ତୁଳା**
ଚନ୍ଦ୍ରଙ୍କ ଉପରେ ରାହୁଙ୍କ ଦୃଷ୍ଟି ନିକ୍ଷେପ ଦ୍ୱାରା ଜମିଜମା, ଗୃହ ପରିବର୍ତ୍ତନ, ସ୍ଥାନାନ୍ତର ତଥା ଅର୍ଥ ସମ୍ପର୍କୀୟ ଅନୁଚିନ୍ତା କରିବେ। ପଡ଼ୋଶୀ, ସ୍ୱାମୀସ୍ତ୍ରୀଙ୍କ ଆଲୋଚନା ପ୍ରଭୃତି ବିଷୟରେ ସମୟ ଅତିବାହିତ ହେବ। ଉପସ୍ଥିତ ବୁଦ୍ଧି ଖଟାଇ ଗୋଳମାଳିଆ ପରିସ୍ଥିତିକୁ ସମ୍ଭାଳି ନେବେ। କାର୍ଯ୍ୟବ୍ୟସ୍ତତାରୁ ଭୋଜନର ଅବସର ପାଇବେ ନାହିଁ।

**ବିଛା**
ପାପଗ୍ରହ ଦୃଷ୍ଟ ଚନ୍ଦ୍ର ପ୍ରଭାବରେ ବିଭିନ୍ନ ରୁଚିବିରୁଦ୍ଧ କାର୍ଯ୍ୟଜନିତ ମାନସିକ ଅସ୍ଥିରତା ସୃଷ୍ଟି କରିବ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହୋଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରୁହନ୍ତୁ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ କିମ୍ବା ନିଜ ପରିସରରେ ବନ୍ଧୁବର୍ଗ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ।

**ଧନୁ**
ଶନି ଓ ଚନ୍ଦ୍ରଙ୍କ ଷଷ୍ଠାଷ୍ଟମ ସ୍ଥିତି ଯୋଗୁ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଓ ବିବାଦୀୟ ମନ୍ତବ୍ୟ ପରିବେଶ ଓ ପରିସ୍ଥିତିକୁ ଗମ୍ଭୀର କରିଦେଇପାରେ । ପରିବାର ସଦସ୍ୟ ଆପଣଙ୍କୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ପ୍ରିୟ ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧରେ କଥା କହିବ । କର୍ମକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବ।

**ମକର**
ଅଷ୍ଟମସ୍ଥ ଚନ୍ଦ୍ର ହେତୁ ଯାତ୍ରା ସମୟରେ ସ୍ଥାନ, କାଳ, ପାତ୍ର ଅନୁସାରେ କଥାର ବ୍ୟତିକ୍ରମ ବିବାଦ ସୃଷ୍ଟି କରିବ। ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ ତଥା ବ୍ୟବସାୟିକ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍, ସଭାସମିତି ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**କୁମ୍ଭ**
ଆଜି ଶୁକ୍ର ସ୍ୱଗୃହରୁ ରିପୁ ସ୍ଥାନରେ ଥିବାରୁ ପାରିବାରିକ କଳହ, ଲୋକ ସମ୍ପର୍କ ହାନି କରାଇବ। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିବାରୁ କାମଟି ସମ୍ପନ୍ନ କରିପାରିବେ ନାହିଁ। ହଠାତ୍ ଯାତ୍ରା କରିବାକୁ ମନସ୍ଥକରି ବାଟରୁ ଫେରି ଆସିବାକୁ ପଡ଼ିପାରେ। ବାଣିଜ୍ୟ, ପରିବହନ, ମାଲିମକଦ୍ଦମା କିମ୍ବା ନିର୍ମାଣ କାର୍ଯ୍ୟ ସମସ୍ୟା ବହୁଳ ହୋଇପାରେ।

**ମୀନ**
ଗୁରୁଙ୍କ ଆଶୀର୍ବାଦରୁ ଆପଣଙ୍କ ନିରପେକ୍ଷ ବିଚାରଧାରା ଜନାଦୃତ ସହ ସାମାଜିକ ପ୍ରତିଷ୍ଠାରେ ସହାୟକ ହେବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ବାରମ୍ବାର ଖରାପ ସହ ଋଣଭାର ବଢ଼ିଯାଉଥିବା କାରଣରୁ ଚିନ୍ତିତ ରହିବେ।

ଆଜି ଅକ୍ଟୋବର ୨୧ ତାରିଖ ଶୁକ୍ରବାର, କାର୍ତ୍ତିକ କୃଷ୍ଣପକ୍ଷର ସର୍ବସମ୍ମତ ରମା ଏକାଦଶୀ ଶୁକ୍ରବାର, ରାଶି ନକ୍ଷତ୍ର, ଦିବା ଘ.୧୨.୨୭ମି. ପରେ ପୂର୍ବାଫାଲ୍‌ଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫.୪୬ମି. ଗତେ ଘ.୦୬.୩୨ମି. ମଧ୍ୟେ, ଘ.୦୭.୧୮ମି. ଗତେ ଘ.୦୮.୩୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦.୦୫ମି. ଗତେ ଘ.୧୧.୩୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା।


# classifieds

**Everyday 0674-2580101, 2549302**




**SALE**

CAR SALE: 2015 Excellent condition Audi Q3 top model for sale Rs.-12,80,000/- contact Owner- 9040026465 (BABU BHAI). D-1809




**SALE**

Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685. D-1806

Beauty parlour for sale at Prime location in Saheed Nagar. Contact: 9861068715, 7978670541. D-1814

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

Two houses 1210sqft. with Land 990sqft. each at Vaishnav Enclave in Jaydev Vihar for sale. For details Contact:9437024647, 9098913483. D-1812

NH side 2000sqft. prime land at Samantarapur, Bhubaneswar. Mob- 8917520527. D-46558

Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner-9853926464. (BABU BABU). D-1808

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky- 9853150290. D-74136

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

5 BHK new construction individual house sale at Gita Engg. College Madanpur, BBSR, cost@ 1crore 10lakh. (Land area 2750sq.ft., Built-up area 2800sqft.) 7978090773. D-1818

Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452. D-73990

**PURCHASE**

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138




Rent available at Cuttack road, Bomikhal rent for: 1) Bank, 2) Office, 3) Showroom, 4) Restaurant. Mobile No.-8847867731, 9040096909. D-1813




Newly open Spa positively health benefit with expert. Contact: 7749976301. D-73882

"Contact for only professional massage & Steam Bath, Bhubaneswar -9861550765.". D-1787

Relax, Refresh your body, Mind at Saikrupa Spa with best therapies. 8984068077. D-1743

Newly opened full body massage center by expert therapist. 7381172169. D-73653

Newly open Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-73988


**AFFIDAVIT**

By virtue of an affidavit sworn before Executive Magistrate, Puri dt15.10.2022, I Bandita Hota, D/o- Late Artatrana Hota, W/o- Sri Kailash Nath Mishra, At/PO.- Birakesharipur, Jankia, Dist.- Puri, Odisha do hereby declare that Bandita Hota and Bandita Mishra is one and same person i.e. myself. My date of Birth is 10.05.1968 as per my Matric Certificate, Aadhaar Card. D-69073

**ପାଠକଙ୍କ ପାଇଁ ସୂଚନା।**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉପନିର୍ବାଚନ ଦିନ ଧାମନଗରରେ ସରକାରୀ ଛୁଟି

**ଭଦ୍ରକ ଅଫିସ,୨୦।୧୦**

ଉପନିର୍ବାଚନ ପାଇଁ ଆସନ୍ତା ନଭେମ୍ବର ୩ରେ ଧାମନଗରରେ ସରକାରୀ ଛୁଟି ରହିବା ନେଇ ଗୁରୁବାର ରାଜ୍ୟ ସରକାର ଘୋଷଣା କରିଛନ୍ତି। ନିର୍ବାଚନମଣ୍ଡଳୀ ଅଧୀନ ସମସ୍ତ ସ୍କୁଲ, କଲେଜ, ସରକାରୀ ଅନୁଷ୍ଠାନ ଓ ବ୍ୟାଙ୍କ ବନ୍ଦ ରହିବ। ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୮ ହଜାର ଭୋଟର ଥିବାବେଳେ ସମସ୍ତ ସରକାରୀ କର୍ମଚାରୀ ମତଦାନ କରିବା ପାଇଁ ରାଜ୍ୟ ସରକାର ଛୁଟି ଘୋଷଣା କରିଥିବା ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି।

# ରଙ୍ଗ୍ ପାର୍କିଂ: ୧.୯୧ ଲକ୍ଷ ଜରିମାନା ଆଦାୟ

## ପୋଲିସର ସ୍ୱତନ୍ତ୍ର ଡ୍ରାଇଭ

**ବ୍ରହ୍ମପୁର ଅଫିସ,୨୦।୧୦**

ବ୍ରହ୍ମପୁର ସହରରେ ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି। ନିୟମ ଉଲ୍ଲଂଘନକାରୀଙ୍କୁ ସାବାଡ଼ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇଛି। ରଙ୍ଗ୍ ପାର୍କିଂ, ଟ୍ରିପଲ ରାଇଡିଂ, ରଙ୍ଗ୍ ରୁଟରେ ଗାଡ଼ି ଚଳାଉଥିବା ଚାଳକମାନଙ୍କଠାରୁ ଜରିମାନା ଆଦାୟ କରୁଛି। ଏହି ଧାରାରେ ସେପ୍ଟେମ୍ବରରେ ରଙ୍ଗ୍ ପାର୍କିଂ କରିଥିବା ୩୮୨ ଚାଳକଙ୍କଠାରୁ ୧ଲକ୍ଷ ୯୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିମଧ୍ୟରେ ୩୫୦ ଜଣ ଦୁଇ ଚକିଆ ଗାଡ଼ି ଚାଳକ ଓ ୩୨ ଜଣ କାର ଚାଳକ ହୋଇଥିବା ଟ୍ରାଫିକ ପୋଲିସ ତରଫରୁ ସୂଚନା ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ବାଂଲାଦେଶ ମୁହାଁଇପାରେ...

ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଓଡ଼ିଶା ଉପରେ ଏହି ବାତ୍ୟାର ସେପରି କିଛି ପ୍ରଭାବ ପଡ଼ିବ ନାହିଁ। ଏହା ଓଡ଼ିଶା ଉପକୂଳ ଛୁଇଁବାର ମଧ୍ୟ ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି। ତେବେ ବାତ୍ୟାର ବେଗ କେତେ ହେବ ଅବପାତରେ ପରିଣତ ହେବା ପରେ ଅଧିକ ସ୍ପଷ୍ଟ ହେବ। ସାମୁଦ୍ରିକ ଝଡ଼ ପ୍ରଭାବରେ ଉପକୂଳବର୍ତ୍ତୀ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲାରେ ୨୪ ଓ ୨୫ ତାରିଖ ଦୁଇଦିନ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।

ବାତ୍ୟା ପ୍ରଭାବରେ ୨୧ ତାରିଖରୁ ଦକ୍ଷିଣ ଓ କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିବ। ତେଣୁ ଏହି ସମୟରେ ମତ୍ସ୍ୟଜୀବୀ ସମୁଦ୍ରକୁ ନ ଯିବାକୁ ସତର୍କ କରାଯାଇଛି। ଯେଉଁ ମତ୍ସ୍ୟଜୀବୀ ସମୁଦ୍ରକୁ ଯାଇଛନ୍ତି ତୁରନ୍ତ କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ଆସନ୍ତା ୨୩ ତାରିଖ ବେଳକୁ ଓଡ଼ିଶା ଉପକୂଳ ସମୁଦ୍ର ଅଶାନ୍ତ ରହିବ। ପବନର ବେଗ ୪୦ରୁ ୫୦ କି.ମି. ବେଗରେ ବହିବା ଆରମ୍ଭ କରିବ। ଧୀରେ ଧୀରେ ପବନର ବେଗ ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଅବହେଳାରୁ ବନ୍ଧ...

ବ୍ଲକ ଗଣ୍ଡର୍ଦ୍ଧା ଓ ନିଜାମପୁର ପଞ୍ଚାୟତ ବିଚ୍ଛିନ୍ନ ହେବା ସହିତ ପ୍ରାୟ ୩ଶହ ଏକରରୁ ଊର୍ଦ୍ଧ୍ୱ ଚାଷଜମି ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ୨୦୨୧ ଜୁଲାଇରେ ବୁଢ଼ାବଳଙ୍ଗ ନଦୀରେ ଆସିଥିବା ବନ୍ୟାରେ ପଟୁକାଶାସନ ଗାଁରେ ଥିବା ନଦୀବନ୍ଧ ୮୦ ଭାଗ ଭୁଶୁଡ଼ି ନଦୀଗର୍ଭକୁ ଚାଲିଯାଇଥିଲା। ସେତେବେଳେ ଏହା ଜିଲା ପ୍ରଶାସନର ନିଦ ହଜାଇ ଦେଇଥିଲା। ତତ୍କାଳୀନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅନ୍ୟ ପ୍ରଶାସନିକ ଅଧିକାରୀ ଏବଂ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ତୁରନ୍ତ ଜିଓବ୍ୟାଗ୍ ଦ୍ୱାରା ପ୍ରାୟ ୭/୮ ଲକ୍ଷ ଟଙ୍କା ବ୍ୟୟରେ ନଦୀବନ୍ଧ ବାନ୍ଧିବା ବ୍ୟବସ୍ଥା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୨ ଅକ୍ଟୋବର ୭ରେ ହୋଇଥିବା ଲଗାଣ ବର୍ଷା ଯୋଗୁ ନଦୀ ପ୍ରଖର ସ୍ରୋତରେ ପୁନର୍ବାର ଉକ୍ତ ବନ୍ଧର ଅନେକ ଭାଗ ଧସିଯାଇଛି। ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ଲଘୁଚାପଜନିତ ବର୍ଷା ଆସି ବନ୍ୟାସ୍ଥିତି ଉପୁଜି ପଟୁକାଶାସନ ଗାଁରେ ଥିବା ନଦୀବନ୍ଧ ଧସିଲେ ଗଣ୍ଡର୍ଦ୍ଧା ପଞ୍ଚାୟତର ଶଙ୍କରପୁର, ଦରକୋଇଲି, ବାସୁଦେଇପୁର, ଗଣ୍ଡର୍ଦ୍ଧା ଦେଇ ଜାତୀୟ ରାଜପଥ ନିକଟସ୍ଥ ପଦ୍ମପୁର ପୋଲ ପର୍ଯ୍ୟନ୍ତ ପାଣି ମାଡ଼ିଯିବାର ଆଶଙ୍କା ରହିଛି। ନିଜାମପୁର ପଞ୍ଚାୟତରେ ମଧ୍ୟ ବନ୍ୟା ପାଣି ପ୍ରବେଶ କରି କ୍ଷୟକ୍ଷତି ଘଟାଇପାରେ। ଅନ୍ୟପଟେ ମୟୂରଭଞ୍ଜ ଜିଲାର ମଧ୍ୟ କେତେକ ଅଞ୍ଚଳ ଜଳାର୍ଣ୍ଣବ ହେବ ବୋଲି କୁହାଯାଉଛି। ଗଣ୍ଡର୍ଦ୍ଧା ଏବଂ ନିଜାମପୁର ପଞ୍ଚାୟତର ୯୦ ପ୍ରତିଶତ ଲୋକ ରବି ଓ ଖରିଫ ଫସଲ ଉପରେ ନିର୍ଭର କରନ୍ତି। ଏହି ଅଞ୍ଚଳର ପ୍ରାୟ ୩ଶହ ଏକରରୁ ଊର୍ଦ୍ଧ୍ୱ ଜମି ଜଳମଗ୍ନ ହୋଇଗଲେ କିମ୍ବା ଫସଲ ନଷ୍ଟ ହେଲେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇଯିବ। ଫସଲ ନଷ୍ଟ ହେଲେ ଜିଲାରେ ପନିପରିବାର ମୂଲ୍ୟ ଆକାଶଛୁଆଁ ହେବାର ଆଶଙ୍କା ରହିଛି।

ଏନେଇ ସ୍ଥାନୀୟ ବାସିନ୍ଦା ବନା ରଣା କହନ୍ତି, ନଦୀବନ୍ଧ କାର୍ଯ୍ୟ ଠିକ୍ ଭାବେ ହେଉନାହିଁ। କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହୁଥିବା ବେଳେ ଠିକାଦାର କେବଳ ଦାୟିତ୍ୱ ତୁଲାଇ ଶ୍ରମିକମାନଙ୍କ ଉପରେ ଭରସା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ନଦୀକୂଳ ମାଟିରେ ଅଧିକ ବାଲିଆ ଅଂଶ ରହିଛି। ମାଟି ସାମାନ୍ୟ ଢିଲା ହେଲେ ନଦୀଗର୍ଭକୁ ବନ୍ଧ ଭୁଶୁଡ଼ିଯାଉଛି। ଶ୍ରମିକମାନେ ବୋରିଂ କରି କେବଳ ଗୋଟିଏ ଥାକରେ ବାଲିବସ୍ତା ଲଦି ଦେଉଛନ୍ତି। ଫଳରେ ନଦୀ ପାଣି ଭର୍ତ୍ତି ହେଲେ ବନ୍ଧକୁ ଧୋଇନେଉଛି। ୪ ଥାକ ବୋରିଂ କରି ବାଲି ବସ୍ତା କିମ୍ବା ଜିଓବ୍ୟାଗ୍ ଦେଲେ କିଛିଦିନ ରହିପାରନ୍ତା। ବିଭାଗ ପକ୍ଷରୁ ବାରମ୍ବାର କାର୍ଯ୍ୟ କରି ସରକାରୀ ଅର୍ଥ ଅପଚୟ କରିବା ସହିତ ବିପଦସଙ୍କୁଳ ଅବସ୍ଥାରେ ଲୋକମାନଙ୍କୁ ରହିବାକୁ ବାଧ କରୁଥିବାର ପ୍ରକାଶ କରିଛନ୍ତି।

ଏନେଇ ଜଳସମ୍ପଦ ବିଭାଗର ଜିଲା ନିର୍ବାହୀଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ କହନ୍ତି, ଉକ୍ତ ବନ୍ଧ ବାରମ୍ବାର ନଦୀଗର୍ଭକୁ ଧସୁଛି। ସେଥିପାଇଁ ଗତବର୍ଷ ବନ୍ୟା ପରେ ଜିଓ ବ୍ୟାଗ୍ ଦେଇ ମରାମତି କାର୍ଯ୍ୟ କରାଯାଇଥିଲା। ପୁଣି ଚଳିତବର୍ଷ ବନ୍ୟା ସମୟରେ ନଦୀବନ୍ଧର ଅପରପଟରୁ ଝରି ପଡ଼ିବା କାରଣରୁ ନଦୀବନ୍ଧ ଦୁର୍ବଳ ହୋଇ ଧସୁଥିବା ଜଣାପଡ଼ିଛି। ଏହି ବନ୍ଧ ପାଇଁ ଏକ ବଡ଼ ପ୍ରକଳ୍ପ ପ୍ରସ୍ତୁତ କରାଯାଉଛି। ଅନ୍ୟପଟରେ ସେ ବାଲେଶ୍ୱର ଓ ମୟୂରଭଞ୍ଜ ଦୁଇଟି ଜିଲା ଦାୟିତ୍ୱରେ ଥିବାରୁ ପ୍ରକଳ୍ପଗୁଡ଼ିକୁ ଠିକ୍ ଭାବେ ତଦାରଖ କରିପାରୁ ନ ଥିବା କହିଛନ୍ତି।

## ଫେରିଗଲା ମୌସୁମୀ...

ମୌସୁମୀ ବାୟୁ ସମ୍ପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ କରିଛି। ସେହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ନୟାଗଡ଼। ଖୋର୍ଦ୍ଧା, ପୁରୀ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ ଓ ଗଞ୍ଜାମ ଜିଲାରୁ ମୌସୁମୀ ଆଂଶିକ ପ୍ରତ୍ୟାହାର ହୋଇଛି। ଏବେ କେବଳ ନବରଙ୍ଗପୁର, ରାୟଗଡ଼ା, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲାରେ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨ଦିନ ମଧ୍ୟରେ ଏହି ସବୁ ଜିଲାରୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ଅନୁକୂଳ ପରିବେଶ ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ରାଜ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ହୋଇଛି। ଅକ୍ଟୋବରରେ ମଧ୍ୟ ମୌସୁମୀ ଭଲ ବର୍ଷା ଦେଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାର ଆଶଙ୍କା ରହିଛି। ଏହାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲାରେ ୨୩ରୁ ବର୍ଷା ସମ୍ଭାବନା ରହିଛି।

## ବ୍ରିଟେନ ପ୍ରଧାନମନ୍ତ୍ରୀ...

ଏହାର ଚୂଡ଼ାନ୍ତ ଫଳାଫଳ ଆସିଥିଲା। ୧୦ ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ତତ୍କାଳୀନ ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍ ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକଙ୍କୁ ୨୦,୯୨୭ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଟ୍ରସ୍‌ଙ୍କୁ ୮୧,୩୨୬ ଖଣ୍ଡ ଭୋଟ ମିଳିଥିବାବେଳେ ସୁନକଙ୍କ ସପକ୍ଷରେ ୬୦,୩୯୯ ଭୋଟ ପଡ଼ିଥିଲା। ୪୭ ବର୍ଷୀୟା ଟ୍ରସ୍ କଞ୍ଜରଭେଟିଭ୍ ପାର୍ଟିର ନୂଆ ନେତା ନିର୍ବାଚିତ ହେବାର ଦିନକ ପରେ ମହାରାଣୀ ଏଲିଜାବେଥ ଦ୍ୱିତୀୟ (ଦିବଂଗତ) ତାଙ୍କୁ ପ୍ରଧାନମନ୍ତ୍ରୀ ତଥା ଫାଷ୍ଟ ଲେଡି ଅଫ୍ ଟ୍ରେଜେରି ନିଯୁକ୍ତ କରିଥିଲେ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ବ୍ରିଟେନ ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି, ଶକ୍ତି ସଙ୍କଟ ଭଳି ଜଟିଳ ପରିସ୍ଥିତି ଦେଇ ଗତି କରୁଥିବାବେଳେ ଟ୍ରସ୍ ସେଗୁଡ଼ିକର ସମାଧାନ ପାଇଁ ପୂର୍ବ ପ୍ରତିଶ୍ରୁତି ରକ୍ଷା କରିପାରି ନ ଥିଲେ। ଏଥିପାଇଁ ତାଙ୍କୁ ନିଜ ଦଳରେ ହଟହଟା ହେବାକୁ ପଡ଼ିଥିଲା। ଟୋରି ଏମ୍‌ପିମାନେ ଇସ୍ତଫା ଦେବାକୁ ଟ୍ରସ୍‌ଙ୍କ ଉପରେ ଚାପ ପକାଇଥିଲେ। ଶେଷରେ କଞ୍ଜରଭେଟିଭ୍ ପାର୍ଟିର ନିର୍ବାଚନ ଅଧିକାରୀ ତଥା ୧୯୨୨ କମିଟି ଅଧ୍ୟକ୍ଷ ସାର୍ ଗ୍ରାହାମ ବ୍ରାଡିଙ୍କ ସହ ଆଲୋଚନା ପରେ ଟ୍ରସ୍ ପ୍ରଧାନମନ୍ତ୍ରୀ ପଦ ଛାଡ଼ିଛନ୍ତି। ଟ୍ରସ୍ ହେଉଛନ୍ତି ୬ ବର୍ଷ ମଧ୍ୟରେ କଞ୍ଜରଭେଟିଭ୍ ପାର୍ଟିର ଚତୁର୍ଥ ପ୍ରଧାନମନ୍ତ୍ରୀ, ଯାହାଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ଡାଉନିଂ ଷ୍ଟ୍ରିଟ୍ ସାମ୍ନାରେ ଏକ ପ୍ରେସ୍ ମିଟ୍‌ରେ ଟ୍ରସ୍ କହିଛନ୍ତି, ସେ ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ, ବର୍ତ୍ତମାନ ସ୍ଥିତିରେ ସେଗୁଡ଼ିକୁ ପୂରଣ କରିବାରେ ଅକ୍ଷମ ହୋଇଛନ୍ତି। ତେବେ ସେ ଜଣେ ଯୋଦ୍ଧା ଭାବେ ନିଜ ଦାୟିତ୍ୱ ସମ୍ପନ୍ନ କରିଛନ୍ତି, ପଳାୟନପନ୍ଥୀ ପାଲଟିନାହାନ୍ତି।

ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ ସେହିପରି ଛୋଟ ବଡ ଭେଦ ନ ଥାଉ। ଶାମୁକା ତିଆରି ହେଉ ଅବା ସାମ୍ରାଜ୍ୟ, ଭଗବାନ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର। –ଶ୍ରୀଅରବିନ୍ଦ



# ଇରାନ ଓ ଧର୍ମୀୟ ଶାସନ



ରିଜା ଅସ୍‌ଲନ

ଇରାନରେ ମହିଳାଙ୍କ ଅଧିକାର ଏବଂ ଧର୍ମୀୟ ନୈତିକତାର ଦ୍ୱାହି ଦେଉଥିବା ତଥାକଥିତ ପୋଲିସର ନିର୍ଯାତନାକୁ ନେଇ ଦେଶବ୍ୟାପୀ ପ୍ରତିବାଦର ସ୍ୱର ଉଠିଛି। ଏହା ଦେଶର ଶିୟା ଧର୍ମୀୟ ନେତାମାନଙ୍କ ଶାସନ ଏବଂ ଶୀର୍ଷ ନେତା ଆୟାତୋଲ୍ଲା ଖାମିନିଙ୍କ ଅସୀମିତ କ୍ଷମତାର ସ୍ୱରୂପକୁ ପୁନର୍ବାର ପ୍ରକାଶ କରିଛି। ଇସ୍‌ଲାମିକ ରିପବ୍ଲିକ ଅଫ୍ ଇରାନ୍‌ର ଦୁଇସ୍ତରୀୟ ସରକାର ରହିଛି। ପ୍ରଥମ ସ୍ତରରେ ଏହା ଲୋକଙ୍କ ସାର୍ବଭୌମତ୍ୱକୁ ପ୍ରତିନିଧିତ୍ୱ କରେ। ଏଥିରେ ଜଣେ ରାଷ୍ଟ୍ରପତି ରହି ଦେଶର ଏକ୍‌ଜିକ୍ୟୁଟିଭ ଭାବେ କାର୍ଯ୍ୟ କରିଥାନ୍ତି। ଏଥିରେ ପାର୍ଲାମେଣ୍ଟ ରହିଛି ଯେଉଁଠି ଆଇନ ଗଢା ହେବା ସହ ବିତର୍କ ହୁଏ। ଏହାବ୍ୟତୀତ ଏକ ନ୍ୟାୟପାଳିକା ରହିଛି ଯାହା ସେହି ଆଇନଗୁଡ଼ିକୁ ସମୀକ୍ଷା ଓ ବ୍ୟାଖ୍ୟା କରେ। ଦ୍ୱିତୀୟ ସ୍ତରରେ ଥିବା ସରକାର ଈଶ୍ୱରଙ୍କ ସାର୍ବଭୌମତ୍ୱକୁ ପ୍ରତିନିଧିତ୍ୱ କରିଥାଏ, ଯାହା ଜଣେ ବ୍ୟକ୍ତି, ଶୀର୍ଷ ନେତା କିମ୍ବା ଫକିହ(ଇସଲାମ ଧର୍ମଶାସ୍ତ୍ର ବିଦ୍ୱାନ)ଙ୍କୁ ନେଇ ଗଠିତ।

ଦେଶର କ୍ଷମତା ଉପରେ ଫକିହଙ୍କ ସମ୍ପୂର୍ଣ୍ଣ ଏକଚାଟିଆ ଅଧିକାର ରହିଛି। ସେ ନ୍ୟାୟିକ ମୁଖ୍ୟଙ୍କୁ ନିଯୁକ୍ତ କରନ୍ତି ଓ ଚାହିଁଲେ ରାଷ୍ଟ୍ରପତିଙ୍କୁ ମଧ ବରଖାସ୍ତ କରିପାରନ୍ତି। ସେ ମଧ ସେନାର ମୁଖ୍ୟ। ପାର୍ଲାମେଣ୍ଟରେ ପାସ୍ ହୋଇଥିବା ଯେକୌଣସି ଆଇନ ଉପରେ ଭିଟୋ ପ୍ରୟୋଗ ବି କରିପାରନ୍ତି। ଦେଖିବାକୁ ଗଲେ ଏହି ପଦବୀ ସମ୍ପୂର୍ଣ୍ଣ ନିଆରା। ଏହା ଧର୍ମୀୟ ନେତାମାନଙ୍କର ବ୍ୟବସ୍ଥା ଯାହା ସରକାରଙ୍କ ସବୁ ପ୍ରସଙ୍ଗକୁ ନିୟନ୍ତ୍ରଣ କରିବା ଲାଗି ସେମାନଙ୍କୁ ଅନୁମତି ଦେଇଛି। ଏହି ସରକାର ବା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଜଣେ ମନୁଷ୍ୟ ( ଆୟାତୋଲ୍ଲା ଖୋମିନି) ଦ୍ୱାରା ଗଢାଯାଇଛି, ଯିଏ ନିଜ ପଦବୀ ଲାଗି ପ୍ରଥମେ ଦାବି କରିଥିଲେ।

ଖ୍ରୀଷ୍ଟିଆନ ଧର୍ମ ଭଳି ଶିୟାବାଦ ମୁକ୍ତିଦାତା ସମ୍ବନ୍ଧୀୟ ବିଚାରକୁ ଗ୍ରହଣ କରେ। ଶିୟା ବିଚାରଧାରା କହେ,ଏହି ଅସ୍ଥାୟୀ ବିଶ୍ୱ ଏବଂ ଏହାର ସବୁ ଦୋଷତ୍ରୁଟି ମହଦି (ଇସ୍‌ଲାମ ଧର୍ମର ପଥ ପ୍ରଦର୍ଶକ ବା ମୁକ୍ତିଦାତା)ଙ୍କ ଆବିର୍ଭାବରେ ଶେଷ ହୋଇଯିବ ଓ ସେ ହିଁ ପୃଥିବୀକୁ ଶାସନ କରିବେ। ସେ ପର୍ଯ୍ୟନ୍ତ ସବୁ ସରକାର ଅସ୍ଥାୟୀ ଓ ଅବୈଧ। କାର୍ଯ୍ୟ କରୁଥବା ସମସ୍ତ ପ୍ରତ୍ୟକ୍ଷ ରାଜନୈତିକ କ୍ଷମତାକୁ ମହଦିଙ୍କ ଦିବ୍ୟ ଅଧିକାରର ଅନଧିକାର ଅଧିଗ୍ରହଣ ଭାବେ ବିଚାର କରାଯିବ। ଏଣୁ ପାଖାପାଖି ବିଗତ ୧୪୦୦ ବର୍ଷ ହେଲା ଶିୟା ଧର୍ମୀୟ ନେତାମାନେ ସରକାରଙ୍କ ବ୍ୟାପାରରେ ହସ୍ତକ୍ଷେପ କରିବା ପାଇଁ ମନା କରିଦେଇଛନ୍ତି। ରାଜନୈତିକ ବ୍ୟାପାରରୁ ଦୂରେଇ ରହିବାକୁ କହି ମଧ ସେମାନେ ଅଧାତ୍ମ୍ ଅଭିପ୍ରେରିତ ଶୀର୍ଷ ପଦବୀ ଗ୍ରହଣ କରୁଛନ୍ତି।

ଏହା ସ୍ୱୀକାର୍ଯ୍ୟ ଯେ, ଶିୟା ମୁସଲମାନ ଧର୍ମୀୟ ନେତାମାନେ ଦେଶର ବ୍ୟବସାୟୀ ଏବଂ ଯୁବ ବିଦ୍ୱାନମାନଙ୍କ ସହ ମଧ୍ୟପ୍ରାଚ୍ୟରେ ପ୍ରଥମ ସ୍ୱଦେଶୀ ଗଣତାନ୍ତ୍ରିକ ଆନ୍ଦୋଳନ କରିଥିଲେ। ୧୯୦୬ର ପର୍ସିଆନ କନଷ୍ଟିଚ୍ୟୁଶନାଲ ରିଭଲ୍ୟୁଶନ ବା ଇରାନର ସାମ୍ବିଧାନିକ ବପ୍ଲବ ଇରାନୀୟମାନଙ୍କ ପାଇଁ ମୌଳିକ ଅଧିକାର ଓ ସ୍ୱାଧୀନତା ନିଶ୍ଚିତ କରୁଥିବା ଏକ ସ୍ୱାଧୀନ ପାର୍ଲାମେଣ୍ଟ(ନ୍ୟାଶନାଲ କନ୍‌ସଲଟେଟିଭ ଆସେମ୍ବ୍ଲି), ମୁକ୍ତ ନିର୍ବାଚନର ବ୍ୟବସ୍ଥା ରହିଥିବା ଏକ ପ୍ରଗତିଶୀଳ ସମ୍ବିଧାନ ଗଢ଼ିଥିଲା ଏବଂ କ୍ଷମତାର ବିଭାଜନ କରିବାରେ ସକ୍ଷମ ହୋଇଥିଲା।



କିନ୍ତୁ ସାମ୍ବିଧାନିକ ବିପ୍ଳବ କ୍ଷଣସ୍ଥାୟୀ ହେଲା। ୧୯୨୧ରେ ଇଂଲଣ୍ଡ ସହଯୋଗରେ ସେନା ଇରାନକୁ ଦଖଲ କରି ପହଲବି ସାମ୍ରାଜ୍ୟ ପ୍ରତିଷ୍ଠା କଲା। ସମ୍ବିଧାନକୁ ରଦ୍ଦ କରାଗଲା, ପାର୍ଲାମେଣ୍ଟକୁ ଧ୍ୱସ୍ତବିଧ୍ୱସ୍ତ କରିଦିଆଗଲା ଏବଂ ଇରାନରେ ଏକଚ୍ଛତ୍ରବାଦ ଫେରିଆସିଲା। ପହଲବି ଶାସକମାନେ ଧର୍ମୀୟ ନେତାମାନଙ୍କ ଦ୍ୱାରା ସମସ୍ତ ରାଜନୈତିକ କାର୍ଯ୍ୟକଳାପକୁ ହିଂସାତ୍ମକ ଉପାୟରେ ଦମନ କଲେ। ପରେ ୧୯୫୩ରେ କମ୍ ସଂଖ୍ୟକ ପ୍ରମୁଖ ଧର୍ମୀୟ ନେତା ଇରାନର ତଥା ଶତାବ୍ଦୀର ଦ୍ୱିତୀୟ ଜାତୀୟତାବାଦୀ ଆନ୍ଦୋଳନରେ ଭାଗନେଇଥିଲେ। ପୁନଶ୍ଚ ଇରାନର ତୃତୀୟ ବିପ୍ଳବ ସଂଗଠିତ ହେଲା ୧୯୭୯ରେ। ଏଥିରେ ଧର୍ମୀୟ ନେତାମାନେ ମସ୍‌ଜିଦ ଛାଡ଼ି ସରକାରରେ ପ୍ରବେଶ କରିଗଲେ। ପରେ ଖୋମିନଙ୍କ ଅଭୁତପୂର୍ବ ବ୍ୟାଖ୍ୟା ପ୍ରାଧାନ୍ୟ ବିସ୍ତାର କଲା। ଶିୟା ବିଚାରଧାରାର ୧୪ ଟି ଦେଶକୁ ମୁକାବିଲା କରି ସେ ଯୁକ୍ତି ଦର୍ଶାଇଲେ ଯେ, ମହଦିଙ୍କ ଅନୁପସ୍ଥିତିରେ ଇସ୍‌ଲାମିକ ଦେଶର ଏକକ ବୈଧାନିକ ନେତା ରହିବେ। ରାଜନୈତିକ କ୍ଷମତା ପୃଥିବୀରେ ମହଦିଙ୍କ ପ୍ରତିନିଧି ବିଶେଷ କରି ଧର୍ମୀୟ ନେତାମାନଙ୍କ ହାତରେ ରହିବା ଉଚିତ । ସେ ମଧ ଅନ୍ୟ ଉପାୟରେ ତାଙ୍କ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ସମୟ ଶେଷ ବେଳକୁ ବାସ୍ତବ ତଥା ନ୍ୟାୟସଙ୍ଗତ ସମାଜ ଗଢିବାକୁ ମହଦି ଫେରିବେ, କିନ୍ତୁ ତାଙ୍କ ଫେରିବାକୁ ଅପେକ୍ଷା ନ କରି ଧର୍ମୀୟ ନେତାମାନେ ସଶକ୍ତ ହୋଇ ତାଙ୍କ ପାଇଁ ଏକ ବାସ୍ତବ ସମାଜ ଗଢିଦେବା ଉଚିତ। ଏହା ଥିଲା ଏକ ଆଶ୍ଚର୍ଯ୍ୟଜନକ ଦାବି ଏବଂ ଶିୟା ଇସ୍‌ଲାମରେ ଏକ ରୂଢ଼ୀବାଦୀ ଧର୍ମୀୟ ନୂତନତ୍ୱ। ତଥାପି ଖୋମିନ ଆଉ ପାଦେ ଆଗକୁ ଯାଇ ଯୁକ୍ତି ବାଢିଲେ ଯେ, ରାଜନୈତିକ ଅଧିକାର ବା କ୍ଷମତା ସମସ୍ତ ଧର୍ମୀୟ ନେତାଙ୍କ ହାତରେ ନ ରହି ଜଣେ ଶୀର୍ଷ ନେତାଙ୍କ ପାଖରେ ରହିବା ଦରକାର। ପୁନଶ୍ଚ ସେ କହିଲେ, ମହଦିଙ୍କ ଡେପୁଟି ଭାବେ ଶୀର୍ଷ ଧର୍ମୀୟ ନେତା ମହଦିଙ୍କ ସମକକ୍ଷ ନ ହୋଇ ପ୍ରୋଫେଟ ମହମ୍ମଦଙ୍କ ସମ ହେବା ଉଚିତ। ଖୋମିନ ମଧ ତାଙ୍କ ରାଜନୈତିକ ନିବନ୍ଧରେ ଉଲ୍ଲେଖ କରିଥିଲେ ଯେ, ସମାଜର ସମସ୍ତ ବ୍ୟାପାରରେ ସବୁ ଅଧିକାରକୁ ସେ ଉପଭୋଗ କରିବେ, ଯାହା ପ୍ରୋଫେଟ କରିଥିଲେ।

କେବେ କୌଣସି ଇସ୍‌ଲାମ ଧର୍ମୀୟ ନେତା ଏଭଳି ଆଶ୍ଚର୍ଯ୍ୟଜନକ ପ୍ରସ୍ତାବ ସାମ୍ନାକୁ ଆଣି ନ ଥିଲେ। ପ୍ରୋଫେଟଙ୍କ ଭଳି ଦିବ୍ୟ କ୍ଷମତା ସମ ବ୍ୟକ୍ତି ରହିଥିବା ଧାରଣା ଇସ୍‌ଲାମିକ ବିଚାରାଧାରର ବିରୋଧୀ। ଉକ୍ତ ସିଦ୍ଧାନ୍ତ ଏତେ ଧର୍ମ ବିରୋଧୀ ଓ ଯନ୍ତ୍ରଣାଦାୟକ ଥିଲା ଯେ ତତ୍କ୍ଷଣାତ ଇରାନର ପ୍ରାୟତଃ ଶିୟା ମୁସଲମାନ ଧାର୍ମିକ ନେତାମାନେ ଅଗ୍ରାହ୍ୟ କରିଦେଇଥିଲେ। ଏପରିକି ଇରାକ୍‌ରେ ଶିୟା ମୁସଲମାନଙ୍କ ଧର୍ମ କେନ୍ଦ୍ର ନଜାଫର ଧର୍ମୀୟ ନେତାମାନେ ବି ଏହାକୁ ଗ୍ରହଣ କରି ନ ଥିଲେ। ଖୋମିନ ସେହି ସମୟରେ ସାଧାରଣ ଲୋକଙ୍କ ମଧ୍ୟରେ ତାଙ୍କ ରୂଢ଼ୀବାଦୀ ଧାରଣାକୁ ବ୍ୟକ୍ତ କରିବାରେ ସମର୍ଥ ହେଲେ ଓ ଏହା ତାଙ୍କୁ ଅଧିକ ଆକର୍ଷକ କରିଦେଲା। ପରେ ଧମକରେ ଚୁପ ହୋଇଯାଇଥିବା ତାଙ୍କ ସାଥୀ ଏବଂ ଇରାନର ଧର୍ମବିଶ୍ୱାସୀ ଲୋକମାନେ ପୁନର୍ବାର ଖୋମିନଙ୍କୁ ପ୍ରୋତ୍ସାହିତ କଲେ। ଫଳରେ ବିପ୍ଳବ ପରବର୍ତ୍ତୀ ସରକାରକୁ ନିୟନ୍ତ୍ରଣ କରିବା ଲାଗି ଖୋମିନ ସ୍ୱାଧୀନତା ପାଇଗଲେ। ଅଧିକାଂଶ ଇରାନୀୟ କେମିତିକା ବ୍ୟବସ୍ଥା ଗ୍ରହଣ କଲେ ବୋଲି ଜାଣିବା ପୂର୍ବରୁ ସେ ମହଦିଙ୍କ ସମ୍ପର୍କରେ ତାଙ୍କ ବ୍ୟାଖ୍ୟାକୁ ରାଜନୈତିକ କ୍ଷେତ୍ରରେ ଭଲ ଭାବେ ଭର୍ତ୍ତି କରିଦେଇଥିଲେ। ଲୋକ ବୁଝିବା ପୂର୍ବରୁ ସେତେବେଳକୁ ସେ ଇରାନକୁ ଇସ୍‌ଲାମିକ ରିପବ୍ଲିକକୁ ପରିବର୍ତ୍ତନ କରି ନିଜକୁ ଦେଶର ପ୍ରଥମ ଫକିହ(ଶୀର୍ଷ ଅସ୍ଥାୟୀ ତଥା ଧର୍ମୀୟ କ୍ଷମତା) ଭାବେ ଘୋଷଣା କରିଦେଲେ।

୧୯୮୯ରେ ଖୋମିନଙ୍କର ଦେହାନ୍ତ ଘଟିଲା। ଫକିହଙ୍କ ସରକାର ତାଙ୍କ ଉତ୍ତରାଧିକାରୀ ଅଲି ଖାମିନଙ୍କ ନିକଟକୁ ଗଲା। ଏଥିରେ ଅବଶ୍ୟ ତାଙ୍କୁ ଖୁବ୍ କମ୍ ଧର୍ମୀୟ ନେତା ଓ ଲୋକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଫକିହଙ୍କୁ ଇରାନର ସବୁଠୁ ଜ୍ଞାନୀ ଧର୍ମୀୟ ଅଧିକାରୀ ଭାବେ ବିବେଚନା କରାଯାଉଥିଲେ ମଧ ଖାମିନ ଥିଲେ ଜଣେ ମଧ୍ୟମ ଜ୍ଞାନସମ୍ପନ୍ନ ନେତା। ତାଙ୍କର ଅଭିଜ୍ଞତା ମଧ କମ୍ ରହିଥିଲା ଓ ସେ ବି କମ୍ ପରିଚିତ ଥିଲେ। ଏହା ସତ୍ତ୍ୱେ ତାଙ୍କୁ ଦାୟିତ୍ୱ ଦିଆଗଲା, କାରଣ ଖୋମିନିଙ୍କ ପ୍ରଥମ ପସନ୍ଦ ଆୟାତୋଲ୍ଲା ଅଲି ମୋନତାଜେରି ସାଧାରଣରେ ଫକିହଙ୍କ ସିଦ୍ଧାନ୍ତ ଇସଲାମ ପ୍ରତି ଅଭିଶାପ କହି ନିନ୍ଦା କରିଥିଲେ।

ଖାମିନିଙ୍କୁ ଏବେ ବୟସ ୮୩। ସେ ମଧ ଅସୁସ୍ଥ। ସେ ତାଙ୍କ ସବା ବଡ଼ପୁଅ ମୋଜତବାଙ୍କୁ ଶୀର୍ଷ ନେତା ଭାବେ ପ୍ରସ୍ତୁତ କରୁଥିବା ବିଶ୍ୱାସ କରାଯାଉଛି। ବାସ୍ତବରେ ଖାମିନଙ୍କୁ ଶୀର୍ଷ ନେତା ଭାବେ ଚୟନ କରାଯିବାବେଳେ ସେ ଯେଉଁ ର୍‌ୟାଙ୍କରେ ରହିଥିଲେ ତାଙ୍କ ଠାରୁ ପୁଅ କମ୍ ର୍‌ୟାଙ୍କରେ ରହିଛନ୍ତି। ଏହା ହେଲେ ଏଯାବତ ଫକିହଙ୍କୁ ସାମ୍ନାକୁ ଆଣି ସରକାରରେ ଥିବା ଧର୍ମୀୟ ବୈଧତାର ଅନ୍ତିମ ଅବଶେଷ ବି ଧୀରେ ଧୀରେ ତା'ର ଗୁରୁତ୍ୱ ହରାଇବ। ତେବେ ଧର୍ମୀୟ ଶାସନ ବିରୋଧରେ ଯେଉଁ ବିଦ୍ରୋହ ଦେଖିବାକୁ ପାଉଛୁ ତାହା ଦବି ନ ଯାଇ ଆହୁରି ପ୍ରଭାବଶାଳୀ ହେବା ଉଚିତ। ଏବେ ରାସ୍ତାରେ ପ୍ରତିବାଦକାରୀଙ୍କ ମୁହଁରୁ ମଧ ଶୁଣିବାକୁ ମିଳିଲାଣି 'ମୋଜତବା, ନେତା ହେବା ପୂର୍ବରୁ ଆମେ ତୁମକୁ ମୃତ ଅବସ୍ଥାରେ ଦେଖିବୁ'।

**ପ୍ରାଧ୍ୟାପକ, କାଲିଫର୍ନିଆ ବିଶ୍ୱବିଦ୍ୟାଳୟ**

# ପରେ ଆସ ଶସ୍ତାରେ ମିଳିବ



ଡ. ଗଣେଶ ଚନ୍ଦ୍ର କୁଣ୍ଡ

ପରିବା ହାଟରେ ପହଞ୍ଚି ଦେଖିଲି ପରିବା ଦୋକାନୀ ଓ ଜଣେ ଗ୍ରାହକଙ୍କ ମଧ୍ୟରେ ଯୁକ୍ତିତର୍କ। କେହି କେହି ନ ଶୁଣିଲା ପରି ଚାଲିଯାଉଥିଲା ବେଳେ ଅନେକ ଲୋକ ଦେଖିବା ପାଇଁ ସେଠାରେ ଭିଡ ଜମାଉଥିଲେ। ଏତେ ଭିଡ଼ ହୋଇଗଲା ଯେ ଆଉ ଆଗକୁ ଯାଇପାରିଲି ନାହିଁ, ଯାହାଯେତିକି କାନରେ ବାଜିଲା। ଦୋକାନୀ ଜଣକ କହୁଥିଲେ ମୁଁ ଜଣେ ଚାଷୀ, ଯାହା ଉତ୍ପାଦନ କରେ ନିଜ ଦୋକାନରେ ବିକ୍ରି କରେ ; ଯାହାଫଳରେ ମୋର ଲାଭ ହେବା ସହିତ ଗ୍ରାହକଙ୍କୁ ମଧ ଟିକେ କମ୍ ଦାମରେ ଦେଇଥାଏ। କିନ୍ତୁ ଏମିତି ଲୋକ କେଉଁଠି ଦେଖିନି। ୨୫୦ ଗ୍ରାମ ଟମାଟୋ ନେବେ କିନ୍ତୁ ୨ କିଲୋ ଟମାଟୋ ଗଡ଼େଇ ଗଡ଼େଇ ନଷ୍ଟ କରିଦେଲାଣି। ଅଧ ଘଣ୍ଟା ହେଲା ବାଇଗଣ ଚିପି ଚିପି ଦେଖୁଛନ୍ତି। ସଜ ଭେଣ୍ଡି ଅଗ ଗୁଡ଼ାକ ଭାଙ୍ଗି ନଷ୍ଟ କରିଦେଇଛନ୍ତି, ତାକୁ ଆଉ କିଏ କିଣିବ? ଏଭଳିଆ ଗ୍ରାହକ ମୋର ଦରକାର ନାହିଁ। ମୁଁ ପରିବା ସଜେଇ କି ରଖିଛି, ହାତ ମାରି ମାରି ସବୁ ପରିବା ତଳ ଉପର କରିଦେଲେଣି । ଗତକାଲି ସେମିତି ଗୋଟି ଗୋଟି କରି ସବୁ ପରିବାର ମୂଲ୍ୟ ପଚାରିଲେ, ତା'ପରେ ଗାଡି ଷ୍ଟାର୍ଟ କରି ଛୁ। ଗ୍ରାହକ ଜଣକ କହୁଥାନ୍ତି ପରିବା ଦେଖିକି ନେବି ନା ପଚାଶଡ଼ା ଯାହା ଦେବ ସବୁ ନେଇଯିବି, ଟଙ୍କା ଗୁଡା କ'ଣ ଗଛରେ ଫଳୁଛି? ପରିବା ଦୋକାନୀ କହୁଥାନ୍ତି ଯଦି ତମ ଟଙ୍କାର ମୂଲ୍ୟ ବହୁତ ତେବେ ଟଙ୍କା ଖାଇଦେଉନ, ପରିବା ପାଇଁ କାହିଁକି ଆସିଛ? ବାରମ୍ବାର ପଚାରୁଛନ୍ତି କୁନ୍ଦୁରି ମୂଲ୍ୟ ଏତେ କାହିଁକି? ସେ ପରିବା କିଏ ଖାଉଛି? ମୁଁ ପରିବା ବିକିବି ନା ପ୍ରଶ୍ନର ଉତ୍ତର ଦେବି ? ଯାଆନ୍ତୁ ଘରେ ଘରେ ପଚାରି ବୁଝିବେ କେଉଁମାନେ କୁନ୍ଦୁରି ଖାଉଛନ୍ତି। ଗ୍ରାହକ କହିଲେ ଏମିତି କ'ଣ କେହି ପଚାରନ୍ତିନି? ମୁଁ ପଚାରି ଗୋଟେ ବିରାଟ ଦୋଷ କରିଦେଲି। ପରିବା ଦୋକାନୀ କହୁଥାନ୍ତି ସବୁବେଳେ ଗୋଟେ ପ୍ରଶ୍ନ, ପରିବା ମୂଲ୍ୟ କାହିଁକି ବଢିଯାଉଛି? ଆପଣଙ୍କ ଦରମା ଯେତେବେଳେ ବଢ଼ିଯାଉଛି? ନିଜେ ହଜାର ହଜାର ଟଙ୍କା ଦରମା ପାଉଛ କିନ୍ତୁ ଚାଷୀ କିମ୍ବା ବ୍ୟବସାୟୀ ଯଦି ଦି' ପଇସା ପାଇଲେ ସେଇଟା ଦେହରେ ଯାଉନି। ସବୁ କଥା ଟିକେ ଚିନ୍ତା କରିବା ଦରକାର। ପରିବା ଦର ବଢ଼ିଗଲେ ବେକାରି ଓ ଗରିବ ଶ୍ରେଣୀର ଲୋକଙ୍କୁ କଷ୍ଟ ହେବା ସ୍ୱାଭାବିକ କଥା। ଆପଣ ଏତେ ଟଙ୍କା ଦରମା ପାଉଛନ୍ତି କିନ୍ତୁ ଯେମିତି ଅଭିନୟ କରୁଛନ୍ତି କିଛି ନାହିଁ।

କେତେକ ଭଦ୍ର ଲୋକଙ୍କ ହସ୍ତକ୍ଷେପ ଫଳରେ ଯୁକ୍ତିତର୍କ ଶେଷ ହେଲା। ସେ ଗ୍ରାହକ ଜଣକୁ ଯେତେବେଳେ ଦେଖିଲି ଜାଣିଲି ଯେ ସେ ଆମ ଜଣାଶୁଣା ବାବୁ। ସେ ଆଗରୁ ପରିଚିତ, ଏବେ କିଛି ଦୂରରେ ରହୁଛନ୍ତି। ବାବୁଙ୍କୁ ପଚାରିଲି, ଆପଣଙ୍କ ଘର ପାଖରେ ପରିବା ଦୋକାନ ଅଛି, ୯ କିଲୋମିଟର ଦୂରକୁ ପରିବା କିଣିବାକୁ କାହିଁକି ଆସୁଛନ୍ତି । ବାବୁ କହିଲେ, ଅଧିକାଂଶ ଚାଷୀ ନିଜର ଉତ୍ପାଦିତ ପରିବା ଆଣି ଏହି ହାଟରେ ବିକିଥାନ୍ତି। ସେଥିପାଇଁ ପରିବା ଶସ୍ତାରେ ମିଳେ ତେଣୁ ମୁଁ ଏଠାକୁ ପରିବା ପାଇଁ ଆସେ। କିନ୍ତୁ ଆଜିକାଲି ଏଠାରେ ବି ଚଢ଼ା ଦର। ସେ ଦୋକାନୀକୁ କହିଲି ପରିବା ମୂଲ୍ୟ ଏତେ କ'ଣ ନେଉଛ? ସେ ମୋତେ କହୁଛି ଆପଣ ଶୀଘ୍ର ପଳେଇ ଆସିଛନ୍ତି, ରାତିକି ଆସ ଶସ୍ତାରେ ମିଳିବ। ମୁଁ ତାକୁ କହିଲି ବ୍ୟବହାର ଠିକ କର, ସେ ମୋତେ କହୁଛି ସଜ ପରିବାର ମୂଲ୍ୟ ଅଧିକ, ରାତି ବେଳକୁ କିମ୍ବା ଟିକେ ଛାଡ଼ିକି ଆସ ପଚା ଓ ପୋକ ପରିବା ବଳିଥିବ, ତେଣୁ ଶସ୍ତାରେ ମିଳିଯିବ। ଏହି କଥାକୁ ନେଇ ଟିକେ ଯୁକ୍ତିତର୍କ ହୋଇଗଲା।

ବାବୁଙ୍କୁ ମୁଁ କହିଲି, ଆପଣ ୯ କିଲୋମିଟର ଦୂରରୁ ଆସିକି ପରିବା ନେଉଛନ୍ତି, ଯିବା ଆସିବା ୧୮ କିଲୋମିଟର। ପରିବା ଟିକେ ଶସ୍ତାରେ କିଣିଲା ବେଳକୁ ପାଖାପାଖି ଅଧା ଲିଟର ତେଲ ଖର୍ଚ୍ଚ ହେଉଥିବ, ତେଲ ଦାମ କ'ଣ କମ୍ ଅଛି କି? ଆଜିକାଲି ସବୁ ଜିନିଷର ମୂଲ୍ୟ ବଢ଼ିଯାଇଛି, ଖାଲି ପରିବା କଥା କ'ଣ କହୁଛନ୍ତି? କୃଷକମାନେ ହେଉଛନ୍ତି ଦେଶର ମେରୁଦଣ୍ଡ; ଯେଉଁମାନଙ୍କ ପାଇଁ ଆମେ ଖାଦ୍ୟ ଖାଉଛେ । କୃଷକମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି କେତେ ପରିଶ୍ରମ କରୁଛନ୍ତି। ପୁଣି ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ହେଲେ ଯେଉଁ ଟଙ୍କା ବିନିଯୋଗ କରି ଫସଲ କରିଥାନ୍ତି ତା'ର ମୂଳ ବି ଚାଲିଯାଏ। କୃଷକମାନେ କେତେ ପରିଶ୍ରମ କରୁଛନ୍ତି, ସେମାନେ ଭଲରେ ରହିବା ଦରକାର। କୃଷକମାନଙ୍କ ଉନ୍ନତି ପାଇଁ ସବୁ କ୍ଷେତ୍ରରେ ସହଯୋଗ କରିବାର ଆବଶ୍ୟକତା ଅଛି।

**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ : ୯୯୩୮୦୬୦୮୮୬**

## ଏଇ ଭାରତରେ

ଜଣେ ସ୍କୁଲ ପ୍ରିନ୍ସିପାଲଙ୍କ ଅଭିନବ ଶିକ୍ଷା ପଦ୍ଧତି କୋଭିଡ୍ ମହାମାରୀ ସମୟରେ ପିଲାମାନଙ୍କୁ ପଢ଼ାଇବାରେ ସହାୟକ ହେବା ସହ ଏବେ ତାହା ସେମାନଙ୍କ ଅଭିଭାବକଙ୍କୁ ମଧ ସାକ୍ଷର କରିପାରିଛି। ଝାଡ଼ଖଣ୍ଡ ଡୁମରର ଡୁମାର୍ଥର ଉତ୍କ୍ରମିତ ମଧ୍ୟବିଦ୍ୟାଳୟର ପ୍ରିନ୍ସିପାଲ ଡ. ସପନ ପତ୍ରଲେଖ ୨୦୨୦ରେ ଲକ୍‌ଡାଉନ ହେବା ପରେ ଡୁମାର୍ଥର ଗାଁର ପିଲାମାନଙ୍କ ପାଖରେ ମୋବାଇଲ ନ ଥିବାରୁ ସେମାନଙ୍କୁ ପଢ଼ାଇବା ଲାଗି 'ବ୍ଲାକବୋର୍ଡ ମଡେଲ' ଆପଣାଇଥିଲେ। ଅନ୍‌ଲାଇନରେ ପିଲାମାନେ ପଢ଼ି ନ ପାରିଲେ ସେମାନେ ସ୍କୁଲ ଛାଡ଼ିଦେବା ଆଶଙ୍କା ପ୍ରକାଶ କରି ଡ. ସପନ ଏହି ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ସେ ପିଲାଙ୍କ ମାଟିଘର କାନ୍ଥରେ ବ୍ଲାକ୍‌ବୋର୍ଡ କରିବା ସହ ସେଥିରେ ପିଲାମାନଙ୍କୁ ପଢ଼ାଇଥିଲେ। ୨୦୨୦ରୁ ୨୦୨୨ ଯାଏ ସେ ଏହି ପଦ୍ଧତିରେ ପଢ଼ାଇଛନ୍ତି। ଫେବୃୟାରୀ ୨୦୨୨ରେ ସ୍କୁଲ ଖୋଲିବା ପରେ ପିଲାମାନେ ସ୍କୁଲକୁ ଆସିଲେ। ହେଲେ ସେହି ବ୍ଲାକବୋର୍ଡରେ ଏବେ ପିଲାମାନେ ସେମାନଙ୍କ ଅଭିଭାବକ, ଜେଜେବାପା ଓ ଜେଜେ ମା'ଙ୍କୁ ପଢ଼ାଉଛନ୍ତି। ଏବେ ଗାଁର ନିରକ୍ଷର ସାକ୍ଷର ହୋଇଯାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅକ୍ଟୋବର ୧୯୯୭

- ମନ୍ତ୍ରିମଣ୍ଡଳର ପୁନର୍ଗଠନ ପାଇଁ ପ୍ରଧାନମନ୍ତ୍ରୀ ଚାଓ ୱାରିତ ୟଙ୍ଗଚାଇୟୁଦ୍ଧଙ୍କୁ ସୁଯୋଗ ଦେବା ପରିପ୍ରେକ୍ଷୀରେ ଥାଇଲାଣ୍ଡ ମନ୍ତ୍ରୀମାନଙ୍କ ସମୂହ ଇସ୍ତଫା।
- ପୂର୍ବତନ ପେଟ୍ରୋଲିୟମ ମନ୍ତ୍ରୀ କ୍ୟାପଟେନ ସତୀଶ ଶର୍ମାଙ୍କ ଦ୍ୱାରା ମଞ୍ଜୁର କରାଯାଇଥିବା ୬ଟି ପେଟ୍ରୋଲପମ୍ପ ଆଲଟମେଣ୍ଟକୁ ଦିଲ୍ଲୀ ହାଇକୋର୍ଟ ବାତିଲ କରିଦେଇଛନ୍ତି।
- ଦେଓଗଡ଼ର ଜନତା ଦଳ ବିଧାୟକ ପ୍ରଦୀପ୍ତ ଗଙ୍ଗଦେବଙ୍କ ୬୦ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | 2 | | 3 | 6 | 9 | 1 | | |
| 5 | | | | 8 | | | 6 | 9 |
| | | | | 2 | | 4 | | |
| 8 | | | | | | 5 | | |
| 9 | | | | | 4 | | | |
| | 3 | | | | 1 | 9 | | |
| | | | 8 | 7 | | | | 2 |
| 7 | | 5 | | | 6 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 6 | 7 | 5 | 1 | 9 | 4 | 8 |
| 5 | 9 | 4 | 2 | 3 | 8 | 1 | 6 | 7 |
| 1 | 8 | 7 | 9 | 4 | 6 | 2 | 5 | 3 |
| 2 | 6 | 5 | 1 | 8 | 3 | 7 | 9 | 4 |
| 9 | 4 | 3 | 5 | 7 | 2 | 8 | 1 | 6 |
| 8 | 7 | 1 | 6 | 9 | 4 | 5 | 3 | 2 |
| 4 | 3 | 2 | 8 | 1 | 5 | 6 | 7 | 9 |
| 6 | 1 | 9 | 3 | 2 | 7 | 4 | 8 | 5 |
| 7 | 5 | 8 | 4 | 6 | 9 | 3 | 2 | 1 |

ଗତକାଲିର ଉତ୍ତର

# ପୟାଶ୍ରାଦ୍ଧ ଓ ସୂର୍ଯ୍ୟୋପରାଗ



ପଣ୍ଡିତ ପ୍ରସନ୍ନ କୁମାର ମହାପାତ୍ର

ଭାରତୀୟ ସଂସ୍କୃତିରେ ପିତୃପୁରୁଷଙ୍କ ସ୍ମୃତିଚାରଣ ପରିପ୍ରେକ୍ଷୀରେ ଶ୍ରାଦ୍ଧ ମାଧ୍ୟମରେ ଆଶୀର୍ବାଦପ୍ରାପ୍ତିର ଉଦ୍ଦେଶ୍ୟ ପ୍ରଚ୍ଛନ୍ନଭାବରେ ନିହିତ। କ୍ରୋଧବର୍ଜନପୂର୍ବକ ଶାନ୍ତ ମାନସିକତାକୁ ଗ୍ରହଣକରି ଶ୍ରଦ୍ଧାର ସହିତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଦ୍ରବ୍ୟସମୂହକୁ ଶ୍ରାଦ୍ଧ କୁହାଯାଇଥାଏ। 'ଶ୍ରଦ୍ଧୟା ଦୀୟତେ ଇତି ଶ୍ରାଦ୍ଧଃ।' କେବଳ ପିତା କିମ୍ବା ମାତାଙ୍କ ଉଦ୍ଦେଶ୍ୟରେ ଗୋଟିଏ ମାତ୍ର ପିଣ୍ଡଦାନକୁ ଏକୋଦ୍ଦିଷ୍ଟ ଶ୍ରାଦ୍ଧ ଓ ପିତୃ, ପିତାମହ ଏବଂ ପ୍ରମିତାମହାଦି ତିନିପୁରୁଷଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଶ୍ରାଦ୍ଧ ପାର୍ବଣ ନାମରେ କଥିତ। ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାରର ଶ୍ରାଦ୍ଧ ମଧ୍ୟରେ କନ୍ୟାମାସରେ ପିତୃ, ପିତାମହ ଏବଂ ପ୍ରମିତାମହଙ୍କ ସହିତ ମାତାମହ, ପ୍ରମାତାମହ ଏବଂ ବୃଦ୍ଧପ୍ରମାତାମହାଦି ଷଟ୍‌ପୁରୁଷଙ୍କ ଉଦ୍ଦେଶ୍ୟରେ ଯେଉଁ ଶ୍ରାଦ୍ଧ କରାଯାଏ ତାହାକୁ ମହାଳୟାଶ୍ରାଦ୍ଧ ବା କାମ୍ୟଶ୍ରାଦ୍ଧ କୁହାଯାଇଥାଏ। କନ୍ୟାମାସ ପ୍ରାରମ୍ଭରୁ ପ୍ରତ୍ୟେକ ବ୍ୟକ୍ତିଙ୍କର ପିତୃପୁରୁଷଗଣ ନିଜ ନିଜର ସନ୍ତାନମାନଙ୍କ ନିକଟକୁ ଆସି ଶ୍ରଦ୍ଧାରସହ ଉତ୍ସର୍ଗୀକୃତ ଅନ୍ନବ୍ୟଞ୍ଜନାଦିର ସୁସ୍ୱାଦୁଯୁକ୍ତ ରସାଦିକୁ ଗ୍ରହଣ କରି ଆତ୍ମୀୟସ୍ୱଜନଙ୍କ ସହ ବାର୍ତ୍ତାଳାପ ମାଧ୍ୟମରେ ମାତ୍ର ତିନିଘଣ୍ଟା, ମନୁଷ୍ୟକାଳ ନିର୍ଣ୍ଣୟରେ ୪୫ ଦିନ ନିଜଗୃହ ଓ ବନ୍ଧୁମାନଙ୍କ ମେଳରେ ଅତିବାହିତ କରି କାର୍ତ୍ତିକ ମାସର ପ୍ରଦୀପ ଅମାବାସ୍ୟାର ପ୍ରଦୋଷ ସମୟ ଅର୍ଥାତ୍ ସାୟଂକାଳରେ ନିଜ ସନ୍ତାନମାନଙ୍କୁ ଆଶୀର୍ବାଦ ପ୍ରଦାନକରି ପୁନଶ୍ଚ ପିତୃଲୋକକୁ ଗମନ କରିଥା'ନ୍ତି। 'ନରକାୟ ପ୍ରଦାତବ୍ୟୋ ଦୀପଃ ସମ୍ପୂଜ୍ୟ ଦେବତାଂ, ତତୋଃ ପ୍ରଦୋଷ ସମୟେ ଦୀପାନ ଦଦ୍ୟାନ୍ମନୋରମାନ୍।' ଏହି ଅବସରରେ ଇକ୍ଷୁ, ଚିପିଟକ, ପିଷ୍ଟକ, ନାରିକେଳଖଣ୍ଡ ପ୍ରଭୃତି ଶୁଷ୍କଦ୍ରବ୍ୟରେ ଶ୍ରାଦ୍ଧକର୍ମ ସମ୍ପାଦନ କରି ବିଦାୟ ସମ୍ବର୍ଦ୍ଧନା ପରିପ୍ରେକ୍ଷୀରେ ବିଭିନ୍ନ ବାଦ୍ୟ, ମୁଖବାଦ୍ୟ(ହୁଳହୁଳି), ଆତସବାଜି, ଆଲୋକବର୍ତ୍ତିକାର ଉଜ୍ଜ୍ୱଳାଲୋକ ମାଧ୍ୟମରେ ପିତୃପୁଷଙ୍କୁ ମାର୍ଗଦର୍ଶନ କରାଇଥା'ନ୍ତି। ଏହି ପ୍ରସଙ୍ଗରେ କୁହାଯାଇଛି– ପିତୃଲୋକ ପରିତ୍ୟଜ୍ୟଂ ଆଗତାୟେ ମହାଳୟେ, ଉଜ୍ଜ୍ୱଳଂ ଜ୍ୟୋତିଷାଂମାର୍ଗଂ ପ୍ରପଶନ୍ତୋ ବ୍ରଜନ୍ତୁତେ''। ପ୍ରଦୋଷ ସମୟରେ ମହାଲକ୍ଷ୍ମୀଙ୍କ ପୂଜାପୂର୍ବକ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶୁଷ୍କ ଦ୍ରବ୍ୟ ଓ ଫଳମୂଳ ଆଦି ଉତ୍ସର୍ଗୀକୃତ କରି ପିତୃପୁରୁଷଙ୍କ ବିଦାୟବେଳାରେ ମାର୍ଗଦର୍ଶନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଏ। ଚଳିତ ୨୦୨୨ ଅକ୍ଟୋବର ୨୪ତାରିଖ ଚତୁର୍ଦ୍ଦଶୀ ସୋମବାର ସନ୍ଧ୍ୟା ଘ.୦୫।୩୭ମି. ପର୍ଯ୍ୟନ୍ତ ରହୁଛି, ତତ୍‌ପରେ ଅମାବାସ୍ୟା ୨୫ ତାରିଖ ମଙ୍ଗଳବାର ଅପରାହ୍ନ ଘ.୦୪।୨୭ମି. ପରେ ଶୁକ୍ଳ ପ୍ରତିପଦା ହେବ। ପ୍ରଦୀପ ଅମାବାସ୍ୟାର ପ୍ରଦୋଷ ସମୟରେ ଶ୍ରାଦ୍ଧାଦି କର୍ମ ସମ୍ପାଦନାନ୍ତେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ୨୪ତାରିଖ ସୋମବାର ପୟାଶ୍ରାଦ୍ଧ ଓ ସାୟଂକାଳରେ ଦୀପଦାନ କରିବାକଥା ବିଭିନ୍ନ ପଞ୍ଜିକାରେ ମଧ ଉଲ୍ଲେଖ ରହିଛି। ପୁନଶ୍ଚ ୨୫ ତାରିଖ ମଙ୍ଗଳବାର ଗ୍ରହଣ ଗ୍ରାସଥାଇ ସୂର୍ଯ୍ୟାସ୍ତ ହେବେ। ପାଳନକ୍ରମରେ ସୋମବାର ରାତ୍ରିଶେଷ ସମୟରୁ ୨୬ ତାରିଖ ବୁଧବାର ସୂର୍ଯ୍ୟଦର୍ଶନ ପର୍ଯ୍ୟନ୍ତ ଦେବନୀତି, ପାକତ୍ୟାଗ, ଅନ୍ନଭୋଜନର ନିଷେଧ ରହିଛି। ପଞ୍ଜିକାଦୃଷ୍ଟେ ପୁରୀକୁ ସୂର୍ଯ୍ୟାସ୍ତ ଘ.୦୫।୧୩ମି. ହେତୁ ଗ୍ରହଣ ସର୍ବମୋକ୍ଷ ପରେ ଅର୍ଥାତ୍ ଘ.୦୬।୨୧ମି.ପରେ ଗ୍ରହଣ ସ୍ନାନଦାନାଦି ପୂର୍ବକ ଅମାବାସ୍ୟାଯୁକ୍ତ ପ୍ରତିପଦାରେ ପୟାଶ୍ରାଦ୍ଧାଦି ଦୀପଦାନ କର୍ମ କରିବା ସକାଶେ ମଧ ପଞ୍ଜିକାରେ ଉଲ୍ଲେଖ ରହିଛି। ଏହି ପ୍ରସଙ୍ଗକୁ ନେଇ ପଣ୍ଡିତ ସର୍ବସ୍ୱ ଓ ଗଦାଧର ପଦ୍ଧତି କହନ୍ତି – ଅମାବାସ୍ୟା ଦୁଇ ପ୍ରକାର। ୧–ଯେଉଁ ଅମାବାସ୍ୟାରେ ଚନ୍ଦ୍ର ସାମାନ୍ୟ ଦେଖାଯାନ୍ତି ତାକୁ ସିନିବାଲୀ ଅମାବାସ୍ୟା ଏବଂ ୨– ଯେଉଁ ଅମାବାସ୍ୟାରେ ଚନ୍ଦ୍ର ଆଦୌ ଦେଖାଯା'ନ୍ତି ନାହିଁ ସେହି ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟାକୁ କୁହୁ ଅମାବାସ୍ୟା କୁହାଯାଏ। 'ସିନିବାଲୀ କୁହୁଭେଧା ଅମାବାସ୍ୟା ଦ୍ୱିଧା ଭବେତ୍, ସା ଦୃଷ୍ଟେନ୍ଦୁ ସିନିବାଲୀ, ସା ନଷ୍ଟେନ୍ଦୁ କଳା କୁହୁ । ୨୫ ତାରିଖ ଅମାବାସ୍ୟା ଯୁକ୍ତ ପ୍ରତିପଦା ହେତୁ ଏହି ଅମାବାସ୍ୟା ସିନିବାଲୀ। ଅତଏବ ପ୍ରତିପଦାଯୁକ୍ତ ଅମାବାସ୍ୟାର ସନ୍ଧ୍ୟା ସମୟରେ ଦୀପଦାନପୂର୍ବକ ପୂଜା କରିବା ବିଧେୟ। ନରକ ଭୟ ନିବୃତ୍ତି ନିମିତ୍ତ ଦେବତାମାନଙ୍କୁ ପୂଜାକରି ଦୀପଦାନ କରିବା ଦ୍ୱାରା ମହାପୁଣ୍ୟ ଲାଭ ହୋଇଥାଏ। ଏଥିରେ ଦୀପବୃକ୍ଷ, ଦୀପଚକ୍ର ଓ ଦୀପଦାନ କରାଯାଇଥାଏ। ପଣ୍ଡିତ ସର୍ବସ୍ୱ ପ୍ରମାଣାନୁସାରେ –ଚତୁର୍ଦ୍ଦଶୀ ଦ୍ୱୈଧ, ଅମାବାସ୍ୟା ଦ୍ୱୈଧ ଓ ପ୍ରତିପଦା ଦ୍ୱୈଧ ହେଲେ ତିନିଦିନ ଦୀପଦାନ କରିବ। –ଚତୁର୍ଦ୍ଦଶୀମାରଭ୍ୟ ପ୍ରତିପତ୍‌ପୂର୍ବାର୍ଦ୍ଧ ପର୍ଯ୍ୟନ୍ତଂ ଗ୍ରହୀତବ୍ୟଂ । ନ ତୁ ପରଦିନାନ୍ତଂ। ପ୍ରତିପଦା ଦ୍ୱୈଧ ହେଲେ ଚତୁର୍ଦ୍ଦଶୀଠାରୁ ପ୍ରତିପଦା ପୂର୍ବାର୍ଦ୍ଧ ପର୍ଯ୍ୟନ୍ତ ଗ୍ରହଣ କରିବାକୁ ହେବ। ଅତଏବ ହୁଏତ ଏହି ପ୍ରମାଣାନୁସାରେ କେତେକ ପଞ୍ଜିକା ଗ୍ରହଣ ମୋକ୍ଷାନ୍ତେ ୨୫ତାରିଖ ପ୍ରଦୋଷ ସମୟରେ ପୟାଶ୍ରାଦ୍ଧ ଓ ଦୀପଦାନ କରିବାକୁ ଉଲ୍ଲେଖ କରିଥାଇପାରନ୍ତି।



ଓଡ଼ିଶାର ଜନସାଧାରଣ ଓଡ଼ିଆ ପଞ୍ଜିକା ଉପରେ ନିର୍ଭରଶୀଳ ହେତୁ କେତେକ ପଞ୍ଜିକା ୨୪ ତାରିଖ ସୋମବାର ପୟାଶ୍ରାଦ୍ଧ କରିବାକୁ ଲେଖିଥିବା ସମୟରେ ଅନ୍ୟ ପଞ୍ଜିକା ୨୫ ତାରିଖକୁ ନିର୍ଦ୍ଦେଶ କରିଛନ୍ତି। ଫଳତଃ ଯେଉଁ ସ୍ଥାନରେ ଯେଉଁ ପଞ୍ଜିକାର ବହୁଳ ବ୍ୟବହାର ରହିଛି ସେହି ସ୍ଥାନରେ ସେ ପଞ୍ଜିକା ନିର୍ଦ୍ଦେଶିତ ଦିନ ପୟାଶ୍ରାଦ୍ଧ କରିବା ନିମିତ୍ତ ଆଲୋଚନା ଚାଲିଥିବା ଶ୍ରୁତିଗୋଚର ହେଉଛି। ଏହି ପରିପ୍ରେକ୍ଷୀରେ ଦ୍ୱନ୍ଦ୍ୱର ସମାଧାନପୂର୍ବକ ଶାସ୍ତ୍ରସମର୍ଥିତ ପ୍ରମାଣ ସହ ଏକ ନିର୍ଦ୍ଦିଷ୍ଟଦିନକୁ ଗ୍ରହଣ କରାଯାଇଥିଲେ ଭଲ ହୋଇଥା'ନ୍ତା। ଏହା ଓଡ଼ିଶାର ଜନସାଧାରଣଙ୍କ ମତ।

**ମୋ– ୯୭୭୭୮୦୧୮୫୫**

## ପାଠକ ଶ୍ରେଷ୍ଠ ବିଚାରକ

### କଡ଼ା ପଦକ୍ଷେପ ନିଆଯାଉ

ମହାଶୟ,

ଦୈନନ୍ଦିନ ଦ୍ୱାଚୋରି ବା ଅନିୟମିତ ଘଟଣାମାନ ଦେଖିବାକୁ ମିଳୁଛି। ପ୍ରଥମଟି ହେଲା ଜନୈକ ବିଡିଓଙ୍କ ବାପା କ୍ରମାଗତ ବାର୍ଦ୍ଧକ୍ୟ ଭତ୍ତା ଗ୍ରହଣ କରିଆସୁଛନ୍ତି। ଅନ୍ୟଟି ହେଲା ଜଣେ ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ଦୀର୍ଘଦିନ ହେବ ରାଶନ କାର୍ଡ ଲାଭ ପୂର୍ବକ ସାମଗ୍ରୀମାନ ହାତେଇ ଆସୁଛନ୍ତି। ଅବଶ୍ୟ ଘଟଣାଗୁଡ଼ିକ ଜଣାପଡ଼ିବାରୁ ସେମାନେ ପାଉଥିବା ସବୁ ସୁବିଧାକୁ ରଦ୍ଦ କରାଯାଇଛି। କଥାରେ ଅଛି, ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା କଥା ଭଳି ଆହୁରି ଅନେକ ଘଟଣା ଏହିଭଳି ଚାଲିଛି। ତେବେ ଉପରୋକ୍ତ ବ୍ୟକ୍ତିମାନେ ପାଇଥିବା ସମସ୍ତ ସୁବିଧା ସୁଧମୂଳ ଆକାରରେ ଆଦାୟ କରିବା ସହ ଆଇନ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା ହେବା ଉଚିତ। ଏହାଛଡ଼ା ସରକାର ଏକ ସ୍ୱତନ୍ତ୍ର ତନଖି ଦଳଙ୍କୁ ଦାୟିତ୍ୱ ପ୍ରଦାନ କରନ୍ତୁ। ସେମାନେ ରାଶନ କାର୍ଡ ଓ ଭତ୍ତା ଭଳି ବିଭିନ୍ନ ସୁବିଧା ପାଉଥିବା ଉପଭୋକ୍ତା ଅପରାଧୀମାନଙ୍କୁ ଚିହ୍ନଟ କରନ୍ତୁ। ଏହି ଦ୍ୱାଚୋରି କାମ ପାଇଁ ଅନ୍ୟଥାରେ ଅଜସ୍ର ସରକାରଙ୍କ ଅର୍ଥ ଅପ ବ୍ୟବହାର ହୋଇ ରାଜ୍ୟ ଭଣ୍ଡାର ଶୂନ୍ୟ ହେବାରେ ଲାଗିଛି। ଖାଲି ସେତିକିରେ କଥା ସରୁନାହିଁ। କୃତ୍ରିମ ଉପଭୋକ୍ତା ଓ ସେମାନଙ୍କୁ ସହଯୋଗ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଠାବ କରି ଦୃଷ୍ଟାନ୍ତମୂଳକ କଠୋରରୁ କଠୋର ଦଣ୍ଡ ଦେବା ଆବଶ୍ୟକ। ଏପରିକି ଭବିଷ୍ୟତରେ ଅନ୍ୟ କେହି ଜଣେ ଏ ଦିଗରେ ମନ ବଳାଇବାକୁ ସାହସ ଜୁଟାଇବେ ନାହିଁ। ଏପରି ଦ୍ୱାଚୋରି ଘଟଣାକୁ ରୋକିବା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା ଉଚିତ।

**– ମହେଶ୍ୱର ନାୟକ ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚରଣ ନ ଇଚ୍ଛେ ଚାଲିବା ଆଶେ
ମୁକତ ପଥେ
କରମ–କଠିନ ହେବାକୁ ହାତ
ନ ଚାହେଁ ସତେ ?
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# କଳିଙ୍ଗରେ ଫିଫା ବିଶ୍ୱକପ୍ ଓ ଭାରତ

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଗ୍ରୁପ୍ ପର୍ଯ୍ୟାୟ ନିକଟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଭାରତ ଏଠାରେ ବିଶ୍ୱକପ ପଦାର୍ପଣ କରି ନିଜର ସମସ୍ତ ମ୍ୟାଚ ଖେଳିଥିଲା। ଘରୋଇ ଦଳ ଯେ କେବଳ ସବୁତକ ମ୍ୟାଚ ହାରିଥିଲା ତା' ନୁହେଁ ଗୋଟିଏ ହେଲେ ଗୋଲ ମଧ୍ୟ ସ୍କୋର କରିପାରି ନ ଥିଲା। ଏଥିପ୍ରତି ଏବେ ଧ୍ୟାନ ଦିଆଯିବାର ସମୟ ଆସିଛି....**

-ପ୍ରସ୍ତୁତି: ତପନ ସ୍ୱାଇଁ



ଭାରତୀୟ ମହିଳା ଫୁଟବଲ ଦଳ



କୋଚ୍ ଥୋମାସ ଡେନର୍ବି

ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କ୍ଷେତ୍ରରେ ଓଡ଼ିଶା ଗୋଟିଏ ପାଦ ଆଗକୁ ବଢ଼ିଛି। ଯୋଡ଼ି ହୋଇଛି ଆଉ ଏକ ନୂଆ ଫର୍ଦ୍ଦ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ। ବିଶ୍ୱରେ ଫିଫାର ଯେ କୌଣସି ବର୍ଗର ବିଶ୍ୱକପ ହେଉ ନା କାହିଁକି ତା'ର ସ୍ୱତନ୍ତ୍ରତା ରହିଛି। ଏପରି ଏକ ମେଗା ପ୍ରତିଯୋଗିତା ଆୟୋଜନ ଲାଗି ଭାରତ ପ୍ରଥମଥର ଅଧିକାର ପାଇଥିବାବେଳେ ତାହାର ପ୍ରାରମ୍ଭିକ ମ୍ୟାଚ ଓଡ଼ିଶାରେ ଆୟୋଜନ ହେବା କିଛି ଛୋଟ କଥା ନୁହେଁ। ମାତ୍ର ତାହାକୁ ସଫଳତାର ସହ ଆୟୋଜନ କରି ଓଡ଼ିଶା ସରକାର ପ୍ରଶଂସା ସାଉଁଟିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଗ୍ରୁପ୍ 'ଏ'ର ୫ଟି ଏବଂ ଗ୍ରୁପ୍ 'ବି'ର ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହାଦ୍ୱାରା ବଡ଼ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ କଳିଙ୍ଗ ଷ୍ଟାଡିୟମର ଇତିହାସ ସମୃଦ୍ଧ ହୋଇଥିଲା।

କଳିଙ୍ଗରେ ଭାରତ ଏହାର ସମସ୍ତ ମ୍ୟାଚ ଖେଳିଥିଲା। ପ୍ରଦର୍ଶନ ଦୃଷ୍ଟିରୁ ଦେଖିବାକୁ ଗଲେ ଏଜ୍ ଗ୍ରୁପ୍‌ର ଏହି ବିଶ୍ୱକପ ପାଇଁ ଭାରତ ପୂର୍ବରୁ କେବେହେଲେ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଆୟୋଜକ ଦେଶର ଦଳଭାବେ ପ୍ରଥମଥର ପାଇଁ ବିଶ୍ୱକପରେ ପଦାର୍ପଣ କରିଥିଲା। ତେବେ ଏପରି ଏକ ବଡ଼ ପ୍ରତିଯୋଗିତା ପାଇଁ ଭାରତର ପ୍ରସ୍ତୁତି ଓ ପ୍ରଦର୍ଶନକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ନିଜର ପ୍ରଥମ ବିଶ୍ୱକପ୍‌ରେ ଭାରତ ଚମତ୍କାରିତା ଦେଖାଇପାରିବ ବୋଲି କେହି ଆଶା କରୁ ନ ଥିଲେ। ମାତ୍ର ଟୁର୍ନାମେଣ୍ଟ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ଥୋମାସ ଡେନର୍ବିଙ୍କ ପ୍ରତିକ୍ରିୟା ଅନେକଙ୍କ ମନରେ ଆଶା ସଞ୍ଚାର କରିଥିଲା। ଡେନର୍ବି କହିଥିଲେ, ''ଭାରତର ରକ୍ଷଣଭାଗ ଅତ୍ୟନ୍ତ ଦୃଢ଼। ପ୍ରତିପକ୍ଷ ଦଳ ଯେତେ ଶକ୍ତିଶାଳୀ ହେଉ ନା କାହିଁକି ଗୋଲ କରିବା ସହଜ ହେବନାହିଁ। ପ୍ରତିଯୋଗିତା ପାଇଁ ଭାରତୀୟ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦଳର କ୍ୱାର୍ଟର ଫାଇନାଲ ପ୍ରବେଶ ଆଶା ମଧ୍ୟ ରହିଛି''। ଫଳରେ ସମସ୍ତେ ଉତ୍ସୁକତାର ସହ ଟୁର୍ନାମେଣ୍ଟକୁ ଅପେକ୍ଷା କରି ରହିଥିଲେ। ମାତ୍ର କାର୍ଯ୍ୟରେ ଯାହା ହେଲା କଳିଙ୍ଗ ଷ୍ଟାଡିୟମ ତା'ର ସାକ୍ଷୀ ରହିଲା।

ଫୁଟ୍‌ବଲରେ କୌଣସି ଦଳର ସଫଳତାର ଶ୍ରେୟ ଏବଂ ଖରାପ ପ୍ରଦର୍ଶନର କଳଙ୍କ କୋଚ୍‌ଙ୍କ ଆଡ଼କୁ ଯାଇଥାଏ। ତେଣୁ ଭାରତୀୟ ଦଳ ଚୟନ, ଖେଳାଳିଙ୍କ ଫିଟ୍‌ନେସ୍, ସ୍ପିଡ୍, ପଡ଼ିଆ ମଝିରେ ଖେଳାଳିଙ୍କ ମଧ୍ୟରେ ବୁଝାମଣା ଓ ନିଷ୍ପତ୍ତିକୁ ନେଇ ଅଙ୍ଗୁଳି ସ୍ୱତଃ ମୁଖ୍ୟ କୋଚ୍ ଡେନର୍ବିଙ୍କ ଆଡ଼କୁ ଉଠିଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଏଏଫ୍‌ସି (ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ) ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରୁ ପ୍ରଦର୍ଶନ ଭିତ୍ତିରେ ସାଧାରଣତଃ ଏସୀୟ ଦଳଗୁଡ଼ିକ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଭାରତୀୟ ଦଳ କେବେହେଲେ ପୂର୍ବରୁ ଯୋଗ୍ୟତା ମାନଦଣ୍ଡ ସ୍ପର୍ଶ କରିପାରିନାହିଁ।

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ଏଏଫ୍‌ସି (ଏସିଆ), କନ୍‌କାକାଫ (ସେଣ୍ଟ୍ରାଲ, ନର୍ଥ ଆମେରିକା ଓ କାରିବିୟନ), କାଫ୍ (ଆଫ୍ରିକା), କନ୍‌ମେବଲ (ଦକ୍ଷିଣ ଆମେରିକା), ଓଏଫ୍‌ସି (ଓସେନିଆ) ଓ ୟୁଫା (ୟୁରୋପ)ର ଶ୍ରେଷ୍ଠ ଦଳଗୁଡ଼ିକ ଅଂଶଗ୍ରହଣ କରିଥାନ୍ତି। ତେଣୁ ଯୋଗ୍ୟତା ଅର୍ଜନ କରିଥିବା ବିଶ୍ୱର ଅନ୍ୟ ୧୫ଟି ଦଳ ତୁଳନାରେ ଆୟୋଜକଭାବେ ଖେଳିଥିବା ଭାରତୀୟ ଦଳର ପ୍ରଦର୍ଶନ ନିମ୍ନ ମାନର ରହିଥିଲା। ଭାରତ କାହିଁକି ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିପାରୁନାହିଁ ତାହା ମଧ୍ୟ ପଦାରେ ପଡ଼ିଥିଲା।

କେବଳ ଭାରତ ନୁହେଁ, ଆଫ୍ରିକୀୟ ଦେଶ ମରକ୍କୋ ଓ ତାଞ୍ଜାନିଆ ମଧ୍ୟ ଏଥର ବିଶ୍ୱକପରେ ପ୍ରଥମ ପଦାର୍ପଣ କରିଥିଲେ। ମରକ୍କୋ ଏହାର ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ବ୍ରାଜିଲକୁ କଡ଼ା ଟକ୍କର ଦେଇ ମାତ୍ର ଗୋଟିଏ ଗୋଲରେ ହାରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଭାରତକୁ ୩-୦ ଗୋଲରେ ହରାଇବା ସହ ୩ ପଏଣ୍ଟ ଅର୍ଜନ କରିଥିଲା। ତାଞ୍ଜାନିଆ ଗୋଟିଏ ପାଦ ଆଗରେ ରହିଥିଲା। ଏହି ଦଳ ନିଜର ପ୍ରଥମ ମ୍ୟାଚରେ ଜାପାନଠାରୁ ହାରିଥିଲେ ମଧ୍ୟ ଦ୍ୱିତୀୟ ମ୍ୟାଚରେ ଫ୍ରାନ୍ସକୁ ୨-୧ ଗୋଲରେ ହରାଇଥିବାବେଳେ ତୃତୀୟ ମ୍ୟାଚକୁ କାନାଡ଼ା ସହ ୧-୧ ଗୋଲରେ ଡ୍ର ରଖି ଡେବ୍ୟୁ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଯାଇଥିଲା। ମାତ୍ର ଭାରତର ପ୍ରଦର୍ଶନ ଏହାଠାରୁ ବହୁ ଦୂରରେ ରହିଥିଲା। ଘରୋଇ ଦଳ ମ୍ୟାଚ ଜିତିବା ତ ଦୂରର କଥା ଗୋଟିଏ ହେଲେ ଗୋଲ ମଧ୍ୟ ସ୍କୋର କରିପାରି ନ ଥିଲା।

ଗ୍ରୁପ୍ 'ଏ'ରେ ଭାରତୀୟ ଦଳ ବିଶ୍ୱର ନମ୍ବର ୱାନ୍ ଆମେରିକା, ୯ ନମ୍ବର ବ୍ରାଜିଲ ଏବଂ ୭୬ତମ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ମରକ୍କୋ ସହିତ ସ୍ଥାନ ପାଇଥିଲା। ଭାରତର ର୍‍ୟାଙ୍କିଙ୍ଗ୍ ଥିଲା ୬୧। ବିଶ୍ୱକପ୍ ପରି ଏକ ବଡ଼ ପ୍ରତିଯୋଗିତାରେ ବିନା ଅଭିଜ୍ଞତାରେ ପଡ଼ିଆକୁ ଓହ୍ଲାଇଥିବା ଭାରତ ପ୍ରତିପକ୍ଷ ଆମେରିକାଠାରୁ ୮ ଗୋଲରେ ହାରିବା ଯେତିକି ବିସ୍ମିତ କରି ନ ଥିଲା ଲୋ ର୍‍ୟାଙ୍କ୍‌ପ୍ରାପ୍ତ ମରକ୍କୋଠାରୁ ୩ ଗୋଲରେ ପରାଜୟ ସେତିକି ଦୁଃଖ ଦେଇଥିଲା। ଫଳରେ ଦଳର ଦକ୍ଷତା, ଟ୍ରେନିଂ ଓ ଖେଳାଳିଙ୍କ ମନୋବଳକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ମରକ୍କୋ ବିପକ୍ଷରେ ଭାରତ ପ୍ରଥମାର୍ଦ୍ଧରେ ଲଢ଼େଇ କରିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ବରଣ କରିବା ପରେ ଆଉ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା, ବରଂ ସନ୍ତୁଳନ ହରାଇ ଅଧିକ ଗୋଲ ବରଣ କରିଥିଲା। ଶକ୍ତିଶାଳୀ ବ୍ରାଜିଲ ବିପକ୍ଷରେ ୦-୫ ଗୋଲରେ ପରାଜୟ ସ୍ୱାଭାବିକ ଥିଲା।

ଭାରତର ପରାଜୟ ପାଇଁ ନିର୍ଦ୍ଦିଷ୍ଟ କୌଣସି ଏକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯିବା ଉଚିତ ନୁହେଁ। ମହିଳା ଦଳ ଏଜ୍ ଗ୍ରୁପ୍‌ରେ ଏକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ଯାଉଥିବାବେଳେ ଏଥିପାଇଁ ଆମେ କେତେ ପ୍ରସ୍ତୁତ ହୋଇଥିଲୁ ତାହାକୁ ନେଇ ମଧ୍ୟ ଆଲୋଚନାର ସମୟ ଆସିଛି। ସ୍ୱିଡେନ୍‌ର ଥୋମାସ ଡେନର୍ବି ୨୦୧୯ ନଭେମ୍ବର ୯ରେ ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନେଇଥିଲେ। ପରେ ତାଙ୍କୁ ୨୦ ବର୍ଷରୁ କମ୍ ଏବଂ ଭାରତୀୟ ସିନିୟର ମହିଳା ଦଳର ଦାୟିତ୍ୱ ଦିଆଯାଇଥିଲା। ଏକାଧିକ ଦାୟିତ୍ୱ ଯୋଗୁ ସମ୍ଭବତଃ ଜୁନିୟର ଦଳ ପ୍ରତି ଅଧିକ ସମୟ ଦେଇପାରି ନ ଥିଲେ। ଦୂରଦୃଷ୍ଟିହୀନ ଯୋଜନା ଫଳରେ ଭାରତୀୟ ଦଳ ମାତ୍ର ୫-୬ ମାସ ପୂର୍ବରୁ ବିଶ୍ୱକପ୍ ପ୍ରସ୍ତୁତି ଆରମ୍ଭ କରିଥିଲା, ଯାହାର ଫଳାଫଳ ପଡ଼ିଆ ମଧ୍ୟରେ ପ୍ରତିଫଳିତ ହେଲା।

ଅନ୍ୟ କେତେକ ଦିଗ ମଧ୍ୟ ଆଲୋଚନା ପରିସରଭୁକ୍ତ ହେବା ଉଚିତ। ଆୟୋଜନ ଅଧିକାର ପାଇବା ପାଇଁ ଭାରତ ସରକାର ଓ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)କୁ ଅନେକ କଷ୍ଟ କରିବାକୁ ପଡ଼ିଥିଲା। ମାତ୍ର ଅଧିକାର ପାଇବା ପରେ ଭାରତୀୟ ଦଳର ପ୍ରସ୍ତୁତି ଏବଂ ଭଲ ପ୍ରଦର୍ଶନ ପାଇଁ ଏଆଇଏଫ୍‌ଏଫ୍ ଯେପରି ପଦକ୍ଷେପ ନେବା କଥା ତାହା ହୋଇ ଥିଲା କି ? ଏ କ୍ଷେତ୍ରରେ ଆଫ୍ରିକୀୟ ଦେଶ ମରକ୍କୋ କଥା ବିଚାରକୁ ନିଆଯାଉ। ଏହି ଦେଶର ୫-୬ ଜଣ ଖେଳାଳି ଫ୍ରାନ୍ସର ପ୍ରତିଷ୍ଠିତ ଏକାଡେମୀରୁ ଖେଳିଆସୁଛନ୍ତି। ୨ ଜଣ ନେଦରଲାଣ୍ଡ ଏବଂ ଜଣେ ବେଲଜିୟମରେ ମଧ୍ୟ ଖେଳୁଛନ୍ତି। ଭଲ ଏକାଡେମୀ ଦଳ ପକ୍ଷରୁ ଖେଳିବା ସହ ବର୍ଷ ବର୍ଷ ଧରି ଅଭ୍ୟାସ କରିଆସୁଛନ୍ତି। ସେହି ତୁଳନାରେ ଦେଖିବାକୁ ଗଲେ ଆମେ ମାତ୍ର ୫ ମାସ ଟ୍ରେନିଂ କରିଥିଲୁ। ତେଣୁ ଏହି ଦଳର ସମକକ୍ଷ ପ୍ରଦର୍ଶନ କିପରି ବା ଦେଇପାରିଥାନ୍ତୁ।

ଟୁର୍ନାମେଣ୍ଟରେ ଗୋଲ ବରଣ ପରେ ଖେଳାଳିଙ୍କ ଆତ୍ମବିଶ୍ୱାସ କମିଥିବା ପରିଲକ୍ଷିତ ହୋଇଥିଲା। ଏପରି କି ଗୋଲ ହେବାପରେ ସେମାନେ ନର୍ଭସ ହୋଇଥିଲେ ବୋଲି କେତେକ ଖେଳାଳି ସ୍ୱୀକାର ମଧ୍ୟ କରିଥିଲେ। ଆମେରିକା ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିଥିବାରୁ ଆମ ପିଲାମାନେ ଭୟଭୀତ ହୋଇ ପଡ଼ିଥିଲେ ବୋଲି ଡେନର୍ବି ମାନିଥିଲେ। ତେଣୁ ଭାରତୀୟ ଖେଳାଳିମାନେ କଣ୍ଡିଶନିଂ କୋଚ୍ ଏବଂ ମନସ୍ତତ୍ତ୍ୱବିତ୍‌ଙ୍କ ବିନା ଟୁର୍ନାମେଣ୍ଟ ଖେଳିଥିବାରୁ ଏପରି ପରିସ୍ଥିତି ଉପୁଜିଥିବା କଥାକୁ ମଧ୍ୟ ଅସ୍ୱୀକାର କରିହେବନାହିଁ। ଏଥିରୁ ଆମକୁ ଅନେକ କିଛି ଶିଖିବାର ଅଛି। ଉପଯୁକ୍ତ ପ୍ରସ୍ତୁତି ବିନା ୧୬-୧୭ ଖେଳାଳିଙ୍କୁ କେବଳ ଜର୍ସି ପିନ୍ଧାଇ ପଡ଼ିଆକୁ ଛାଡ଼ିଦେଲେ ହେବନାହିଁ। ଆବଶ୍ୟକ ଟ୍ରେନିଂ, ଅଧିକ ମ୍ୟାଚ ସୁଯୋଗ, ବିଦେଶ ଟୁର୍, ବିଭିନ୍ନ ଏକାଡେମୀରେ ଖେଳିବାକୁ ସୁଯୋଗ ସୃଷ୍ଟି କରାଯିବା ପ୍ରତି ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। ନଚେତ ପ୍ରତିଯୋଗିତାରେ ଆମେ ସବୁବେଳେ ନିଜକୁ କେବଳ ନିମ୍ନରେ ହିଁ ପାଇବା।

## ଗ୍ରୁପ୍ 'ଏ' ପଏଣ୍ଟ ଟେବୁଲ

| ଦଳ | ଖେଳିଛି | ଜିତିଛି | ଡ୍ର | ହାରିଛି | ସ.ଗୋଲ | ବି.ଗୋଲ | ଗୋ.ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| ଆମେରିକା | ୩ | ୨ | ୧ | ୦ | ୧୩ | ୧ | +୧୨ | ୭ |
| ବ୍ରାଜିଲ | ୩ | ୨ | ୧ | ୦ | ୭ | ୧ | +୬ | ୭ |
| ମରକ୍କୋ | ୩ | ୧ | ୦ | ୨ | ୩ | ୫ | -୨ | ୩ |
| ଭାରତ | ୩ | ୦ | ୦ | ୩ | ୦ | ୧୬ | -୧୬ | ୦ |

(ବି.ଦ୍ର.: ଗ୍ରୁପ୍ 'ଏ'ର ୫ଟି ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଆମେରିକା-ମରକ୍କୋ ମ୍ୟାଚ ଗୋଆର ମାର୍ଗାଓଠାରେ ଖେଳା ଯାଇଥିଲା। ଗ୍ରୁପ୍ 'ବି'ର ଗୋଟିଏ (ଚିଲି-ନାଇଜେରିଆ) ମ୍ୟାଚ କଳିଙ୍ଗରେ ଆୟୋଜିତ ହୋଇଥିଲା)।




---

# 'ମାରାଥନ ମ୍ୟାନ୍' ବିବେକାନନ୍ଦ



ଅଶୋକ ମହାନ୍ତି

**ଜଣେ ଆଥଲେଟ୍ ଅଫୁରନ୍ତ ସହନଶକ୍ତିର ବିନିଯୋଗ ସହିତ ନିରନ୍ତର ଅଭ୍ୟାସ ଦ୍ୱାରା ହିଁ ମାରାଥନ ଦୌଡ଼ ଭଳି ଅତି କଷ୍ଟସାଧ୍ୟ ଇଭେଣ୍ଟରେ ସଫଳ ହୋଇଥାଏ। ଏହିପରି ଜଣେ କିମ୍ବଦନ୍ତୀ ମାରାଥନ ଧାବକ ହେଉଛନ୍ତି ଓଡ଼ିଶାର ଡା. ବିବେକାନନ୍ଦ ତ୍ରିପାଠୀ। ବିଶ୍ୱ ଏବଂ ଅଲିମ୍ପିକ ସ୍ତରରେ ନ ହେଲେ ମଧ୍ୟ ରାଜ୍ୟ ଓ ଜାତୀୟସ୍ତରରେ ଅନେକ ଉପଲବ୍ଧି ହାସଲ କରି ସେ ଓଡ଼ିଶାକୁ ଗର୍ବିତ କରିଛନ୍ତି....**

**ଅତୀତ ସ୍ମୃତିରୁ**

**ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍**



ଚେକ୍ ଗଣରାଜ୍ୟର କିମ୍ବଦନ୍ତୀ ମାରାଥନ ଧାବକ ଏମିଲ ଜାଟୋପେକ୍ (୧୯୫୨ ହେଲେସିଙ୍କି ଅଲିମ୍ପିକ୍ସର ୫,୦୦୦ମି., ୧୦,୦୦୦ ମି. ଏବଂ ମାରାଥନ ସ୍ୱର୍ଣ୍ଣପଦକ ବିଜେତା)ଙ୍କ ଭାଷାରେ ''ଆନନ୍ଦ ଉପଭୋଗ କରିବା ପାଇଁ ଗୋଟିଏ ମାଇଲ ଦୌଡ଼ ଓ ଅନ୍ୟ ଜୀବନର ଅନୁଭୂତି ଲାଗି ମାରାଥନ ଦୌଡ଼''। ପୁରାତନ ଅଲିମ୍ପିକ କ୍ରୀଡ଼ାର ମହାନ୍ ପରମ୍ପରା ସହ ଜଡ଼ିତ ମାରାଥନ ଦୌଡ଼ ପ୍ରଥମ ଆଧୁନିକ ଅଲିମ୍ପିକ୍ସ(୧୮୯୬)ରେ ସାମିଲ ହେବା ସହିତ ଆଜିପର୍ଯ୍ୟନ୍ତ ଏକ ଆକର୍ଷଣୀୟ ଇଭେଣ୍ଟ ଭାବେ ସ୍ୱୀକୃତି ଲାଭ କରିଛି। ଜଣେ ଆଥଲେଟ୍ ଅଫୁରନ୍ତ ସହନଶକ୍ତିର ଉପଯୋଗ ସହିତ ନିରନ୍ତର ଅଭ୍ୟାସ ଦ୍ୱାରା ହିଁ ମାରାଥନ ଦୌଡ଼(୪୨.୧୯୫ କିମି) ଭଳି ଅତି କଠିନ ଓ କଷ୍ଟସାଧ୍ୟ ଇଭେଣ୍ଟରେ ସଫଳ ହେବାରେ ସକ୍ଷମ ହୋଇଥାଏ।

ଏହିପରି ଜଣେ କିମ୍ବଦନ୍ତୀ ମାରାଥନ ଧାବକ ହେଉଛନ୍ତି ଆମ ରାଜ୍ୟର ଡା. ବିବେକାନନ୍ଦ ତ୍ରିପାଠୀ। ବିଶ୍ୱ ଏବଂ ଅଲିମ୍ପିକସ୍ତରରେ ନ ହେଲେ ମଧ୍ୟ ଆମ ରାଜ୍ୟ ଓ ଜାତୀୟସ୍ତରରେ ଅନେକ ଉପଲବ୍ଧି ପ୍ରାପ୍ତ କରିଥିବା ଡା. ତ୍ରିପାଠୀ ପେସାରେ ଜଣେ ପ୍ରାଣୀ ଚିକିତ୍ସକ। ମାତ୍ର ତାଙ୍କର ନିଶା ଥିଲା ମାରାଥନ ଦୌଡ଼। ବିବେକ କୁହନ୍ତି ''ରେଭେନ୍ସା କଲିଜିଏଟ୍ ବିଦ୍ୟାଳୟରେ ପଢୁଥିବା ସମୟରେ ସ୍କୁଲ ପାଇଁ ଫୁଟ୍‌ବଲ, ଭଲିବଲ ଏବଂ ଦୌଡ଼କୁଦରେ ବିଶେଷ ରୁଚି ଥିଲା ଏବଂ ବିଦ୍ୟାଳୟକୁ ଉପରୋକ୍ତ କ୍ରୀଡ଼ାଗୁଡ଼ିକରେ ପ୍ରତିନିଧିତ୍ୱ କରୁଥିଲି। ପରବର୍ତ୍ତୀ ସମୟରେ ଭଦ୍ରକ ଏବଂ ରେଭେନ୍ସା ମହାବିଦ୍ୟାଳୟରେ ମଧ୍ୟ ଏହି କ୍ରୀଡ଼ାଗୁଡ଼ିକରେ ପାରଦର୍ଶିତା ଲାଭ କରିଥିଲି। ୧୯୬୦ ରୋମ୍ ଅଲିମ୍ପିକ୍ସରେ ମାରାଥନ ଚାମ୍ପିୟନ ଇଥିଓପିଆର ଆବେ ବିକିଲାଙ୍କ ବିଷୟରେ ଜାଣିବା ପରେ ସେ ମୋର ରୋଲ୍ ମଡେଲ ହୋଇଯାଇଥିଲେ ଏବଂ ତାଙ୍କୁ ଅନୁସରଣ କରି ମୁଁ ମଧ୍ୟ ଜଣେ ସଫଳ ମାରାଥନ ଧାବକ ହେବାର ସଂକଳ୍ପ ନେଇଥିଲି''। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସ୍ତରରେ ଏକାଧିକ ଥର ଶ୍ରେଷ୍ଠ ଆଥ୍‌ଲେଟ ବିବେଚିତ ହୋଇଥିବା ବିବେକ ତାଙ୍କ ବିଶ୍ୱବିଦ୍ୟାଳୟକୁ ଫୁଟ୍‌ବଲରେ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ପରବର୍ତ୍ତୀ ସମୟରେ ସେ କେବଳ ଲମ୍ବ ଦୌଡ଼ (୫୦୦୦ ଓ ୧୦,୦୦୦ମି.) ଏବଂ ବିଶେଷ ଭାବେ ମାରାଥନ ଦୌଡ଼ରେ ମନୋନିବେଶ କରିଥିଲେ ଏବଂ ନିରନ୍ତର ଅଭ୍ୟାସ ଜାରି ରଖିଥିଲେ। କୃଷି ବିଶ୍ୱବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନରେ ଅଧ୍ୟୟନ ସମୟରେ ସେ ପ୍ରତିଦିନ ପ୍ରାୟ ୫୦ କିମି ଦୌଡ଼ ଅଭ୍ୟାସ କରୁଥିଲେ।

୨୩ ଅଗଷ୍ଟ ୧୯୪୬ରେ ଜନ୍ମିତ ଏହ ଯଶସ୍ୱୀ ମାରାଥନ ଧାବକଙ୍କ ଲମ୍ବା ଏବଂ ଘଟଣାବହୁଳ ସଫଳ ଯାତ୍ରା ଆରମ୍ଭ ହୋଇଥିଲା ୧୯୭୪ ମସିହାରେ। ୧୯୭୪ ରାଜ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ୧୫୦୦ମି. (ସ୍ୱର୍ଣ୍ଣ), ୫୦୦୦ମି. (ରୌପ୍ୟ) ଏବଂ ୧୦,୦୦୦ମି. (ସ୍ୱର୍ଣ୍ଣ)ରେ ସଫଳ ହେଲା ପରେ ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାର ମାରାଥନ ଦୌଡ଼ରେ ରୌପ୍ୟ ପଦକ ହାସଲ କରି ରାଜ୍ୟ କ୍ରୀଡ଼ା ପାଇଁ ଇତିହାସ ରଚିଥିଲେ। ଏହି କୃତିତ୍ୱ ହାସଲ କରିବାରେ ସେ ଥିଲେ ଦ୍ୱିତୀୟ ଓଡ଼ିଆ। ପୂର୍ବରୁ ୧୯୫୦ରେ ନନ୍ଦକୃଷ୍ଣ ଦାସ ପ୍ରଥମ ଓଡ଼ିଆ ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜାତୀୟ କ୍ରୀଡ଼ାରେ ସଫଳ ପ୍ରଦର୍ଶନ ଯୋଗୁ ବିବେକ ଇରାନର ତେହେରାନ୍‌ଠାରେ ହେବାକୁ ଥିବା ଏସୀୟ କ୍ରୀଡ଼ା ପାଇଁ ପଟିଆଲା ପ୍ରଶିକ୍ଷଣ ଶିବିରରେ ତିନିମାସ ଧରି ତାଲିମ ଗ୍ରହଣ କରିଥିଲେ। ତେବେ କୌଣସି କାରଣ ପାଇଁ ଭାରତୀୟ ଦଳରେ ସାମିଲ ହେବାରୁ ବଞ୍ଚିତ ହୋଇଥିଲେ। ୧୯୮୧ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଆଥଲେଟିକ୍ ମିଟ୍‌ରେ ସେ ରୌପ୍ୟ ପଦକ ପାଇଥିଲେ।

୧୯୮୫ରୁ ୨୦୧୯ ମଧ୍ୟରେ ବିବେକବାବୁ ଭେଟେରାନ ବିଭାଗରେ ଦେଶର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଫୁଲ୍/ହାଫ୍ ମାରାଥନରେ ଭାଗନେଇ ଅନେକ ସଫଳତା ହାସଲ କରିଥିଲେ। ଏହା ବ୍ୟତୀତ ଅନ୍ତର୍ଜାତୀୟସ୍ତରରେ ଭେଟେରାନ୍ ବିଭାଗରେ ମାଲେସିଆ ମାରାଥନ (୧୯୯୦), ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ବିଶ୍ୱ ଭେଟେରାନ ମାରାଥନ (୧୯୯୭) ଏବଂ ଗ୍ରେଟ୍ ବ୍ରିଟେନ୍‌ର ଗେଟସେଡ୍‌ଠାରେ ଭେଟେରାନ୍ ମାରାଥନ (୧୯୯୯)ରେ ଭାରତକୁ ପ୍ରତିନିଧିତ୍ୱ କରି କୃତିତ୍ୱ ହାସଲ କରିଥିଲେ। ବିବେକ ବିଜ୍ଞାନରେ ସ୍ନାତକ ହେବା ପରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ପ୍ରାଣୀରୋଗ (ଭେଟେରିନାରି) ବିଜ୍ଞାନରେ ଡିଗ୍ରୀ ହାସଲ କରି ରାଜ୍ୟ ସରକାରଙ୍କ ଅଧୀନରେ ବିଭିନ୍ନ ପଦବୀରେ ନିଷ୍ଠାର ସହିତ କାର୍ଯ୍ୟ କରି ୨୦୦୬ରେ ନନ୍ଦନକାନନ ଚିଡ଼ିଆଖାନାର ବରିଷ୍ଠ ଭେଟେରିନାରି ଅଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ। କ୍ଷୋଭର ସହ ପ୍ରକାଶ କରନ୍ତି ଡା. ବିବେକ, ''ମୋର କାର୍ଯ୍ୟକାଳ ମଧ୍ୟରେ ଉପରିସ୍ଥ ଅଧିକାରୀଙ୍କ ପ୍ରୋତ୍ସାହନ ବଦଳରେ ଅସହିଷ୍ଣୁତା ଏବଂ ବିଦ୍ୱେଷର ଶିକାର ହୋଇଥିଲି। ତେବେ ଏପରି ନକାରାତ୍ମକ ମନୋଭାବ ମୋର କ୍ରୀଡ଼ା ଜୀବନରେ ବାଧକ ସାଜିଥିଲେ ମଧ୍ୟ ସମସ୍ତ ବାଧାକୁ ଅତିକ୍ରମ କରି ଆଗକୁ ବଢ଼ିଥିଲି।'' ଦୀର୍ଘ ୬୦ ବର୍ଷ ଧରି କ୍ରୀଡ଼ା ପ୍ରତି ସମର୍ପିତ ଜୀବନ ଓ ସାଧନା ଦ୍ୱାରା ୭୬ ବର୍ଷରେ ପଦାର୍ପଣ କରିଥିବା ଡା. ତ୍ରିପାଠୀ ଏବେ ମଧ୍ୟ କ୍ରୀଡ଼ା ଅଭ୍ୟାସ ଜାରି ରଖିଛନ୍ତି। ଜୀବନବ୍ୟାପୀ କ୍ରୀଡ଼ା ପାଇଁ ଅବଦାନକୁ ସ୍ୱୀକୃତି ଜଣାଇ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୦୯ରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ଡା. ତ୍ରିପାଠୀଙ୍କୁ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ପକ୍ଷରୁ ୨୦୧୨ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍ ବ୍ୟତୀତ ୧୯୭୪ରୁ ୨୦୧୨ ମଧ୍ୟରେ ଏକାଧିକ କ୍ରୀଡ଼ା ଏବଂ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି।

## ପଦବୀ

ବିସିସିଆଇ ଛତିଶ ତମ ସଭାପତି
ଖେଳାଳି ରୋଜର ବିନ୍ନି
ଯୁଗ୍ମ ସମ୍ପାଦକ ଦେବଜିତ ସାଇକିଆ
ଆଶିଷ ବଜାଏ ଗିନି
ହ୍ୟାଣ୍ଡେଲ କରିବ ମନି
ସେକ୍ରେଟାରି ଜୟ ଶାହା ସହ ଶୁକ୍ଳା
ସହ ସମ୍ପାଦକ କୁନି।

ମହିଳା ଟି୨୦ ଏସିଆ କପ୍‌ରେ
ହରମନପ୍ରୀତ ଦଳ
ସପ୍ତମଥର ଚାମ୍ପିୟନ ହୋଇଅଛି
ସେଲ୍ଫ କନ୍‌ଫିଡେନ୍ସ ବଳ
ରେଣୁକା ବୋଲିଂ କାଳ
ଲଙ୍କା ଟପ୍ ଅର୍ଡର ଧ୍ୱସ୍ତ କରିଦେଲା
ଟିମ୍‌କୁ ବିଜୟ ମାଳ।

ମରକ୍କୋ, ବ୍ରାଜିଲ, ଆମେରିକାଠୁ
ହାରି
ଫିଫା ଅଭିଯାନ ଶେଷ
ଶୂନ ତିନି, ଶୂନ ପାଞ୍ଚ, ଶୂନ ଆଠ
ଗୋଲରେ
ଥୋମାସର ଦଳ ନାଶ
ହାରି ବି ମହକେ ବାସ
ପଦବୀରେ ଥାଇ ପଦବୀ ମର୍ଯ୍ୟାଦା
ନ ରଖିବା ଲୋକ ବିଷ।

-ସୁବାସ ଚନ୍ଦ୍ର ପ୍ରଧାନ



ରାଜନୈତିକ ରଣନୀତିକାର ତଥା ଜନ ସୁରାଜ ଅଭିଯାନ ପାର୍ଟି ମୁଖ୍ୟ ପ୍ରଶାନ୍ତ କିଶୋର ଗୁରୁବାର ବିହାର ପଶ୍ଚିମ ଚମ୍ପାରନ ଜିଲାରେ ଜନ ସୁରାଜ ପଦଯାତ୍ରାରେ ଉଦ୍‌ବୋଧନ ଦେଉଛନ୍ତି।

## ଜମୁଛି ପ୍ରଚାର

# ବିଜେଡି ପାଇଁ କଣ୍ଟା ହୋଇପାରନ୍ତି ରାଜୁ

**ଧାମନଗର, ୨୦।୧୦ (ଡି.ଏନ୍.ଏ)**

ଉପନିର୍ବାଚନ ପାଇଁ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସହ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କ ପ୍ରଚାରରେ ଧାମନଗର କମ୍ପୁଛି। ବିଭିନ୍ନ ଅଞ୍ଚଳରୁ ଆସି ଏଠାରେ ଡେରା ପକାଇଥିବା ଭିନ୍ନ ଭିନ୍ନ ଦଳର ନେତୃବୃନ୍ଦ ପଥପ୍ରାନ୍ତ ସଭା, ପଦଯାତ୍ରା ମାଧ୍ୟମରେ ଭୋଟରଙ୍କ ସହ ସମ୍ପର୍କ ଯୋଡ଼ିବାକୁ ଉଦ୍ୟମ କରୁଛନ୍ତି। ଦିନ ଗଡ଼ିବା ସହ ପ୍ରଚାର ତାତି ମଧ୍ୟ ବଢୁଛି। ବିଶେଷକରି ସ୍ୱାଧୀନ ଭାବେ ଲଢ଼େଇ କରିବାକୁ ରାଜେନ୍ଦ୍ର ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବା ରାଜନୈତିକ ବାତାବରଣକୁ ସରଗରମ କରିଛି। ରାଜ୍ୟର ଅନ୍ୟ ବିଧାନସଭା ଆସନ ଉପନିର୍ବାଚନରେ ଫଳାଫଳ ପରି ଧାମନଗରରେ ବିଜେଡି ବାଜିମାତ୍ କରିବା ନେଇ ଯେଉଁଳି ଆଶାବାଦୀ ଥିଲା, ରାଜୁଙ୍କ ପ୍ରାର୍ଥିତ୍ୱ ଓ ତାଙ୍କ ସମର୍ଥକଙ୍କ ବିଦ୍ରୋହ ବିଜେଡି ପାଇଁ କଣ୍ଟା ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

୨୦୧୯ ସାଧାରଣ ନିର୍ବାଚନରେ ଦିବଂଗତ ବିଧାୟକ ବିଷ୍ଣୁ ସେଠୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଜେନ୍ଦ୍ରଙ୍କୁ ମାତ୍ର ୪୭୦୦ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଥିଲେ। ପରବର୍ତ୍ତୀ ସମୟରେ ଗତ ପଞ୍ଚାୟତ ନିର୍ବାଚନ ଫଳାଫଳକୁ ନେଇ ଜିଲା ପରିଷଦ ପ୍ରାର୍ଥୀମାନଙ୍କ ବିଜୟ ଧାରାରେ ବିଜେଡି ଭାଜପାଠାରୁ ଆଗରେ ଥିଲା। ଏପରିକି ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ନଗରପାଳ ନିର୍ବାଚନରେ ବିଜେଡି ଜିତିଥିଲା। ମାତ୍ର ଏହି ଉପନିର୍ବାଚନ ପାଇଁ ଦଳୀୟ ଟିକେଟ ବଣ୍ଟନକୁ ନେଇ କର୍ମୀ ମହଲରେ ପ୍ରବଳ ଅସନ୍ତୋଷ ଓ ରାଜୁଙ୍କ ପ୍ରାର୍ଥିତ୍ୱ ବିଜେଡି ଭୋଟ ବ୍ୟାଙ୍କକୁ ଦୋହଲାଇ ଦେଇପାରେ ବୋଲି ଜଣେ ବିଜେଡି ନେତା ପରୋକ୍ଷରେ ସୂଚନା ଦେଇଛନ୍ତି। ଏପରିକି ବିଜେଡିର ମୁଖ୍ୟସ୍ରୋତରେ ଥିବା ବହୁ ଛାମୁଆ କର୍ମୀ ରାଜୁଙ୍କ ସପକ୍ଷରେ ଅଣ୍ଟା ଭିଡ଼ିଛନ୍ତି। ସେମାନଙ୍କୁ ମନାଇବା ପାଇଁ ବିଜେଡିର ଉଦ୍ୟମ ପ୍ରଭାବହୀନ ହେବ ବୋଲି ରାଜୁଙ୍କ ସମର୍ଥକ ଦାବି କରୁଛନ୍ତି। ଦଳ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରି ଅତୀତରେ ବିଜେଡିକୁ ଭୋଟ ଦେଇଥିବା କେତେକ ଭୋଟର ଏବେ ରାଜୁମୁହାଁ ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଉପରକୁ ଏକ ଜଣାପଡୁଥିଲେ ହେଁ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକଙ୍କ ମଧ୍ୟରେ ସମାନ୍ତରାଳ ସଙ୍ଗଠନ ରହିଛି। ଯଦିଓ ବିଜେଡି ମିଶନଶକ୍ତିକୁ



ରାଜେନ୍ଦ୍ର ଦାସ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

ଆଧାର କରି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଛି, ତେବେ ବୁଦ୍ଧିଜୀବୀ ମହଲ ଓ ଦଳର କିଛି ପ୍ରମୁଖ ବ୍ୟକ୍ତି ଅବନ୍ତୀଙ୍କ ପ୍ରାର୍ଥିତ୍ୱକୁ ହଜମ କରିପାରୁ ନାହାନ୍ତି।

ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚାର ମଙ୍ଗ ଧରିଛନ୍ତି ଦଳର ରାଜ୍ୟସ୍ତରୀୟ ନେତୃବୃନ୍ଦ। ଧାମନଗର ପୂର୍ବତନ ବିଧାୟକ ତଥା ଭାଜପାର ବରିଷ୍ଠ ନେତା ମନମୋହନ ସାମଲ ସୂର୍ଯ୍ୟବଂଶୀଙ୍କ ସପକ୍ଷରେ ଭୋଟରଙ୍କୁ ମନାଇବାରେ ଲାଗିଛନ୍ତି। ବିଜେଡି ଅନ୍ତଃ କନ୍ଦଳରୁ ଭାଜପା ଫାଇଦା ନେବାର ଆଶା ରଖିଛି। ବିଷ୍ଣୁଙ୍କ ପରଲୋକର ଗୋଟିଏ ମାସ ପୂର୍ତ୍ତି ଅବସରରେ ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଶ୍ରଦ୍ଧାଞ୍ଜଳି ସଭା କରି ଭୋଟରଙ୍କୁ ସୂର୍ଯ୍ୟବଂଶୀଙ୍କ ପ୍ରତି ଅନୁକମ୍ପା ଭୋଟ ହାତେଇବାକୁ ଉଦ୍ୟମ କରାଯାଉଛି। ସେହିପରି ସୂର୍ଯ୍ୟବଂଶୀ ପ୍ରତ୍ୟକ୍ଷ ଭାବେ ଭୋଟରଙ୍କୁ ଭେଟି ଆଶୀର୍ବାଦ ଲୋଡୁଛନ୍ତି। ଏହାବ୍ୟତୀତ କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀ ବିଭିନ୍ନ ଗାଁକୁ ଯାଇ ଲୋକଙ୍କୁ ଭେଟୁଛନ୍ତି। ତାଙ୍କ ସପକ୍ଷରେ କଂଗ୍ରେସ ପାରମ୍ପରିକ ଭୋଟ ବ୍ୟତୀତ ସଂଖ୍ୟାଲଘୁ ସମ୍ପ୍ରଦାୟରୁ ଭଲ ଭୋଟ ମିଳିବା ନେଇ ଚର୍ଚ୍ଚା ହେଉଛି। ଏହି ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ପ୍ରଚାର ଦିନକୁ ଦିନ ରୋଚକ ହେବାରେ ଲାଗିଛି।

# ସମୀକରଣକୁ ନେଇ ଚର୍ଚ୍ଚା

**ଭଦ୍ରକ ଅଫିସ, ୨୦।୧୦**

ଉପନିର୍ବାଚନ ପାଇଁ ଦଳୀୟ ନିଷ୍ପତ୍ତି ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ରାଜେନ୍ଦ୍ର ଦାସ (ରାଜୁ)ଙ୍କୁ ବିଜେଡିରୁ ବହିଷ୍କାର ପରେ ଧାମନଗର ରାଜନୀତିରେ ଉଷ୍ମତା ବଢ଼ିଯାଇଛି। ଦଳୀୟ ନିର୍ଦ୍ଦେଶନାମା ଘୋଷଣା ପରେ ରାଜେନ୍ଦ୍ର ଏଥିରେ ବିଚଳିତ ନ ହୋଇ ନିଜ ପ୍ରଚାରକୁ ଆହୁରି ତ୍ୱରାନ୍ୱିତ କରିଛନ୍ତି। ଦଳ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ସେଥିପ୍ରତି ଗୁରୁତ୍ୱ ନ ଦେଇ ନିର୍ବାଚନ କିପରି ଜିତିବେ ତାହା ତାଙ୍କ ପାଇଁ ବେଶୀ ଗୁରୁତ୍ୱ ବହନ କରୁଛି ବୋଲି ସେ କହିଛନ୍ତି। ଅପରପକ୍ଷେ ଦଳର କାର୍ଯ୍ୟାନୁଷ୍ଠାନ ପରେ ତାଙ୍କୁ ଖୋଲାଖୋଲି ସମର୍ଥନ କରୁଥିବା ବିଜେଡି ସମର୍ଥକମାନେ ଏବେ ପୂର୍ବ ଭଳି ରାଜୁଙ୍କ ସହ ସମର୍ଥନ ଜାହିର କରିବେ ନା ଦଳୀୟ ନିଷ୍ପତ୍ତି ପରେ ତାଙ୍କ ହାତ ଛାଡ଼ିଦେବେ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଦଳପ୍ରେମୀ ଭୋଟର ଓ ସମର୍ଥକ ଆଗାମୀ ଦିନରେ ରାଜୁଙ୍କୁ କେତେଦୂର ସମର୍ଥନ କରିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତି ଅନୁକମ୍ପା ଭୋଟ ଓ ଅନ୍ୟପଟେ ବିଦ୍ରୋହୀ ରାଜେନ୍ଦ୍ରଙ୍କ ପ୍ରତି ଥିବା ସମର୍ଥନ ବିଜେଡିର ମୁଣ୍ଡବିନ୍ଧା ବଢ଼ାଇ ଦେଇଛି। ଏସବୁକୁ ପ୍ରତିହତ କରିବା ପାଇଁ ତୃଣମୂଳ ସଙ୍ଗଠନକୁ ଅଧିକ ସଶକ୍ତ କରିବାକୁ ଗୁରୁତ୍ୱ ଦେଉଛନ୍ତି ଦଳୀୟ ନେତୃବୃନ୍ଦ।

ଭାଜପା ପକ୍ଷରୁ ସୂର୍ଯ୍ୟବଂଶୀଙ୍କ ସହ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ବରିଷ୍ଠ ନେତା ମନମୋହନ ସାମଲ, ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁଙ୍କ ସମେତ ନେତାମାନେ ଘର ଘର ବୁଲି ପ୍ରଚାର କରୁଛନ୍ତି। ସେହିପରି ରୋଡ୍ ଶୋ, କର୍ମୀ ସମ୍ମିଳନୀ କରି ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ ଲାଗିଛି ବିଜେଡି। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ବିଜେଡି ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ଅମର ଶତପଥୀ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ବହୁ ହେଭିୱେଟ୍ ନେତା ପ୍ରାର୍ଥିନୀ ଅବନ୍ତୀଙ୍କ ପାଇଁ ରୋଡ୍‌ଶୋ ଓ କର୍ମୀ ସମ୍ମିଳନୀରେ ସାମିଲ ହେଉଛନ୍ତି। ଅନ୍ୟପକ୍ଷେ ପଛରେ ପଡ଼ିଯାଇଛି କଂଗ୍ରେସ। ପ୍ରାର୍ଥୀ ହରେକୃଷ୍ଣ ସେଠୀ ତାଙ୍କ ସମର୍ଥକଙ୍କ ସହ ଘର ଘର ବୁଲି ଭୋଟ ମାଗୁଥିବା ବେଳେ ଦଳର କୌଣସି ନେତା ତାଙ୍କ ସହ ଏପର୍ଯ୍ୟନ୍ତ ପ୍ରଚାର ମଇଦାନକୁ ଆସି ନ ଥିବା ଦେଖାଯାଇଛି। ସୂର୍ଯ୍ୟବଂଶୀଙ୍କ ପ୍ରତି ଥିବା ଅନୁକମ୍ପା ଓ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ରଙ୍କ ବିଦ୍ରୋହକୁ ବିଜେଡିର ରଣନୀତି କେତେଦୂର ମାତ୍ ଦେଇପାରିବ ନିର୍ବାଚନ ଫଳାଫଳ ପରେ ଜଣାପଡ଼ିବ ବୋଲି ଆଲୋଚନା ହେଉଛି।



ବିଜେଡିର ରୋଡ୍‌ଶୋ।

# ଥରୁରଙ୍କ ଦୋମୁହାଁ ନୀତିକୁ କଂଗ୍ରେସର ନିନ୍ଦା

**ନୂଆଦିଲ୍ଲୀ, ୨୦।୧୦**

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ପରାଜିତ ହୋଇଥିବା ଶଶୀ ଥରୁରଙ୍କୁ କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରି ଗୁରୁବାର ସମାଲୋଚନା କରିଛନ୍ତି। ଥରୁର ଦୋମୁହାଁ ନୀତି ଅବଲମ୍ବନ କରୁଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ଟିମ୍ ଦଳର ନିର୍ବାଚନ କର୍ତ୍ତୃପକ୍ଷଙ୍କୁ ଗୋଟିଏ କଥା ଓ ଗଣମାଧ୍ୟମକୁ ଆଉ ଗୋଟିଏ କଥା କହୁଥିବା ମିସ୍ତ୍ରି ଅଭିଯୋଗ କରିଛନ୍ତି। ଏଆଇସିସି ଅଧ୍ୟକ୍ଷ ନିର୍ବାଚନରେ ଅନିୟମିତତା ଅଭିଯୋଗକୁ ମିସ୍ତ୍ରୀ ଖଣ୍ଡନ କରିଛନ୍ତି। ଉତ୍ତରପ୍ରଦେଶରେ ନିର୍ବାଚନ ପରିଚାଳନାରେ ବ୍ୟାପକ ଅନିୟମିତତା ହୋଇଥିବା ଥରୁରଙ୍କ ଟିମ୍ ଅଭିଯୋଗ ଆଣିଥିଲେ। ପ୍ରତ୍ୟେକ ଅଭିଯୋଗ ଉପରେ ନିର୍ବାଚନ କର୍ତ୍ତୃପକ୍ଷ ସମସ୍ତ ପ୍ରାର୍ଥୀଙ୍କୁ ସନ୍ତୁଷ୍ଟ କରିଥିବାବେଳେ ଥରୁରଙ୍କ ଟିମ୍ ଆମ ଦୃଷ୍ଟି ଆକର୍ଷଣ କରିବା ପରିବର୍ତ୍ତେ ଗଣମାଧ୍ୟମରେ ଅଭିଯୋଗ କରିଥିବା ମିସ୍ତ୍ରି କହିଛନ୍ତି। ସେ ଥରୁରଙ୍କ ମୁଖ୍ୟ ନିର୍ବାଚନ ଏଜେଣ୍ଟ ସଲମାନ ସୋଜ୍‌ଙ୍କୁ ପତ୍ର ଲେଖି ଅସନ୍ତୋଷ ଜଣାଇଛନ୍ତି।



ମଧୁସୂଦନ ମିସ୍ତ୍ରି

## ଶିବସେନା (ୟୁବିଟି)କୁ ଫେରିଲେ ପୂର୍ବତନ ମନ୍ତ୍ରୀ

**ମୁମ୍ବାଇ, ୨୦।୧୦ (ଆଇଏଏନ୍‌ଏସ୍)**

ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦେଶମୁଖ ଓ ଠାଣେର ଅନ୍ୟତମ ନେତା ସଞ୍ଜୟ ଘାଦିଗୋଙ୍କର ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ)କୁ ଫେରିଛନ୍ତି। ବିଦର୍ଭ ଅଞ୍ଚଳରେ ଉଦ୍ଧବ ଗୋଷ୍ଠୀର ଶକ୍ତି ବଢାଇବ ବୋଲି ଦଳର ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଉପସ୍ଥିତିରେ ସେମାନେ ଦଳରେ ସାମିଲ ହୋଇଛନ୍ତି। କିଛି ସପ୍ତାହ ପୂର୍ବରୁ ସଞ୍ଜୟ ଦେଶମୁଖ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ କ୍ୟାମ୍ପ (ବାଲାସାହେବାଞ୍ଚି ଶିବସେନା)ରେ ଯୋଗଦେଇଥିଲେ। ଗତ ଜୁନ୍‌ରେ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ କେତେଜଣ ଦଳୀୟ ବିଧାୟକଙ୍କ ବିଦ୍ରୋହ ଯୋଗୁ ମହାବିକାଶ ଅଘାଡ଼ି ସରକାର ଭାଙ୍ଗିଯାଇଥିଲା।

# ତୁମ ଦ୍ୱାରା ହେବ ନାହିଁ, ଆମେ କରିଦେଖାଇବୁ: କେଜ୍‌ରିୱାଲ

**ନୂଆଦିଲ୍ଲୀ, ୨୦।୧୦:** ଦିଲ୍ଲୀରେ ମହାନଗର ନିଗମ(ଏମ୍‌ସିଡ଼ି) ନିର୍ବାଚନକୁ ନେଇ ରାଜନୀତି ସରଗରମ ହୋଇଛି। ବିଶେଷ ଭାବେ ଶାସକ ଆମ ଆଦମୀ ପାର୍ଟି(ଏଏପି) ଏବଂ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଦିଲ୍ଲୀ ତେହେଖଣ୍ଡରେ ବର୍ଜ୍ୟବସ୍ତୁ-ଶକ୍ତି କାରଖାନାର ଉଦ୍‌ଘାଟନ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଯଦି ଏମସିଡିରେ ଭାଜପା କ୍ଷମତା ପାଏ ତେବେ ସେ ଦିଲ୍ଲୀକୁ ଅଳିଆ ମୁକ୍ତ କରିବେ। ୨୦୨୫ ସୁଦ୍ଧା ୧୦୦% ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହେବ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଟାର୍ଗେଟ କରି କହିଛନ୍ତି, ୧୫ ବର୍ଷରେ ଯେଉଁ କାମ କରିପାରିଲ ନାହିଁ, ପୁଣି ଆଉ ୩ ବର୍ଷ ଦରକାର। ଲୋକ ତୁମ ଉପରେ କାହିଁକି ଭରସା କରିବେ। ଛାଡ଼ିଦିଅ, ତୁମଦ୍ୱାରା ହେବ ନାହିଁ, ଏବେ ଆମେ ଦିଲ୍ଲୀକୁ ଆବର୍ଜନା ମୁକ୍ତ କରି ଦେଖାଇବୁ।



## କଂଗ୍ରେସ ନେତାଙ୍କୁ ଦିଲ୍ଲୀ ଡାକରା

**ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)**

ଦିଲ୍ଲୀ ସ୍ଥିତ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ମୁଖ୍ୟ କାର୍ଯ୍ୟାଳୟ ଠାରେ ୨୬ ତାରିଖ ସକାଳ ୧୦.୩୦ରେ ନବନିର୍ବାଚିତ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଦଳୀୟ ନିର୍ବାଚନରେ ଜିତିଥିବାର ପ୍ରମାଣପତ୍ର ମୁଖ୍ୟ ନିର୍ବାଚନ କର୍ତ୍ତୃପକ୍ଷ ମଧୁସୂଦନ ମିସ୍ତ୍ରୀ ପ୍ରଦାନ କରିବେ। ଏ ନେଇ ସେଠାରେ ଏକ ସଭାର ଆୟୋଜନ କରାଯାଇଛି। ଏହି ସଭାକୁ ସିଡବ୍ଲୁସି ମେମ୍ବର, ପ୍ରଦେଶ କଂଗ୍ରେସ ସଭାପତି, ଏଆଇସିସି କର୍ମକର୍ତ୍ତା, ଅଖିଳ ଭାରତ ଜାତୀୟ କଂଗ୍ରେସର ସମସ୍ତ ଛାମୁଆ ସଙ୍ଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ଏମ୍‌ପି, ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, କଂଗ୍ରେସ ଶାସିତ ରାଜ୍ୟର ମନ୍ତ୍ରୀବୃନ୍ଦ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଓ ପୂର୍ବତନ ବିରୋଧି ଦଳ ନେତା, ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ସଭାପତି ବୃନ୍ଦଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିବା ନେଇ ଦଳ ତରଫରୁ ସୂଚନା ଦିଆଯାଇଛି।

## ଆଞ୍ଚଳିକ ଖବର

# ସ୍ଥାୟୀ ହେବାରୁ ବଞ୍ଚିତ ଭିଜିଲାନ୍ସର ୬୮ କର୍ମଚାରୀ



କଟକସ୍ଥିତ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭାଗୀୟ ଠିକା କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।

## ଭିଜିଲାନ୍ସ ନିର୍ଦ୍ଦେଶାଳୟ ସମ୍ମୁଖରେ ବିକ୍ଷୋଭ

**ଢେଙ୍କାନାଳ ଅଫିସ, ୨୦।୧୦**

ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରି ରାଜ୍ୟ ସରକାର ଐତିହାସିକ ନିଷ୍ପତ୍ତି ନେଇଥିବା କହୁଥିବାବେଳେ ଭିଜିଲାନ୍ସ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୧୮ ବର୍ଷ ଧରି ଠିକାରେ କାର୍ଯ୍ୟରତ ୬୮ କର୍ମଚାରୀ ସ୍ଥାୟୀ ହେବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ବିଭିନ୍ନ ଜିଲା ଶାଖାରେ କାର୍ଯ୍ୟରତ ସମ୍ପୃକ୍ତ କର୍ମଚାରୀମାନେ କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚାକିରି ସ୍ଥାୟୀ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ ପାଇଁ ସେମାନେ ଆଲୋଚନା ମଧ୍ୟ କରିଛନ୍ତି। ତେବେ ବର୍ଦ୍ଧିତ ଦରମାକୁ ବକେୟା ଭାବେ ନଭେମ୍ବର ୨୦୨୨ଠାରୁ ଗ୍ରହଣ କରାଯିବ ଏବଂ ସ୍ଥାୟୀ କରିବା ପାଇଁ ସରକାର ଯେତେବେଳେ ନିଷ୍ପତ୍ତି ନେବେ ତାହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଆଶ୍ୱାସନା ମିଳିଥିବା ସମ୍ପୃକ୍ତ କର୍ମଚାରୀମାନେ ସୂଚନା ଦେଇଛନ୍ତି। ଠିକା କର୍ମଚାରୀଙ୍କ ପ୍ରତିନିଧି ଭାବେ ବିଭୂତି ଭୂଷଣ ବେହେରା, ରାଜକିଶୋର ସାହୁ, ସନ୍ତୋଷ ମହାନ୍ତି, ସନ୍ତୋଷୀ ପଣ୍ଡା, ରୋଜାଲିନ ପଟ୍ଟନାୟକ ପ୍ରମୁଖ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ଭିଜିଲାନ୍ସ ବିଭାଗରେ କାର୍ଯ୍ୟରତ ନିର୍ମଳ ଦାସ, ସନ୍ତୋଷ ମହାନ୍ତି, ଧ୍ରୁବେନ୍ଦ୍ର ପାତ୍ର, ଶିବ ପ୍ରସାଦ ପ୍ରଧାନ, ଜି. ସୂର୍ଯ୍ୟପ୍ରକାଶ ପ୍ରମୁଖ ଗୁରୁବାର ମୁଖ୍ୟମନ୍ତ୍ରୀ, ଅତିରିକ୍ତ ସଚିବ, ଗୃହ ବିଭାଗ, ମୁଖ୍ୟ ସଚିବ, ଅର୍ଥ ବିଭାଗ ଏବଂ ଅତିରିକ୍ତ ସଚିବ (ସାଧାରଣ ପ୍ରଶାସନ) ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଏ ସଂକ୍ରାନ୍ତ ଦାବିପତ୍ର ପ୍ରଦାନ କରିଛନ୍ତି।

ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି, ରାଜ୍ୟ ସରକାର ଚୁକ୍ତିଭିତ୍ତିକ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଥିବା କହୁଛନ୍ତି। ଏହାକୁ ଯଦି ୨୦୧୩ଠାରୁ ଲାଗୁ କରାଗଲା, ତେବେ ୨୦୦୪ରୁ ୨୦୧୨ ପର୍ଯ୍ୟନ୍ତ ଯେଉଁମାନେ ବିଭିନ୍ନ ବିଭାଗରେ ଠିକାରେ କାର୍ଯ୍ୟ କରି ଆସୁଛନ୍ତି ସେମାନଙ୍କ ଭବିଷ୍ୟତ କ'ଣ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୦୪ରୁ ୨୦୧୩ ମଧ୍ୟରେ ଭିଜିଲାନ୍ସ ବିଭାଗ ଦ୍ୱାରା ୪୦ ଜୁନିୟର ଷ୍ଟେନୋ, ୧୩ ଆସିଷ୍ଟାଣ୍ଟ ଡ୍ରାଇଭର ଏବଂ ୧୫ ଆଟେଣ୍ଡାଣ୍ଟ ରାଜ୍ୟର ବିଭିନ୍ନ ଜିଲାରେ ପର୍ଯ୍ୟାୟକ୍ରମେ ଠିକାରେ ନିଯୁକ୍ତି ପାଇଥିଲେ। ୬ବର୍ଷ ପରେ ସେମାନଙ୍କ ନିଯୁକ୍ତି ସ୍ଥାୟୀ ହେବ ବୋଲି ସରକାରୀ ନିୟମ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଭୁଲ ଯୋଗୁ ଏଥିରୁ କର୍ମଚାରୀମାନେ ବଞ୍ଚିତ ହୋଇଛନ୍ତି। ୨୦୨୨ ଅକ୍ଟୋବର ୧୬ରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଘୋଷଣା ପରେ କର୍ମଚାରୀ ମହଲରେ ଖୁସିର ଲହରି ଖେଳିଯାଇଥିଲା। କିନ୍ତୁ ଭିଜିଲାନ୍ସ ବିଭାଗର ଠିକା କର୍ମଚାରୀ ଏଥିରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମାନେ ଜଣାଇଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ ସଂଘ

## ଦୁଇ ସପ୍ତାହ ମଧ୍ୟରେ ଠିକା ନିଯୁକ୍ତି ଉଚ୍ଛେଦ ଦାବି

**ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)**

ରାଜ୍ୟ ସରକାର ନିକଟରେ ସମସ୍ତ ବିଭାଗରେ ଠିକା ନିଯୁକ୍ତି ଉଚ୍ଛେଦ କରିଛନ୍ତି। ଏପରିକି ଠିକା କର୍ମଚାରୀଙ୍କ ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ୬ଟି ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିଛନ୍ତି। ହେଲେ ପ୍ରାଥମିକ ଶିକ୍ଷକଙ୍କ କ୍ଷେତ୍ରରେ ଠିକା ନିଯୁକ୍ତି ଉଚ୍ଛେଦ କରାଯାଇ ନାହିଁ, ଯାହାକୁ ନେଇ ପ୍ରାଥମିକ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଆସନ୍ତା ୨ ସପ୍ତାହ ମଧ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଦାବିକୁ ସରକାର କାର୍ଯ୍ୟକାରୀ ନ କଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଗୁରୁବାର ଲୋହିଆ ଏକାଡ଼େମୀଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି, ରାଜ୍ୟରେ ଆର୍ଥିକ ସଙ୍କଟ ଦେଖା ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସର୍ବପ୍ରଥମେ ୧୫ଶହ ଟଙ୍କାରେ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ନାମରେ ଉଚ୍ଚଶିକ୍ଷିତ ଯୁବକଯୁବତୀଙ୍କୁ ନିୟୋଜିତ କରିଥିଲେ। ପର୍ଯ୍ୟାୟକ୍ରମେ ଏଯାବତ୍ ସେମାନେ କନିଷ୍ଠ ଶିକ୍ଷକ ନାମରେ ଚୁକ୍ତିଭିତ୍ତିରେ ଶିକ୍ଷାଦାନ କରୁଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ୬ ବର୍ଷ ନିରବଚ୍ଛିନ୍ନ କାର୍ଯ୍ୟ କରିଥିବା ଶିକ୍ଷା ସହାୟକ ବା କନିଷ୍ଠ ଶିକ୍ଷକଙ୍କୁ ସରକାରୀ ପ୍ରାଥମିକ ଶିକ୍ଷକ କରାଯାଇଛି। ୨୦୧୩ରୁ ରାଜ୍ୟ ସରକାର ଅନ୍ୟ ବିଭାଗରେ ଚୁକ୍ତିଭିତ୍ତିକ କର୍ମଚାରୀ ନିୟୋଜିତ କରି ସେମାନଙ୍କୁ ଇନିସିଆଲ ଆପଏଣ୍ଟିଜ୍ ନାମରେ ନାମିତ କଲେ। ବର୍ତ୍ତମାନ ରାଜ୍ୟ ସରକାର ଆପଏଣ୍ଟିଜ୍‌ଙ୍କ ଠିକା ନିଯୁକ୍ତିକୁ ଓଡ଼ିଶାରୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ସହିତ ସେମାନଙ୍କ ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ୬ଟି ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିଛନ୍ତି। ହେଲେ ବାରମ୍ବାର ଦାବି ସତ୍ତ୍ୱେ ସରକାର ପ୍ରାଥମିକ ଶିକ୍ଷକଙ୍କ ଦାବିକୁ ଅଣଦେଖା କରି ଚାଲିଛନ୍ତି। ତୁରନ୍ତ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଠିକା ନିଯୁକ୍ତି ଉଚ୍ଛେଦ କରି ସେମାନଙ୍କ ୬ ବର୍ଷର କାର୍ଯ୍ୟକାଳକୁ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ତରଫରୁ ଅନୁରୋଧ କରାଯାଇଛି। ନଚେତ୍ ରାଜ୍ୟରେ କାର୍ଯ୍ୟରତ ୭୦ ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଓ ସମସ୍ତ ଶିକ୍ଷକ ସଂଗଠନ ବ୍ଲକଠାରୁ ରାଜଧାନୀ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବେ। ଶିକ୍ଷା କ୍ଷେତ୍ରରେ ଉପୁଜିବା ପରିସ୍ଥିତି ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଭାପତି କହିଛନ୍ତି। ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସାଉଦିରେ ଓଡ଼ିଶାର ନୃତ୍ୟ, ସଙ୍ଗୀତର ଝଲକ

## 'କଳିଙ୍ଗନ୍ କେଏସ୍‌ଏ'ର ୫ମ ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)**

ସାଉଦି ଆରବସ୍ଥିତ ଦମାମ ସହରରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସାଂସ୍କୃତିକ ସଙ୍ଗଠନ 'କଳିଙ୍ଗନ୍ କେଏସ୍‌ଏ'ର ୫ମ ବାର୍ଷିକ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ ପରିବାର ଯୋଗଦେଇ ଓଡ଼ିଶା ତଥା ଭାରତର ପାରମ୍ପରିକ ନୃତ୍ୟ, ସଙ୍ଗୀତର ନିଆରା ଅନୁଭବ ସାଉଣ୍ଟିଥିଲେ। ଜାତୀୟ ସଙ୍ଗୀତ ଗାନରୁ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ ପରେ ଲୋକନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଭାରତ ନାଟ୍ୟମ୍ ସହ ପାରମ୍ପରିକ ଓଡ଼ିଆ ସଂଗୀତରେ ମଞ୍ଚ ଉତ୍ସବ ମୁଖରିତ ହୋଇଉଠିଥିଲା। ଓଡ଼ିଶାର ପାରମ୍ପରିକ ଶାଢୀରେ ମହିଳାଙ୍କ ରାମ୍ପ ଶୋ' ଅନ୍ୟ ଏକ ଆକର୍ଷଣ ଥିଲା। ଶିଶୁ କଳାକାରଙ୍କ ନୃତ୍ୟ ଓ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଶେଷକରି ପ୍ରବାସୀ କଳାକାରଙ୍କ ଦ୍ୱାରା ଓଡ଼ିଶାର ଦାସକାଠିଆ ପାଲା ପରିବେଷଣ ଖୁବ୍ ମନଛୁଆଁ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିଳ୍ପପତି ତଥା ସମାଜସେବୀ ଡ. ଦେବ ମହାନ୍ତି ଯୋଗଦେଇଥିଲେ। ଅଭିନେତା ସବ୍ୟସାଚୀ ମିଶ୍ର, ଗାୟକ ବିଭୁ କିଶୋର ଓ ସୁସ୍ମିତା ଦାସଙ୍କ ଉପସ୍ଥିତି ଉତ୍ସବକୁ ଆହୁରି ରଙ୍ଗୀନ କରିଥିଲା। ଅନୁଷ୍ଠାନର କୋର୍ କମିଟି ସଂଯୋଜକ ଜ୍ୟୋତିର୍ମୟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରୀତମ ମହାନ୍ତି ସଂଯୋଜନା କରିଥିବାବେଳେ ମୁଖ୍ୟ ସଂଯୋଜକ ସନ୍ତୋଷ ଦାସ ଧନ୍ୟବାଦ ଦେଇଥିଲେ।



ସାଉଦି ଆରବସ୍ଥିତ ଦମାମ ସହରରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସାଂସ୍କୃତିକ ସଙ୍ଗଠନ 'କଳିଙ୍ଗନ୍ କେଏସ୍‌ଏ'ର ୫ମ ବାର୍ଷିକ ଉତ୍ସବରେ ପ୍ରବାସୀ ଓଡ଼ିଆ ପରିବାର ସହ ଅତିଥିମାନେ।

# ଠିକାଦାରଙ୍କଠାରୁ ଲାଞ୍ଚନେଇ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

**ଦେବଗଡ଼,୨୦।୧୦(ଡି.ଏନ୍.ଏ)**

ଦେବଗଡ଼ ପୌରାଞ୍ଚଳରେ ହୋଇଥିବା ଏକ ନିର୍ମାଣ କାର୍ଯ୍ୟର ବକେୟା ବିଲ୍ କରିବାକୁ ଜଣେ ଠିକାଦାରଙ୍କଠାରୁ ଗୁରୁବାର ୮ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ କନିଷ୍ଠ ଯନ୍ତ୍ରୀ ବିଜୟାନନ୍ଦ ସାହୁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ପୂର୍ବରୁ ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ଥିଲେ। ବର୍ତ୍ତମାନ ତିଲେଇବଣି ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ।

ଭିଜିଲାନ୍ସ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କନିଷ୍ଠ ଯନ୍ତ୍ରୀ ସାହୁ ଦେବଗଡ଼ ପୌର ପରିଷଦରେ କାର୍ଯ୍ୟରତ ଥିବାବେଳେ ଦେବଗଡ଼ ସହରର ଠିକାଦାର କଳିତ କୁମାର କର ସହରର ମୁଖ୍ୟସ୍ଥଳୀରେ ୪ଲକ୍ଷ ୩୯ ହଜାର ୬୯୩ ଟଙ୍କା ବ୍ୟୟ ଅଟକଳରେ ଡ୍ରେନ ସହ କଲଭର୍ଟ ନିର୍ମାଣ କରିଥିଲେ। ଯନ୍ତ୍ରୀ ସାହୁ ଏହି ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବାବେଳେ ନାନା ଆଳଦେଖାଇ ବିଲ୍ ପ୍ରଦାନରେ ବିଳମ୍ବ କରିଥିଲେ। ଏନେଇ ଠିକାଦାର କର ଏକାଧିକ ବାର ତାଙ୍କ ନିକଟକୁ ଯାଇଥିଲେ ମଧ୍ୟ ଆଜିକାଲି କହି ଦିନ ଗଡାଇ ଚାଲିଥିଲେ। ଏଥିପାଇଁ ମୋଟା ଅଙ୍କର ହାତଗୁଞ୍ଜା ଦାବି କରିଥିଲେ। ଫଳରେ କର ନିରାଶ ହୋଇପଡିବା ସହ ଦେବଗଡ଼ ଭିଜିଲାନ୍ସ ଡିଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଫଳରେ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ବିଭାଗ ଯୋଜନା ପ୍ରସ୍ତୁତ କରିଥିଲା। ପୂର୍ବ ଯୋଜନା ଅନୁଯାୟୀ ଠିକାଦାର କର ପୁରୁଣାଗଡସ୍ଥିତ ସାହୁଙ୍କ ଭଡ଼ା ଘରକୁ ଯାଇ ଦାବି ଅନୁଯାୟୀ ରାସାୟନିକ ପ୍ରଲେପ ବୋଳା ନଗଦ ୮ ହଜାର ଟଙ୍କା ପ୍ରଦାନ କରିବା ସହ ଫାଇଲରେ ତାଙ୍କର ଦସ୍ତଖତ କରାଇନେଇଥିଲେ। ଏହି ସମୟରେ ଦେବଗଡ ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ପଟେଲ ଓ ଝାରସୁଗୁଡା ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦଙ୍କ ନେତୃତ୍ୱରେ ପ୍ରସ୍ତୁତ ହୋଇରହିଥିବା ଭିଜିଲାନ୍ସ ଦଳ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରି ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣିଥିଲେ। ଭିଜିଲାନ୍ସ ବିଭାଗ ଗୁରୁବାର ଏକକାଳୀନ ତାଙ୍କର କାର୍ଯ୍ୟାଳୟ ଏବଂ କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ କେନ୍ଦୁପାଳି ଗ୍ରାମରେ ଥିବା ପୈତୃକ ବାସଭବନରେ ଚଢାଉ କରିଥିଲେ।


ବିଜୟାନନ୍ଦ ସାହୁ

# ଦୁର୍ଘଟଣାରେ ଜଳସେଚନ ବିଭାଗ ଯନ୍ତ୍ରୀଙ୍କ ମୃତ୍ୟୁ

**ଶେରଗଡ/ହିଞ୍ଜିଳିକାଟୁ,୨୦।୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ ବ୍ଲକ ଅନ୍ତର୍ଗତ ପିଉଳ ଛକରେ ଗୁରୁବାର ଭୋରରେ ଏକ ଟ୍ରକ୍ ପଛରେ କାର୍ ପିଟିହେବାରୁ ଆସିକା କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ ଅଚ୍ୟୁତାନନ୍ଦ ପାତ୍ରଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ତାଙ୍କ ସ୍ତ୍ରୀ, ଶାଳକ ଏବଂ ଶଳାଭାଉଜ ଗୁରୁତର ଆହତ ହୋଇଛନ୍ତି।

ଯନ୍ତ୍ରୀ ଅଚ୍ୟୁତାନନ୍ଦଙ୍କ ଘର ବ୍ରହ୍ମପୁର ଅଞ୍ଚଳରେ। ସେ ଏହା ପୂର୍ବରୁ ବୁଗୁଡା ଜଳସେଚନ ବିଭାଗର ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାରଠାରୁ ପରିବାର ଓ ସମ୍ପର୍କୀୟଙ୍କ ସହ ମିଶି କାର୍‌ରେ ସମ୍ବଲପୁର ବୁଲିବାକୁ ଯାଇଥିଲେ। ବ୍ରହ୍ମପୁର ଫେରିବା ବେଳେ ତାଙ୍କ କାର୍‌ଟି ପିଉଳ ଛକରେ ରାସ୍ତା ଉପରେ ଠିଆ ହୋଇଥିବା ଟ୍ରକ୍ ପଛରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ଯନ୍ତ୍ରୀ ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ଘଟିଥିଲା। କାର୍‌ରେ ଥିବା ଅନ୍ୟମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହିଞ୍ଜିଳି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁତରମାନଙ୍କୁ ବ୍ରହ୍ମପୁର ବଡମେଡିକାଲ ପଠାଯାଇଛି।


ଦୁର୍ଘଟଣାଗ୍ରସ୍ତ କାର୍

# ୫୦ ବର୍ଷ ବୟସ ପରେ ପ୍ରାୟ ୩୦% ଓଷ୍ଟିଓପୋରୋସିସ୍‌ରେ ଆକ୍ରାନ୍ତ



ଡେକ୍ସା ସ୍କାନ ଦ୍ୱାରା ରୋଗୀଙ୍କ ଓଷ୍ଟିଓପୋରୋସିସ୍ ପରୀକ୍ଷା କରାଯାଉଛି।

**ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ):** ବୟସ ଅଧିକ ହେଲେ ମଣିଷ ଶରୀରରେ ଓଷ୍ଟିଓପୋରୋସିସ୍ (ହାଡ଼ପୋରିଆ ବା ପୋଲା ହାଡ଼) ଏକ ସାଧାରଣ ସମସ୍ୟା। ଇଷ୍ଟ୍ରୋଜେନ ହରମୋନ ଅଭାବରୁ ବିଶେଷକରି ଏହା ମାସିକ ଋତୁସ୍ରାବ ବନ୍ଦ ହୋଇଯାଇଥିବା ମହିଳାଙ୍କଠାରେ ଅଧିକ ଦେଖାଯାଏ। ୫୦ ବର୍ଷ ବୟସ ପରେ ଏହି ରୋଗରେ ପ୍ରାୟ ୩୦ ପ୍ରତିଶତ ଆକ୍ରାନ୍ତ ହୋଇଥାନ୍ତି। ବହୁଳ ଷ୍ଟେରଏଡ୍ ବ୍ୟବହାର କାରଣରୁ କୋଭିଡ୍ ପରବର୍ତ୍ତୀ ସମୟରେ ଓଷ୍ଟିଓପୋରୋସିସ ଘଟଣା ବୃଦ୍ଧି ପାଇଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ଏମ୍ସ ଭୁବନେଶ୍ୱରରେ ବିଶ୍ୱ ଓଷ୍ଟିଓପୋରୋସିସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏମ୍ସ ଅର୍ଥୋପେଡିକ୍ସ ବିଭାଗ ପକ୍ଷରୁ ଓପିଡି ପରିସରରେ ଏକ ଜନସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମେଡିକାଲ ଅଧୀକ୍ଷକ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଓ ଡିନ୍ ପ୍ରଫେସର ପ୍ରଶାନ୍ତ ରାଘବ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଓଷ୍ଟିଓପୋରୋସିସ୍‌ରେ ଆକ୍ରାନ୍ତ ରୋଗୀଙ୍କ ଅସ୍ଥି ଦୁର୍ବଳ ହୋଇଯାଇଥାଏ। ଡେକ୍ସା ସ୍କାନ ଦ୍ୱାରା ହାଡ଼ର ମିନେରାଲ ସାନ୍ଦ୍ରତାକୁ ମାପ କରାଯାଇ ରୋଗ ଚିହ୍ନଟ କରାଯାଇଥାଏ। ମାସିକ ଋତୁସ୍ରାବ ବନ୍ଦ ହୋଇଯାଇଥିବା ସମସ୍ତ ମହିଳା ଏବଂ ବୟସ୍କ ପୁରୁଷମାନେ ବର୍ଷକୁ ଅନ୍ତତଃପକ୍ଷେ ଥରେ ଡେକ୍ସା ସ୍କାନ୍ ଦ୍ୱାରା ଅସ୍ଥିର ସାନ୍ଦ୍ରତାକୁ ଆକଳନ କରିବା ଉଚିତ୍ ବୋଲି ଅଧୀକ୍ଷକ ଡ. ମହାନ୍ତି ପ୍ରକାଶ କରିଥିଲେ। ସେହିପରି ଓଷ୍ଟିଓପୋରୋସିସ୍ କାରଣରୁ ପିଠି, ଆଣ୍ଠୁ ଯନ୍ତ୍ରଣା ହୋଇଥାଏ ଏବଂ ଅଳ୍ପ ଆଘାତ ଦ୍ୱାରା ମଧ୍ୟ ହାଡ଼ ଭାଙ୍ଗିଯାଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ନିୟମିତ ବ୍ୟାୟାମ, ଉପଯୁକ୍ତ ଖାଦ୍ୟ ଏବଂ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇବା ଉଚିତ୍। ବୃଦ୍ଧ ରୋଗୀଙ୍କୁ କ୍ୟାଲ୍‌ସିୟମ ଏବଂ ଭିଟାମିନ ଡି ଆବଶ୍ୟକତା ରହିଛି ବୋଲି ଡ. ମହାପାତ୍ର ସୂଚନା ଦେଇଥିଲେ। ଅର୍ଥୋପେଡିକ୍ସ ବିଭାଗର ଅତିରିକ୍ତ ପ୍ରଫେସର ଡ. ସୁଜିତ କୁମାର ତ୍ରିପାଠୀ ଏହି ନୀରବ ମହାମାରୀ ବିଷୟରେ ଜନସଚେତନାର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର୍ ଡା. ଗୁଞ୍ଜର ଜୈନ, ଡା. ଗୁରୁଦୀପ ଦାସ, ଡା. ସାୟନ୍ତନ ରାୟ (ଏଣ୍ଡୋକ୍ରାଇନୋଲୋଜି), ସିନିୟର୍ ରେସିଡେଣ୍ଟ ଡା. ହୃଦେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ଏହି ରୋଗର ପ୍ରକାରଭେଦ, ନିରାକରଣ, ଜୀବନଶୈଳୀରେ ପରିବର୍ତ୍ତନ, ସୁଷମ ଖାଦ୍ୟ ଗ୍ରହଣ ଆଦି ସମ୍ପର୍କରେ ମତ ରଖିଥିଲେ। ପ୍ରାୟ ୩୦୦ ଲୋକଙ୍କର ମାଗଣା ଅସ୍ଥି ମିନେରାଲ ସାନ୍ଦ୍ରତା ଯାଞ୍ଚ କରାଯାଇଥିଲା। ୭୮ ରୋଗୀଙ୍କ ହାଡର ମିନେରାଲ ସାନ୍ଦ୍ରତା ହ୍ରାସ ପାଇଥିବା ଜଣାପଡିବା ପରେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିଲା।


## OFFICE OF THE DEAN & PRINCIPAL VEER SURENDRA SAI INSTITUTE OF MEDICAL SCIENCES & RESEARCH, BURLA, DIST.- SAMBALPUR (ODISHA), PIN - 768017

Ph. No.: 0663-2430768, Fax: 0663-2430767
Email: vssmcburlaorissa@gmail.com, Website: www.vimsar.ac.in
Tender Call Notice No. 6249/VIMSAR, Burla, Dated the 19.10.2022

### SHORT TENDER CALL NOTICE

No. KK-201: Sealed tenders are invited from reputed Publishers/Medical Book Suppliers for supply of Medical Books for the Central Library, VIMSAR, Burla as per the schedule dates given below. The details of Terms & Condition and other qualifying criteria etc. are available in the College website: **www.vimsar.ac.in** and Sambalpur district website **www.sambalpur.nic.in**.

| | | |
|---|---|---|
| Date of availability of the tender document on website | : | 21.10.2022 |
| Last date of Receipt of Tender | : | 14.11.2022 upto 5.00 P.M. |
| Opening of Tender | : | 15.11.2022 at 12.30 P.M. |

Sd./- Dean & Principal
VSSIMSAR, Burla - 768017
OIPR-10187/11/0011/2223



## TPWODL
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

### NOTICE INVITING TENDER

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following packages :

1. **TPWODL/RB/O/SER/117: RC for Supply, Installation and Maintenance of Network Equipment's (Router, Switches, Battery Charger & Bank and Network Rack) for Substation Automation at TPWODL, ODISHA.**
2. **TPWODL/PM/O/ SU/118: Rate Contract for supply of Polymer Insulator at TPWODL**

Interested bidders to submit Tender Participation Fee and Authorization Letter through email on or before **1st November 2022, 18:00Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**



## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2238: OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.4493/RE/OSIC Dt.18.10.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of works i.e. **"Supply and installation of Mini High Mast Light in different blocks i.e. Derabish, Pattamundai, Kendrapara, Rajnagar in the District of Kendrapada under MPLADS fund"** and **"Renewal of Linux Server OS & SOPHOS Network Firewall at Boyanika"**. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)
OIPR-14073/11/0108/2223



## MADHUSUDAN DAS REGIONAL ACADEMY OF FINANCIAL MANAGEMENT (MDRAFM)
MDRAFM A PASSION TO PERFORM
Chandrasekharpur, Bhubaneswar - 751023
E-Mail: mdrafm_orissa@rediffmail.com
Website: www.madhusudanacademy.in

### TENDER NOTICE

NO. 3147/M Dated: 19.10.2022

**Notice Inviting Tender for Annual Maintenance Contract for Gardening and Lawn Development of MDRAFM**

No. S-24: Sealed tenders are invited under two bid system from reputed & experienced service providers to provide **Annual Maintenance Contract for Gardening and Lawn Development and Maintenance Services** for a period of one year w.e.f. the date of effectiveness of the agreement on contract basis for their engagement in Madhusudan Das Regional Academy of Financial Management (MDRAFM), Chandrasekharpur, Bhubaneswar.

The detailed information for outsourcing the aforesaid servcies has been given in the tender document which may be downloaded from the website **https://madhusudanacademy.odisha.gov.in**. In the wake of slowdown of economy due to Covid-19, the provision of deposit of EMD interms of revised guidelines has been relaxed vide F.D. OM No. 8943/F, Dt.18.03.2021 & No. 8484/F Dt.05.04.2022 and regarding performance security vide O.M. No. 8952/F, Dt.18.03.2021 & No. 8475/F Dt.05.04.2022. In terms of revised guidelines there will be no deposit of bid security and instead, a Bid Security Declaration shall be kept in the bid document. The last date, time and place for submission of tender document is **14.11.2022 by 5.00 P.M.** at Madhusudan Das Regional Academy of Financial Management, Chandrasekharpur, Bhubaneswar. The bidder may send their bids through Regd. Post, Speed Post and Courier to MDRAFM so as to reach this academy within the scheduled date & time. Bids received after due date and time shall not be accepted any way.

Future corrigendum, if any, in this regard, shall be communicated through the tender section on the website **https://madhusudanacademy.odisha.gov.in**.

OIPR-05004/11/0004/2223 Sd./- Director


See Career Appointment on every Wednesday & Saturday


## ODISHA BIGYAN ACADEMY
### ADVERTISEMENT

No. U-42: Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards and Honours **for the Award Year 2021** and **Award Year 2022** based on scientific contributions upto 31st December, 2020 and 31st December 2021 respectively. Nominations for the Award Year 2021 and Award Year 2022 are to be submitted separately.

1. **Biju Patnaik Award for Scientific Excellence.**
(Age of scientists must be 60 years & above on 31st December, 2020 for the Award year 2021 and 31st December 2021 for the Award Year 2022).
2. **Samanta Chandra Sekhar Award.**
(Age of scientists must not exceed 60 years on 31st December, 2020 for the Award Year 2021 and 31st December 2021 for the Award Year 2022).
3. **Odisha Young Scientists Award.**
(Age of Young Scientists must not exceed 35 years on 31st December, 2020 for the Award Year 2021 and 31st December 2021 for the Award Year 2022).
4. **Pranakrushna Parija Popular Science Book Award.**
(For Authors of Popular Science Books in Odia, published within last 3 years preceeding the Award Year)
5. **Felicitation of Senior Scientists of Odisha.**
(Minimum age must be 65 years or above on 31st December, 2020 for the Award Year 2021 and 31st December 2021 for the Award Year 2022).

For detail guidelines and nomination proforma, please login to Odisha Bigyan Academy website: www.odishabigyanacademy.nic.in.

The nomination proforma can be downloaded from the above website and (duly filled-in) as per the guidelines are to be sent to the Secretary, Odisha Bigyan Academy in the following address along with other particulars & documents stated therein. Nominees for Biju Patnaik Award for Scientific Excellence, Samanta Chandra Sekhar Award & Odisha Young Scientists Award are required to mention Thomson Reuter Impact Factor in the list of publications and Number of total Citations, h index & i10 index at the top of a publications list.

The last date for receipt of nominations is **30.11.2022 (upto 5.00 pm). Nominations received after due date shall not be taken into consideration.**

**Secretary, Odisha Bigyan Academy,**
**B/2, Saheed Nagar, Bhubaneswar-751 007, Odisha (INDIA)**
OIPR-28002/11/0001/2223



## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No. RDM-LAA-MBJ-0011-2021-31378/R&DM Dated: 19 SEP. 2022

No. XXI-76: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଡୁଭିଆ, ଥାନା: ବେତନଟୀ ନଂ. ୯, ତହସିଲ: ବାରିପଦା, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆହାରୀ ମାଇନର ଏବଂ ଆହାରୀ ସବମାଇନର-୨ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R, Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୪୨୭ ତା୦୭।୦୩।୨୦୨୨ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଡୁଭିଆ, ଥାନା: ବେତନଟୀ ନଂ. ୯, ଜିଲ୍ଲା: ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.mayurbhanj.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ - କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: ବାରିପଦା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡୁଭିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୩୮.୫୭ | ଏକର ୧୦.୧୮ | ଏଥି ସହିତ ସଂଲଗ୍ନ |

### ତଫସିଲ - ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: ବାରିପଦା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୦।୦୫।୨୦୨୨

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ
ସ୍ୱତନ୍ତ୍ର ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା - ୮/୨୦୧୯
ଏ.୧୦.୧୮ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆହାରୀ ମାଇନର ଏବଂ ଆହାରୀ ସବମାଇନର-୨ ନିମନ୍ତେ**
**ମୌଜା: ଡୁଭିଆ, ଥାନା: ବେତନଟୀ ନଂ. - ୯, ତହସିଲ: ବାରିପଦା, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୦ | ୨୭୮ | ୦.୦୫ | ୦.୦୧ | ଆଶୁ | ଗୁରୁ ଚରଣ ସିଂ, ପାଲଟଣ ସିଂ, ପି.: ଶ୍ୟାମ ସୁନ୍ଦର ସିଂ, ମାତାଲ ସିଂ, ସାଧୁଆ ସିଂ, ସମ୍ଭୁଆ ସିଂ, ପି.: ଟେବେ ସିଂ, ଜା: କୋହ୍ଲ, ବା: ନିଜଗାଁ |
| | ୨୭୯ | ୦.୦୫ | ୦.୦୫ | ଆଶୁ | |
| | ୨୮୧ | ୨.୩୩ | ୦.୪୩ | ଆଶୁ | |
| ୧୩ | ୨୭୭ | ୧.୧୨ | ୦.୩୦ | ଆଶୁ | ଗୋରା ମାଝୀ, ସାନ ଚୈତନ ମାଝୀ, ପି.: ପିରୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୪ | ୨୮୬ | ୦.୩୩ | ୦.୦୧ | ଆଶୁ | ଦୁଃଖିଆ ସିଂ, ପି. ବିରା ସିଂ, କଙ୍କା ସିଂ, ପି. ସମା ସିଂ, ମଙ୍ଗଳ ସିଂ, ଜାଗ ସିଂ, ବାବାଜି ସିଂ, ପି. ନାକୁଆ ସିଂ, ମଙ୍ଗଲ ସିଂ, ସୁନାରାମ ସିଂ, ଗେଡ଼ା ସିଂ, ପି. ଗମା ସିଂ, ଜା: କୋହ୍ଲ, ବା: ନିଜଗାଁ |
| ୨୭ | ୨୧୬ | ୧.୧୩ | ୦.୨୪ | ଘରବାରି | ପିଥ ମାଝୀ, ଚରଣ ମାଝୀ, ପି. ଶିବୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୨୪ | ୧.୬୪ | ୦.୦୩ | ଆଶୁ | |
| | ୨୮୫ | ୦.୭୫ | ୦.୩୮ | ଆଶୁ | |
| | ୩୬୮ | ୧.୨୬ | ୦.୬୦ | ଡାହି ଏକ | |
| | ୩୭୪ | ୦.୮୦ | ୦.୦୧ | ଆଶୁ | |
| ୩୦ | ୧୯୭ | ୨.୦୦ | ୦.୨୨ | ଆଶୁ | ବିପ୍ର ମାଝୀ, କୁଶାଲ ମାଝୀ, ପି.: ମୋଟରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୫ | ୨୧୮ | ୦.୪୦ | ୦.୦୨ | ଘରବାରି | ବୁଧୁ ମାଝୀ, ପି.: ଡୁଗୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୬ | ୩୨୦ | ୦.୮୫ | ୦.୦୧ | ଆଶୁ | ମଙ୍ଗୁଲୁ ସିଂ, ଗୁରୁଭା ସିଂ, ପି.: ସନା ସିଂ, ଜା: କୋହ୍ଲ, ବା: ନିଜଗାଁ |
| ୫୦ | ୨୦୧ | ୦.୮୬ | ୦.୧୮ | ଆଶୁ | ମାଘିଆ ସିଂ, ଖେଲା ସିଂ, ମାଗୁ ସିଂ, ପି.: ବେଜ ସିଂ, ଜା: କୋହ୍ଲ, ବା: ନିଜଗାଁ |
| ୫୪ | ୩୧୯ | ୦.୯୫ | ୦.୧୫ | ଆଶୁ | ରଇଦା ସିଂ, ମଠ ସିଂ, ଚୁନୁ ସିଂ, ପି.: କାଳା ସିଂ, ଲାଲ ମୋହନ ସିଂ, ପି.: ଡୁରୀ ସିଂ, ଜା: କୋହ୍ଲ, ବା: ନିଜଗାଁ |
| ୫୬ | ୨୦୨ | ୦.୪୪ | ୦.୨୨ | ଡାହି ଏକ | ରଥ ସିଂ, କନ୍ଦା ସିଂ, ପି. ବିର ସିଂ, ବମ୍ଭ ସିଂ, ପି.: ଗହ୍ଲା ସିଂ, ଜା: କୋହ୍ଲ, ବା: ନିଜଗାଁ |
| | ୩୧୫ | ୦.୮୮ | ୦.୨୮ | ଆଶୁ | |
| ୫୯ | ୨୮୪/ ୬୭୮ | ୧.୭୯ | ୦.୬୮ | ଆଶୁ | ରାଜେନ୍ଦ୍ର ମହାନ୍ତ, ନୃପତି ମହାନ୍ତ, ସୁମିତ୍ରା ମହାନ୍ତ, ପ୍ରେମ ମହାନ୍ତ, ପି.: ଲାଲ ମହାନ୍ତ, ଜା: କୁଡୁମି, ବା: ଆହାରୀ |
| ୬୮ | ୨୧୭ | ୦.୩୪ | ୦.୧୨ | ଘରବାରି | ଶଙ୍କର ମାଝୀ, ଲିପିନ ମାଝୀ, ରେତାଇ ମାଝୀ, ପି.: ହାମରାମ ମାଝୀ, ରୁପାଇ ମାଝୀ, ମଙ୍ଗଲ ମାଝୀ, ପି.: ମକର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୩୧୬ | ୦.୦୪ | ୦.୦୪ | ଆଶୁ | |
| | ୩୧୭ | ୦.୪୬ | ୦.୨୨ | ଆଶୁ | |
| | ୩୧୮ | ୦.୧୫ | ୦.୧୫ | ଆଶୁ | |
| ୭୮ | ୨୬୪ | ୧.୦୪ | ୦.୦୬ | ଘରବାରି | ସୁବୁଲା ମାଝୀ, ପି.: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୮୧/୮ | ୧୯୮ | ୩.୯୨ | ୧.୦୮ | ଆଶୁ | ଜୁକୁ ସିଂ, ପି.: ବୁଧୁ ସିଂ, ଜା: କୋହ୍ଲ, ବା: ନିଜଗାଁ |
| | ୩୭୧ | ୧.୨୦ | ୦.୫୬ | ଡାହି ଏକ | |
| ୮୧/୯ | ୨୦୩ | ୨.୯୩ | ୦.୯୦ | ଆଶୁ | ସିଙ୍ଗୁରାମ ସିଂ, ପି. ବୁଧୁ ସିଂ, ଜା: କୋହ୍ଲ, ବା: ନିଜଗାଁ |
| ୮୧/୧୫ | ୩୬୯/ ୬୮୫ | ୦.୨୦ | ୦.୧୩ | ଆଶୁ | ଶତ୍ରୁଘନ ମହାନ୍ତ, ପି.: ମାଣତ୍ରୀ ମହାନ୍ତ, ଜା: କୁଡୁମି, ବା: ଆହାରୀ |
| | ୩୬୯ | ୦.୩୨ | ୦.୧୪ | ଆଶୁ | |
| | ୧୯୫/ ୬୯୦ | ୦.୬୮ | ୦.୧୬ | ଆଶୁ | |
| ୮୧/୧୭ | ୨୮୪ | ୧.୩୫ | ୦.୦୫ | ଆଶୁ | ସେକ୍ରେଟାରୀ, କାନନ ବିଦ୍ୟାପୀଠ, ଡୁଭିଆ |
| ୮୧/୨୦ | ୧୯୭/ ୭୧୦ | ୦.୭୩ | ୦.୫୧ | ଘରବାରି | ବିପ୍ର ମାଝୀ, କୁଶାଲ ମାଝୀ, ପି.: ମୋଟରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୮୧/୨୪ | ୨୨୨/ ୭୧୬ | ୦.୨୮ | ୦.୨୩ | ଘରବାରି | ଲବ ସିଂ. ପି.: ମାତାଲ ସିଂ, ଜା: କୋହ୍ଲ, ବା: ନିଜଗାଁ |
| | ୨୨୩/ ୭୧୭ | ୦.୧୭ | ୦.୧୭ | ଆଶୁ | |
| | ୨୮୧/ ୭୧୮ | ୧.୬୦ | ୦.୪୦ | ଆଶୁ | |
| ୮୧/୨୫ | ୨୧୯ | ୧.୯୦ | ୦.୩୩ | ବଗାୟତ ଦୁଇ | ପାଲଟଣ ସିଂ, ପି.: ଶ୍ୟାମସୁନ୍ଦର ସିଂ, ଜା: କୋହ୍ଲ, ବା: ନିଜଗାଁ |
| ୮୧/୨୬ | ୨୮୧/୭୩୫ | ୨.୨୫ | ୦.୪୪ | ଆଶୁ | କୁଶ ସିଂ, ପି.: ମାତାଲ ସିଂ, ଜା: କୋହ୍ଲ, ବା: ନିଜଗାଁ |
| ୮୧/୨୭ | ୧୯୫/୭୧୧ | ୧.୩୮ | ୦.୨୨ | ଆଶୁ | ଅରୁଣଦୋୟ କଲେଜ ବାରିପଦା ମାର୍ଫତ ସେକ୍ରେଟେରୀ ଆଶୁତୋଷ ବେହେରା, ପି.: ନରେନ୍ଦ୍ରନାଥ ବେହେରା, ଜା: ରଜକ, ବା: ଡୁପ୍ଲେକ୍ସ ୧୩, ଗାୟତ୍ରୀନଗର, ବମିଖାଲ, ଭୁବନେଶ୍ୱର, ହାବାବାର୍ଡ ନଂ. ୨, ଭଞ୍ଜପୁର, ବାରିପଦା |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୮୧/୨୪ | ୨୮୧/୭୧୮ | | ୦.୩୨ | ଆଶୁ | ଲବ ସିଂ, ପି.: ମାତାଲ ସିଂ, ଜା: କୋହ୍ଲ, ବା: ନିଜଗାଁ |
| ୮୧/୨୬ | ୨୮୧/୭୩୫ | | ୦.୧୩ | ଆଶୁ | କୁଶ ସିଂ, ପି.: ମାତାଲ ସିଂ, ଜା: କୋହ୍ଲ, ବା: ନିଜଗାଁ |
| ମୋଟ | ୩୭ ପ୍ଲଟକୁ | ଏ.୩୮.୫୭ ଡେ.ମି. | ଏ.୧୦.୧୮ ଡେ.ମି. | | |

Sd./- Zone Officer-cum-L.A. Collector, S.I.P., Laxmiposi Zone
Sd./- Spl. Land Acquisition Officer, S.I.P., Baripada
OIPR-24001/14/0128/2223

**ଦେଶରେ ସ୍ଥିର ରହିଛି ଡାଲି, ପିଆଜ ଦର**

ନୂଆଦିଲ୍ଲୀ: ବର୍ତ୍ତମାନ ସମୟରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ସ୍ଥିର ରଖିବା ଲାଗି ଭାରତ ସରକାର ନିରନ୍ତର ଭାବେ ଅନୁଧ୍ୟାନ ସହ ବିଭିନ୍ନ ନୀତିଗତ ପଦକ୍ଷେପମାନ ମଧ ଗ୍ରହଣ କରୁଛନ୍ତି। ଫଳରେ ଦେଶରେ ପିଆଜ ଓ ଡାଲି ଦର କ୍ରମାଗତ ଭାବେ ସ୍ଥିର ରହିଛି। ସେହିଭଳି ସରକାର ଲଗାତର ଭାବେ ଆମଦାନୀକାରୀ, ଗବେଷଣା ଏଜେନ୍ସି, ବ୍ୟବସାୟିକ ସଂଗଠନ ଆଦିଙ୍କ ସହ ଆଲୋଚନା ଜରିଆରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଉତ୍ପାଦନ, ଆମଦାନୀ, ରପ୍ତାନି ଏବଂ ଉପଲବ୍ଧତା ଉପରେ ଦୃଷ୍ଟି ରଖି ଆସିଛନ୍ତି। ଏ ନେଇ ଗୁରୁବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ଗଣମାଧ୍ୟମକୁ ସମ୍ବୋଧିତକରି କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗ ସଚିବ ରୋହିତ କୁମାର ସିଂ ଏଭଳି ମତ ପ୍ରକାଶ କରିଛନ୍ତି।

# ଗତ ୬ ମାସରେ ୪୦% କମିଛି ଇସ୍ପାତ ମୂଲ୍ୟ

ନୂଆଦିଲ୍ଲୀ,୨୦।୧୦



ଚଳିତ ଆର୍ଥିକ ବର୍ଷ (୨୦୨୨-୨୩)ର ୨ୟ ତ୍ରୈମାସ ପରେ ଇସ୍ପାତ କ୍ଷେତ୍ରରେ କରାଯାଇଥିବା ସମୀକ୍ଷା ବୈଠକରୁ ଜଣାପଡ଼ିଛି, ଗତ ୬ ମାସ ମଧ୍ୟରେ ଇସ୍ପାତ ମୂଲ୍ୟ ପ୍ରାୟ ୪୦% ହ୍ରାସ ପାଇ ୫୭,୦୦୦ ଟଙ୍କାରେ ରହିଛି। ବିଶେଷ କରି ଇସ୍ପାତ ମୂଲ୍ୟ ଅନୁଯାୟୀ ୧୫% ରପ୍ତାନି ଶୁଳ୍କ ହ୍ରାସ ପରେ ଘରୋଇ ବଜାରରେ ଇସ୍ପାତ ମୂଲ୍ୟ କମିଥିବା ଜଣାପଡ଼ିଛି। ସେହିଭଳି ୨୦୨୨ ଆର୍ଥିକ ବର୍ଷର ପ୍ରାରମ୍ଭରେ ହଟ୍ ରୋଲ୍ଡ କେଏଲ (ଏଚ୍ଆର୍ସି) ର ମୂଲ୍ୟ ଏକ ପ୍ରକାର ଉପରମୁହାଁ ହେବାର ପ୍ରୟାସ ଆରମ୍ଭ କରିଥିଲା। ଫଳରେ ଇସ୍ପାତ ମୂଲ୍ୟ ବୃଦ୍ଧି ଯୋଗୁ ରିଅଲ ଇଷ୍ଟେଟ୍ ଏବଂ ଗୃହ, ଭିତ୍ତିଭୂମି ଏବଂ ନିର୍ମାଣ କ୍ଷେତ୍ର ସାଙ୍ଗକୁ ଅଟୋମୋବାଇଲ୍ ଓ ଉପଭୋକ୍ତା ସାମଗ୍ରୀ ଉପରେ ସିଧାସଳଖ ପ୍ରଭାବ ପକାଇବା ଆରମ୍ଭ କରିଥିଲା। ସେହିଭଳି ମୂଲ୍ୟ ବୃଦ୍ଧି ଯୋଗୁ ଉପଭୋକ୍ତା ଶିଳ୍ପ ପାଇଁ ଏକ ପ୍ରକାର ଚିନ୍ତାର ବିଷୟ ପାଲଟିଥିଲା। ସେହିପରି ଘରୋଇ ବଜାରରେ ଇସ୍ପାତ ମୂଲ୍ୟ ଚଳିତ ବର୍ଷ ଏପ୍ରିଲରେ ଟନ୍ ପିଛା ୭୮, ୮୦୦ ଟଙ୍କାରେ ରହିଥିଲା। ଏପରିକି ଏହା ଉପରେ ୧୮% ଜିଏସ୍ଟି ଆଦାୟ ସହ ଟନ୍ ପିଛା ଏହାର ମୂଲ୍ୟ ପ୍ରାୟ ୯୩,୦୦୦ ଟଙ୍କା ରହିଥିଲା ବୋଲି ଅନୁସନ୍ଧାନକାରୀ ସଂସ୍ଥାଗୁଡିକ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଷ୍ଟିଲ୍ ମିଣ୍ଟର ତଥ୍ୟ ଅନୁଯାୟୀ ଏପ୍ରିଲ ଶେଷ ଆଡକୁ ଇସ୍ପାତ ମୂଲ୍ୟ ହ୍ରାସ ପାଇବା ଆରମ୍ଭ କରିଥିଲା। ଏପରିକି ଜୁନ୍ ଶେଷ ସୁଦ୍ଧା ଟନ୍ ପିଛା ଏହାର ମୂଲ୍ୟ ୬୦,୨୦୦ ଟଙ୍କାକୁ ଖସି ଆସିଥିଲା। ସେହିପରି ୨୦୨୨ ଜୁଲାଇ ଏବଂ ଅଗଷ୍ଟରେ ମଧ ସମାନତା ଜାରି ରହିଥିଲା ଏବଂ ସେପ୍ଟେମ୍ବର ମଧଭାଗରେ ଟନ୍ ପିଛା ଏହାର ମୂଲ୍ୟ ୫୭,୦୦୦ ଟଙ୍କାକୁ ଖସି ଆସିଥିଲା। ବିଶେଷକରି ଇସ୍ପାତ ଉତ୍ପାଦ ଉପରେ ସରକାରୀ ଟ୍ୟାକ୍ସ, ବିଦେଶୀ ଚାହିଦା ଏବଂ ଉଚ୍ଚ ମୁଦ୍ରାସ୍ଫୀତି ଓ ଶକ୍ତି ମୂଲ୍ୟ ଆଦି କାରଣରୁ ଇସ୍ପାତ ମୂଲ୍ୟ ହ୍ରାସ ପାଇଥିବା ଆକଳନ କରାଯାଉଛି ବୋଲି ଷ୍ଟିଲ ମେଣ୍ଟ ମତପ୍ରକାଶ କରିଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୦।୧୦

କ୍ରମାଗତ ୫ମ ଦିନ ଲାଗି ଷ୍ଟକ୍ ବଜାର କାରବାର ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୪ର୍ଥ ଦିନର ଷ୍ଟକ୍ ବଜାର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍ସେକ୍ସ ୯୬ (୯୫.୭୧) ପଏଣ୍ଟ ବୃଦ୍ଧି ପାଇ ୫୯,୨୦୩ (୫୯,୨୦୨.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ ୫୨ (୫୧.୭୦) ପଏଣ୍ଟ ବଢ଼ି ୧୭,୫୬୪ (୧୭,୫୬୩.୯୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଏପରିକି ଗୁରୁବାର ଦଲାଲ ଷ୍ଟ୍ରିଟ୍ରେ ବିଶେଷକରି ବ୍ୟାଙ୍କ, ଅଟୋ ଶିଳ୍ପ, ଆଇଟି ଏବଂ ମେଟାଲ ଭଳି କ୍ଷେତ୍ରର ନିବେଶକଙ୍କ ପାଇଁ ବଜାର ଫଳାଫଳ ଭଲ ରହିଥିଲା।

## ରିଅଲ୍ମି କେୟାର ସର୍ଭିସ୍ ସିଷ୍ଟମ୍



ନୂଆଦିଲ୍ଲୀ,୨୦।୧୦

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍ମି ତା'ର ଉପଭୋକ୍ତାଙ୍କ ପାଇଁ ଏକ ବାଧାହୀନ ଓ ସରଳ ଗ୍ରାହକ ସହାୟତା ପାଇଁ 'ରିଅଲ୍ମି କେୟାର ସର୍ଭିସ୍ ସିଷ୍ଟମ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏପରିକି ରିଅଲ୍ମିର ୭୦ ମିଲିୟନରୁ ଅଧିକ ଉପଭୋକ୍ତା ବର୍ତ୍ତମାନ ସହଜରେ ଉଭୟ ଅନ୍ଲାଇନ୍ ଓ ହ୍ୱାଟ୍ସଆପ୍ଠାରୁ ଆରମ୍ଭକରି ସୋସିଆଲ ମିଡିଆ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଫ୍ଲାଇନ୍ ଟଚ୍ ପଏଣ୍ଟ ଏବଂ ଦେଶବ୍ୟାପୀ ୧୦୦୦ରୁ ଅଧିକ ସର୍ଭିସ୍ ସେଣ୍ଟରରେ ସହଜରେ ଗ୍ରାହକ ସେବାଗୁଡିକୁ ଆକ୍ସେସ୍ କରିପାରିବେ। ବିଶେଷକରି ରିଅଲ୍ମି କେୟାର+କୁ ୪୮୯ ଟଙ୍କାର ଏକ ସୁଲଭ ମୂଲ୍ୟରେ ଗ୍ରାହକ ପାଇପାରିବେ। ଏହି ପ୍ଲାନ୍ ଗ୍ରାହକଙ୍କୁ ଏକ ବର୍ଷର ଏକ ଏକ୍ସ ଟେଣ୍ଡେଡ୍ ୱାରେଣ୍ଟି ସହ ୧ ବର୍ଷର ସ୍କ୍ରିନ୍ ପ୍ରୋଟେକ୍ସନ, ୧ ବର୍ଷର ଆକ୍ସିଡେଣ୍ଟାଲ ଓ ଲିକ୍ୱିଡ୍ ପ୍ରୋଟେକ୍ସନ ସମେତ ଏକାଧିକ ପ୍ୟାକେଜ୍ ମାଧ୍ୟମରେ ସମ୍ପୂର୍ଣ୍ଣ ମୋବାଇଲ ସୁରକ୍ଷା ସେବା ହାସଲ କରିବାକୁ ପ୍ରତିଶ୍ରୁତି ଦେଉଛି।

ଏ ସମ୍ପର୍କରେ ରିଅଲ୍ମି ଇଣ୍ଡିଆର ସିଇଓ ମାଧବ ସେଠ୍ କହିଛନ୍ତି, ରିଅଲ୍ମି କେୟାର ହେଉଛି ଆମର ଗ୍ରାହକଙ୍କୁ ସର୍ବୋତ୍ତମ ସେବା ପ୍ରଦାନ କରିବା ନେଇ ଆମର ପ୍ରତିବଦ୍ଧତାର ଏକ ପ୍ରମାଣ ଏବଂ ଆମର ଧ୍ୟାନ ହେଉଛି ଗ୍ରାହକ ଅଭିଜ୍ଞତାକୁ ଅଧିକ ଉନ୍ନତ କରିବା। ଆମେ ଆଶା କରୁଛୁ, ରିଅଲ୍ମିର ସେବା ଟେକ୍ନୋଲୋଜି ଶିଳ୍ପରେ ଗ୍ରାହକ ଅଭିଜ୍ଞତା ବେଞ୍ଚମାର୍କରେ ପରିଣତ ହେବ।

## ଏୟାରଟେଲ୍ ସହ ସାଓମି ଇଣ୍ଡିଆର ସହଭାଗିତା

ନୂଆଦିଲ୍ଲୀ,୨୦।୧୦

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାଓମି ଇଣ୍ଡିଆ ପକ୍ଷରୁ ଏୟାରଟେଲ୍ ସହ ହୋଇଥିବା ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଦେଶର ସାଓମି ଓ ରେଡ୍ମି ସ୍ମାର୍ଟଫୋନ୍ ଉପଭୋକ୍ତାମାନେ ଉତ୍କୃଷ୍ଟମାନର '୫ଜି ପ୍ଲସ୍' ନେଟ୍ୱର୍କ ପାଇପାରିବେ। ଏହି ରଣନୈତିକ ସହଭାଗିତାର ଅଂଶ ଭାବେ ଗ୍ରାହକମାନେ କ୍ଲାଉଡ୍ରେ ବାଧାମୁକ୍ତ ଭିଡିଓ କଲିଙ୍ଗ୍, ଲ୍ୟାଗ୍ ଫ୍ରି ଗେମିଙ୍ଗ୍ ଏବଂ ବିଭିନ୍ନ ବର୍ଗରେ ସମସ୍ତ ସାଓମି ଓ ରେଡ୍ମି ୫ଜି ମଡେଲଗୁଡ଼ିକରେ ବ୍ଲେଜିଙ୍ଗ୍ ଫାଷ୍ଟ ଡାଟା ଅପ୍ଲୋଡ୍ ଓ ଡାଉନ୍ଲୋଡ୍ର ଅଭିଜ୍ଞତା ପାଇପାରିବେ। ବିଶେଷକରି ଅଲ୍ଟ୍ରାଫାଷ୍ଟ ଏୟାରଟେଲ୍ ୫ଜି ପ୍ଲସ୍ କନେକ୍ଟିଭିଟି ଉପଭୋଗ କରିବା ପାଇଁ ଗ୍ରାହକମାନଙ୍କୁ କେବଳ ନେଟ୍ୱର୍କ ସେଟିଂକୁ ଯାଇ ନିଜ ପସନ୍ଦର ନେଟ୍ୱର୍କକୁ ଏୟାରଟେଲ୍ ୫ଜିକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଏ ସମ୍ପର୍କରେ ସାଓମି ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଅନୁଜ ଶର୍ମା କହିଛନ୍ତି, 'ଆମର ସମସ୍ତ ୫ଜି ସ୍ମାର୍ଟଫୋନ୍ ପୋର୍ଟଫୋଲିଓ ଆମର ଉପଭୋକ୍ତାଙ୍କୁ ଦେଶବ୍ୟାପୀ ୫ଜି ସେବାଗୁଡିକୁ ଆକ୍ସେସ୍ କରିବା ପାଇଁ ସକ୍ଷମ କରୁଛି। ଏୟାରଟେଲ୍ ସହ ସହଭାଗିତାରେ ସର୍ବୋତ୍ତମ ଶ୍ରେଣୀର ଟେକ୍ନୋଲୋଜି ପ୍ରଦାନ କରିବା ପାଇଁ ସାଓମିର କ୍ଷମତା ଆମର ଉପଭୋକ୍ତାଙ୍କୁ ଭାରତରେ ୫ଜି ବିପ୍ଳବର ଆଗଧାଡ଼ିରେ ରହିବାକୁ ଅନୁମତି ଦେବ। ସେହିପରି ହାଇସ୍ପିଡ୍, ଉନ୍ନତ ବିଶ୍ୱସନୀୟତା ଓ କମ୍ ଲାଟେନ୍ସି ସହିତ ୫ଜି ସେବାଗୁଡ଼ିକୁ ମୋବାଇଲ ଇକୋସିଷ୍ଟମକୁ ନୂଆ କ୍ଷେତ୍ରକୁ ବିସ୍ତାର କରିବ। ସେହିଭଳି ଭାରତୀ ଏୟାରଟେଲ୍ର ଉପଭୋକ୍ତା ବ୍ୟବସାୟ ବିଭାଗର ନିର୍ଦ୍ଦେଶକ ଶାଶ୍ୱତ ଶର୍ମା କହିଛନ୍ତି, ଏୟାରଟେଲ୍ରେ ଆମେ ନିରନ୍ତର ଭାବେ ଶକ୍ତିଶାଳୀ ସହଭାଗିତା ମାଧ୍ୟମରେ ମୋବାଇଲ ଅଭିଜ୍ଞତାକୁ ଉନ୍ନତ କରୁଛୁ ଯାହା ୫ଜି ଗ୍ରହଣୀୟତାକୁ ନୂଆ ସ୍ତରକୁ ନେଉଛି।

## ବେଦାନ୍ତ ପକ୍ଷରୁ ଏମ୍ଏଚ୍ୟୁର ଶୁଭାରମ୍ଭ

ଭୁବନେଶ୍ୱର,୨୦।୧୦




ଦେଶର ପ୍ରମୁଖ ଆଲୁମିନିୟମ ଉତ୍ପାଦକ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏକ ମୋବାଇଲ ହେଲ୍ଥ ୟୁନିଟ୍(ଏମ୍ଏଚ୍ୟୁ)ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହି ଏମ୍ଏଚ୍ୟୁ ବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ସ୍ୱତନ୍ତ୍ର ଭାବେ ସୁନ୍ଦରଗଡ଼ ଜିଲାର ଦୂରବର୍ତ୍ତୀ ଅଞ୍ଚଳଗୁଡ଼ିକର ଲୋକମାନଙ୍କ ସେବାରେ ନିୟୋଜିତ ରହିବ। ଏପରିକି ଲୋକଙ୍କ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ପାଇଁ କମ୍ପାନୀ ଏଭଳି ଏକ ୟୁନିଟ୍ର ଶୁଭାରମ୍ଭ କରିଛି। ସେହିଭଳି କମ୍ପାନୀର କହିବା ଅନୁଯାୟୀ ନିକଟରେ ସୁନ୍ଦରଗଡ଼ ଜିଲାର ଝରପଲମ ଗ୍ରାମରେ ମଧ ଏକ ମୋଗ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଠାକୁ ଅନ୍ୟାନ୍ୟ ଅଞ୍ଚଳର ଲୋକମାନେ ମଧ ଆବଶ୍ୟକ ସ୍ୱାସ୍ଥ୍ୟସେବା ପାଇବାକୁ ଆସିଥିଲେ। ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ଼ ଜିଲାର ଏକାଧିକ ଗାଁରେ ପହଞ୍ଚି ଲୋକଙ୍କୁ ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲା। ପ୍ରାଥମିକ ଚିକିତ୍ସା ପରାମର୍ଶ, ରକ୍ତ ପରୀକ୍ଷା, ରକ୍ତଚାପ ଅନୁଧ୍ୟାନ, ସାଧାରଣ ରୋଗ ପାଇଁ ପରୀକ୍ଷା ଓ ପରାମର୍ଶ ଭଳି ଅନେକ ପ୍ରାଥମିକ ଚିକିତ୍ସା ଏଥିରେ ପ୍ରଦାନ କରାଯାଇଥିଲା। ସେହିପରି ଉକ୍ତ ଏମ୍ଏଚ୍ୟୁରେ ଡାକ୍ତରୀଦଳଙ୍କ ସମେତ ନର୍ସ, ଫାର୍ମାସିଷ୍ଟ ଓ କାର୍ଯ୍ୟକ୍ରମ ସଂଯୋଜକମାନେ ମଧ ଉପସ୍ଥିତ ଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି. ଶ୍ରୀକାନ୍ତ କହିଛନ୍ତି, ସ୍ଥାନୀୟ ବାସିନ୍ଦାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତାର ସ୍ଥାୟୀ ବିକାଶ ପାଇଁ ବେଦାନ୍ତ ଆଲୁମିନିୟମ ପ୍ରତିବଦ୍ଧ ରହିଛି। ଆମର ସାମୂହିକ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ଲାଗି ଆମ ପ୍ରୟାସରେ ଏହା ପ୍ରତିଫଳିତ ହୋଇଛି। ଆମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଓ ସ୍ୱାସ୍ଥ୍ୟ ଶିବିର ପରି ଫୋକସ ହସ୍ତକ୍ଷେପ ମାଧ୍ୟମରେ ଆମେ ଗ୍ରାମୀଣ ଗୋଷ୍ଠୀର ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ସେମାନଙ୍କ ଦ୍ୱାରଦେଶରେ ପହଞ୍ଚାଇବାରେ ସାହାଯ୍ୟ କରୁଛୁ।

## ସବ୍ସିଡି ଉଠାଣରେ ସହାୟକ ହେଉଛି ସ୍ପାଇସ୍ ମନି

ନୂଆଦିଲ୍ଲୀ,୨୦।୧୦

ଡିଜି ସ୍ପାଇସ୍ ଟେକ୍ନୋଲୋଜିର ସହଯୋଗୀ ସଂସ୍ଥା ସ୍ପାଇସ୍ ମନିର ବ୍ୟାପକ ନେଟ୍ୱର୍କ ଜରିଆରେ ଚାଷୀ ଓ ସେମାନଙ୍କ ପରିବାରକୁ ବିଭିନ୍ନ ଯୋଜନାରେ ମିଳୁଥିବା ସବ୍ସିଡି ରାଶି ଉଠାଣରେ ଏହା ବେଶ୍ ସହାୟକ ହେଉଛି। ବିଶେଷକରି ବ୍ୟାଙ୍କିଙ୍ଗ୍ ଆଉଟ୍ଲେଟ୍ଗୁଡ଼ିକୁ ଲାଲ-ନୀଳ ରଙ୍ଗରେ ରଙ୍ଗକରିବା ଲାଗି ସ୍ପାଇସ୍ ମନିର ଅଭିଯାନ ସହ ସବ୍ସିଡି ରାଶି ଉଠାଇବା ପାଇଁ ଆଉଟ୍ଲେଟ୍କୁ ଚିହ୍ନଟ କରିବା ଚାଷୀ ଓ ସେମାନଙ୍କ ପରିବାର ଲାଗି ବର୍ତ୍ତମାନ ସହଜ ହୋଇଛି। ଏ ସମ୍ପର୍କରେ ସ୍ପାଇସ୍ ମନିର ସହ ପ୍ରତିଷ୍ଠାତା ଓ ସିଇଓ ସଞ୍ଜୀବ କୁମାର କହିଛନ୍ତି, ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା ପହଞ୍ଚାଇ ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ପାଇଁ ଏକ ପ୍ରକାର ଚାଲେଞ୍ଜ ହୋଇଛି। ହେଲେ ସେସବୁ ଅଞ୍ଚଳର ଗ୍ରାହକଙ୍କ ପାଖରେ ପହଞ୍ଚିବା ସହ ସେମାନଙ୍କୁ ଉଭୟ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା ଦେବା ସହ ସଶକ୍ତ କରିବା ଲାଗି ସ୍ପାଇସ୍ ମନି ପ୍ରତିବଦ୍ଧ ରହିଛି। ବିଶେଷକରି ଦୀପାବଳି ପୂର୍ବରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୧୨ତମ କିସ୍ତି ବଣ୍ଟନ କରିବା ସହ ଚାଷୀ ଓ ସେମାନଙ୍କ ପରିବାର ସବ୍ସିଡି ରାଶିକୁ ଏକ ନିୟୁତ ଅଧିକାରୀଙ୍କ ବ୍ୟାପକ ନେଟ୍ୱର୍କ ସହାୟତାରେ ଏଇପିଏସ୍ ଜରିଆରେ ନିକଟତମ ସ୍ପାଇସ୍ ମନି ବ୍ୟାଙ୍କିଙ୍ଗ୍ ଆଉଟ୍ଲେଟ୍ରୁ ହାସଲ କରୁଛନ୍ତି।

**ଫୁର୍ସତ**



## ପୋଷାକ ପାଇଁ କଙ୍ଗନାଙ୍କୁ ଟ୍ରୋଲ୍

ମୁମ୍ବାଇ: ବଲିଉଡ୍ର ବିବାଦୀୟ ଅଭିନେତ୍ରୀ କଙ୍ଗନା ରାଣାୱତ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ନିକଟରେ କଙ୍ଗନା ସୋସିଆଲ ମିଡିଆରେ ଏକ ଟ୍ରାନ୍ସପରେଣ୍ଟ ପୋଷାକ ପିନ୍ଧିଥିବାର ଥ୍ରୋବ୍ୟାକ୍ ଫଟୋ ଶେୟାର କରିବା ପରେ ୟୁଜର୍ସମାନେ ତାଙ୍କୁ ଟ୍ରୋଲ୍ କରିଛନ୍ତି। ଟ୍ରୋଲ୍ଙ୍କୁ ଜବାବ ଦେଇ କଙ୍ଗନା ତାଙ୍କ ଇନ୍ଷ୍ଟା ଷ୍ଟୋରିରେ ଲେଖିଛନ୍ତି, ପ୍ରତ୍ୟେକ ମହିଳାଙ୍କ ଅଧିକାର ଅଛି ସେ ଯାହା ଯେମିତି ଚାହିଁବେ ସେପରି ପୋଷାକ ପିନ୍ଧିପାରିବେ। ମହିଳାମନେ କ'ଣ ପିନ୍ଧିବେ ନ ପିନ୍ଧିବେ ସେ ନେଇ କେହି ମୁଣ୍ଡ ପୂରାଇବା କଥା ନୁହେଁ। ଆଉ ଏକ ଷ୍ଟୋରିରେ ସେ ଅନୁରୂପ ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ମୁଁ ଭାବୁଛି ମୋ କଥା ସ୍ପଷ୍ଟ କରିଦେଇଛି। ଏବେ ମୁଁ ଅଫିସ୍ ଯାଇପାରିବି। କଙ୍ଗନା ଏବେ ଫିଲ୍ମ 'ଏମର୍ଜେନ୍ସି'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ଦେଖିବାକୁ ମିଳିବ। ଚଳଚ୍ଚିତ୍ରରେ ମହିମା ଚୌଧୁରୀ, ଅନୁପମ ଖେର, ଶ୍ରେୟସ ତଲପଡେ ପ୍ରମୁଖ ରହିଛନ୍ତି। ଏହାସହ ମିଲିଟାରି ଡ୍ରାମା 'ତେଜସ୍' ଏବଂ ପୌରାଣିକ ଫିଲ୍ମ 'ସୀତା ଦି ଇନ୍କାର୍ନେଶନ'ରେ ସେ ନଜର ଆସିବେ। ପୂର୍ବରୁ କଙ୍ଗନାଙ୍କ ଫିଲ୍ମ 'ଧାକଡ଼' ବକ୍ସ ଅଫିସ୍ରେ ଭଲ ପ୍ରଦର୍ଶନ କରିପାରି ନ ଥିଲା।

## ଛୁଟିରେ ଉଡ଼ାଜାହାଜ କିଣି ବିଶ୍ୱ ଭ୍ରମଣ



ଅଟାୱା: ବିଶ୍ୱଭ୍ରମଣ ନିଶାରେ ଏକ ପରିବାରର ସମସ୍ତ ସଦସ୍ୟ ଚାକିରିରୁ ୧୪ ମାସ ଛୁଟି ଆଣିଛନ୍ତି। ଏଥିସହ ଏକ ବ୍ୟକ୍ତିଗତ ଉଡ଼ାଜାହାଜ କିଣି ବିଶ୍ୱ ବୁଲିବାକୁ ବାହାରିବା ଘଟଣା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛି। ଡେଲିମେଲ ରିପୋର୍ଟ ଅନୁସାରେ, କାନାଡାର ବାସିନ୍ଦା ଇୟାନ ପୋର୍ଟୋର ତାଙ୍କ ୫ ସଦସ୍ୟ ବିଶିଷ୍ଟ ପରିବାର ପାଇଁ ଏକ ଛୋଟ ଉଡ଼ାଜାହାଜ କିଣିଛନ୍ତି। ଏଥିପାଇଁ ସମସ୍ତ ସଦସ୍ୟ ବହୁ ପୂର୍ବରୁ କିଛି କିଛି ଅର୍ଥ ସଞ୍ଚୟ କରିଥିଲେ। ଏବେ ପୂରା ପରିବାର ୧୪ ମାସ ପାଇଁ ଚାକିରିରୁ ଛୁଟି ନେଇ ବିଶ୍ୱ ଭ୍ରମଣରେ ବାହାରିଛନ୍ତି। ପ୍ରଥମେ ସେମାନେ ବାହାମାସ୍, ଡୋମିନିକାନ୍ ରିପବ୍ଲିକ୍, ଆମେରିକାର ଭର୍ଜିନ୍ ଆଇଲାଣ୍ଡ ଏବଂ ଆର୍ଜେଣ୍ଟିନାର କେତେକ ସ୍ଥାନ ସମେତ ପ୍ରାୟ ୧୨ ଦେଶ ବୁଲିସାରିଲେଣି। ପରେ ସେମାନେ ଚିଲି, ପେରୁ, ଇକ୍ୱେଡର, କଲମ୍ବିଆ, ଓ ପୂରା ଆମେରିକା ବୁଲିବାର ଯିବାର ଯୋଜନା କରିଛନ୍ତି।

## ଭୁଲ୍ ଅର୍ଡର ଡେଲିଭରି ଯୋଗୁ ରେଷ୍ଟୁରାଣ୍ଟ ଜାଳିଦେଲେ

ୱାଶିଂଟନ୍: ଅର୍ଡର କରିଥିବା ଖାଦ୍ୟ ନ ଆସିବାରୁ ଆମେରିକାର ନ୍ୟୁୟର୍କ କୁଇନ୍ସରେ ଜଣେ ୪୫ ବର୍ଷୀୟ ବ୍ୟକ୍ତି ଏକ ରେଷ୍ଟୁରାଣ୍ଟରେ ନିଆଁ ଲଗାଇଦେଇଛନ୍ତି। ସିସିଟିଭି ଫୁଟେଜ୍ ଅନୁଯାୟୀ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚୋଫେଲ ନର୍ବୁ ଏକ ବାଂଲାଦେଶୀ ରେଷ୍ଟୁରାଣ୍ଟରେ ଚିକେନ ବିରିୟାନି ଅର୍ଡର ଦେଇଥିଲେ। ହେଲେ ୱେଟର ତାଙ୍କୁ ବିରିୟାନି ବଦଳରେ କିଛି ଅଲଗା ଖାଦ୍ୟ ପରଷିଥିଲେ। ଏଥିରେ ସେ ରାଗି ସେଠାରୁ ଉଠି ପଳାଇଥିଲେ। କିଛି ଘଣ୍ଟା ପରେ ସେ ପୁଣି ସେଠାକୁ ଆସି ରେଷ୍ଟୁରାଣ୍ଟ ବାହାରେ କିଛି ସମୟ ଠିଆ ହୋଇଥିଲେ। ସୁଯୋଗ ଦେଖି ସେ ପେଟ୍ରୋଲ ଢାଳି ସେଠାରେ ନିଆଁ ଲଗେଇ ଦେଇଥିଲେ। ପରେ ସେ ଘରକୁ ଫେରି ପଳାଇଯାଇଥିଲେ। ଏସବୁ ଘଟଣା ସେଠାରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିଲା। ସିସିଟିଭି ଆଧାରରେ ପୋଲିସ ଦିନକ ପରେ ନର୍ବୁଙ୍କୁ ଗିରଫ କରିଛି। ଚିକେନ୍ ବିରିୟାନି ନ ମିଳିବାରୁ ନିଶାସକ୍ତ ଅବସ୍ଥାରେ ସେ ଏପରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

## ଓବାମାଙ୍କ ମାନିକ୍ୱିନରେ ଶେରୱାନି



ନୂଆଦିଲ୍ଲୀ: ଗ୍ରାହକଙ୍କୁ ନିଜ ଦୋକାନକୁ ଆକୃଷ୍ଟ କରିବା ପାଇଁ ଜଣେ ଦୋକାନୀ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଭଳି ମାନିକ୍ୱିନ୍ ରଖିଛନ୍ତି। ସେଥିରେ ଏକ ଶେରୱାନି ଲଗାଯାଇଥିବା ଫଟୋ ଏବେ ଟୁଇଟର୍ରେ ଟ୍ରେଣ୍ଡ୍ କରୁଛି। ଓବାମାଙ୍କ ମାନିକ୍ୱିନ୍କୁ ଏକ ପାରମ୍ପରିକ ବାନ୍ଧଗଳା ସହ ପାଇଜାମା ପିନ୍ଧାଯାଇଥିବାବେଳେ ଅନେକ ୟୁଜର୍ସ ଏହା ଉପରେ କୌତୁକପୂର୍ଣ୍ଣ ଟୁଇଟ୍ କରିଛନ୍ତି। ଜଣେ ୟୁଜର ଲେଖିଛନ୍ତି, 'ଏହା ହେଉଛି ଓବାମାଙ୍କ ଦୀପାବଳି ଆଉଟ୍ଫିଟ୍'। ଭାରତୀୟଙ୍କ 'ଯୁଗାଡ଼' ସବୁବେଳେ ନିଆରା ବୋଲି ଆଉ ଜଣେ ୟୁଜର ଲେଖିବା ସହ ଓବାମାଙ୍କ ପୂରା ପରିବାରକୁ ଫଟୋଶପ୍ ମାଧ୍ୟମରେ ଭାରତୀୟ ପୋଷାକ ପିନ୍ଧାଇ ଫଟୋ ଅପ୍ଲୋଡ୍ କରିଛନ୍ତି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।



ଂବିଦ୍ୟୁତଲତା ରାୟ
ସୁକ୍ଳେଶ୍ୱର, ଭାଟପଡ଼ା, ଭଦ୍ରକ
ଆବିର୍ଭାବ : ୦୮.୦୫.୧୯୪୨
ତିରୋଧାନ: ୧୧.୧୦.୨୦୨୨

ଆପଣଙ୍କ ସ୍ନେହ ଶ୍ରଦ୍ଧା ସଦାସର୍ବଦା ଆମ ମନ ଓ ହୃଦୟରେ ପ୍ରତିଫଳିତ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୮୧୫

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂଶ୍ରୀଯୁକ୍ତ ଚୈତନ୍ୟ ଚନ୍ଦ୍ର ମିଶ୍ର
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ତଳମାଳିସାହି, ପୁରୀ
ଆବିର୍ଭାବ: ୧୨।୦୬।୧୯୪୪
ତିରୋଧାନ: ୧୨।୧୦।୨୦୨୨

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଶୃଙ୍ଖଳା, ଭଗବତ ଚିନ୍ତାଧାରା ଓ ଭଲପାଇବା ଆମମାନଙ୍କ ପାଖରେ ଅବିସ୍ମରଣୀୟ ହୋଇ ରହିବ। ଆପଣଙ୍କ ପବିତ୍ର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ନିବେଦନ।

ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୧୮୧୯

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ଂଭୁବନେଶ୍ୱର ହୋତା (ଶିକ୍ଷକ)
ଗ୍ରାମ: କମା ଶାସନ

କେତେ ସ୍ନେହ ଢାଳୁଥିଲ ଆପଣ ଶିରରେ, ସେଥିପାଇଁ ଲୁହ ଝରେ ସବୁରି ଆଖିରେ। ଆଜି ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମରାତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପୁଅ: ଗଦାଧର, ବିଦ୍ୟାଧର, ବୋହୂ: ପ୍ରତିମା, ରୁବି, ଝିଅ: ପ୍ରିୟମ୍ବଦା, ଜ୍ୱାଇଁ: ଅର୍ଜୁନ, ନାତି: ଅଶୋକ, ନାତୁଣୀ: ସୋମି, ପୂଜା, ବନ୍ଧୁ ଓ ପରିବାରବର୍ଗ ।

ଧ-୬୯୦୭୪

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ଂମିନାମଣୀ ସାହୁ
ଆବିର୍ଭାବ : ୦୩.୦୩.୧୯୫୪ | ତିରୋଧାନ : ୧୧.୧୦.୨୦୨୨
(ତିଆଡ଼ିସାହି, ପୁରୀ)

ବୋଉ ! ତୁ ଚାଲିଯିବାର ୧୧ଦିନ ବିତିଗଲାଣି । କିନ୍ତୁ ଆମେ ତୋ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୋର ସ୍ନେହ,ଶ୍ରଦ୍ଧା,ଭଲପାଇବା ଆମର ସର୍ବଦା ମନେପଡୁଛି । ତୁ ଯେଉଁଠି ବି ଥାଆ, ଭଲରେ ଥାଆ । ତୋର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

-: ଶୋକସନ୍ତପ୍ତ ପରିବାର :-
ପୁଅ-ବିପ୍ଳବ କୁମାର ସାହୁ, ଦୀପକ କୁମାର ସାହୁ, ଝିଅ-କଳ୍ପନା ସାହୁ, ଜ୍ୱାଇଁ-ଡ.ନରୋତ୍ତମ ସାହୁ, ବୋହୂ-ଶୁଭଲକ୍ଷ୍ମୀ ସାହୁ, ନାତି/ନାତୁଣୀ- କୁନାଲ, ପ୍ରିୟଙ୍କା, ହର୍ଷୀଲ, ପ୍ରିୟାଂଶୁ ।

ଧ-୭୩୮୫

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ଅନିଲ


@ ବେଦପ୍ରକାଶ


@ ବାସୁଦେବ


@ ସୂର୍ଯ୍ୟ ନାରାୟଣ


@ ଶୁଭମ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହାତୀମୃତ୍ୟୁ ବୃଦ୍ଧିକୁ ନେଇ ଉଦ୍‌ବେଗ

■ କ୍ରାଇମବ୍ରାଞ୍ଚ ଏଡିଜିଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

■ ନଭେମ୍ବର ୧୧ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୨୦।୧୦**

ରାଜ୍ୟରେ ଅନିୟନ୍ତ୍ରିତ ହାତୀମୃତ୍ୟୁକୁ ରୋକିବା ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଓ ବନ ବିଭାଗ ଅଧିକାରୀଙ୍କୁ ନେଇ ଏକ ଜଏଣ୍ଟ ଟାସ୍କଫୋର୍ସ ଗଠନ କରାଯାଇଛି। ତଥାପି ହାତୀମୃତ୍ୟୁକୁ ରୋକାଯାଇପାରୁ ନାହିଁ। ତେଣୁ ଗୁରୁବାର ହାତୀମୃତ୍ୟୁ ସମ୍ପର୍କିତ ମାମଲାର ଶୁଣାଣିବେଳେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କ୍ରାଇମ୍‌ବ୍ରାଞ୍ଚ ଏଡିଜିଙ୍କୁ ସତ୍ୟପାଠ ମାଧ୍ୟମରେ ଜଏଣ୍ଟ ଟାସ୍କଫୋର୍ସର କାର୍ଯ୍ୟକାରିତା ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନଭେମ୍ବର ୧୧ରେ ହେବାକୁ ଥିବା ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ବିଭାଗୀୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସରେ ଉପସ୍ଥିତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ହାତୀମୃତ୍ୟୁକୁ ନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ଟାସ୍କଫୋର୍ସ ଗଠନ କରାଯାଇଥିବା ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଜଏଣ୍ଟ ଟାସ୍କଫୋର୍ସର କାର୍ଯ୍ୟକାରିତା ଉପରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ। ହାତୀମୃତ୍ୟୁ ସଂକ୍ରାନ୍ତୀୟ ବିଭିନ୍ନ ମାମଲାରେ କେତେ ଜଣଙ୍କୁ ଗିରଫ କରାଯାଇଛି, ଗିରଫ ପରେ ମାମଲାଗୁଡ଼ିକର ସ୍ଥିତି କ'ଣ ରହିଛି ଆଦିର ତଥ୍ୟ ସତ୍ୟପାଠ ମାଧ୍ୟମରେ ଆଗାମୀ ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ଏଡିଜି ଜଣାଇବାକୁ ନିର୍ଦ୍ଦେଶ ହୋଇଛି। ସେହିପରି ଜଏଣ୍ଟ ଟାସ୍କଫୋର୍ସ କ'ଣ କ'ଣ କାମ କରୁଛି ସେନେଇ ସବିଶେଷ ତଥ୍ୟ ଜଏଣ୍ଟ ଟାସ୍କଫୋର୍ସର ଆଡିସିନାଲ ଏସ୍‌ପି ହାଇକୋର୍ଟଙ୍କୁ ଜଣାଇବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ବେଆଇନ ଶିକାର ଓ ମୃତ୍ୟୁ ସଂକ୍ରାନ୍ତୀୟ ୧୭ ପୃଷ୍ଠା ସମ୍ବଳିତ ସତ୍ୟପାଠ ମୁଖ୍ୟ ବନ ସଂରକ୍ଷକ ଶଶୀ ପାଲ ଗତ ସେପ୍ଟେମ୍ବର ୬ ତାରିଖରେ ହାଇକୋର୍ଟରେ ଦାଖଲ କରିଥିଲେ। ସେପ୍ଟେମ୍ବର ୮ ତାରିଖ ଶୁଣାଣି ବେଳେ ମୁଖ୍ୟ ବନ ସଂରକ୍ଷକ ଭର୍ଚୁଆଲ ଜରିଆରେ ଅଦାଲତଙ୍କ ନିକଟରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ବନ ବିଭାଗ ପକ୍ଷରୁ ରୁଜୁ ହୋଇଥିବା ୧୪ଟି ମାମଲା ମଧ୍ୟରୁ ମାତ୍ର ଗୋଟିଏ ମାମଲାରେ ବିଚାର ହୋଇଥିବାବେଳେ ଅନ୍ୟଗୁଡ଼ିକ ବିଚାର ଅପେକ୍ଷାରେ ପଡ଼ି ରହିବାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ମାମଲାଗୁଡ଼ିକର ଅଗ୍ରଗତି କାହିଁକି ହୋଇପାରି ନାହିଁ ବୋଲି ମୁଖ୍ୟ ବନ ସଂରକ୍ଷକଙ୍କୁ ତାଗିଦା କରିଥିଲେ। ଏଥିସହ ଗୁଳିଗୋଳା ଜବତ ହେଉଥିଲେ ବି ମାରଣାସ୍ତ୍ର ସମ୍ବନ୍ଧୀୟ ଦଫା କୌଣସି ମାମଲାରେ କାହିଁକି ଲାଗୁ କରାଯାଇନାହିଁ ବୋଲି ହାଇକୋର୍ଟ ପଚାରିଥିଲେ। ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କ'ଣସବୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଦର୍ଶାଇବାକୁ ମଧ୍ୟ ଅଦାଲତ ନିର୍ଦ୍ଦିଷ୍ଟ ଭାବେ ଗୁରୁତ୍ୱ ଦେଇଥିଲେ।

# ଅର୍ଚ୍ଚନା ଡର, ମୁହଁମୋଡ଼ି ପଳାଇଲେ ପୋଲିସ କମିଶନର

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

ବଡ଼ବଡିଆ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ହନିଟ୍ରାପ୍‌ରେ ଫସାଇ ବିପୁଳ ଅର୍ଥ ହଡ଼ପ ଅଭିଯୋଗରେ ଗିରଫ ହୋଇଥିବା ରହସ୍ୟମୟୀ ଅର୍ଚ୍ଚନା ନାଗ ଏବେ ଜେଲରେ ଦିନ କାଟୁଛନ୍ତି। ତେବେ ତାଙ୍କ ଲିଙ୍କ୍‌ରେ ଥିବା ତଥା ସୁରକ୍ଷା ଦେଉଥିବା ବଡ଼ବଡ଼ିଆଙ୍କ ପାଖରେ ପହଞ୍ଚିବାକୁ କମିଶନରେଟ ପୋଲିସ ଚେଷ୍ଟା କରୁନାହିଁ। ୧୪ ଦିନିଆ ବିଚାର ବିଭାଗୀୟ ହାଜତ ଅବଧି ସମୟରେ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ନ ଆଣିବା ଓ ପଚରାଉଚରା ନ କରିବା ଆଦିକୁ ନେଇ ପୋଲିସର ଦୁର୍ବଳ ତଦନ୍ତ ପଦାରେ ପଡିଥିବାବେଳେ ଖୋଦ୍ ପୋଲିସ କମିଶନରଙ୍କ ଆଭିମୁଖ୍ୟ କମିଶନରେଟ ପୋଲିସର ସ୍ଥିତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପ୍ରଥମରୁ ନୀରବଦ୍ରଷ୍ଟା ସାଜିଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଗୁରୁବାର ଅର୍ଚ୍ଚନା ଗିରଫ ମାମଲାରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ନ ଦେଇ ମୁହଁ ମୋଡି ଚାଲିଯିବାକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି। ଅର୍ଚ୍ଚନା ଡର ଓ ଉଚ୍ଚ କ୍ଷମତାଶାଳୀଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ଏଭଳି ନୀରବଦ୍ରଷ୍ଟା ସାଜିଥିବା କୁହାଯାଉଛି। ସେହିପରି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱରଙ୍କ ବିରୋଧରେ ସମାନ ଦଫା ଲାଗିଥିଲେ ମଧ୍ୟ ସେମାନଙ୍କ ଉପରେ କାହିଁକି ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ କରୁନାହିଁ ବୋଲି ପ୍ରଶ୍ନ ଉଠୁଛି।

ଅନ୍ୟପକ୍ଷରେ ଦିନକୁଦିନ ଅର୍ଚ୍ଚନାଙ୍କ ସମ୍ପର୍କରେ ନୂଆ ନୂଆ କଥା ସାମ୍ନାକୁ ଆସୁଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ କେନ୍ଦୁଗୁଡ଼ାରେ ଜନ୍ମିତ ଅର୍ଚ୍ଚନା ୨୦୦୧ ନଭେମ୍ବର ୯ରେ ଲାଞ୍ଜିଗଡ଼ ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରେ ଆଡ୍‌ମିଶନ୍ କରି ୨୦୦୮ ଯାଏ ପାଠ ପଢ଼ିଥିଲେ। ସପ୍ତମ ଶ୍ରେଣୀରେ ପଢ଼ିବାବେଳେ ୨ଜଣ ଯୁବକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ଆଣିବା ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ଅର୍ଚ୍ଚନା ତାଙ୍କ ଗାଁ ଛାଡ଼ି କେସିଙ୍ଗାସ୍ଥିତ ମାମୁଘରକୁ ଚାଲି ଆସି ସ୍ଥାନୀୟ ଏକ ଘରୋଇ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିଲେ। ହେଲେ ପୂର୍ବ ସ୍କୁଲରୁ କୌଣସି ଟ୍ରାନ୍ସଫର୍ ସାର୍ଟିଫିକେଟ୍ ନ ଆଣି ସେଠାରେ ଆଡ୍‌ମିଶନ କରି ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା କୁହାଯାଉଛି।




# ହାତୀ ଆକ୍ରମଣରେ ମହିଳା ମୃତ

**ସୁନ୍ଦରଗଡ଼,୨୦।୧୦(ଡି.ଏନ୍.ଏ)**

ସୁନ୍ଦରଗଡ଼ ବନଖଣ୍ଡର ଉଜ୍ଜଳପୁର ବନାଞ୍ଚଳ ଅନ୍ତର୍ଗତ କୁଲବା ଗ୍ରାମରେ ଗୁରୁବାର ଭୋରରୁ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ସେହି ଗାଁର ରେଣୁକା ସାହୁ (୫୫)। ସେ ଭୋରରୁ ଶୌଚ ପାଇଁ ପାଖ ବିଲକୁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡିଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିସହ କୁଲବା ଗ୍ରାମ ଠିନଠିନିଗୁଡାର ଜଣେ ଯୁବକ ବିନୋଦ ଲୁହୁରାଙ୍କୁ ମଧ୍ୟ ହାତୀ ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବରପାଇ ବନବିଭାଗ ଓ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇବାର ବନ୍ଦୋବସ୍ତ କରିବା ସହ ମୃତକଙ୍କ ପରିବାରକୁ ଭେଟିଛନ୍ତି।

GOVT. OF INDIA
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector - 7, CDA, Cuttack - 753014
**RC/123/2014**
**NOTICE TO SHOW CAUSE WHY A WARRANT OF ARREST SHOULD NOT BE ISSUED**
[UNDER RULE 73 OF THE SECOND SCHEDULE TO THE INCOME TAX ACT, 1961 READ WITH SECTION, 29 OF THE RECOVERY OF DEBTS & BANKRUPTCY ACT, 1993]
**CANARA BANK**
**Versus**
**M/S. P.K. SUPPLY AGENCY AND OTHERS**

To
**(CD-2)** Shri Pramod Kumar Nayak,
S/o. Shri Satrughna Nayak,
At: Nuasahi, P.O.: Balia, Town/Dist.: Balasore - 756056
**(CD-3)** Shri Dharanidhar Patra,
S/o. Shri Srihari Patra,
Resident of Nuasahi, P.O.: Balia,
Town/Dist.: Balasore - 756056

Whereas you have failed to pay the amount of arrears specified in the **OA/207/2010** drawn up by the Presiding Officer, DEBTS RECOVERY TRIBUNAL, CUTTACK for recovery of **Rs.1440698.00 (Rupees fourteen lakhs forty thousands six hundred ninety eight only)** along with interest plus cost payable by you as per certificate and it is proposed to execute the above Certificae by Arrest and Imprisonment of your persons.

You are hereby required to appear before the undersigned on **01.12.2022** and to show cause why you should not be arrested and committed to the CIVIL PRISON in execution of the said Certificate.

Gvien under my HAND and the SEAL of the Tribunal, on this date: **08.09.2022**.

Seal of Tribunal — **Sd./- Saroj Kumar Biswal**, Debts Recovery Tribunal, Cuttack

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତାଙ୍କ ନାମ | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ମୁଣ୍ଡମରାଇ ଶାଖା / ଋଣଗ୍ରହୀତା: ଶ୍ରୀ ଦାଶରଥି ମହାପାତ୍ର | ଟ.୩,୮୧,୮୯୧.୫୦ + ସେବାବଦ ସୁଧ | ୨୦.୦୬.୨୦୨୨/ ୧୫.୧୦.୨୦୨୨ | ଶ୍ରୀ ଦୁର୍ଯ୍ୟୋଧନ ମହାପାତ୍ର, ପିତା: ୰ ବାଞ୍ଛାନିଧି ମହାପାତ୍ର, କଇଠଡ଼ା। ରାମଚନ୍ଦ୍ରପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୦୧୫ ଡିସିମିଲି (୬୫୬ ବର୍ଗଫୁଟ), ପ୍ଲଟ୍ ନଂ.: ୧୨୦୪, ଖାତା ନଂ.: ୨୦୦/୪୮ (ନୂତନ), ୧୮୯ (ପୁରୁଣା), ମେନ୍ ରୋଡ୍ ଷ୍ଟ୍ରିଟ୍, ଗ୍ରାମ/ମୌଜା: କଇଠଡ଼ା ରାମଚନ୍ଦ୍ରପୁର, ୱାର୍ଡ ନଂ.: ୦୨, ହାଉସ୍ ନଂ.: ୬୭, ଆସ୍କା - ଧରାକୋଟ ମେନ୍ ରୋଡ଼, ଥାନା/ତହସିଲ/ଏସ୍‌ଆରଓ: ଆସ୍କା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଉଲ୍ଲା ରେଡ୍ଡୀଙ୍କ ସମ୍ପତ୍ତି, ପଶ୍ଚିମ: ଶ୍ରୀ ବଂଶୀଧର ମହାପାତ୍ରଙ୍କ ଗୃହ, ଉତ୍ତର: ଆସ୍କା - ଧରାକୋଟ ରୋଡ଼, ଦକ୍ଷିଣ: ନିଜସ୍ୱ ଜମି |
| ମୁଣ୍ଡମରାଇ ଶାଖା / ଋଣଗ୍ରହୀତା: ଶ୍ରୀମତୀ ଧରିତ୍ରୀ କୁମାରୀ ସ୍ୱାଇଁ | ଟ.୬,୨୫,୪୧୪.୭୦ + ସେବାବଦ ସୁଧ | ୧୧.୦୫.୨୦୨୨/ ୧୫.୧୦.୨୦୨୨ | ଶ୍ରୀମତୀ ଧରିତ୍ରୀ କୁମାରୀ ସ୍ୱାଇଁ, ସ୍ୱାମୀ: ପ୍ରକାଶ କୁମାର ସ୍ୱାଇଁ, ସା: ମେନ୍ ରୋଡ଼, କୁସୁରାବ ଜଙ୍କସନ ନିକଟ, ବରିଗୁଡ଼ା, ପୋ.: କୁସୁରାବଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୦୪୦ ଡିସିମିଲି, ପ୍ଲଟ୍ ନଂ./ସର୍ଭେ ନଂ.: ୧୦୩୮/୪୦୦୬, ଖାତା ନଂ.: ୩୦୩/୩୮, ମେନ୍ ରୋଡ଼, କୁସୁରାବ ଜଙ୍କସନ ନିକଟ, ଗ୍ରାମ/ମୌଜା: ବରିଗୁଡ଼ା, ଥାନା/ତହସିଲ/ଏସ୍‌ଆରଓ: ଆସ୍କା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବୃନ୍ଦାବନ ପଟ୍ଟନାଏକଙ୍କ ଜମି, ପଶ୍ଚିମ: ପଦ୍ମନାଭ ପଟ୍ଟନାଏକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀମତୀ ତାରିଣୀ ମହାନ୍ତିଙ୍କ ଜମି |
| ରମ୍ଭା ଶାଖା / ଋଣଗ୍ରହୀତା: ମେସର୍ସ ସାୟନ ଫୁଟ୍ ୱିୟର ଆଣ୍ଡ୍ ଭେରାଇଟି ଷ୍ଟୋର୍, ସ୍ୱତ୍ୱାଧିକାରୀ: ଶ୍ରୀ ଟି. ସୁଦର୍ଶନ ସୁବୁଦ୍ଧି | ଟ.୮,୩୪,୮୨୬.୬୨ + ସେବାବଦ ସୁଧ | ୨୦.୦୪.୨୦୨୨/ ୧୫.୧୦.୨୦୨୨ | ଶ୍ରୀମତୀ ଟି. ପ୍ରଫୁଲ୍ଲ କୁମାରୀ ସୁବୁଦ୍ଧି, ସ୍ୱାମୀ: ଶ୍ୟାମସୁନ୍ଦର ସୁବୁଦ୍ଧିଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୪୯/୨୨୮୭, ଖାତା ନଂ.: ୮୬୪/୭୨୧, ରେଭିନ୍ୟୁ ମୌଜା: ରମ୍ଭା ଇଷ୍ଟେଟ୍, ଚାନ୍ଦିପୁର, ଏମ୍‌ଏସ୍‌ଭି ପବ୍ଲିକ୍ ସ୍କୁଲ ନିକଟ, ରମ୍ଭା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୨୭ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ସୀମାଞ୍ଚଳ ପଣ୍ଡାଙ୍କ ଗୃହ ସମ୍ପତ୍ତି, ପଶ୍ଚିମ: ନିଜସ୍ୱ ପ୍ଲଟ୍ ନଂ.: ୭୫୦, ଉତ୍ତର: ବାଳିକା ଉଚ୍ଚ ବିଦ୍ୟାଳୟ, ଦକ୍ଷିଣ: ଏନ୍‌ଏସି ରୋଡ଼ |

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୦.୧୦.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଭୂଲେଖକୁ ଜାତୀୟ ଫସଲବୀମା ପୋର୍ଟାଲ ସହ ସଂଯୋଗୀକରଣକୁ ପ୍ରଶଂସା

**କୋଚିରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କିତ ସମ୍ମିଳନୀ**

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ):** କେରଳର କୋଚିଠାରେ ୮ମ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ୨ଦିନିଆ ଜାତୀୟ ସମୀକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଜମିଜମା ପୋର୍ଟାଲ (ଭୂଲେଖ)କୁ ଜାତୀୟ ଫସଲବୀମା ପୋର୍ଟାଲ ସହ ସଫଳତାର ସହ ସଂଯୋଗୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କୁ ଗୁରୁବାର ସମ୍ମାନିତ କରାଯାଇଛି । ଏହି ପ୍ରୟାସ ଦ୍ୱାରା ଫସଲବୀମାରେ ନକଲି ପଞ୍ଜୀକରଣକୁ ରୋକାଯାଇ ପାରିଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅନନ୍ୟ ଭୂମିକା ରହିଛି। ଉକ୍ତ ସମ୍ମିଳନୀରେ ଯୋଗଦାନକରି କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ରାଜ୍ୟ ସରକାରଙ୍କ ତରଫରୁ ପୁରସ୍କାର ଗ୍ରହଣ କରିବା ସହ ଫସଲ ବୀମା ଯୋଜନାକୁ କୃଷକଙ୍କ ନିମନ୍ତେ ଅଧିକ ହିତକାରୀ କରିବା ପାଇଁ ସୁଚିନ୍ତିତ ମତାମତ ରଖିଛନ୍ତି। ଏହି ସଫଳ ପ୍ରୟାସ ନିମନ୍ତେ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ସମସ୍ତ ଭାଗୀଦାର ସଂସ୍ଥା ଏବଂ କାର୍ଯ୍ୟକ୍ରମ ରୂପାୟନରେ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ ସେ ସାଧୁବାଦ ଜଣାଇବା ସହ ଭବିଷ୍ୟତରେ ଫସଲବୀମା ଯୋଜନାକୁ ଅଧିକ ଲୋକାଭିମୁଖୀ ଓ ବ୍ୟାପକ କରିବା ନିମନ୍ତେ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

www.orissakhabar.com/ www.dharitri.com ପୃଷ୍ଠା:୧୦ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୨୧/୨୦୨୨ Sambalpur, Friday, October 21/ 2022




# ତ୍ରିପୁରା ନିକଟରୁ ହାରିଲା ଓଡ଼ିଶା

**ଆଲୁର,୨୦।୧୦ :** ଆଲୁର କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟରେ ତ୍ରିପୁରା ନିକଟରୁ ପରାଜିତ ହୋଇଛି ଓଡ଼ିଶା। ଗୁରୁବାରର ଲୋ ସ୍କୋରିଂ ମ୍ୟାଚକୁ ଓଡ଼ିଶା ୧୦ ରନରେ ହାରିଯାଇଛି। ତ୍ରିପୁରା ପ୍ରଥମେ ବ୍ୟାଟିଂ କରି ୮୮ ରନରେ ଅଲଆଉଟ ହୋଇଥିବା ବେଳେ ଓଡ଼ିଶା ୭୮/୯ରେ ସୀମିତ ରହିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ପ୍ରିୟଙ୍କା ପ୍ରିୟଦର୍ଶିନୀ ୪/୧୦ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଘାତକ ବୋଲିଂ ବଲରେ ୧୯.୪ ଓଭରରେ ୮୮ ରନରେ ଅଲଆଉଟ ହୋଇଥିଲା। ଓପନର ଜେ. ଆର. ଦେବନାଥ ସର୍ବାଧିକ ୨୧ ରନ୍ କରିଥିଲେ। ତେବେ ଓଡ଼ିଶା ବୋଲର ଅତିରିକ୍ତ ୧୩ ରନ୍ ବ୍ୟୟ କରିବା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ୮୯ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ଓଡ଼ିଶା ପକ୍ଷରୁ ସରିତା ମେହେର ସର୍ବାଧିକ ୨୩ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ଦିବ୍ୟଦର୍ଶିନୀ ୧୨ ରନ୍ କରିଥିଲେ। ତ୍ରିପୁରା ପକ୍ଷରୁ ପି. ଜେ. ଆଚାର୍ଜୀ ଓ ଏ. ବି. ଦାଶ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଶନିବାର ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ମିଜୋରାମ ସହିତ ଖେଳିବ।

**ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟ**

# ଏକତା ବିଷ୍ଟଙ୍କୁ ୭ ଉଇକେଟ

**ମୁମ୍ବାଇ,୨୦।୧୦:** ଭାରତୀୟ ଦଳର ସ୍ପିନର ତଥା ଉତ୍ତରାଖଣ୍ଡ ଦଳର ଅଧିନାୟିକା ଏକତା ବିଷ୍ଟ ସିନିୟର ମହିଳା ଟି ୨୦ରେ କ୍ୟାରିୟର ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି। ଝାଡଖଣ୍ଡ ବିପକ୍ଷ ମ୍ୟାଚରେ ହ୍ୟାଟ୍ରିକ ସହିତ ମାତ୍ର ୮ ରନ୍ ବ୍ୟୟ କରି ଏକତା ୭ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରାଖଣ୍ଡ ମାତ୍ର ୧୦୭ ରନ୍ କରିଥିବା ବେଳେ ଝାଡଖଣ୍ଡ ୯୭ ରନରେ ଅଲଆଉଟ ହୋଇ ଯାଇଥିଲା। ନିଜ ସ୍ପେଲର ଅନ୍ତିମ ୩ ବଲରେ ୩ ଉଇକେଟ ସହିତ ହ୍ୟାଟ୍ରିକ ଅର୍ଜନ କରିଥିଲେ ଏକତା। ଝାଡଖଣ୍ଡ ୫୨ ରନରେ ଦୁଇ ଉଇକେଟ ହରାଇ ବିଜୟ ଆଡକୁ ଅଗ୍ରସର ହେଉଥିବା ବେଳେ ବିଷ୍ଟ ନିଜ ବୋଲିଂ ଯାଦୁ ଦେଖାଇଥିଲେ। ପ୍ରଥମ ସ୍ପେଲରେ ୩ ଉଇକେଟ ନେଇଥିବା ବିଷ୍ଟ ଦ୍ୱିତୀୟ ସ୍ପେଲରେ ହ୍ୟାଟ୍ରିକ ସହିତ ୪ ଉଇକେଟ ନେଇଥିଲେ। ୯୪ ରନରେ ଦଳ ୬ ଉଇକେଟ ହରାଇଥିବା ବେଳେ ସମାନ ସ୍କୋରରେ ୪ ଉଇକେଟ ନେଇ ଉତ୍ତରାଖଣ୍ଡକୁ ବିଜୟୀ କରିଥିଲେ ବିଷ୍ଟ। ୩୬ ବର୍ଷୀୟ ବିଷ୍ଟ ଭାରତ ପାଇଁ ୬୩ ଦିନିକିଆ, ୪୨ ଟି୨୦ ଓ ୧ ଟେଷ୍ଟ ଖେଳି ଯଥାକ୍ରମେ ୯୮, ୫୩ ଓ ୩ ଉଇକେଟ ନେଇଛନ୍ତି। ଏହା ବ୍ୟତୀତ ସେ ୨୦୧୭ ଦିନିକିଆ ବିଶ୍ୱକପ ଖେଳିଥିବା ଦଳର ସଦସ୍ୟ ଥିଲେ।









ଭଦ୍ରକ-ଖଡ୍‌ଗପୁର ମେମୁ ଟ୍ରେନରେ ନିଆଁ ☞ପୃଷ୍ଠା-୩

# ଘରେ ପଶିବା ପରେ ଚେତା

## କୋଟିଆ ପଞ୍ଚାୟତରେ କାର୍ଯ୍ୟାଦେଶ ବାଣ୍ଟିଲା ବ୍ଲକ ପ୍ରଶାସନ

**ପଟ୍ଟାଙ୍ଗୀ,୨୦।୧୦(ଡି.ଏନ୍.ଏ.)**

ପଡ଼ୋଶୀ ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ହୁଅନ୍ତୁ ବା ନେତା ମନ୍ତ୍ରୀ ବିଭିନ୍ନ ସମୟରେ ଓଡ଼ିଶାର ସୀମାନ୍ତ ଗ୍ରାମକୁ ଆସି ସେମାନଙ୍କ ଉପସ୍ଥିତି ଜାହିର କରୁଛନ୍ତି। ସ୍ଥାନୀୟ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ପଡ଼ୋଶୀ ରାଜ୍ୟ ବଳପୂର୍ବକ ପ୍ରବେଶ କରିବାକୁ ସାହସ ପାଉଛି। ନିକଟରେ ବୁଧବାର ଆନ୍ଧ୍ରର ଉପମୁଖ୍ୟମନ୍ତ୍ରୀ ପି. ରାଜନା ଦୋରାଙ୍କ ନେରେଡ଼ିବାଲସା ଗ୍ରାମରେ ଉପସ୍ଥିତି ଏହାର ଜ୍ୱଳନ୍ତ ଉଦାହରଣ। ଆନ୍ଧ୍ରର ଏଭଳି ଚକ୍ରାନ୍ତ ଏବଂ ଓଡ଼ିଶାର ନିରୁତ୍ସାହଜନକ ପଦକ୍ଷେପକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ପରେ ସ୍ଥାନୀୟ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଗୁରୁବାର ବ୍ଲକର ତଳଗଞ୍ଜେଇପଦର ଗ୍ରାମରେ ଓଡ଼ିଶା ପ୍ରଶାସନ ବିଜୁ ପକ୍କାଘର କାର୍ଯ୍ୟାଦେଶ ସହ ବଳରାମ ଯୋଜନାରେ ବିଭିନ୍ନ ମହିଳା ସଂଘ ସଦସ୍ୟାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପିତମ ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଲୋକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ବୁଝାଇଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନର ଏହି କାର୍ଯ୍ୟକ୍ରମ ପାଇଁ ଗୁରୁବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଦୋରାଙ୍କ ତଳଗଞ୍ଜେଇପଦର ଗସ୍ତ ବାତିଲ ହୋଇଛି।



ବିଧାୟକ ପିତମ ପାଢ଼ୀ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

କାର୍ଯ୍ୟାଦେଶ ବଣ୍ଟନ ଓ ସହାୟତା ପ୍ରଦାନ ଅବସରରେ ବିଧାୟକ ପାଢୀ କୋଟିଆ ପଞ୍ଚାୟତର ତଥା ଓଡ଼ିଶାର ଉଚ୍ଚତମ ପର୍ବତ ଦେଓମାଳି ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ ଲାଗି ଓଡ଼ିଶା ସରକାର ୨୦ କୋଟି ବିନିଯୋଗ କରିବାକୁ ପଦକ୍ଷେପ ନେଇଥିବା ସୂଚନା ଦେଇଥିଲେ। କୋଟିଆ ପଞ୍ଚାୟତ ଲୋକେ କିପରି ପକ୍କା ଘର ପାଇବେ, ସେଥିପାଇଁ ୬୭୫ଟି ଘର ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୬୮ ଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବେଳେ ଏବେ ୫୦୭ ଜଣଙ୍କୁ ଉକ୍ତ ଯୋଜନାରେ ଘର କରିବାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି ପାଢୀ ପ୍ରକାଶ କରିଥିଲେ। ସେହିପରି କୋଟିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ପଞ୍ଚାୟତର ୧୨ଟି ଏସ୍‌ଏଚ୍‌ଜିର ୫୮ଜଣଙ୍କୁ ୭ଲକ୍ଷ ୩୮ହଜାର ଟଙ୍କା ଏବଂ ଜମିହୀନ ଅଥବା ସ୍ୱଳ୍ପ ଜମି ଥିବା ବ୍ୟକ୍ତିମାନଙ୍କୁ ବଳରାମ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସ୍‌ୱାଲା, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ବିଡିଓ ସୌମ୍ୟ ସାର୍ଥକ ମିଶ୍ର, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଏସ୍‌ଡିପିଓ ମନୋଜ ବେହେରା, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, କୋଟିଆ ସରପଞ୍ଚ ଲିୟୁ ଗେମେଲ, ପଟ୍ଟାଙ୍ଗୀ ସରପଞ୍ଚ ଆଲ୍‌ମେ ଫୁଲ, ନୂଆଗାଁ ସରପଞ୍ଚ ସୁବାସ ଖରା, ଲ୍ୟାମ୍ପ୍ସ କାର୍ଯ୍ୟାଳୟ ସଭାପତି ସିକୁଣ୍ଡୁ ପାଙ୍ଗୀ, ଜିଲା ପରିଷଦ ସଭ୍ୟ ଲଇଚନ ଗେମେଲ, ସେମିଳିଗୁଡା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି, ବିଧାୟକ ପ୍ରତିନିଧି ଅନନ୍ତ ରାମ ମାଟାମ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କୋଟିଆରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# ଜୟପୁର ଏୟାରପୋର୍ଟକୁ ଡିଜିସିଏର ଅନୁମତି

### ଅବିଭକ୍ତ କୋରାପୁଟ ଜିଲାରେ ଖୁସିର ଲହରି

**ଜୟପୁର, ୨୦।୧୦ (ନି.ପ୍ର.)**

ଜୟପୁରରୁ ସବୁଦିନିଆ ବିମାନ ଉଡିବା ନେଇ ଅନୁମତି ମିଳଛି। ଗୁରୁବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଉଡାନ ଯୋଜନାରେ ଡିଜିସିଏ ଏହି ଅନୁମତି ପ୍ରଦାନ କରଛି। ଅନୁମତି ପତ୍ର ବିଭାଗ ପକ୍ଷରୁ ଏନେଇ ଓଡିଶା ସରକାରଙ୍କୁ ଅବଗତ କରାଯାଇଛି। ଅନୁମିତ ଅନୁସାରେ ଜୟପୁର ଏୟାରପୋର୍ଟରୁ ପ୍ରତ୍ୟହ ଯାତ୍ରୀଙ୍କୁ ନେଇ ଚଳପ୍ରଚଳ କରିବ। ଗତ ଅଗଷ୍ଟ ୩ରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଇଣ୍ଡିଆ ୱାନ ଏୟାର ନାମକ ଏକ ସଂସ୍ଥାକୁ ଜୟପୁର-ଭୁବନେଶ୍ୱର ଓ ଜୟପୁର-ବିଶାଖାପାଟଣା ମଧ୍ୟରେ ୯ ସିଟ ବିଶିଷ୍ଟ ବିମାନ ଚଳାଇବାକୁ ନନ ସିଡ୍ୟୁଲ କରିଥିଲେ । ମାତ୍ର କେନ୍ଦ୍ର ସରକାରଙ୍କ ଡିଜିସିଏ ପକ୍ଷରୁ ଏହି ଅନୁମତି ପତ୍ର ମିଳି ନ ଥିବା ଯୋଗୁ ଏହି ବିମାନ ପ୍ରତ୍ୟହ ଆସୁଥିଲେ ମଧ୍ୟ ଯାତ୍ରୀକୁ ନେଇ ପାରୁ ନ ଥିଲା। ଡିଜିସିଏ ଅନୁମତି ପରେ ଏବେ ଜୟପୁରଠାରୁ ବିମାନ ଚଳାଚଳ ନେଇ ରୁଟ୍ ମିଳିଛି। ଗତ ୧୩ରେ ୨ ଦିନ ଧରି ଡିଜିସିଏ ଓ ବ୍ୟୁରୋ ଅଫ୍ ସିଭିଲ ଆଭିଏଶନ ସିକ୍ୟୁରିଟି ଟିମ୍ ପହଞ୍ଚି ଏୟାରପୋର୍ଟରେ ଯାଞ୍ଚ କରି ଫେରିଥିଲେ। ଟିମ୍‌ର ବେସାମରିକ ସୁରକ୍ଷା ମୁଖ୍ୟ ଏୟାରପୋର୍ଟରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିମ୍ ସାମିଲ ଥିଲେ। ଅନ୍ୟପକ୍ଷରେ ଏଠାରୁ ନିୟମିତ ବିମାନ ସେବା ନେଇ ବିଡ୍ ପାଇଥିବା ଇଣ୍ଡିଆ ୱାନ ଏୟାର ଟ୍ରାଏଲ ଭାବେ ନିୟମିତ ଭୁବନେଶ୍ୱର-ଜୟପୁର-ବିଶାଖାପାଟଣା ଉଡାଣ ଜାରି ରଖିଛି। ଏହା ପୂର୍ବରୁ ଉଭୟ ରାଜ୍ୟ ଓ କେନ୍ଦ୍ର ଟିମ୍ ୬ ଥର ଏୟାରପୋର୍ଟର ଭିତ୍ତିଭୂମି ସମୀକ୍ଷା କରିଥିଲେ। ଡିଜିସିଏ ଅନୁମତି ମିଳିବା ଖବର ଜଣାପଡ଼ିବା ପରେ ଜୟପୁର ସହ ଅବିଭକ୍ତ କୋରାପୁଟ ଜିଲାରେ ଖୁସିର ଲହରି ଖେଳିଯାଇଛି।







# ମହଙ୍ଗା ପଡ଼ିବ ଅଳସୁଆମୀ

### ବ୍ୟାୟାମ ନ କଲେ ବାର୍ଷିକ ୨୭ ବିଲିୟନ ଡଲାର କ୍ଷତି ସହିବ ବିଶ୍ୱ

**ନୂଆଦିଲ୍ଲୀ, ୨୦।୧୦**

ସୁସ୍ଥ ଶରୀର ପାଇଁ ବ୍ୟାୟାମ ଜରୁରୀ। ବିଶେଷକରି ଅତ୍ୟାଧୁନିକ ଜୀବନଶୈଳୀ ଯୋଗୁ ବିଭିନ୍ନ ପ୍ରକାର ଅସୁସ୍ଥତାରୁ ନିଜକୁ ରକ୍ଷା କରିବା ପାଇଁ ଏବେ ବ୍ୟାୟାମ ଅତ୍ୟାବଶ୍ୟକ ହୋଇପଡ଼ିଛି। ଜିମ୍, ପାର୍କ ତଥା ଘରେ ଏକ୍ସରସାଇଜକୁ ଆପଣାଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବଢୁଛି। ହେଲେ ବିଶ୍ୱର ବହୁସଂଖ୍ୟାରେ ଲୋକେ ଏବେ ବି ନିଜ ଶରୀରକୁ ଅଣଦେଖା କରୁଛନ୍ତି। କୋଭିଡ୍ ମହାମାରୀ ପରେ ଚିକିତ୍ସା ସେବା ବାବଦ



ବ୍ୟୟ ବଢ଼ିଛି। ଲୋକେ ଅନେକ ନୂଆ ରୋଗର ଶିକାର ହେଉଛନ୍ତି। ଅକାଳରେ ଲୋକଙ୍କ ଜୀବନ ଯାଉଥିବାରୁ ସମ୍ପୃକ୍ତ ଦେଶର ସରକାରଙ୍କୁ ଏ ବାବଦରେ ବ୍ୟାପକ କ୍ଷତି ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏକ ନୂଆ ରିପୋର୍ଟ ଅନୁସାରେ ସୁସ୍ଥ ଜୀବନଶୈଳୀ ଆପଣା ନ ଗଲେ ଲୋକେ ଅଧିକ ମାତ୍ରାରେ କ୍ରନିକ୍ ଡିଜିଜ୍ (ଦୁରାରୋଗ୍ୟ ବା ଦୀର୍ଘ ସମୟ ପର୍ଯ୍ୟନ୍ତ ଚିକିତ୍ସା ଆବଶ୍ୟକ କରୁଥିବା ରୋଗ)ରେ ଆକ୍ରାନ୍ତ ହେବେ। ଏହାଦ୍ୱାରା ୨୦୩୦ ସୁଦ୍ଧା ବିଶ୍ୱବ୍ୟାପୀ ସରକାରଙ୍କ ବାର୍ଷିକ ୨୭ ବିଲିୟନ ଡଲାର ଖର୍ଚ୍ଚ ହେବ।

ଡବ୍ଲ୍ୟୁଏଚ୍‌ଓ କହିବା ଅନୁସାରେ, ଶାରିରୀକ ପରିଶ୍ରମ ତଥା ବ୍ୟାୟାଗ ଅଭାବରୁ ୨୦୩୦ ସୁଦ୍ଧା ଡାଇବେଟିସ୍, ଡିମେଣ୍ଟିଆ, ଉଚ୍ଚ ରକ୍ତଚାପ ଆଦି ରୋଗରେ ପୀଡ଼ିତଙ୍କ ସଂଖ୍ୟା ବହୁମାତ୍ରାରେ ବୃଦ୍ଧି ପାଇବ। ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ବିଭିନ୍ନ ଦେଶର ସରକାର ବଜେଟ୍ ବୃଦ୍ଧି କରିବାକୁ ବାଧ୍ୟ ହେବେ। ରିପୋର୍ଟରେ ୧୯୪ ଦେଶକୁ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୦%ରୁ କମ୍ ରାଷ୍ଟ୍ରର ସରକାର ସୁସ୍ଥ ଜୀବନଶୈଳୀ ଉପରେ କୌଣସି ସ୍ପଷ୍ଟ ଜାତୀୟ ନୀତି ନ ଥିବା କୁହାଯାଇଛି। ତେଣୁ ସରକାର ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ଲୋକଙ୍କୁ ସୁସ୍ଥ ଜୀବନଶୈଳୀ ଆପଣାଇବା ଦିଗରେ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଉପଯୁକ୍ତ ଖାଦ୍ୟ ଏବଂ ବ୍ୟାୟାମ ଆଦି ଦ୍ୱାରା କ୍ରନିକ୍ ଡିଜିଜ୍‌ରେ ଆକ୍ରାନ୍ତ ଆଶଙ୍କା ୩୦% ପର୍ଯ୍ୟନ୍ତ ହ୍ରାସ ପାଇପାରିବ ବୋଲି ରିପୋର୍ଟରେ କୁହାଯାଇଛି। ଶାରିରୀକ ଅସୁସ୍ଥତା ଯୋଗୁ ଜନସଂଖ୍ୟାର ଏକ ବଡ଼ ଭାଗ ବ୍ୟାପକ ସାମାଜିକ, ଅର୍ଥନୈତିକ, ପରିବେଶଗତ ସଂସ୍କାର ଦ୍ୱାରା ଉପକୃତ ହେବାରୁ ବଞ୍ଚିତ ହେବେ। ବିଶେଷକରି ନିମ୍ନଆୟ ବିଶିଷ୍ଟ ଦେଶଗୁଡ଼ିକରେ ଏହି ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ତେଣୁ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରଇବା ଜରୁରୀ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି।



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବଙ୍କ ଶ୍ରଦ୍ଧାଞ୍ଜଳି ସଭା, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା ।
- ସମ୍ବଲପୁର ଫ୍ଲାଏଓଭର ଉଦ୍‌ଘାଟନ କାର୍ଯ୍ୟକ୍ରମ, ଲକ୍ଷ୍ମୀଟକିଜ ଛକ, ଅପରାହ୍ନ ୪ଟା
- ଡାକ୍ତର ଦୀପ୍ତିବାଳା ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ଦିବସ, ସୋସିଆଲ ଷ୍ଟାର କ୍ଲବ ସଭାକକ୍ଷ, ସନ୍ଧ୍ୟା ସାଢ଼େ ୬ଟା ।

# ଅସୁରକ୍ଷିତ ଭାବେ ଚାଲିଛି ହ୍ୟୁମ୍ ପାଇପ୍ ଫ୍ୟାକ୍ଟ୍ରି

**ସମ୍ବଲପୁର,୨୦।୧୦(ବ୍ୟୁରୋ)**


ମାନେଶ୍ୱର-ଜୟନ୍ତପୁର ରାସ୍ତା କଡରେ ହ୍ୟୁମ୍ ପାଇପ୍ ଫ୍ୟାକ୍ଟ୍ରି।

ସମ୍ବଲପୁର ମହାନଗର ନିଗମର ମାନେଶ୍ୱର- ଜୟନ୍ତପୁର ରାସ୍ତା କଡରେ ଥିବା ହ୍ୟୁମ୍ ପାଇପ୍ ଫ୍ୟାକ୍ଟ୍ରିରେ ସେପ୍ଟେମ୍ବର ୨୫ରେ କାମ କରୁଥିବା ସମୟରେ ସତ୍ୟ ମିର୍ଦ୍ଧା (୧୯) ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଶ୍ରମିକମାନେ ଜୋତା, ହେଲ୍‌ମେଟ ଓ ଅନ୍ୟାନ୍ୟ ସୁରକ୍ଷା ସାମଗ୍ରୀ ବ୍ୟବହାର କରିବା କଥା। ହେଲେ କମ୍ପାନୀ ପକ୍ଷରୁ ଏହି ସାମଗ୍ରୀ ପ୍ରଦାନ କରାଯାଉ ନ ଥିବା କୁହାଯାଉଛି। ସତ୍ୟ ବିନା ଜୋତା ଓ ହେଲ୍‌ମେଟରେ କାମ କରୁଥିଲେ। ଫଳରେ ମୁଣ୍ଡରେ ଆଘାତ ଲାଗିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏଠାରେ କମ୍ପାନୀ ମାଲିକ ଅସୁରକ୍ଷିତ ଭାବେ ଫ୍ୟାକ୍ଟ୍ରି ଚଲାଇଥିବା ଅଭିଯୋଗ ହେଉଛି। ଘଟଣା ଦିନ ଚାନ୍ଦମୁଣ୍ଡା ଗ୍ରାମ ଦୁର୍ଗାମନ୍ଦିର ନିକଟରେ ପୋଲିସ ଓ କମ୍ପାନୀର ଜଣେ ମ୍ୟାନେଜରଙ୍କ ଭିତରେ ଡିଲ୍ ହୋଇଥିବା ଆଲୋଚନା ହେଉଛି। ମାମଲାକୁ କୋହଳ କରିବା ଓ କୋର୍ଟ ଚାଲାଣ ନ କରିବା ନେଇ ଜଣେ ପୋଲିସ ବାବୁ ପ୍ରାୟ ୩ଲକ୍ଷ ଟଙ୍କା କମ୍ପାନୀ ଅଧିକାରୀଙ୍କଠାରୁ ନେଇଥିବା ଚର୍ଚ୍ଚା ହେଉଛି। ପରେ ଥାନାରେ ଅଟକ ଥିବା ଅନ୍ୟଜଣେ ମ୍ୟାନେଜର ଓ ଦୁଇଜଣ କର୍ମଚାରୀଙ୍କୁ ଛାଡି ଦିଆଯାଇଥିବା ଅଭିଯୋଗ ହେଉଛି। କମ୍ପାନୀ ଅବହେଳା ପାଇଁ ସତ୍ୟଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ସଦର ଥାନାରେ ୨୫୯/୨୨ରେ ମାଲିକ ଓ ଜଣେ ମ୍ୟାନେଜରଙ୍କ ନାମରେ ୩୦୪ (ଏ) ଓ ୨୮୭ ଦଫାରେ ମାମଲା ରୁଜୁ ହୋଇଥିଲା। କମ୍ପାନୀ ନିୟମ ଅନୁସାରେ ଉକ୍ତ ମାମଲାରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଘଟଣା ନେଇ ଶ୍ରମ ବିଭାଗ, ବ୍ରଏଲର ଆଣ୍ଡ ଫ୍ୟାକ୍ଟ୍ରି ବିଭାଗକୁ ମଧ୍ୟ କମ୍ପାନୀ ଓ ପୋଲିସ ପକ୍ଷରୁ ଅବଗତ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରବାର

### ବଏଲର ଆଣ୍ଡ ଫ୍ୟାକ୍ଟ୍ରି ବିଭାଗକୁ ଜଣାନାହିଁ

ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ବର୍ଗଙ୍କୁ ମାଲିକ ମୃତଦେହ ସତ୍କାର ଓ ଶୁଦ୍ଧିକ୍ରିୟା ପାଇଁ କିଛି ଆର୍ଥିକ ସହଯୋଗ କରିଥିଲେ। ଏପରି କି ବୀମା କମ୍ପାନୀ ପକ୍ଷରୁ କିଭଳି ଟଙ୍କା ମିଳିବ ସେ ଦିଗରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ପରିବାର ବର୍ଗ କହନ୍ତି। ରୋଜଗାରକ୍ଷମ ପୁଅକୁ ହରାଇ ମୂକ ବାପା ଓ ବୃଦ୍ଧ ମାଆ ଦୁଃଖରେ ଭାଙ୍ଗି ପଡିଛନ୍ତି। ଅଘଟଣ ପରେ ମଧ୍ୟ ଫ୍ୟାକ୍ଟ୍ରିରେ ଅସୁରକ୍ଷିତ ଭାବେ ଶ୍ରମିକମାନେ କାମ କରୁଥିବା ଅଭିଯୋଗ ହେଉଛି। କାଗଜପତ୍ର ଯାଞ୍ଚ ସହ ଶ୍ରମିକ ସୁରକ୍ଷା ନେଇ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ତଦନ୍ତ କରାଯାଉ ବୋଲି ଦାବି ହେଉଛି। ଏ ସମ୍ପର୍କରେ ଥାନା ଅଧିକାରିଣୀ ଅନିତା ପଟନିଆ କହିଛନ୍ତି, ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି। ତଦନ୍ତ ଜାରି ରହିଛି। ଟଙ୍କା ନେବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଥିଲେ। ଅନ୍ୟପଟେ ବ୍ରଏଲର ଆଣ୍ଡ ଫ୍ୟାକ୍ଟ୍ରି ବିଭାଗ ଇନ୍ସପେକ୍ଟର ଉମାକାନ୍ତ ସାମନ୍ତରାୟ କହିଛନ୍ତି, ଦୁର୍ଘଟଣା ଘଟିବା ପରେ ଆମକୁ ସୂଚନା ଦିଆଯିବା କଥା, ହେଲେ କେହି ଜଣାଇନାହାନ୍ତି। ଫ୍ୟାକ୍ଟ୍ରି ପରିଦର୍ଶନ କରି କ'ଣ ସମସ୍ୟା ରହିଛି ତାହା ଅନୁଧ୍ୟାନ କରାଯିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସେହିପରି ଫ୍ୟାକ୍ଟ୍ରି ପକ୍ଷରୁ କୁହାଯାଇଛି, ବହୁଦିନରୁ ସତ୍ୟ କାମ କରୁଥିଲେ, ଏହା ଆମ ପାଇଁ ଦୁଃଖଦ ଘଟଣା। ଶ୍ରମିକଙ୍କ ପରିବାର ବର୍ଗଙ୍କୁ ଯଥାସମ୍ଭବ ସହାୟତା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାରେ ଡେରି ହେଉଛି। ତେଣୁ ସତ୍ୟଙ୍କ ପରିବାର ବର୍ଗଙ୍କୁ ବୀମା ମିଳିବା ପ୍ରକ୍ରିୟାରେ ବିଳମ୍ବ ହେଉଛି। ସୁରକ୍ଷାର ସମସ୍ତ ନିୟମ ପାଳନ କରାଯାଉଛି। ଅନେକ ସମୟରେ ଶ୍ରମିକମାନେ ହେଲ୍‌ମେଟ ଓ ଜୋତା ଖୋଲି ଦେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବ।

## ଜିଲା ପୋଲିସର ଥାନା ଅଧିକାରୀ ସ୍ତରରେ ବଦଳି

**ସମ୍ବଲପୁର,୨୦।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ପୋଲିସ ବିଭିନ୍ନ ଥାନାଧିକାରୀଙ୍କୁ ଅଦଳବଦଳ କରିଛି। ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ନାକଟିଦେଉଳ ଥାନାଧିକାରୀ ବିଭୂତି ଭୂଷଣ ଦଳେଇଙ୍କୁ ଠେଲକୋଲୋଇ ଥାନା ଓ ଠେଲକୋଲୋଇ ଥାନାଧିକାରୀ ବିଧୁଭୂଷଣ ମିଶ୍ରଙ୍କୁ ଗୋବିନ୍ଦପୁର ଥାନାକୁ ବଦଳି କରାଯାଇଛି। କିସିଣ୍ଡା ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କୁ ଧମା ଥାନା ଓ ଧମା ଥାନାଧିକାରୀ ଯୁଗଳ ସାହୁଙ୍କୁ ମହୁଲପାଲି ଥାନାକୁ ବଦଳି କରାଯାଇଛି। ଆଇୟୁସିଏଡବ୍ଲ୍ୟୁ ମୋ ସରକାର ଦାୟିତ୍ୱରେ ଥିବା ଜୟରଶ୍ମି ସେଠୀଙ୍କୁ ରେଢ଼ାଖୋଲ ଥାନା ଓ ରେଢ଼ାଖୋଲ ଥାନାଧିକାରୀ ସୁରୁବାବୁ ଛତ୍ରିଆଙ୍କୁ ଶାସନ ଥାନାକୁ ବଦଳି କରାଯାଇଛି। ଶାସନ ଥାନାଧିକାରୀ ଲୋକନାଥ ସାହୁଙ୍କୁ କିସିଣ୍ଡା ଥାନାକୁ ବଦଳି କରାଯାଇଛି। ସେହିପରି ମହୁଲପାଲି ଥାନାଧିକାରୀ ସୁଶାନ୍ତ ଦାଶଙ୍କୁ ବୁର୍ଲା ଥାନାରେ ଅବସ୍ଥାପିତ କରାଯାଇଛି। ଠେଲକୋଲୋଇ ଥାନାର ସବ୍‌ଇନ୍ସପେକ୍ଟର ପ୍ରମୋଦ କୁମାର ସାହୁଙ୍କୁ ଧମା ଥାନା ଓ ହେଡକ୍ୱାର୍ଟରରେ ନିୟୋଜିତ ଉଦ୍ଧବ ଚରଣ ତରିଆଙ୍କୁ ଠେଲକୋଲୋଇ ଥାନାକୁ ବଦଳି କରାଯାଇଛି।

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ନାକଟିଦେଉଳ,୨୦।୧୦(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ବୁଧବାର କଞ୍ଚନପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ ବିଦ୍ୟାଳୟରୁ ସମୁଦାୟ ୫୮ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଚିତ୍ରାଙ୍କନ, କୁଇଜ୍, ବକ୍ତୃତା, ସୃଜନଶୀଳ ଲିଖନ ଆଦି ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ୧୯ ଓ କନିଷ୍ଠ ବିଭାଗରେ ୩୯ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ବିଇଓ ବିଜୟ କୁମାର ପାତ୍ର ମୁଖ୍ୟଅତିଥି, ଏବିଇଓ ଚନ୍ଦ୍ରମଣୀ ବେହେରା, ଗିରିଶ୍ଚନ୍ଦ୍ରପୁର ସିଆର୍‌ସିସି ଲୋକନାଥ ସାମଲ, ବଞ୍ଜାଗୋଲା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ, କଞ୍ଚନପୁର ସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ନାଏକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ଅଙ୍ଗନୱାଡ଼ି ସହାୟିକା ନିଯୁକ୍ତିରେ ଅନିୟମିତତା

**ରେଢ଼ାଖୋଲ,୨୦।୧୦(ଡ଼ି.ଏନ.ଏ.):** ରେଢ଼ାଖୋଲ ଏନ୍‌ଏସି ଅଧୀନ ୨ନଂ ୱାର୍ଡ ସାଲେସିଂ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଗୁରୁବାର ଉପଜିଲାପାଳ ପବିତ୍ର ବେହେରାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ଉପଯୁକ୍ତ ପ୍ରାର୍ଥିନୀଙ୍କୁ ଚୟନ କରି ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ସାଲେସିଂ ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ନିଯୁକ୍ତି ପାଇଁ ଶିଶୁ ବିକାଶ ଯୋଜନା ଅଧିକାରୀ ସଂଖ୍ୟା।୫୮୨/୧୨।୧୦।୨୦୨୨ରେ ବିଜ୍ଞାପନ ପ୍ରକାଶ କରିଥିଲେ। ତଦନୁଯାୟୀ ୧୯ ତାରିଖରେ ଶିଶୁ ବିକାଶ ଅଧିକାରୀଙ୍କ ଉପସ୍ଥିତିରେ ଗ୍ରାମର ଜ୍ୟୋତ୍ସ୍ନାରାଣୀ ଅମାତଙ୍କୁ ସହାୟିକା ଚୟନ କରାଯାଇଥିଲା। ହେଲେ ଏହା ନିୟମ ବିରୋଧ। ବିଧବା ମହିଳା, ସ୍ୱାମୀ ପରିତ୍ୟକ୍ତା ଓ ଅସହାୟ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବାକୁ ନିୟମ ରହିଛି। ଗ୍ରାମରେ ୩ଜଣ ବିଧବା ମହିଳା ଓ ଜଣେ ଅସହାୟ ମହିଳା ଥାଇ ସୁଦ୍ଧା ସେମାନଙ୍କ ମଧ୍ୟରୁ କାହାକୁ ନିଯୁକ୍ତି ଦିଆଯାଇ ନ ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସସ୍ମିତା ନାୟକ, ମଧୁମିତା ଅମାତ, ଲକ୍ଷ୍ମୀ ବେହେରା, ସୁକାନ୍ତି ବେହେରା, ସୁମିତ୍ରା ପ୍ରଧାନ, ପଦ୍ମାବତୀ ଦେହୁରୀଙ୍କ ସମେତ ଗ୍ରାମର ବହୁ ମହିଳା ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଖଣ୍ଡୋକଟା ଧନୁଯାତ୍ରା କମିଟି ଗଠିତ

**କୁଚିଣ୍ଡା,୨୦।୧୦(ଡ଼ି.ଏନ.ଏ.):** କୁଚିଣ୍ଡା ବ୍ଲକ ଖଣ୍ଡାକଟାରେ ୩୦ତମ ଧନୁଯାତ୍ରା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରବି ନାରାୟଣ ନାଏକଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ କରୋନା ପାଇଁ ଦୁଇବର୍ଷ ଧରି ଧନୁଯାତ୍ରା ବନ୍ଦରହି କେବଳ ବିଧି ପାଳନ ନିମନ୍ତେ ପୂଜା ହୋଇଥିଲା। ଆଗାମୀ ଯାତ୍ରା କିନ୍ତୁ ଆଡମ୍ବର ସହକାରେ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଧନୁଯାତ୍ରା ଆସନ୍ତା ୨୦୨୩ ଫେବୃୟାରୀ ୧ରୁ ୫ତାରିଖ ପର୍ଯ୍ୟନ୍ତ କରିବାକୁ ନିଷ୍ପତ୍ତି ହୋଇଛି। ସର୍ବସମ୍ମତି କ୍ରମେ ଏକ କମିଟି ଗଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ସଭାପତି, ବେଦବ୍ୟାସ ନାୟକ ଓ ରବି ଉର୍ଜା ଉପସଭାପତି, ପୂର୍ଣ୍ଣଚନ୍ଦ୍ର ପଟେଲ ସାଧାରଣ ସମ୍ପାଦକ, ଧ୍ରୁବଚରଣ ନାୟକ ସହସମ୍ପାଦକ, ବଳରାମ ସାହୁ ଓ ତୁଳାରାମ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।ଡିଲେଶ୍ୱର ସାହୁ, ସନ୍ତୋଷ ପୃଷ୍ଟି, ସୁରେଶ ଚନ୍ଦ୍ର ପଟେଲ, କୃଷ୍ଣ ଚନ୍ଦ୍ର ନାୟକଙ୍କ ସମେତ ୩୦ଜଣ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲରେ ତାଲା


ଧାରଣାରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକ।

**ରେଢ଼ାଖୋଲ,୨୦।୧୦(ଡ଼ି.ଏନ.ଏ.)**

ଶିକ୍ଷକ ନିଯୁକ୍ତି ଦାବିରେ ଗୁରୁବାର ରେଢ଼ାଖୋଲ ସହର ଖନ୍ଦାଡିପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ର ତାଲା ପକାଇ ଧାରଣାରେ ବସିଥିଲେ। ତେବେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ସ୍କୁଲକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଶୁକ୍ରବାର ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ମହାବୀର ସିଂ ଦେଓ ଅଭିଯୋଗ କରିଛନ୍ତି, ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୦୫ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୮ ଶ୍ରେଣୀ ପାଇଁ ମାତ୍ର ୪ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଫଳରେ ପାଠପଢାରେ ବହୁ ଅସୁବିଧା ହେଉଛି। ଗତମାସ ୧୯ ତାରିଖରେ ପରିଚାଳନା କମିଟି ପକ୍ଷରୁ ଆଉ ୪ ଜଣ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କୁ ଲିଖିତ ଦାବି କରାଯାଇଥିଲା। ଏକ ମାସ ପରେ ବି ପଦକ୍ଷେପ ନିଆ ନ ଯିବାରୁ ସ୍କୁଲରେ ତାଲା ପକାଇ ଧାରଣା ଦିଆଯାଇଥିଲା।

# ଜିଲାପାଳଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

**କୁଚିଣ୍ଡା, ୨୦।୧୦(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଗୁରୁବାର କୁଚିଣ୍ଡା ବ୍ଲକର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଜିଲାପାଳଙ୍କ ଏହି ଗସ୍ତ ବେଳେ ଉପଜିଲାପାଳ ଆଦିତ୍ୟ ଗୋୟଲ, ବିଡିଓ ନିରଞ୍ଜନ ସାଙ୍କ ସମେତ ବ୍ଲକର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ ପୁରୁଣାପାଣି ଅଙ୍ଗନୱାଡି କେନ୍ଦ୍ର, କୁଚିଣ୍ଡା କଳାପରିଷଦରେ ଚାଲିଥିବା ଅଡିଟୋରିୟମ ପରିଦର୍ଶନ କରିଥିଲେ। ବକ୍ସମା ପଞ୍ଚାୟତରେ ଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଯାଇ ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପରେ ଚନ୍ଦନିମାଲ ପଞ୍ଚାୟତ ଗସ୍ତ କରି ଆମ୍ବ ବଗିଚା ଓ ପ୍ରସ୍ତାବିତ ମେଗା ଜଳସେଚନ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରିଥିଲେ। ଏହାପରେ କୁଚିଣ୍ଡାରେ ଚାଲିଥିବା ଆର୍‌ଏମ୍‌ସି ଗେଷ୍ଟ ହାଉସ, ସୃଷ୍ଟିମୟୀ ପରିଧାନ ଉତ୍ପାଦକ ଗୋଷ୍ଠୀ ପରିଦର୍ଶନ କରିଥିଲେ। କୁଚିଣ୍ଡା ପୂର୍ତ୍ତବିଭାଗ ବଙ୍ଗଳାରେ ଜିଲାପାଳ ଦାସ ଧାନ କ୍ରୟ ଉପରେ ଏକ ସମୀକ୍ଷା ବୈଠକ କରି ଥିଲେ। ଏହି ଗସ୍ତ ସମୟରେ ବ୍ଲକର ବିପିଏମ୍ ଟିପେନସନ ବେହେରା, ଯନ୍ତ୍ରୀ ପ୍ରବୀଣ ସୁରିନ, କ୍ଷେତ୍ରମୋହନ ମାଝି, ଉଦ୍ୟାନ ଉପନିର୍ଦ୍ଦେଶକ ଅମ୍ବର ଲୁଗୁଣ, ଦୀପକ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## କୃତଜ୍ଞତା ଜଣାଇଲେ ସୀମାନ୍ତ ଅଞ୍ଚଳବାସୀ

**ଝାରସୁଗୁଡ଼ା ଅଫିସ,୨୦।୧୦**

ଝାରସୁଗୁଡ଼ା ଜିଲାର ସୀମାନ୍ତ ୧୯ଖଣ୍ଡ ମୌଜାର ଆଞ୍ଚଳିକ ହାଇସ୍କୁଲ ମୁରଲିପାଲିକୁ ଓଡିଶା ସରକାର ଗତ ୧୫ ଅକ୍ଟୋବରରେ ଗଣଶିକ୍ଷା ବିଭାଗର ପତ୍ରାଙ୍କ ସଂଖ୍ୟା ୨୧୬୮୫ରେଚଳିତ ବର୍ଷରୁ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ଉନ୍ନୀତ କରିଛନ୍ତି। ସରକାରଙ୍କ ଏହି ଘୋଷଣା ପରେ ୧୯ ଖଣ୍ଡ ମୌଜାର ଶତାଧିକ ବୁଦ୍ଧିଜୀବୀ, ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ମାଟ୍ରିକ ପାସ୍ କରି ନାମ ଲେଖାରୁ ବଞ୍ଚିତ ହୋଇଥିବା ଶତାଧିକ ଛାତ୍ରୀଛାତ୍ର କଲେଜ ଗଠନରେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ପାଇଁ ଝାରସୁଗୁଡ଼ା ଆସିଥିଲେ। ସେମାନେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଏମ୍‌ପି ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଜିଲାପାଳ ସରୋଜ ସାମଲ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପାଞ୍ଜଳି ମିଞ୍ଜଙ୍କୁ ଭେଟି ଫୁଲତୋଡ଼ା ପ୍ରଦାନ ପୂର୍ବକ କୃତଜ୍ଞତା ଜ୍ଞାପନ କରିଥିଲେ। ଏହାସହିତ ଏବର୍ଷ ଯେଭଳି ନାମଲେଖା ଆରମ୍ଭ କରିବେ, ଭିତ୍ତିଭୂମିର ବିକାଶ ପାଇଁ ଅନୁରୋଧ କରିଥିଲେ। ଶିକ୍ଷାବିତ୍ ରାମେଶ୍ୱର ସା, ଧନିରାମ ସା, ବେଣୁଧର ପ୍ରଧାନ, ଆଦିତ୍ୟ ପ୍ରଧାନ, ଅଧ୍ୟାପକ ପ୍ରଶାନ୍ତ ସାହୁ, ଚକନନ୍ଦ ସା, ଜୟନ୍ତ ପ୍ରଧାନ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶିକ୍ଷକ ମଙ୍ଗଳ ଭୋଇ, ପ୍ରାଧ୍ୟାପକ ତପନ କୁମାର ବାରିକ, ଅଧ୍ୟାପକ ଶ୍ରୀକର ଭୋଇଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ମନ୍ତ୍ରୀଙ୍କ ସହ ଅନ୍ୟ ନେତା ଓ କର୍ମୀ।

**ଝାରସୁଗୁଡା ଅଫିସ,୨୦।୧୦**

ଝାରସୁଗୁଡା ଜିଲା ଲଇକେରା ଓ କୋଲାବିରା ବ୍ଲକରେ ଗୁରୁବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲଇକେରା ମୁଖ୍ୟ ବଜାରରୁ ଅପେରା ପଡିଆ ପର୍ଯ୍ୟନ୍ତ ଓ କୋଲାବିରାରୁ ରଘୁନାଥପାଲି ଛକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ନେତୃମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିମଳ ଶାସନ ରାଜ୍ୟକୁ ବିକାଶଧାରାରେ ଆଗେଇ ନେଉଥିବାବେଳେ ସମସ୍ତ ରାଜ୍ୟବାସୀଙ୍କ ସମର୍ଥନ ସବୁବେଳେ ବିଜୁ ଜନତା ଦଳ ପ୍ରତି ରହିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ଲଇକେରାଠାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଦାସ ଓ ଦୀପାଳି ଦାସଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ବ୍ଲକ ଚେୟାରମ୍ୟାନ ସଞ୍ଜିତ ନାଏକ, ଭାଇସ ଚେୟାରମ୍ୟାନ ଭଗବତୀ ବେହେରା, ଯୋଗୀନ୍ଦ୍ର ନାଏକ, ଭୁପାଳ ବେହେରା ଉପସ୍ଥିତ ଥିଲେ। ସେହିପରି କୋଲାବିରା ସଭାରେ ଦୀପାଳି ଦାସ, ବ୍ଲକ ସଭାପତି ଗୌତମ ନାଏକ, ବ୍ଲକ ଚେୟାରମ୍ୟାନ ଭୋଜରାଜ ପଟେଲ, ଭାଇସ ଚେୟାରମ୍ୟାନ ମନି ସାହୁ, ମହିଳା ସଭାପତି ସନ୍ତୋଷିନୀ ନାଏକ, ମହିଳା ଉପସଭାପତି ଜୟନ୍ତୀ ବାହୁକ, ଯୁବ ସଭାପତି ପ୍ରବୀଣ ସାହୁ, ଛାତ୍ର ସଭାପତି ପ୍ରଶାନ୍ତ ମହାନନ୍ଦିଆ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳାରେ ୫୬ ପ୍ରକଳ୍ପ ପ୍ରଦର୍ଶିତ


ବିଜ୍ଞାନ ମେଳାକୁ ଅତିଥିମାନେ ବୁଲି ଦେଖୁଛନ୍ତି ।

**ସମ୍ବଲପୁର,୨୦।୧୦(ବ୍ୟୁରୋ)**

ଲେଡିଲୁଇସ ବାଳିକା ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜୁନିୟର ଓ ସିନିୟର ବର୍ଗରେ ୫୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସିନିୟର ବର୍ଗରେ ଶ୍ରୀୟା ସରକାର ପ୍ରଥମ, ଦିବ୍ୟଙ୍କା ଜେନା ଦ୍ୱିତୀୟ ଏବଂ ମିନତି ବର୍ମା ଓ ନିଶା ପଟେଲ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର ବର୍ଗରେ ଗୀତାଞ୍ଜଳି ମେହେର ଓ ସୋନାଲି ଜେସିକା ଲାକ୍ରା ପ୍ରଥମ, ଚିନ୍ମୟୀ ସେଠ ଓ ଅମ୍ରିତା ମାଝି ଦ୍ୱିତୀୟ ଏବଂ ଅର୍ପିତା ପ୍ରଧାନ ଓ ଅଂଶିକା ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଜାଗର ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଖବରଦାତା ସୁକାନ୍ତ କୁମାର କର ମୁଖ୍ୟଅତିଥି ଓ ସମ୍ବଲପୁର ଡିଏସ୍‌ଏସ୍ ପାର୍ଥସାରଥି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁଶ୍ରୀ ସଙ୍ଗୀତା ପଣ୍ଡା, ପ୍ରୀତି ଦାଶ ଓ ମୋନାଲିସା ଡନସନା ବିଚାରକ ଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୀମା ଦାଶ, ସ୍ୱାଗତିକା ପଣ୍ଡା, ଅନୀତା ଚାନ୍ଦ, ଦିପ୍ତିପ୍ରଭା ମିଶ୍ର ଓ ସମୀକ୍ଷା ଦେହୁରିଙ୍କ ପରିଚାଳନାରେ ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

## ଦୁର୍ଘଟଣା: ୩ ଆହତ

**ସମ୍ବଲପୁର,୨୦।୧୦(ବ୍ୟୁରୋ):** ସମ୍ବଲପୁର ସଦର ଥାନା ମାନେଶ୍ୱର ଛକରେ ଗୁରୁବାର ସନ୍ଧ୍ୟାରେ ଟ୍ରାକ୍ଟର ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଓକିଲ ଭୋଇ, ରିଙ୍କୁ ଭୋଇ ଓ ପ୍ରଶାନ୍ତ ଭୋଇ। ସମସ୍ତେ ଯୁଯୁମୁରା ଥାନା ମୁଣ୍ଡେର ଗ୍ରାମର ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା।

# ରେଳବାଇ ନିରାପତ୍ତା ଆୟୁକ୍ତଙ୍କ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ

**ସମ୍ବଲପୁର,୨୦।୧୦(ବ୍ୟୁରୋ)**

ଦକ୍ଷିଣ ପୂର୍ବ ସର୍କଲର ରେଳବାଇ ନିରାପତ୍ତା ଆୟୁକ୍ତ ଏଏମ୍ ଚୌଧୁରୀ ଗୁରୁବାର ସମ୍ବଲପୁର ମଣ୍ଡଳର ରୁପ୍ରାରୋଡ-ନର୍ଲାରୋଡ-ଲାଞ୍ଜିଗଡ଼ ରୋଡ ସେକ୍ସନର ତୃତୀୟ ଲାଇନ ଓ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ସେ ଓଭରହେଡ ଉପକରଣ, ରେଳଧାରଣା, ପୋଲ, ମାନବଯୁକ୍ତ ରେଳବାଇ ଫାଟକ, ସଂକେତ ଓ ଦୂର ସଞ୍ଚାର ଉପକରଣ ପ୍ରଭୃତି ନିରୀକ୍ଷଣ କରିବା ସହ ଲାଞ୍ଜିଗଡ଼ ରୋଡରୁ ରୁପ୍ରାରୋଡ ମଧ୍ୟରେ ସ୍ପିଡ ଟ୍ରାଏଲ ମଧ୍ୟ କରିଥିଲେ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ, ପୂର୍ବତଟ ରେଳପଥ ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ) ଅମର ପ୍ରକାଶ ଦ୍ୱିବେଦୀ, ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।


ରେଳବାଇ ନିରାପତ୍ତା ଆୟୁକ୍ତ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି।

# ହାତୀ ଉପଦ୍ରବରେ ବ୍ୟାପକ ଧାନଫସଲ କ୍ଷତି

**ନାକଟିଦେଉଳ,୨୦।୧୦(ଡ଼ି.ଏନ.ଏ.)**

ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ସରାପାଲି ବିଟର ମହୁକୁଦ ଗ୍ରାମରେ ହାତୀ ଉପଦ୍ରବରେ ବ୍ୟାପକ ଧାନଫସଲ କ୍ଷତି ହୋଇଛି। ହାତୀପଲ ମଙ୍ଗଳବାର ବିଳମ୍ବିତ ରାତିରେ ଗ୍ରାମର ଖଳିମୁଣ୍ଡା ନିକଟ ଜାମୁପଟି, ସଡ଼କ ସାହି ଓ ସୁଦ ସାହିର ଧାନ କ୍ଷେତରେ ପଶି ଫସଲ ନଷ୍ଟ କରିଛନ୍ତି। ଏହି ପଲରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ହାତୀ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମର ସରୋଜ ସାହୁ, ଅଶୋକ ମହାନ୍ତି, ସୁଦର୍ଶନ ଧଳ, ସୁରେଶ ବେହେରା, ତରଣୀ ବିଶ୍ୱାଳ, ଭୀମ ଦେହୁରି, ବାବୁ ଦେହୁରି, ପର୍ଶୁରାମ ଦେହୁରି ପ୍ରମୁଖ ଚାଷୀଙ୍କ ଧାନଫସଲ ନଷ୍ଟ ହୋଇଛି। ଧାରକରଜ କରି ଚାଷ କରିଥିବାରୁ ତାହା ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ଋଣ ଶୁଝିବା ଚିନ୍ତାରେ ପଡ଼ିଛନ୍ତି। ବନ ବିଭାଗ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ଫରେଷ୍ଟର ଅନୀଲ କୁମାର କିଷାନଙ୍କୁ ପଚାରିବାରେ ହାତୀ ଉପଦ୍ରବରେ କ୍ଷୟକ୍ଷତିର ଆକଳନ କରାଯାଇ ସରକାରୀ ନିୟମାନୁସାରେ କ୍ଷତିପୂରଣ ଯୋଗାଇଦେବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।


ହାତୀ ଦ୍ୱାରା ନଷ୍ଟ ହୋଇଥିବା ଧାନଫସଲ।

# ‘ନିଷ୍ଠାର ସହ ରୋଗୀ ସେବା କର’

■ କେନ୍ଦ୍ରାପଡା ନୂଆ ଜିଲା ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟିତ
■ ୨୦୦ ବେଡ୍, ଟ୍ରମା କେୟାର, ୩୪ ଆଇସିୟୁ ଶଯ୍ୟା

ଭୁବନେଶ୍ୱର (ବ୍ୟୁରୋ)/ କେନ୍ଦ୍ରାପଡ଼ା ଅଫିସ, ୨୦।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କେନ୍ଦ୍ରାପଡ଼ାରେ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି। ଏଠାରେ ୨୦୦ଟି ଶଯ୍ୟା ଥିବାବେଳେ ଅତ୍ୟାଧୁନିକ ଓପିଡି ୟୁନିଟ୍, କାଜୁଆଲ୍‌ଟି ଓ ଟ୍ରମାକେୟାର, ୫ ଶଯ୍ୟା ବିଶିଷ୍ଟ ଟ୍ରମା ଆଇସିୟୁ, ରେଡିଓଲୋଜି, ଏମ୍‌ଆରଆଇ, ସିଟିସ୍କାନ ସୁବିଧା, ଓଟି କମ୍ପ୍ଲେକ୍ସ, ୧୫ ଶଯ୍ୟା ବିଶିଷ୍ଟ ଏସ୍‌ଏନ୍‌ସିୟୁ ସହିତ କଙ୍ଗାରୁ ମାତୃସେବା ସୁବିଧା, ୩୪ ଶଯ୍ୟା ବିଶିଷ୍ଟ ଆଇସିୟୁ ବ୍ୟବସ୍ଥା କରାଯାଇଛି। ଭର୍ଚୁଆଲ ମୋଡ୍‌ରେରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଅତ୍ୟାଧୁନିକ ହସ୍ପିଟାଲ କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୂପାନ୍ତର ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଜିଲାର ରୋଗୀଙ୍କୁ ଆଉ କଟକ ବା ଭୁବନେଶ୍ୱର ଯିବା ଆବଶ୍ୟକ ନାହିଁ। ଆମ ପାଇଁ ‘ପ୍ରତି ଜୀବନ ମୂଲ୍ୟବାନ’। ଏହି ଆଦର୍ଶ ନେଇ ଆମେ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ନିଷ୍ଠାର ସହ ରୋଗୀ ସେବା କରିବାକୁ ଡାକ୍ତର ଓ ପାରାମେଡିକ୍ସମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲକ୍ଷାଧିକ ଲୋକ ବିନା ପଇସାରେ ଭଲ ଚିକିତ୍ସା ପାଇପାରୁଛନ୍ତି। ଏହାଦ୍ୱାରା ଗରିବ ଲୋକଙ୍କ ଚିକିତ୍ସା ଚିନ୍ତା ଦୂର ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, କେନ୍ଦ୍ରାପଡ଼ା ହେଉଛି ବିଜୁବାବୁଙ୍କ କର୍ମଭୂମି। କେନ୍ଦ୍ରାପଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପିତ ହୋଇଛି ବୋଲି ସେ କହିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ, କେନ୍ଦ୍ରାପଡ଼ାବାସୀଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ। ଜିଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଦେଇଛନ୍ତି। ସ୍ଥାନୀୟ ବିଧାୟକ ଶଶିଭୂଷଣ ବେହେରା କେନ୍ଦ୍ରାପଡ଼ାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚପ୍ରଶଂସା କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ଜିଲା ପରିଷଦ ସଭାନେତ୍ରୀ ଗୀତାରାଣୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲାପାଳ ଅମୃତ ଋତୁରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ପରିଷଦର ଇଓ ଧନ୍ୟବାଦ ଦେଇଥିଲେ।



କେନ୍ଦ୍ରପଡ଼ା ଜିଲା ନୂଆ ମୁଖ୍ୟ ଚିକିତ୍ସାଳୟକୁ ଗୁରୁବାର ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍। (ତଳେ) କେନ୍ଦ୍ରାପଡ଼ାଠାରେ ମନ୍ତ୍ରୀ, ବିଧାୟକ ଏବଂ ଜନସାଧାରଣ ଉପସ୍ଥିତ ଅଛନ୍ତି।

# ଘର ଭିତରେ ସ୍ତ୍ରୀଙ୍କୁ ମାରି ପୋତି ଦେଇଥିଲେ

**ଅଭିଯୁକ୍ତ ସ୍ୱାମୀ ଗିରଫ**

ଜମନକିରା, ୨୦।୧୦(ଡି.ଏନ.ଏ.)

ଜମନକିରା ଥାନା ବଡ଼ମାଲ ପଞ୍ଚାୟତ ରାଉତପଡ଼ା କଲୋନୀରେ ଘର ଭିତରେ ସ୍ତ୍ରୀଙ୍କୁ ମାରି ପୋତିଦେଇଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ରଞ୍ଜନ ବାଡ଼ିଙ୍ଗ (୩୦)।

ସୂଚନା ଅନୁସାରେ ୯ବର୍ଷ ପୂର୍ବେ ରଞ୍ଜନ ବାହାରକୁ କାମ କରିବା ପାଇଁ ଯାଇଥିବା ବେଳେ ଜମନକିରା ଥାନା ଛେମୁଣ୍ଡା ଗାଁର ସାବିତ୍ରୀ ମୁଣ୍ଡା(୨୫)ଙ୍କୁ ଭଲପାଇ ଘରକୁ ଆଣି ସ୍ୱାମୀସ୍ତ୍ରୀ ଭାବେ ରହିଥିଲେ। ଉଭୟଙ୍କ ୭ବର୍ଷ ଓ ୫ବର୍ଷର ଦୁଇ ସନ୍ତାନ ଅଛନ୍ତି। ଦେଢ଼ମାସ ତଳେ କର୍ମା ପୂଜା ଅବସରରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ରାତ୍ର ପ୍ରାୟ ୯ଟା ସମୟରେ ଉଭୟଙ୍କ ମଧ୍ୟରେ ମାରପିଟ ଯୋଗୁ ସାବିତ୍ରୀଙ୍କ ମୃତ୍ୟୁ ହୋଇଥିଲା। ପରେ ରଞ୍ଜନ ଘର ଭିତରେ ଏକ ପରିତ୍ୟକ୍ତ ସ୍ଥାନରେ ମାଟି ଖୋଳି ମୃତଦେହ ପୋତି ଦେଇଥିଲେ। ସକାଳେ ଛୁଆ ଓ ପଡ଼ିଶା ଲୋକେ ପଚାରିବାରୁ କୁଆଡେ ଚାଲିଯାଇଥିବା କହୁଥିଲେ। ସାବିତ୍ରୀଙ୍କ ବାପଘର ଲୋକେ ଖୋଜାଖୋଜି କରି ସନ୍ଧାନ ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବୁଧବାର କଲୋନୀରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ପଚରାଉଚୁରା ପରେ ରଞ୍ଜନ ସ୍ତ୍ରୀଙ୍କୁ ମାରି ମାଟି ଖୋଳି ପୋତିଦେଇଥିବା ସ୍ୱୀକାର କରିଥିଲେ। ଏ ଆଇପିସି ଦଫା ୩୦୨ରେ ହତ୍ୟା ମାମଲା (ନଂ.୧୧୬/୨୨) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଗୁରୁବାର ଘଟଣାସ୍ଥଳରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ଓ ସାଇଣ୍ଟିଫିକ୍ ଦଳ ପହଞ୍ଚି ମାଟି ଖୋଳି ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ଛୁଆ ଦୁଇଜଣଙ୍କୁ ଅଭିଯୁକ୍ତଙ୍କ ବଡଭାଇଙ୍କ ଘରେ ଛଡାଯାଉଛି। ସେମାନଙ୍କୁ ଅନାଥାଶ୍ରମରେ ରଖିବା ପାଇଁ ଗାଁ ଲୋକେ ପୋଲିସକୁ ଅନୁରୋଧ କରିଛନ୍ତି।



ଗିରଫ ଅଭିଯୁକ୍ତ ରଞ୍ଜନ ବାଡ଼ିଙ୍ଗ

# ଭଦ୍ରକ-ଖଡଗପୁର ମେମୁ ଟ୍ରେନ୍‌ରେ ନିଆଁ

**ବାହାନଗା ରେଳଷ୍ଟେଶନରେ ଘଣ୍ଟାଏ ଅଟକିଲା**



ବାହାନଗା,୨୦।୧୦(ଡି.ଏନ.ଏ.)

ଭଦ୍ରକ-ଖଡ଼୍‌ଗପୁର ମେମୁ ଟ୍ରେନରେ ଗୁରୁବାର ନିଆଁ ଲାଗି ଯିବାରୁ ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନରେ ଏହା ଘଣ୍ଟାଏ ଅଟକି ରହିଥିଲା। ସୋର ଷ୍ଟେଶନ ଛାଡ଼ିବା ପରେ ଏହି ଟ୍ରେନ ବଗିରେ ନିଆଁ ଲାଗିଥିବା ଜଣାପଡ଼ିବାରୁ ଏମର୍ଜେନ୍ସି ଘୋଷଣା କରାଯାଇ ବାହାନଗା ଷ୍ଟେଶନରେ ଅଟକାଯାଇଥିଲା। ଷ୍ଟେଶନମାଷ୍ଟର ତୁରନ୍ତ ନିଆଁ ଲିଭା ବ୍ୟାଗ ଦ୍ୱାରା ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଯାତ୍ରୀମାନେ ରକ୍ଷା ପାଇଯାଇଥିଲେ। ପରବର୍ତ୍ତୀ ସମୟରେ ରେଲୱେ ଇଞ୍ଜିନିୟର ଓ ମେକାନିକମାନେ ଘଟଣାସ୍ଥଳରେ ପହଞ୍ଚି ମରାମତି ଆରମ୍ଭ କରିଛନ୍ତି। ଭଦ୍ରକରୁ ଡାଉନ୍ ମେମୁ ଟ୍ରେନ ବାହାନଗା ଷ୍ଟେଶନରେ ୪ଟା ୨୦ରେ ପହଞ୍ଚିବାର ଥିଲା। ତେବେ ଟ୍ରେନ ବିଳମ୍ବ ଥିବାରୁ ସାଢେ ୪ଟା ପରେ ଷ୍ଟେଶନରେ ପହଞ୍ଚିଥିଲା। ଡାଉନ୍ ପାସେଞ୍ଜର ଟ୍ରେନ ଭଦ୍ରକରୁ ଆସିବା ବେଳକୁ କିଛି ସମସ୍ୟା ପରିଲକ୍ଷିତ ହୋଇଥିଲା। ଟ୍ରେନ ଧୀରେ ଧୀରେ ଆସୁଥିବାରୁ ସୋର ଷ୍ଟେଶନ ପରେ ଟ୍ରେନ ପଛପଟେ ଥିବା ଗାର୍ଡ ଟ୍ରେନର ସାଇରନ୍ ମାରି ଏମର୍ଜେନ୍ସି ଘୋଷଣା କରିଥିଲେ। ଯାତ୍ରୀମାନଙ୍କୁ ବାହାରକୁ ନ ବାହାରିବା ପାଇଁ ଟ୍ରେନ ଗାର୍ଡ ଓ କର୍ମଚାରୀମାନେ ପରାମର୍ଶ ଦେଇଥିଲେ। ଟ୍ରେନ୍ ବାହାନଗା ଷ୍ଟେଶନରେ ପହଞ୍ଚିବା ପରେ ଟ୍ରେନ ଶେଷ ବଗିର ଚକ ଦବିଯିବାରୁ ନିଆଁ ଲାଗି ଯିବା ସହିତ ଧୂଆଁ ବାହାରିଥିଲା।


**DHENKANAL COLLEGE (AUTO),DHENKANAL**
www.dhenkanalcollege.nic.in

**ADMISSION NOTICE: 2022-23**

Applications are invited for admission into the following Self-financing Courses (PPP) offered under Utkal University for the session 2022-23.

| Course | Annual fee | Eligibility |
|---|---|---|
| 2-Yr. M.B.A. | Rs. 45,000 | Through O-JEE-2022 |
| 2-Yr. M.Sc (Computer Science) | Rs. 30,000 | +3 in Any Stream with Math in +2 Level |

Scholarship: Available for SC, ST, OBC & Minority Category

The Application Form can be obtained from the College on all working days on payment of Rs.50/- & the form duly filled in all respect should reach the Principal on or before 31.10.2022 in M.Sc. Computer Science.

PRINCIPAL

For details Contact:
M.Sc (CS): 7008546253/9439641117
MBA: 9439641117/ 9853770780


# ଚାଷ ପ୍ରତି ବଢୁଛି ମହିଳାଙ୍କ ଆଗ୍ରହ

■ ଉତ୍ପାଦକ ଗୋଷ୍ଠୀ, ପ୍ରଡ୍ୟୁସର କମ୍ପାନୀରେ ସାମିଲ
■ ୫୭ ଗ୍ରୁପ୍, ୪ କମ୍ପାନୀରେ ୭ ହଜାର ମହିଳା ଚାଷୀ

ସମ୍ବଲପୁର,୨୦।୧୦(ବ୍ୟୁରୋ)

ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ସେମାନଙ୍କୁ ତାଲିମ ଦେଇ ଆତ୍ମନିର୍ଭର କରାଯାଉଛି। ଏପରିସ୍ଥଳେ ସମ୍ବଲପୁର ଜିଲାରେ ଚାଷ ପ୍ରତି ମହିଳାଙ୍କ ଆଗ୍ରହ ବୃଦ୍ଧି ପାଉଥିବା ଦେଖାଯାଉଛି। ଏହା ଦ୍ୱାରା ସେମାନେ ରୋଜଗାରକ୍ଷମ ମଧ୍ୟ ହୋଇପାରିଛନ୍ତି। ମିଶନ ଶକ୍ତି ଯୋଜନା, ଓଡ଼ିଶା ଜୀବିକା ମିଶନ ସହିତ ଉଦ୍ୟାନ ବିଭାଗ, କୃଷି ବିଭାଗ, ମତ୍ସ୍ୟ ବିଭାଗ, ଆଇଟିଡିଏ ଭଳି ୧୫ରୁ ଅଧିକ ବିଭାଗ ପକ୍ଷରୁ ସେମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ୫୭ ଉତ୍ପାଦକ ଗୋଷ୍ଠୀ ଓ ୪ ପ୍ରଡ୍ୟୁସର କମ୍ପାନୀରେ ୭ହଜାରରୁ ଅଧିକ ମହିଳା ସାମିଲ ହୋଇଛନ୍ତି।

ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକରେ ମହିଳାମାନେ ସରକାରୀ ଯୋଜନାର ଲାଭ ଉଠାଇ ଆର୍ଥିକ, ସାମାଜିକ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏପରି କି ରାଜ୍ୟ ଓ ଜାତୀୟ ସ୍ତରରେ ସେମାନେ ଚାଷ ପାଇଁ ପୁରସ୍କୃତ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ଅଦିନିଆ ବର୍ଷା, ରୋଗପୋକ, ମରୁଡ଼ି ଆଦି ଅନେକ ସମସ୍ୟା ଦେଇ ଚାଷୀ ଗତି କରୁଛି। ଅମଳ ହେବା ପୂର୍ବରୁ ଫସଲ ନଷ୍ଟ ହୋଇଯାଉଛି। ଏହା ସତ୍ତ୍ୱେ ମହିଳାମାନେ ଚାଷକୁ ରୋଜଗାରର ପନ୍ଥା ଭାବେ ଆପଣେଇ ନେଇଛନ୍ତି। ମାଛଚାଷ, ଗୋପାଳନ, ଛତୁଚାଷଠାରୁ ଆରମ୍ଭ କରି ପନିପରିବା, ଫୁଲଚାଷ ଓ ଆମ୍ବ ତଥା ଅନ୍ୟାନ୍ୟ ଫଳଚାଷରେ ସେମାନେ ନିଜକୁ ନିୟୋଜିତ କରିଛନ୍ତି। ବିଭିନ୍ନ ବିଭାଗ ପକ୍ଷରୁ ଏସ୍‌ଏଚ୍‌ଜି ମହିଳାଙ୍କୁ ତାଲିମଦେଇ ରୋଜଗାର ପ୍ରଦାନ କରାଯାଉଛି। ଜିଲାର ବିଭିନ୍ନ ବ୍ଲକରେ ୩ବର୍ଷରେ ୫୭ଟି ଉତ୍ପାଦକ ଗୋଷ୍ଠୀଙ୍କୁ ସାମିଲ କରାଯାଇଥିବା ବେଳେ ପ୍ରାୟ ଏକବର୍ଷ ହେବ ଯୁଯୁମୁରା, କୁଚିଣ୍ଡା, ଜମନକିରା, ନାକଟିଦେଉଳ ବ୍ଲକରେ ୪ଗୋଟି ପ୍ରଡ୍ୟୁସର କମ୍ପାନୀ କାର୍ଯ୍ୟକ୍ଷମ ଅଛନ୍ତି। ଏଥିରେ ସାମିଲ ଥିବା ମହିଳା ଚାଷୀଙ୍କୁ ମାଗଣା ବିହନ, ସାର, କୀଟନାଶକ ପ୍ରଦାନ କରାଯାଉଛି। ଅନେକ ସ୍ଥାନରେ ସେମାନଙ୍କୁ ଅଧିକ ରିହାତି ଦେଇ ଏହି ସାମଗ୍ରୀ ଯୋଗାଇ ଦିଆଯାଉଛି। କୃଷି ବିଜ୍ଞାନ କେନ୍ଦ୍ର ବିଶେଷଜ୍ଞମାନେ ମଧ୍ୟ ଏଥିରେ ସହାୟତା କରୁଛନ୍ତି। ସେମାନଙ୍କୁ ଚାଷ କରିବାଠାରୁ ଆରମ୍ଭ କରି ଉତ୍ପାଦନ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ପରାମର୍ଶ ଓ ସଚେତନ କରାଯାଉଛି। ବ୍ୟାଙ୍କ, ସମବାୟ ସମିତି, ଲାମ୍ପ୍ସରୁ ବିନା ସୁଧରେ ଋଣ ପ୍ରଦାନ କରାଯାଉଛି। ଏଥିରେ ପଞ୍ଚାୟତସ୍ତରରୁ ଜିଲାସ୍ତରୀୟ ଅଧିକାରୀଙ୍କୁ ନିୟୋଜିତ କରାଯାଉଛି।

ଯୁଯୁମୁରା ବ୍ଲକ ସବୁଜ ସନାତନପାଲି ଫାର୍ମର ପ୍ରଡ୍ୟୁସର କମ୍ପାନୀ ସିଇଓ ପ୍ରାଚୀ ପଟେଲ କହିଛନ୍ତି, ଆମ କମ୍ପାନୀରେ ସମୁଦାୟ ୭୪୦ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଶହରୁ ଊର୍ଦ୍ଧ୍ୱ ମହିଳା ଚାଷୀ ଅଛନ୍ତି। ୨୫ଟି ଏସ୍‌ଏଚ୍‌ଜି ଗ୍ରୁପ୍ ମଧ୍ୟ ସାମିଲ ହୋଇଛନ୍ତି। ମହିଳାମାନଙ୍କୁ ସମସ୍ତ ବିହନ, କୀଟନାଶକ ମାଗଣା ଓ ରିହାତି ଦରରେ ଦିଆଯାଉଛି। ସନାତନପାଲି ଗ୍ରାମରେ ଏକ କୋଲ୍ଡ ଷ୍ଟୋରେଜ ରହିଛି। ଫଳରେ ଉତ୍ପାଦିତ ଫସଲ ସୁରକ୍ଷିତ ରଖାଯାଇ ବିକ୍ରି କରାଯାଉଛି। ମହିଳା ଚାଷୀମାନେ ବେଶ୍ ଉତ୍ସାହିତ ହୋଇ ପରିବା, ଛତୁ, ମାଛଚାଷ କରୁଛନ୍ତି। ପ୍ରତିଦିନ ପରିବା ଓ ଛତୁ ବିକ୍ରି କରି ମହିଳାମାନଙ୍କ ପାଖକୁ ଟଙ୍କା ଆସୁଥିବା ସେ କହିଥିଲେ। ଏହିପରି ଭାବେ ଗ୍ରୁପ୍‌ରେ ସାମିଲ ଥିବା ଜଣେ ଜଣେ ମହିଳା ବାର୍ଷିକ ୨ରୁ ୫ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହି ଗ୍ରୁପ୍‌ର ମହିଳାଙ୍କ ଦାବି ଅନୁଯାୟୀ ପ୍ରତି ପଞ୍ଚାୟତରେ ଶୀତଳଭଣ୍ଡାର ସହ ପ୍ରୋସେସିଂ ୟୁନିଟ୍ ନିର୍ମାଣ କରାଯାଉ। ଫଳରେ ଚାଷୀମାନେ ଉତ୍ପାଦିତ ଫସଲକୁ ପ୍ରୋସେସିଂ ଓ ପ୍ୟାକିଂ କରି ବଜାରରେ ସୁବିଧାରେ ବିକ୍ରି କରିପାରିବେ। ପ୍ୟାକିଂ କରାଗଲେ ମିଳୁଥିବା ମୂଲ୍ୟଠାରୁ ଅଧିକ ମୂଲ୍ୟ ମିଳିବ। ଅଧିକ ମହିଳାଙ୍କୁ ଏହି ଗୋଷ୍ଠୀ ମାଧ୍ୟମରେ ସାମିଲ କରାଯାଇ ପାରିଲେ ସାମାଜିକ କ୍ଷେତ୍ରରେ ସେମାନଙ୍କ ଭୂମିକା ସୁଦୃଢ଼ ହୋଇପାରିବ। ଏ ସମ୍ପର୍କରେ ଓର୍‌ମାସ୍ ଜିଲା ସଂଯୋଜକ ଶ୍ରୀବନ୍ତ ହୋତା କହିଛନ୍ତି, ସରକାରୀ ସ୍ତରରେ ଉତ୍ପାଦକ ଗୋଷ୍ଠୀ ଓ ପ୍ରଡ୍ୟୁସର କମ୍ପାନୀକୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ବଜାର ବ୍ୟବସ୍ଥା, କୋଲ୍ଡ ଷ୍ଟୋରେଜ ଓ ପ୍ରୋସେସିଂ ୟୁନିଟ୍ ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକରେ ସ୍ଥାପନ କରାଯିବ। ଅଧିକ ମହିଳାମାନଙ୍କୁ ଏଥିରେ ସାମିଲ କରାଯିବ ବୋଲି କହିଥିଲେ।



ଯୁଯୁମୁରା ବ୍ଲକ ସନାତନପାଲି ଗ୍ରାମର ମହିଳା ଚାଷୀ।




## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ମାଛ ବ୍ୟବସାୟୀ ମୃତ

**ରାଉରକେଲା ଅଫିସ,୨୦।୧୦:** ସୁନ୍ଦରଗଡ଼ ଜିଲା ରଘୁନାଥପାଲି ଥାନା ଅନ୍ତର୍ଗତ ହନୁମାନ ବାଟିକା ଛକରେ ଗୁରୁବାର ଟ୍ରକ୍ ଧକ୍କା ଦେବାରୁ ଜଣେ ମାଛ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟବସାୟୀ ହେଲେ କବିତ୍ର ବିଶ୍ୱାଳ(୪୮)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୦୯।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସେକ୍ଟର-୫ ସ୍ଥିତ କବିସମ୍ରାଟପଲ୍ଲୀ ବସ୍ତିର କବିତ୍ର ଗୁରୁବାର ଦିନ ସାଢ଼େ ୧୨ଟାରେ ଏକ ବାଇକ (ନଂ.ଓଆର୧୪ଡବ୍ଲ୍ୟୁ/୩୫୮୮) ଯୋଗେ ମାଛ ଧରି ହଘରକୁ ଫେରୁଥିଲେ। ଏହି ସମୟରେ ହନୁମାନ ବାଟିକା ଛକରେ ଏକ ବାଲି ବୋଝେଇ ମିନିଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଆରଜିଏଚ୍ ମର୍ଗ ହାଉସରେ ରଖିଛି। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ମଝି ରାସ୍ତାରେ ଗାଡିକୁ ଛାଡି ଫେରାର ହୋଇଯାଇଥିଲେ ।

### ବର୍ଷାଜଳ ଅମଳ, ଜଳସଂରକ୍ଷଣ ଉପରେ ତାଲିମ

**ସୁନ୍ଦରଗଡ଼, ୨୦।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ କୁକୁରିଡିହି ନିୟନ୍ତ୍ରିତ ବଜାର କମିଟି ପରିସରରେ ବୁଧବାର ବର୍ଷା ଜଳ ସଂରକ୍ଷଣ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁକୁରିଡିହି, ଟେଡଗା ମୁହାଣ, ରାଜପୁର, କର୍ଲାଘାଟି, ଦେହେରିମୁଣ୍ଡା, ଡାଇଣିଡିହି, ରେବଡାମାଳ, ଗାଙ୍ଗପୁରଗଡ଼, ବାଙ୍କିବାହାଲ ଓ କୁଲବା ଗ୍ରାମର ୫୦ ଅଗ୍ରଣୀ ଚାଷୀଯୋଗ ଦେଇଥିଲେ। ଜିଲା କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼ ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମ ଜଳଶକ୍ତି ଅଭିଯାନ-୨୦୨୨ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା । ପ୍ରାରମ୍ଭରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ ଜେମସ ବାଗେ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଜୀବନ ଧାରଣ ପାଇଁ ଜଳର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡଃ. ମନୋଜ କୁମାର ଜେନା ଜଳଶକ୍ତି ଅଭିଯାନ-୨୦୨୨ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଇଥିଲେ। ତା'ଛଡା ବର୍ଷାଜଳ ଅମଳର ଆବଶ୍ୟକତା, ସଂରକ୍ଷଣ ଓ ସୁବିନିଯୋଗ ଉପରେ ଆଲୋଚନା କରିଥିଲେ। ଭୂତଳ ଜଳକୁ କିଭଳି ଭାବରେ ବୃଦ୍ଧି କରାଯାଇପାରିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁନ୍ଦରଗଡ଼ ଜିଲା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ହରିବନ୍ଧୁ ସେଠ ଯୋଗଦେଇ ଜଳ ବିଭାଜିକା, ଫାର୍ମ ପୋଖରୀ, ଚେକ ଡ୍ୟାମ ଆଦି ମାଧମରେ ବର୍ଷାଜଳ, ମୃତ୍ତିକା ସଂରକ୍ଷଣ ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ଜଳଛାୟା) ଧୁମା ହେମ୍ବ୍ରମ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଚାଷୀମାନଙ୍କ ସହଯୋଗ କାମନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଲକ୍ଷ୍ମୀପ୍ରିୟା ପ୍ରଧାନ ପରିବର୍ତ୍ତିତ ଜଳବାୟୁରେ ଉନ୍ନତ ଜୀବିକା ନିର୍ବାହ ପାଇଁ ଛତୁଚାଷ, ଜିଆଖତ ଉତ୍ପାଦନ, ମହୁମାଛି ପାଳନ, ପନିପରିବା ନର୍ସରୀର ଆବଶ୍ୟକତା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ ଓ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବର୍ଷାଜଳ ଅମଳ ଆବଶ୍ୟକ ବୋଲି ମତ ଦେଇଥିଲେ। ସବଡେଗା ମଧମ ଜଳସେଚନ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଶେଖର ଲାକ୍ରା ବିଭିନ୍ନ ଜଳସେଚନ ପ୍ରକଳ୍ପର ସ୍ଥିତି ଓ ଜଳର ସୁବିନିଯୋଗ ଉପରେ ଚାଷୀଙ୍କୁ ବୁଝାଇଥିଲେ ।

# ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କଲେ ୧୫୦ ପରିବାର

**ବଡ଼ଗାଁ, ୨୦।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜମର୍ଲା ଗ୍ରାମରେ ଗୁରୁବାର ମୁଣ୍ଡା ସମାଜର ଇନ୍ଦ ପର୍ବ ଓ ମୂଳ ଧର୍ମରୁ ବିଚ୍ୟୁତ ହୋଇଥିବା ପରିବାରଗୁଡିକୁ ଗୃହ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଣ୍ଡା ସମାଜର କର୍ମକର୍ତ୍ତା ଶୁକଲାଲ ମୁଣ୍ଡାଙ୍କ ଆବାହନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜସପୁର ରାଜ ପରିବାରର କୁମାର୍ ପ୍ରବଳ ପ୍ରତାପ ସିଂ ଯୁଦେବ , ଦିଲ୍ଲୀ ଆର୍ଯ୍ୟ ସମାଜର ରାଷ୍ଟ୍ରୀୟ କର୍ମକର୍ତ୍ତା ସୁଭାଷ ଦୁଆ, ଆଚାର୍ଯ୍ୟ ଅନୁଦେବ, କାରିଆ ମୁଣ୍ଡାଙ୍କ ବହୁ ପ୍ରିୟା ମୁଣ୍ଡା, ଡ. କମଳ ନାରାୟନ ଆର୍ଯ୍ୟ, ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ନାଗରିକ ସେବା ସୁରକ୍ଷା ସଙ୍ଗଠନର କର୍ମକର୍ତ୍ତା ଶ୍ୟାମ କୁମାର୍ ଗୁପ୍ତା, ବିଶ୍ୱ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଆର୍ଯ୍ୟ ସମାଜ, ବଜରଙ୍ଗ ଦଳର କର୍ମକର୍ତ୍ତା ଡକ୍ଟର ରାଜ କୁମାର୍ ବଡ଼ପଣ୍ଡା, ଅଶୋକ ଗାନ୍ଧୀ, ସନାତନ ନାଏକ, କିଶୋର ପଟେଲ, ଲକ୍ଷ୍ମଣ ଶାସ୍ତ୍ରୀ ପ୍ରମୁଖଙ୍କ ସହିତ ରାଜ୍ୟର ବିଭିନ୍ନ ଜିଲାର ପଦାଧିକାରୀ ଯୋଗଦେଇଥିଲେ। ପୂର୍ବାହ୍ନରେ ବିଶ୍ୱଶାନ୍ତି ମହାଯଜ୍ଞ, ବସ୍ତ୍ର ବିତରଣ, ଆହୁତି ପ୍ରଦାନ, ସାଧୁସନ୍ଥଙ୍କ ଦ୍ୱାରା ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ କୁମାର୍ ପ୍ରବଳ ପ୍ରତାପ ସିଂ ତାଙ୍କ ସ୍ୱର୍ଗୀୟ ପିତା ଦିଲ୍ଲୀପ ସିଂ ଜୁଦେବଙ୍କ ଠାରୁ ପ୍ରେରଣା ପାଇଥିବା ସୂଚନା ଦେଇ କହିଥିଲେ, ଦେଶ ସୁରକ୍ଷିତ ସେତେବେଳେ ପର୍ଯ୍ୟନ୍ତ ଯେତେବେଳେ ପର୍ଯ୍ୟନ ହିନ୍ଦୁ ସୁରକ୍ଷିତ। ସେ ଅଖଣ୍ଡ ଭାରତ, ଧର୍ମାନ୍ତରୀକରଣ ଓ ଗୌରବଶାଳୀ ସଂସ୍କୃତି ଉପରେ ଆଲୋଚନା କରି 'ହିନ୍ଦୁ ଘଟା ତୋ ଦେଶ ବଟା' ବୋଲି କହିଥିଲେ। ହିନ୍ଦୁ ଧର୍ମର



ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଥିବା ପରିବାର ସଦସ୍ୟଙ୍କ ଗୋଡ଼ ଧୋଇଦିଆଯାଉଛି।

ରକ୍ଷା ପାଇଁ ପ୍ରାଣ ଦେବାକୁ ପଡିଲେ ମଧ ଦେବି ବୋଲି କହିଥିଲେ। ସମସ୍ତ ଅତିଥି ବୀର ବିର୍ସା ମୁଣ୍ଡାଙ୍କ ପୂର୍ବଜ ହିନ୍ଦୁ ଥିଲେ, କିନ୍ତୁ ଆମ ଠାରୁ ଆମ ଭାଇ ବନ୍ଧୁଙ୍କୁ ଅନ୍ୟ ଧର୍ମର ଲୋକେ ଆମ ଠାରୁ ଛଡ଼ାଇ ନେଇଥିବା କହି ହିନ୍ଦୁ ଧର୍ମ, ସଂସ୍କୃତି,

■ ମୁଣ୍ଡା ସମାଜର ଇନ୍ଦ ପର୍ବ
■ ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ

ପରମ୍ପରା ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ହିନ୍ଦୁ ଧର୍ମ ଜାଗରଣ ଓ ସୁରକ୍ଷା ପାଇଁ ତ୍ୟାଗ ଦେଇଥିବା ବ୍ୟକ୍ତିମାନଙ୍କ ସ୍ମୃତିଚାରଣ କରି ସେମାନଙ୍କ କାର୍ଯ୍ୟର ଅବତରଣ କରିଥିଲେ। ଏହା ପରେ କୁମାର୍ ପ୍ରବଳ ପ୍ରତାପ, ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଥିବା ୧୫୦ରୁ ଉର୍ଦ୍ଧ୍ୱ ପରିବାର ସଦସ୍ୟଙ୍କ ଗୋଡ଼ ଧୋଇଥିଲେ। କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର କର୍ମୀମାନେ ସେବା ଯୋଗାଇଦେଇଥିବାବେଳେ ଆର୍ଯ୍ୟ ସମାଜର କର୍ମକର୍ତ୍ତା ବାସୁଦେବ ହୋତା ଯଜ୍ଞ ପରିଚାଳନା କରିଥିଲେ। ରାତିରେ ମୁଣ୍ଡା ସମାଜ ଦ୍ୱାରା ନୃତ୍ୟଗୀତ ପ୍ରତିଯୋଗିତା ହୋଇଥିଲା।

### ଲାଞ୍ଚ ମାମଲାରେ କନିଷ୍ଠ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ ଦଣ୍ଡ

**ସୁନ୍ଦରଗଡ଼,୨୦।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗୁରୁବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ନୂଆଗାଁ ବ୍ଲକର ପୂର୍ବତନ ବୈଷୟିକ ପରାମର୍ଶଦାତା ତଥା କନିଷ୍ଠ ଯନ୍ତ୍ରୀ (ଚାକିରୀ ରୁ ବହିଷ୍କୃତ) ରାଜେଶ ପଟେଲଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡ ପାଇଁ କୋର୍ଟ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ମାମଲାର ରାୟର ବିବରଣୀ ରୁ ପ୍ରକାଶ ଯେ,କନିଷ୍ଠ ଯନ୍ତ୍ରୀ ପଟେଲ ୨୦୦୬ ମସିହାରେ ନୂଆଗାଁ ବ୍ଲକରେ କାର୍ଯ୍ୟ କରୁଥିବା ବେଳେ ଜଣେ ଠିକାଦାରଙ୍କ ଠାରୁ କଂକ୍ରିଟ ରାସ୍ତା ନିର୍ମାଣର ବିଲ୍ ମଞ୍ଜୁର ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ସମ୍ବଲପୁର ଭିଜିଲାନ୍ସ ଥାନା କେଶ ନମ୍ବର ୨୦/ତା୧୬/୪/୨୦୦୬ରେ ଏକ ମାମଲା ରୁଜୁ ହୋଇଥିଲା।

# ଫାଓ ଖେଲୋ ଇଣ୍ଡିଆ: ୧୭ ବର୍ଷରୁ କମ୍ ବାଳିକା ଲିଗ୍



**ସୁନ୍ଦରଗଡ଼,୨୦।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା (ଫାଓର) ମିଳିତ ଆନୁକୂଲ୍ୟରେ କିର୍ଞ୍ଜମା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଆୟୋଜିତ ହେଉଥିବା ଫାଓ ଖେଲୋ ଇଣ୍ଡିଆ ୧୭ ବର୍ଷରୁ କମ ବାଳିକା ଫୁଟବଲ ଲିଗର ୨ୟ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ଗୁରୁବାର ୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ରାଜଗାଙ୍ଗପୁର ଦଳ ୧-୦ ଗୋଲରେ କିର୍ଞ୍ଜମା ଠାରୁ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କୁଆଁରମୁଣ୍ଡା ଦଳ ୧-୦ ଗୋଲରେ କିଞ୍ଜିରିକେଲାଠାରୁ ବିଜୟୀ ହୋଇଥିଲା। ୩ୟ ମ୍ୟାଚରେ ରାଜଗାଙ୍ଗପୁର ୧-୦ ଗୋଲରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଠାରୁ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ସେଣ୍ଟ ମେରୀ ସ୍କୁଲ ୨-୦ ଗୋଲରେ ବିଜୟୀ ହୋଇଥିଲା। ୫ମ୍ୟାଚରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଖେଳ ଡ୍ର ହୋଇଥିଲା। ଭଲ ଖେଳ ପ୍ରଦର୍ଶନ ଯୋଗୁ ସେଣ୍ଟ ମେରୀର ସାଲୋନୀ ଓରାମ,କୁଆଁରମୁଣ୍ଡା ଦଳର ରୀତୁ ବଡାଇକ,ରାଜଗାଙ୍ଗପୁର ଦଳର ଲିଲି ଝରା, କିର୍ଞ୍ଜମା ଦଳର ଗୋଲ କିପର ସ୍ୱାଗତିକା ମିଞ୍ଜ ଓ କୁଆଁରମୁଣ୍ଡା ଦଳର ଗୋଲ କିପରଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଜାତୀୟ ରେଫଲ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ। ଖେଳକୁ ରେଫରୀ ଶରୀନା ତିର୍କୀ, ସୁରମଣି ଲାକ୍ରା, ବାସନ୍ତୀ କିସାନ, ବାଲମତି ଓରାମ ଓ ଫୁଲମତି ଟପ୍ପୋ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ମିତ୍ରଭାନୁ ନାଏକ, ଚିନ୍ତାମଣି ହାତୀ, ତ୍ରିଲୋଚନ ଡନସେନା ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ, ରୋମାଞ୍ଚ ଭୈଷାଲ, ଅଶ୍ୱିନୀ ନାଏକ, ଆଦିତ୍ୟ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହେଉଛି।

### ଠିକ୍ ସୂଚନା ଦେଇ ଲୋକଙ୍କ ଜୀବନ ବଞ୍ଚାଇଥିବା ୪ ଜଣଙ୍କୁ ପୋଲିସ ମୁଖ୍ୟାଳୟରେ ସମ୍ବର୍ଦ୍ଧନା

**ଦେବଗଡ଼,୨୦।୧୦ (ଡି.ଏନ. ଏ)**

ଦେବଗଡ ଜିଲା ବାରକୋଟ ଥାନାଞ୍ଚଳରେ ବିଭିନ୍ନ ସମୟରେ ଘଟିଥିବା ବିଭିନ୍ନ ସଡ଼କ ଦୁର୍ଘଟଣା ସମୟରେ ପୋଲିସକୁ ଠିକ ସମୟରେ ଖବର ଦେଇ ଦୁର୍ଘଟଣାରେ ଆହତ ବ୍ୟକ୍ତିକୁ ଆମ୍ବୁଲାନ୍ସରେ ମେଡିକାଲକୁ ପଠାଇ ବିଭିନ୍ନ ଲୋକଙ୍କ ଜୀବନ ବଞ୍ଚାଇଥିବା ଦାୟିତ୍ୱବାନ ୪ଜଣଙ୍କୁ ଗୁରୁବାର ଜିଲା ପୋଲିସ ପକ୍ଷରୁ ସମ୍ମାନିତ କରିବା ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ପୂର୍ବାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମାନବିକତା ଦେଖାଇ ଅପରିଚିତ ବ୍ୟକ୍ତିଙ୍କୁ ସାହାର୍ଯ୍ୟ କରିଥିବାରୁ ମହୁମୂଲ୍ୟ ଜୀବନ ବଞ୍ଚିଥିବା କାରଣରୁ ସମାଜରେ ସାହାଯ୍ୟର ବାର୍ତ୍ତା ପହଞ୍ଚାଇ ସମାଜରେ ଏକ ଉଦାହରଣ ସୃଷ୍ଟି କରିଥିବା ବାରକୋଟ ଥାନାଞ୍ଚଳର ବାହାଡାପୋଷି ଗ୍ରାମର ପୁଷ୍ପାଞ୍ଜଳି ବେହେରା, ବମ୍ପରଡା ଗ୍ରାମର ବେଲାର୍ଶନ ବାରିକ, ବଲଣ୍ଡା ଗ୍ରାମର ପ୍ରଦ୍ୟୁମ୍ନ କୁମାର ସାହୁ ଓ ଠିଆନାଳ ଗ୍ରାମର ପ୍ରଣବ କୁମାର ସାହୁଙ୍କୁ ଦେବଗଡ ଏସପି ପ୍ରମୋଦ ରଥ ପ୍ରଶଂସାପତ୍ର ସହ ସରକାରଙ୍କ ପ୍ରଦତ୍ତ ପାଣ୍ଠିରୁ ୨୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ ଆଞ୍ଚଳିକ ପରିବହନ ବିଭାଗ ଏମଭିଆଇ ଗୋଲାପ ହାଁସଦା ଓ ବାରକୋଟ ଥାନା ଆଇଆଇସି କନକ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଗଡ଼ ଜିଲା ଠିକାଦାର ସଂଘର ସାଧାରଣ ବୈଠକ





ବୈଠକରେ ଉପସ୍ଥିତ ଠିକାଦାର।

**ଦେବଗଡ଼,୨୦।୧୦(ଡି.ଏନ.ଏ)**

ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳାଠାରେ ଦେବଗଡ ଜିଲା ଠିକାଦାର ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସାଧାରଣ ସମ୍ପାଦକ ପ୍ରଜିତ କୁମାର ଭୋଜ, ଅନୁପମ ମୋଦୀ, ଇଂ. ନିରଞ୍ଜନ ମହାପାତ୍ର , ସ୍ୱସ୍ତିକ ମହାପାତ୍ର ଓ କିଶୋର ଚନ୍ଦ୍ର ଦାସଙ୍କ ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ସେମାନେ ପ୍ରତ୍ୟେକ ଟେଣ୍ଡର୍‌ର ସିଡ୍ୟୁଲ ଦରରେ ପକାଇବାକୁ ନିଷ୍ପତ୍ତି ନିଆଯିବା ସହ ୩କୋଟି ଟଙ୍କାରୁ କମ ମୂଲ୍ୟର ନିର୍ମାଣ କାର୍ଯ୍ୟର ଟେଣ୍ଡରରେ ଜିଲା ବାହାରର ଠିକାଦାରମାନେ ଅଂଶଗ୍ରହଣ ନ କରିବାକୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ କାର୍ଯ୍ୟକାରୀ ସଭାପତି ପ୍ରଧାନ ବ୍ୟକ୍ତିଗତ ସମସ୍ୟା କାରଣରୁ ନିଜ ଦାୟିତ୍ୱରୁ ଓହରି ଯାଇଥିଲେ ଓ ସଂଘ ନୂତନ ସଭାପତି ଭାବେ ବରିଷ୍ଠ ଠିକାଦାର ଇଂ. ସୁଜିତ କୁମାର ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା ।

# ଆଦିବାସୀଙ୍କ ୬୫କିମି ବ୍ୟାପୀ ପଦଯାତ୍ରା





ଗ୍ରାମବାସୀ ତଥା ଆଦିବାସୀ ଏକତା ମଞ୍ଚ ପକ୍ଷରୁ ପଦଯାତ୍ରା ଚାଲିଛି।

**ସୁନ୍ଦରଗଡ଼,୨୦।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଥିବା ଏକ ଘରୋଇ କମ୍ପାନୀର ଖଣି ସମ୍ପ୍ରସାରଣ ସକାଶେ ଜିଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଥିବାବେଳେ ଏହାକୁ ବିରୋଧ କରି ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀ ତଥା ଆଦିବାସୀ ଏକତା ମଞ୍ଚ ପକ୍ଷରୁ ୬୫ କି.ମି ବ୍ୟାପୀ ପଦଯାତ୍ରା ଆରମ୍ଭ ହୋଇଛି। ଗତ ୧୮ ତାରିଖରୁ ରାଜଗାଙ୍ଗପୁର କେଶ୍ରାମାଲରୁ ବାହାରିଥିବା ଏହି ପଦଯାତ୍ରାରେ ଶହଶହ ସଖ୍ୟାରେ ଆଦିବାସୀ ମହିଳା ପୁରୁଷ ସାମିଲ ହୋଇଛନ୍ତି। ଏହି ପଦଯାତ୍ରା କୁତ୍ରା ଓ ବଡଗାଁ ବ୍ଲକ ଦେଇ ଶୁକ୍ରବାର ସୁନ୍ଦରଗଡରେ ପହଞ୍ଚିବା ପରେ ପୂର୍ବାହ୍ନ ୧୧ଟାରେ ଏହି ଦାବି ନେଇ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। କମ୍ପାନୀ ପକ୍ଷରୁ ଖଣି ସମ୍ପ୍ରସାରଣ ପାଇଁ ରାଜଗାଙ୍ଗପୁର ବ୍ଲକର ଅଲଣ୍ଡା, କୁକୁଡ଼ା, କେଶ୍ରାମାଲ, କଟଙ୍ଗ ଓ ଝରଗପୁର ପଞ୍ଚାୟତର ୭୧୭,୬୩ ଏକର ଜମି ଆବଶ୍ୟକ ହେଉଛି। ଏଥିପାଇଁ ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜମି ଅଧିଗ୍ରହଣକୁ ବିରୋଧ କରୁଛନ୍ତି। ନିଜ ଗାଁ ଭିଟାମାଟି ଛାଡିବୁ ନାହିଁ କହି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ କରି ଏହି ପଦଯାତ୍ରା କରୁଛନ୍ତି।

### ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

**ରାଉରକେଲା ଅଫିସ,୨୦।୧୦**

ରାଉରକେଲା ଝିରପାଣି ସ୍ଥିତ ସାଇନିଂ କ୍ଲବରେ ଲେଡି ଲାୟନ ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାନେତ୍ରୀ ବନ୍ଦିତା ମାହାତୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଲତିକା ପଟ୍ଟନାୟକ, ଧୀରେନ ସେନାପତି, ନିହାର ରାୟ, ସୂର୍ଯ୍ୟକାନ୍ତ ମହାନ୍ତି, ଲୀନା ବିଶ୍ୱାଳ, ଅଶୋକ କକ୍କଡ, ରୋହିତ ତନ୍ତର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥଲେ। ଜୟ ପ୍ରକାଶ ହସ୍ପିଟାଲର ଡାକ୍ତରମାନେ ୨୮୦ ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ଏବଂ ଚକ୍ଷୁ ସମସ୍ୟା ଥିବା ରୋଗୀଙ୍କୁ ମାଗଣା ଔଷଧ ଓ ଚଷମା ପ୍ରଦାନ କରାଯାଇଥିଲା।

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା ବୈଠକ



**ଦେବଗଡ଼, ୨୦।୧୦(ଡି.ଏନ୍.ଏ.)**

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଗୁରୁବାର ଦେବଗଡ଼ ଗସ୍ତରେ ଆସିଥିଲେ। ସେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଯୋଗଦେଇ ଜିଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିଥିଲେ। ଏହା ସହ ପ୍ରକଳ୍ପ ଉପରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଏହି ବୈଠକରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲାପାଳ ରେବେକା ବେଲୁଂ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ମଲ୍ଲିକ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ସମୀକ୍ଷା ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ଦଳେଇ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ।

# ଆଗେଇ ଚାଲିଛି ଷୋହଳ ବଖରୀ କଟାର ଉନ୍ନତୀକରଣ

**ଦେବଗଡ଼,୨୦।୧୦(ଡି.ଏନ.ଏ)**

ଦେବଗଡ ପୂର୍ତ୍ତ ବିଭାଗ ଦ୍ୱାରା ୨କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ଦେବଗଡ ସହର ମଧ୍ୟରେ ଥିବା ଷୋହଳ ବଖରୀ କଟା(ପୁଷ୍କରିଣୀ)ର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏହାକୁ ପରିଦର୍ଶନ କରିଛନ୍ତି। ବିଧାୟକ ପାଣିଗ୍ରାହୀ ନିର୍ମାଣ ସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟ ସମ୍ପର୍କରେ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ଏହି ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ହେଲେ ସେଠାରେ ଅଧିକ ଜଳ ଗଚ୍ଛିତ ହେବାସହ ଦେବଗଡ



ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଉନ୍ନତୀକରଣ କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

ସହରର ଭୂତଳ ଜଳସ୍ତର ବୃଦ୍ଧି ପାଇ। ସେହିପରି ସହରର ସୌନ୍ଦର୍ଯ୍ୟ ମଧ ବୃଦ୍ଧି ପାଇବ ବୋଲି ସେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି

**ଲେଫ୍ରିପଡ଼ା,୨୦।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଛଟେନପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧକ୍ଷ କିରନ ସେଠଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଛଟେନପାଲି ଗ୍ରାମପଞ୍ଚାୟତର ସରପଞ୍ଚ ଚପଳା କାଲୋ, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିମଳ କୁମାର ପଟେଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫ଗୋଟି ବିଦ୍ୟାଳୟରୁ ୧୧୦ ଜଣ ବିଦ୍ୟାର୍ଥୀ





ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କ ସହିତ ଅତିଥି।

୧୦ଟି ଭିନ୍ନଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ନିଜ ବକ୍ତବ୍ୟରେ ଶିକ୍ଷଣ ବ୍ୟବସ୍ଥା ବିଦ୍ୟାର୍ଥୀ ଜୀବନରେ କେତେ ଗୁରୁତ୍ୱପୂର୍ଣ୍ଣ ତାହାକୁ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ସୁର୍ଗୁଡା କ୍ଲଷ୍ଟର ସିଆରସିସି ସଲିଲ କୁମାର ପଟେଲଙ୍କ ନେତୃତ୍ୱରେ ପୁଲିନ ଚନ୍ଦ୍ର ନାୟକ, ଦିଗାମ୍ବର ପଟେଲ, ଅମିତ ପଟେଲ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କ୍ଲଷ୍ଟର୍‌ର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ପରିଚାଳିତ ହୋଇଥିଲା। ଶେଷରେ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ସମୀର କଟାରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଠିକ ସେହିପରି ଭାବେ ତେଲେନ୍‌ଡ଼ିହି ସାଧୁଥୋମାସ ଉଚ୍ଚ ବିଦ୍ୟାଳୟରେ ମଧ ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆଜି ୯ ପ୍ରକଳ୍ପର ଶୁଭାରମ୍ଭ, ୯ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୧୪.୭୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଶୁକ୍ରବାର କରିବାର କାର୍ଯ୍ୟକ୍ରମ ରହିଛି । ଏଥି ସହିତ ସେ ୩୩.୬୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଲୋଗୋ ଉନ୍ମୋଚନ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପର୍ଯ୍ୟାଲୋଚନା ନିମନ୍ତେ ପରିଷଦ ଦ୍ୱାରା ପ୍ରସ୍ତୁତ ଏକ ମନିଟରିଂ ଆପ୍ଲିକେସନ୍‌ର ମଧ୍ୟ ଶୁଭାରମ୍ଭ କରିବେ । ବରଗଡ଼ ଜିଲାର ପଦ୍ମପୁରସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷ, ବଲାଙ୍ଗିର ଜିଲାର ସଦର ମହକୁମାଠାରେ ଏକ କଲ୍ୟାଣ ମଣ୍ଡପ, ଟିଟିଲାଗଡ଼ ବାଳକ ଉଚ୍ଚ ବିଦ୍ୟାଳୟର ଏକାଡେମିକ୍ ବ୍ଲକ୍, ବୌଦ୍ଧ ଜିଲା ସଂଗ୍ରହାଳୟର ସମ୍ପ୍ରସାରଣ, ଦେବଗଡ଼ ଜିଲାର ସାଂସ୍କୃତିକ ପ୍ରେକ୍ଷାଳୟ ତଥା କ୍ରୀଡ଼ା କକ୍ଷ, ଝାରସୁଗୁଡ଼ାର ମରାକୁଟାଠାରେ କହ୍ନେଇନାଳ ଉପରେ ପୋଲ, ଭବାନୀପାଟଣା ଟାଉନ୍ ହଲ ଓ ଜୁନାଗଡ଼ ଏନ୍‌ଏସିଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଷ୍ଟାଡିୟମ୍ ଏବଂ ନୂଆପଡ଼ାର କୋମନାଠାରେ ମାଣ୍ଡିଆ ଆଦି ଶସ୍ୟର ପ୍ରକ୍ରିୟାକରଣ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧମରେ ଉଦ୍‌ଘାଟନ କରିବେ । ସେହିପରି ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାର ଡେବ୍ରିଗଡ଼ ଅଭୟାରଣ୍ୟ ସନ୍ନିକଟ ବାରବଖରା ଜଳପ୍ରପାତ ଓ ଗୁମ୍ଫା ନିକଟରେ ଇକୋ ପର୍ଯ୍ୟଟନ ସ୍ଥଳୀର ବିକାଶ, ବରଗଡ଼ ସହରରେ ଏକ ପାଞ୍ଚଶହ ଆସନବିଶିଷ୍ଟ ପ୍ରେକ୍ଷାଳୟ, ପଦ୍ମପୁରଠାରେ ବଡ଼ବନ୍ଧର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ, ବରଗଡ଼ ସହରର ବିକାଶ ବିଦ୍ୟାଳୟଠାରୁ ହଳଦୀପାଲି ଛକ ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ଡ୍ରେନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।

# ଜେଲରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

ଝାରସୁଗୁଡ଼ା ଅଫିସ,୨୦।୧୦– ଝାରସୁଗୁଡ଼ା ଉପକାରାଗାରରେ ଜଣେ ବିଚାରାଧୀନ କଏଦୀ ଗୁରୁବାର ବେକରେ ଗାମୁଛା ବାନ୍ଧି ଏକ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି । ସେ ହେଲେ ବଡମାଲ ଥାନା ବୃନ୍ଦାମାଲ ଗ୍ରାମର ସୁବାସ ରୋହିଦାସ (୨୬)। ଏ ସମ୍ପର୍କରେ ଜେଲ୍‌ର କରଣ ଓରାମ ଝାରସୁଗୁଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଏକ ଅପମୃତ୍ୟୁ ମାମଲା (ନଂ.୪୬/୨୨) ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟ ଶବସଂରକ୍ଷଣ କେନ୍ଦ୍ରରେ ରଖାଯାଇଥିବାବେଳେ ଶୁକ୍ରବାର ବ୍ୟବଚ୍ଛେଦ କରାଯିବ । କାରାଗାର ପରିସରରେ ଜଣେ କଏଦୀ ଆତ୍ମହତ୍ୟା ସମ୍ପର୍କରେ କର୍ତ୍ତୃପକ୍ଷ କେମିତି ଜାଣିପାରିଲେ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏକ ବଳାତ୍କାର ମାମଲାରେ ସୁବାସ ଜେଲ୍ ହାଜତରେ ସଜା କାଟୁଥିଲେ। ଏ ସମ୍ପର୍କରେ ଜେଲ୍‌ର କରଣ ଓରାମ କହିଛନ୍ତି, ସକାଳେ ତାଙ୍କ ମା' ଉପକାରାଗାରକୁ ଯାଇ ସୁବାସଙ୍କ ସହ କଥା ହୋଇ ଫେରିଥିଲେ। ଏହାପରେ ସୁବାସ ମାନସିକ ଚାପରେ ରହିଥିଲେ।


## OFFICE OF THE SUPERINTENDENT
### MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BRAHMAPUR- 760004, GANJAM, ODISHA

Tel.0680-2292624, FAX: 0680-2292752/ E-mail:supdtmkcg@gmail.com, mkcgmchberhampur@gmail.com, Website: www.mkcgmch.org

No.14732/ MCH/SK/2022 Dt./Brahmapur the 19.10.22

**CORRIGENDUM TO THIS OFFICE TENDER CALL NOTICE NO. 13339 Dt.22.09.2022**

No.E-561:- The last date of receipt of tender is hereby extended upto 02.11.2022 (5.30 P.M.) and will be opened on 03.11.2022 (12.00 Noon). The other terms and conditions remain unaltered.

**Sd./- Superintendent, MKCG Medical College Hospital, Berhampur**

OIPR--10028/11/0012/2223

## ଗୋପବନ୍ଧୁନଗର ତହସିଲଦାରଙ୍କ କାର୍ଯ୍ୟାଳୟ, ଖୁଣ୍ଟା, ଜିଲ୍ଲା: ମୟୂରଭଞ୍ଜ

ନୋଟିସ୍ ସଂଖ୍ୟା: ୧୮୫୭/ସଇରାତ — ତାରିଖ: ୧୭।୧୦।୨୦୨୨

### ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ

No. F-308: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ରିହାତି ପରବର୍ତ୍ତୀ ଶେଷତମ ସଂଶୋଧନ ଆଇନ୍ ଅନୁଯାୟୀ ଗୋପବନ୍ଧୁନଗର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୂଚୀରେ ଦର୍ଶାଯାଇଥିବା ସୈରାତ ଉତ୍ସଗୁଡ଼ିକୁ ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତେଣୁ ଆବେଦନକାରୀ ଫର୍ମ "M" ପୂରଣ କରି ୩ କପି ଆବଶ୍ୟକୀୟ କାଗଜାତ୍ ସହ ଏହି ତହସିଲ ପତ୍ର ସଂଖ୍ୟା ୧୮୫୩/ସୈରାତ ତା୧୭।୧୦।୨୦୨୨ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା୧୪।୧୧।୨୦୨୨ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଆବେଦନ କରିପାରିବେ। ଏହି ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ମୟୂରଭଞ୍ଜ Website: **www.mayurbhanj.nic.in**ରୁ ଓ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରୁ ଜାଣିପାରିବେ।

### ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଉତ୍ସର ବିବରଣୀ

| କ୍ର. ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ବାଲି ଉଠାଇବାର ପରିମାଣ (ପ୍ରଥମ ବର୍ଷ ପାଇଁ) |
|---|---|---|---|---|---|---|---|---|
| 1 | ଜୟପୁର ବରଡିହି ବାଲି ଉତ୍ସ | ଜୟପୁର | 467 | 2225/1 | ନଦୀ | Ac. 3.96 | Rs.35 + Rs.313 = Rs.348/- | **6572 Cum** (As per Mining Plan) EC & GP Resolution Awaited |
| | | ବରଡ଼ିହି | 330 | 562/1 | ନଦୀ | Ac. 2.52<br>ସର୍ବ ମୋଟ Ac. 6.48 କିମ୍ବା 2.622 ହେକ୍ଟର | | |
| 2 | ସାଇଁକୁଲା କଣ୍ଡିସାହି ବାଲି ଉତ୍ସ | କଣ୍ଡିସାହି | 178 | 366/1, 592/1 | ନଦୀ | Ac. 3.70, Ac. 5.20 | Rs.35 + Rs.313 = Rs.348/- | **52000 Cum** (As per Mining Plan) EC Received, GP Resolution Awaited |
| | | ସାଇଁକୁଲା | 1162 | 2049/1 | ନଦୀ | Ac. 3.44<br>ସର୍ବ ମୋଟ Ac. 12.34 କିମ୍ବା 4.993 ହେକ୍ଟର | | |
| 3 | ଗୁଡ଼ଡ଼ିହା ପଥର ଖଣି | ଗୁଡ଼ଡିହା | 333 | 1739 | ପଥରବଣୀ | Ac. 2.45 କିମ୍ବା 0.991 ହେକ୍ଟର | Rs.130 + Rs.430 = Rs.560/- | **2469 Cum** (As per Mining Plan) EC Received, GP Resolution Awaited |
| 4 | ସରୁକନା ପଥର ଖଣି | ସୁରୁକନା | 287 | 1394 | ପଥରବଣୀ | Ac. 3.16 କିମ୍ବା 1.278 ହେକ୍ଟର | Rs.130 + Rs.430 = Rs.560/- | **1950 Cum** (As per Mining Plan) EC & GP Resolution Awaited |

OIPR-24216/11/0001/2223 — ସ୍ୱା./– ତହସିଲଦାର, ଗୋପବନ୍ଧୁନଗର

## STATE INSTITUTE FOR EMPOWERMENT OF PERSONS WITH DISABILITIES (SIEP)

(A registered society under SSEPD Department, Government of Odisha)
NCSCDA Campus, Pokhariput, Bhubaneswar, Odisha - 751020

REF. No. 850 /SIEP Dated: 19.10.2022
SIEP-SERV-0062-2022

### e-TENDER FOR SELECTION OF SERVICE PROVIDER AGENCY FOR HOUSEKEEPING, UPKEEP, SECURITY & CATERING SERVICES IN SIEP ON OUTSOURCING BASIS.

No.gg-17:- E-Tender are invited from the Outsourcing agencies for Selection of Service Provider Agency for House-keeping, upkeep, Security & Cleaning services in SIEP on outsourcing basis as per the following schedule.

| Particulars | Date |
|---|---|
| Notice inviting Tender to be uploaded on website | Tender document can be downloaded from the website www.odishatenders.gov.in from 20.10.2022 (10.00 AM onwards) |
| Pre-Bid Meeting | 02.11.2022 -3.30 PM at Conference Hall of SIDR, Capital Hospital Campus, Unit-6, Bhubaneswar |
| Last date & time of closing & receipt of tender | 14.11.2022 (5.00 PM) |
| Date, Time and Place of opening the Tender (Technical Bid) | 15.11.2022 at 11.30 AM at Conference Hall of SIDR, Capital Hospital Campus, Unit-6, Bhubaneswar |
| Validity of Tender | The validity of the tender must be for a period of 180 (one hundred eighty) days from the due date of opening of tender. |
| Period of contract | 02 Years |
| Cost of Tender Paper | Rs.10,000/- through online payment mode |
| Performance Security Deposit | 3% of contract value |
| Expected date of commencement of Assignment | December 2022 |

OIPR-46003/11/0001/2223 **Sd./- Executive Director**

## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B), NIRMAN SOUDHA, BHUBANESWAR

E-mail: seec.bbsr2010@gmail.com

**Bid Identification No. S.E.E.C. (R&B) 03/2022-23**

**No. 2039** **Date: 18.10.2022**

No. B-711: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. work which are to be received through online bidding, double cover system as detailed in: **https://tendersodisha.gov.in**. The details of bid documents will be available in the above website from dt.26.10.2022 at 05.00 P.M. to dt.11.11.2022 upto 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened on dtd.14.11.2022 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **https://tendersodisha.gov.in**. Addendum / Corrigendum, if required, will be available only in the Website.

**Sd./- Superintending Engineer**
**Electrical Circle (R&B), Odisha, BBSR**
**OIPR-34006/11/0006/2223**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER NORTHERN (R&B) CIRCLE, SAMBALPUR

No.B-709:-

### e-Procurement

**BID IDENTIFICATION NO. CCENC (R AND B)/12/2022-23**

No.3460 Dtd.30.09.2022

1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Road / Building / Bridge works as detailed in the DTCN from the eligible class of contractors.
2. No. of works: 16 (Sixteen) Road works).
3. Tender cost : Rs.10,000/-.
4. Class of contractor: 'B' Class, 'A' Class and 'Special' Class.
5. Date & time of available in website & receipt of bids from 20.10.2022 to 17.00 hours of 04.11.2022.
6. Date of opening of technical bid: 05.11.2022 at 11.00 hours.
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / addendum will be displayed in the website www.tendersodisha.gov.in.

**Sd./- Chief Construction Engineer**
**Northern (R&B) Circle, Sambalpur**
OIPR-34035/11/0017/2223

## EXPRESSION OF INTEREST

**No. 5641 Dt. 18.10.2022**

**No. C-1415:-** The Executive Officer, Paradeep Municipality, Paradeep, District-Jagatsinghpur invites sealed Expression of interest from the Municipal Contractor/NGO/ Experience Firm & any registered animal welfare society working in the state for drive out of bull, cow & buffalo from the road side, colony, area, field and other places within Paradeep Municipality having valid GSTN. Expression of Interest along with bid form, T&C can be obtained from Office of the Municipal Council, Paradeep on payment of Paper Cost of ₹1000.00 (Rupees one thousand) only which is non-refundable from dt.20.10.2022 to 26.10.2022 during office hours. The quotation will be available on office website i.e. *www.paradeepmunicipality.org*. Paper cost shall be paid as per the same method noted in the Expression of Interest (EoI) downloaded online. EoI without payment of paper cost and EMD shall not be accepted in any case and will be rejected summarily. The EoI will be reached the undersigned on or before dt. 27.10.2022 up to 1.00 PM. The same will be opened on the same day at 4.00 PM in presence of the bidder or their authorized representatives if any. The authority reserves the right to accept or cancel any or all quotations without assigning any reason thereof.

**Sd./- Executive Officer, Paradeep Municipality**
OIPR-13120/11/0016/2223

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ

ବେଲଗୁଣ୍ଠା – ୭୬୧୧୧୯ (ଗଞ୍ଜାମ), ଦୂରଭାଷ: ୦୬୮୨୧–୨୫୮୨୪୪
ଶ୍ରୀ ଏସ୍. ରାକେଶ କୁମାର ପାତ୍ର (ଓ.ରା.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ

## NOTIFIED AREA COUNCIL

**BELLAGUNTHA - 761119 (GANJAM), Phone No.: 06821-258244**
**Sri. S. Rakesh Kumar Patra (ORS), Executive Officer**
**E-mail ID: eonacbellaguntha@gmail.com**

ପତ୍ର ସଂଖ୍ୟା: ୧୪୨୯ — ତାରିଖ: ୧୯।୧୦।୨୦୨୨

### ସାଧାରଣ ବିଜ୍ଞାପନ

No. C-1412: ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭଞ୍ଜ ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୃହ ରୁମ୍ ନଂ. ୨୦କୁ ହେମଲତା ଡାକୁଆ ଲିଜ୍ ସୂତ୍ରରେ ପରିଷଦ କାର୍ଯ୍ୟାଳୟଠାରୁ ପାଇଥିଲେ। ମାତ୍ର ତାଙ୍କର ମୃତ୍ୟୁପରେ ତାଙ୍କ ପୁତ୍ର ଶ୍ରୀ ଶିବରାମ ଡାକୁଆ ଉକ୍ତ ଦୋକାନ ଗୃହକୁ ନିଜ ନାମରେ ମଞ୍ଜୁର କରିବା ନିମନ୍ତେ ପରିଷଦକୁ ନିଜର ଆଗ୍ରହ ପ୍ରକାଶ କରିଛନ୍ତି। ଯଦି ଏଥିରେ କୌଣସି ବ୍ୟକ୍ତିବିଶେଷଙ୍କ କିଛି ଆପତ୍ତି ଅଭିଯୋଗ ଥାଏ ତେବେ ପରିଷଦରେ ଲିଖିତ ଆକାରରେ ଆସନ୍ତା ତା୦୧।୧୧।୨୦୨୨ରିଖ ସୁଦ୍ଧା ଜଣାଇପାରିବେ ଏବଂ ଯଦି କୌଣସି ବ୍ୟକ୍ତି ଇଚ୍ଛୁକ ଅଟନ୍ତି ତେବେ ଆସନ୍ତା ତା୨୦।୧୦।୨୦୨୨ରିଖଠାରୁ ତା୨୯।୧୦।୨୦୨୨ରିଖ ଅପରାହ୍ନ ୦୧.୦୦ଘ. ମଧ୍ୟରେ ପରିଷଦରୁ ଆବେଦନ ପତ୍ର ନେଇ ଉକ୍ତ ଦୋକାନ ଗୃହ ନିମନ୍ତେ ଆବେଦନ କରିପାରିବେ।

ସବିଶେଷ ବିବରଣୀ ନିମନ୍ତେ ପରିଷଦ କାର୍ଯ୍ୟାଳୟର ସହାୟତା କେନ୍ଦ୍ରରେ ଯୋଗାଯୋଗ କରନ୍ତୁ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠା
**OIPR-13113/11/0026/2223**

## OFFICE OF THE CHIEF DISTRICT VETERINARY OFFICER, GANJAM, BERHAMPUR

**FAX: 0680-2226131, Email: cdvoganjam07@gmail.com**
**Bid Reference No. IV/5/2022/8126/CDVO, Ganjam, Berhampur**
**Dated 17.10.2022**

**TENDER FOR OUTSOURCING OF SERVICES for Manpower Requirement under Mobile Veterinary Unit under ESVHD**

### TENDER NOTICE

No.M-50:- Bids in sealed cover are invited under two-bid system from reputed and experienced manpower service providers for providing Services for MVUs for district of Ganjam under Chief District Veterinary Officer (CDVO), Ganjam, Berhampur. The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1 | Date of Issue | 17.10.2022 |
| 2 | Bid due date and time | 15.11.2022, 03.00 P.M. |
| 3 | Opening of Technical Bid | 17.11.2022, 11.00 A.M. |
| 4 | Opening of Financial Bid | 24.11.2022, 11.00 A.M. |

Bidders are required to submit the technical and financial bids separately. The bids in sealed Cover-I containing 'Technical Bid' and sealed Cover-II containing "Financial Bid" should be placed in a third sealed cover superscribed "Bid for Outsourcing of services of MVUs" must reach the undersigned on or before **15.11.2022, 03.00 P.M. by Speed Post / Registered Post / Courier.**

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website (**www.ganjam.nic.in**).

Complete address for submission of bid
**Chief District Veterinary Officer, Ganjam**
**Address: Bhimarao Peta, Military Line,**
**Berhampur, Ganjam, PIN: 760001**

**Sd./- Chief District Veterinary Officer**
**Ganjam, Berhampur**
OIPR-06032/11/0005/2223

## OFFICE OF THE CDM & PHO cum DMD, SUBARNAPUR
### DISTRICT PROGRAMME MANAGEMENT UNIT, NHM

**E-mail: nhm.subarnapur@gmail.com**
**Letter No. 1252/DPMU/NHM/22** **Date: 18.10.2022**

### NOTICE INVITING EOI FOR EMPANELMENT OF AGENCY

No. E-563: Sealed tenders/bids are hereby invited regarding empanelment of Agency/Supplier for following items/services to office of the CDM & PHO, Subarnapur on annual rate contract basis of ZSS, Subarnapur.

- Tender A - Empanelment for supply of lunch, tea and snacks.
- Tender B - Empanelment for providing Lodging and Boarding services.
- Tender C - Empanelment for providing Computer Consumables & Stationary items.
- Tender D - Empanelment for supply of Printing related items.

Details terms and conditions may be downloaded from **www.subarnapur.nic.in**. Interested bidders have to submit separate bid of each of the above items/services. The sealed tender should reach the office of the undersigned on or before **09.11.2022 till 5 P.M.** along with the required documents. The tender will be opened on **10.11.2022 at 11 A.M.** in the office chamber of the undersigned. The undersigned reserves the right to reject any or all quotations without assigning any reason thereof.

**Sd./- CDM & PHO cum DMD, Subarnapur**
**OIPR-10118/11/0019/2223**

**No. C-1410**

## GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER PUBLIC HEALTH CIRCLE, SAMBALPUR, ODISHA

**E-mail ID: sephsbp@yahoo.in / sephsbp@gmail.com**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. ACEPHSBP - 04/2022-23 Dt.15.10.2022**

| | | |
|---|---|---|
| 01. Number of Work | : | 1 No. |
| 02. Type of Bid | : | Two Bid System |
| 03. Estimated Cost | : | Rs.365.58 lakh |
| 04. Period of Completion | : | 08 (Eight) Calendar Months |
| 05. Class of Contractor | : | 'A' Class |
| 06. Date & Time of availability of bid document in the Portal | : | From 11.00 hrs. of Dt.21.10.2022 to 17.00 hrs. of 04.11.2022. |
| 07. Last date/time of seeking Clarification | : | 17.00 hrs. of 27.10.2022 |
| 08. Last date/time of receipt of bids in the Portal | : | 17.00 hrs. of 04.11.2022 |
| 09. Date & Time of opening of Technical Bids | : | At 11.30 hrs. of 05.11.2022 |
| 10. Name and Address of the Officer Inviting Bid | : | Additional Chief Engineer, P.H. Circle, Sambalpur, Brooks' Hill, Near Stadium, At/P.O.: Motijharan, Dist.- Sambalpur - 768001 |

Further details can be seen from the e-procurement portal **"http://www.tendersorissa.gov.in"**.

**Sd./- Additional Chief Engineer**
**P.H. Circle, Sambalpur**
**OIPR-13018/11/0008/2223**

## Bhubaneswar Municipal Corporation

*Progress through Partnership for better Bhubaneswar*

**Notice No. 49072** **Date: 18.10.2022**
**XXII(L) 18/22**

**Short Tender Call Notice for the work "Dismantling and removal of illegal advertisement hoardings installed on Pvt./Govt. Land, rooftops of high-rise buildings etc. within jurisdiction of BMC"**

No. C-1419: BMC issued a short tender call notice for the work "Dismantling and removal of illegal advertisement hoardings installed on Pvt./Govt. Land, rooftops of high-rise buildings etc. within jurisdiction of BMC". In this regard, the sealed proposals are invited from intending agencies for having the requisite qualification as per terms stipulated in the document for undertaking the said work. The document shall be made available on the website **bmc.gov.in** from 19.10.2022 at 12.00 Noon onwards. The last date of receipt of proposals is till 5.00 P.M., 31.10.2022.

**Sd./- Deputy Commissioner (Revenue)**
**Bhubaneswar Municipal Corporation**
**OIPR-13002/11/0136/2223**


See Career Appointment on every Wednesday & Saturday


## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, BHUBANESWAR

No.O-1135:-

**Ph.No.-0674-2301787, Fax No.- 0674-2300965, E.Mail ID- eerw_bbsr@yahoo.co.in**

No.: Tender- Online-BBSR Divn.-27 Date: 18.10.2022

### e-Procurement NOTICE

1. Name of the work: Construction / Special Repair of Building works. 2. Total No. of building: 3 Nos. 3. Class of contractor:- (a) Above Rs.20 lakh and upto 3 crore: 'B' Class (of Odisha PWD) or equivalent class of other licencing authorities. (b) Upto Rs.40.00 lakh: 'C' Class (of Odisha PWD) or equivalent class of other licencing authorities. (c) Upto Rs.20.00 lakh: 'D' Class (of Odisha PWD) or equivalent class of other licencing authorities. 4. Estimate cost of individual project: Rs.35.00 lakh to 48.00 lakh. 5. Time for completion: 4 (Four) calendar months. 6. Other details

| Procurement Officer | Bid Identification No. | Availability of tender online for bidding | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online - BBSR Divn.-27 | 26.10.2022 at 11.00 A.M. | 04.11.2022 upto 5.00 P.M. | 05.11.2022 at 11.00 A.M. |

Further details can be seen from the website **www.tendersorissa.gov.in**

**Sd./- Superintending Engineer, Rural Works Division, BBSR**
OIPR-25066/11/0032/2223

**No.O-1138**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

**e-mail: serwsbd2003@yahoo.com**

### E-Procurement Notice for Road Works

1. Name of the work : Construction of Road as per Annexure (16 Nos.)
2. Class of contractor : "B", "A" & Special Class of (Odisha PWD) or relevant class of other licencing authority.
3. Estimated Cost : **Varies from Rs.100.84 Lakhs to Rs.1510.32 Lakhs (Approximately)**
4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | **CCERWCSBD-Online-26/ 2022-23** | 25.10.2022 at 11.00 A.M. | 10.11.2022 up to 5.30 P.M. | 09.11.2022 Up to 2.00 P.M. | 11.11.2022 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**
6. Any Corrigendum/Addendum will be displayed in the above e-tender website.

OIPR-25182/11/0035/2223 **Sd./- Chief Construction Engineer, Rural Works Circle, Sunabeda**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER, MINOR IRRIGATION DIVISION, RAYAGADA

### e-PROCUREMENT NOTICE

**Bid Identification No. Online - 11/MID RGD/2022-23**
**Lt. No. 2637 // MIDRGD // date: 15.10.2022**

No. A-627: The Executive Engineer, M.I. Division, Rayagada on behalf of Governor of Odisha invites Percentage Rate Bids in **Double Cover System** through e-procurement to be recieved in online mode only for the works as detailed in the table below. The bid should be submitted online in the website: **www.tendersodisha.gov.in** by eligible contractors.

| | | | |
|---|---|---|---|
| 1. | Name of Work | : | Renovation to Distribution System of Tandipur MIP (D/W) in Kolnara Block of Rayagada District under the CLSRP Scheme 2022-23 |
| 2. | Total No. of Works | : | 1 (One) No. only |
| 3. | Estimated Cost | : | Rs.83.00 lakhs approximately |
| 4. | Class of Contractor | : | As mentioned against work |
| 5. | period of Completion | : | As mentioned against work |
| 6. | Date and time of availability of Bid document in portal | : | From 10.00 A.M. on 26.10.2022 and upto 5.30 P.M. on 15.11.2022 |
| 7. | Last date/time for receipt of Bid document in portal | : | From 10.00 A.M. on 26.10.2022 and upto 5.30 P.M. on 15.11.2022 |
| 8. | Date/Time of opening of Technical Bid | : | From 11.00 A.M. on 16.11.2022 At O/o. M.I. Division, Rayagada |
| 9. | Name and Address Officer inviting the Bid | : | Executive Engineer, M.I. Division, Rayagada. |
| 10. | Mode of Payment of Bid cost and Bid Security | : | Online |

**Sd./- Executive Engineer**
**M.I. Division, Rayagada**
**OIPR-32056/11/0007/2223**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
**(ZILLA SWASTHYA SAMITI, KEONJHAR)**

**Advt. Letter No. 12189** **Date: 19.10.2022**

### "CORRIGENDUM NOTICE"

No. E-562: In persuance to this Office Advt. No. 12112 Dt.13.10.2022, which was published in daily two odia newspaper "Sambad" & "Dharitri" on Dt.15.10.2022 & the recruitment details is uploaded in the District NIC website on Dt.14.10.2022 related to Recruitment of various post under NHM of Keonjhar district. The following Corrigendum is being issued in accordance to Office Order No. 5279 Dt.30.04.2022 of Mission Director, NHM, Odisha. The remuneration of below mentioned post is hereby modified as mentioned below each post.

| Sl. No. | Name of the Post | No. of Post | Previously mentioned in Advertisement Remuneration per month (Rs.) | Revised Monthly Remuneration Rs. |
|---|---|---|---|---|
| 1 | Pediatrician - DEIC | 1 | Rs.87,518/- + PI as per norms | Rs.76,577/- + PI as per norms |
| 2 | Medical Officer - SNCU | 4 | Rs.70,013/- + PI as per norms | Rs.61,262/- + PI as per norms |
| 3 | Medical Officer - DTC | 1 | Rs.67,389/- + PI as per norms | Rs.58,965/- + PI as per norms |
| 4 | Medical Officer - UHWC | 6 | Rs.70,000/- + PI as per norms | Rs.61,262/- + PI as per norms |
| 5 | Accountant-cum-DEO | 4 | Rs.22,137/- + PI as per norms | Rs.18,494/- + PI as per norms |
| 6 | Data Assistant-cum-Accountant-UH | 1 | Rs.16,282/- + PI as per norms | Rs.12,734/- + PI as per norms |
| 7 | Social Worker - DEIC | 1 | Rs.23,193/- + PI as per norms | Rs.19,418/- + PI as per norms |
| 8 | Clinical Psychologist-DMHP | 1 | Rs.35,308- + PI as per norms | Rs.30,019/- + PI as per norms |

All other terms and conditions of the said Advertisement is remain unchanged.

**Sd./- Chief District Medical & Public Health Officer-cum-DMD, NHM, Keonjhar**
**OIPR-10033/11/0025/2223**

No. O-1137

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR

Ph. No.- 0674-2301787, Fax No.-0674-2300965, E Mail I.D.- eerw_bbsr@yahoo.co.in

**No.:- Tender - Online-BBSR Divn.- 29** **Date:- 18.10.2022**

### e-Procurement NOTICE

1. Name of the work : **Repair / Maintenance of Building works**
2. Total No. of Roads : **04 Nos. of Roads**
3. **Class of Contractor**
   - a) Above Rs.20 lakh and upto 3 crore : **'B' Class** (of Odisha PWD) or equivalent class of other licensing authorities.
   - b) Upto Rs.40.00 lakh : **'C' Class** (of Odisha PWD) or equivalent class of other licensing authorities.
   - c) Upto Rs.20.00 lakh : **'D' Class** (of Odisha PWD) or equivalent class of other licensing authorities.
4. Estimate cost of individual projects : Rs.5.08 lakh to 25.42 lakh
5. Time for completion : **2 (Two) calendar months**
6. **Other Details:**

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online - BBSR Divn.- 29 | 27.10.2022 at 11.00 A.M. | 04.11.2022 up to 5.00 P.M. | 05.11.2022 at 11.00 A.M. |

Further details can be seen from the website **www.tendersorissa.gov.in**

OIPR-25066/11/0034/2223 **Sd./- Superintending Engineer, Rural Works Division, BBSR**

# ଇଞ୍ଜୁରି ସମସ୍ୟାର ସମାଧାନ ଜରୁରୀ: ବିନ୍ନି




**ବେଙ୍ଗାଲୁରୁ, ୨୦।୧୦ (ପି.ଟି.)**
ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନବନିର୍ବାଚିତ ସଭାପତି ରୋଜର ବିନ୍ନି ଇଞ୍ଜୁରି ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତର ୩ ଦିନ ପୂର୍ବରୁ ଇଞ୍ଜୁରି ଯୋଗୁ ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଟୁର୍ନାମେଣ୍ଟରେ ଭାଗ ନେଇପାରିବେ ନାହିଁ ବୋଲ ସ୍ପଷ୍ଟ ହୋଇଥିଲା। ସେ ସମୟରେ ମହମ୍ମଦ ଶାମି କୋଭିଡ୍ ଆକ୍ରାନ୍ତ ଥିଲେ। ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ସେ କେବେ ସୁସ୍ଥ ହେବେ ବିସିସିଆଇକୁ ସେଥିପାଇଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହୋଇଥିଲା। ଏଭଳି ପରିସ୍ଥିତି ଯେପରି ଭବିଷ୍ୟତରେ ନ ଉପୁଜେ ସେ ଦିଗରେ ଧ୍ୟାନ ଦିଆଯିବ ବୋଲି ବିନ୍ନି କହିଛନ୍ତି। କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦାନ ପୂର୍ବକ ସେ କହିଛନ୍ତି, ଖେଳାଳିମାନେ ସହଜରେ ଏତେ ଗୁରୁତର ଭାବେ କିପରି ଆହତ ହେଉଛନ୍ତି ତାହା ବୁଝାପଡୁ ନାହିଁ। ଏହା ଏବେକାର କଥା ନୁହେଁ, ଗତ ୪ରୁ ୫ ବର୍ଷ ହେଲା ଦେଖିବାକୁ ମିଳୁଛି। ଏହାର ଅର୍ଥ ନୁହେଁ ଯେ, ଆମ ପାଖରେ ଭଲ ଟ୍ରେନର କିମ୍ବା କୋଚ୍‌ଙ୍କ ଅଭାବ ରହିଛି। ବୁମ୍‌ରାଙ୍କ ଭଳି ଖେଳାଳିଙ୍କୁ ବିଶ୍ୱକପ୍‌ର ୧୦ ଦିନ ପୂର୍ବରୁ ଆଘାତପ୍ରାପ୍ତ ବୋଲି ଘୋଷଣା କରାଯାଉଛି। ତାଙ୍କ ସ୍ଥାନରେ କାହାରିକୁ ନିଆଯିବ ସେ ନେଇ ଚର୍ଚ୍ଚା ହେଉଛି। ଏପରି ହେବା ଭଲନୁହେଁ।

**ଘରୋଇ ଖେଳାଳିଙ୍କ ପାଇଁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଆବଶ୍ୟକତା ନାହିଁ**

ରଣଜୀ ଟ୍ରଫିର ମାନ ବୃଦ୍ଧି ସହ ଘରୋଇ କ୍ରିକେଟ ପାଇଁ ଉନ୍ନତୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି ବୋଲି ବିସିସିଆଇ ମୁଖ୍ୟ କହିଛନ୍ତି। ଆମ ପିଚ୍‌ଗୁଡ଼ିକ ଫାଷ୍ଟ ବୋଲିଂ ପାଇଁ ଏବେ ବି ଅନୁପଯୁକ୍ତ। ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ପଡ଼ିବ। ଭାରତ ମ୍ୟାଚ ବେଳକୁ ୩୦ରୁ ୪୦ ହଜାର ଦର୍ଶକ ଷ୍ଟାଡିୟମ ଆସିବେ। ଦର୍ଶକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ଦିଗରେ ଧ୍ୟାନ ଦେବାକୁ ହେବ। ବର୍ତ୍ତମାନ ସମୟରେ ଘରୋଇ କ୍ରିକେଟରମାନଙ୍କ ଲାଗି ସେଣ୍ଟ୍ରାଲ କଣ୍ଟ୍ରାକ୍ଟର ଆବଶ୍ୟକତା ଥିବା ସେ ଅନୁଭବ କରୁନାହାନ୍ତି। ଖେଳାଳିମାନଙ୍କୁ ଉତ୍ତମ ସୁବିଧା ସୁଯୋଗ ଦିଆଯିବ। ରଣଜୀ ଟ୍ରଫି ମାନରେ ଉନ୍ନତି ଆଣିବାକୁ ପଡ଼ିବ। କୌତୂହଳର କଥା ଏହିକି ଯେ, ବହୁ ଦିନ ଧରି ଇରାନୀ ଟ୍ରଫି ଆୟୋଜିତ ହୋଇ ଆସୁଛି। ହେଲେ ଏହି ଟୁର୍ନାମେଣ୍ଟ ସମ୍ପର୍କରେ କମ୍ ଲୋକ ଜାଣନ୍ତି। ଆସନ୍ତା ମାର୍ଚ୍ଚରେ ହେବାକୁ ଥିବା ମହିଳା ଆଇପିଏଲ୍ ସମ୍ପର୍କରେ ନିଜ ମତ ରଖି ବିସିସିଆଇ ମୁଖ୍ୟ କହିଥିଲେ, ପୁରୁଷ କ୍ରିକେଟ ଭଳି ମହିଳା କ୍ରିକେଟ ଯଦିଓ ସେତେଟା ଲୋକପ୍ରିୟ ହୋଇପାରିନି ଗତ ୨ରୁ ୩ ବର୍ଷ ହେଲା ଏଥିପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି। ବହୁଲୋକ ଏହାକୁ ଦେଖିବାକୁ ଆସିବେ ବୋଲି ସେ ଆଶା କରୁଛନ୍ତି।

# ଆଜି ଆମେରିକା-ନାଇଜେରିଆ, ଜର୍ମାନୀ-ବ୍ରାଜିଲ କ୍ୱାର୍ଟର ଫାଇନାଲ


ଆମେରିକା ବିପକ୍ଷ କ୍ୱାର୍ଟର ଫାଇନାଲ ପୂର୍ବରୁ କୋଚ୍ ଓଲୋଓକେରେ ବାଙ୍କୋଲେଙ୍କ ସହ ନାଇଜେରିଆ ଖେଳାଳି।

**ଭୁବନେଶ୍ୱର, ୨୦।୧୦ (କ୍ରୀଡ଼ା ପ୍ରତିନିଧି)**

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

ଚଳିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ୨ଟି କ୍ୱାର୍ଟର ଫାଇନାଲ ଶୁକ୍ରବାର ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମ କ୍ୱାର୍ଟରରେ ଆମେରିକାକୁ ଭେଟିବ ନାଇଜେରିଆ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବ୍ରାଜିଲ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହେବ। ଗ୍ରୁପ୍ 'ଏ'ରେ ଆମେରିକା ଓ ବ୍ରାଜିଲ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନୀୟ ଦଳଭାବେ ନକ୍‌ଆଉଟରେ ପ୍ରବେଶ କରିଥିଲେ। ଦୁଇ ଦଳ ଅପରାଜିତ ମଧ୍ୟ ରହିଥିଲେ। ଲିଗ୍ ପର୍ଯ୍ୟାୟରେ ଆମେରିକା-ବ୍ରାଜିଲ ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ୩ ମ୍ୟାଚରୁ ଉଭୟ ଦଳ ୭ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଆମେରିକା ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ସେହିପରି ଗ୍ରୁପ୍ 'ବି'ର ଶୀର୍ଷଦଳ ଭାବେ ଜର୍ମାନୀ ଓ ଦ୍ୱିତୀୟ ଦଳ ଭାବେ ନାଇଜେରିଆ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଜର୍ମାନୀ ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ପାଇଥିବାବେଳେ ନାଇଜେରିଆ ୩ ମ୍ୟାଚରୁ ୨ ବିଜୟ ଓ ୧ ପରାଜୟ ସହିତ ୬ ପଏଣ୍ଟ ପାଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଚିଲି ଓ ନ୍ୟୁଜିଲାଣ୍ଡକୁ ହରାଇଥିବା ନାଇଜେରିଆ କେବଳ ଜର୍ମାନୀଠାରୁ ହାରିଥିଲା। ତେଣୁ ଆଗାମୀ ମ୍ୟାଚରେ ଆମେରିକାକୁ ନାଇଜେରିଆ ଓ ଜର୍ମାନୀକୁ ବ୍ରାଜିଲ କଡ଼ା ଟକ୍କର ଦେବା ସମ୍ଭାବନା ରହିଛି। ଜର୍ମାନୀର ଲୋରେନ ବେଣ୍ଡେର ଏବଂ ଆମେରିକାର ଚାର୍ଲୋଟି କୋଲେର ୩ଟି ଲେଖାଏ ଗୋଲ ଦେଇ ଅନ୍ୟ ୨ ଜଣଙ୍କ ସହ ଟପ୍ ସ୍କୋରର ରହିଛନ୍ତି।

# ସୁପର-୧୨ରେ ଶ୍ରୀଲଙ୍କା, ନେଦରଲାଣ୍ଡ୍ସ

**ଜିଲଙ୍ଗ(ଭିକ୍ଟୋରିଆ),୨୦।୧୦(ପି.ଟି.)**

**ଟି୨୦ ବିଶ୍ୱକପ୍**

ଆଇସିସି ଟି୨୦ ବିଶ୍ୱକପ ମୁଖ୍ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଶ୍ରୀଲଙ୍କା ଓ ନେଦରଲାଣ୍ଡ୍ସ। ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଦୁଇ ଦଳ ୩ ମ୍ୟାଚରୁ ଦୁଇଟି ଲେଖାଏ ବିଜୟ ସହିତ ସୁପର-୧୨ରେ ପ୍ରବେଶ କରିଛନ୍ତି। ଗୁରୁବାର ଶ୍ରୀଲଙ୍କା ନିଜ ଅନ୍ତିମ ମ୍ୟାଚରେ ନେଦରଲାଣ୍ଡ୍ସକୁ ୧୬ ରନରେ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ପରାସ୍ତ କରିଥିବା ନାମ୍ବିଆ ଏହାର ଅନ୍ତିମ ମ୍ୟାଚରେ ୟୁଏଇ ନିକଟରୁ ପରାଜିତ ହେବାରୁ ନେଦରଲାଣ୍ଡ୍ସ ଯୋଗ୍ୟତା ହାସଲ କରିଛି।

ଗୁରୁବାରର ପ୍ରଥମ ମ୍ୟାଚରେ ଶ୍ରୀଲଙ୍କା ୧୬ ରନରେ ନେଦରଲାଣ୍ଡ୍ସକୁ ହରାଇଥିଲା। ଉଇକେଟ କିପର କୁଶାଲ ମେଣ୍ଡିସ୍‌ଙ୍କ ଲଢୁଆ ୭୯ ରନ ସହିତ ୧୬୨ ରନ ସଂଗ୍ରହ କରିଥିଲା। ୪୪ ବଲର ଏହି ଇନିଂସରେ ୫ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଚରିଥ୍ ଅସଲଙ୍କା ୩୧ ରନ କରିଥିଲେ। ତେବେ ଦୁଇ ସ୍ପିନର ୱାନିନ୍ଦୁ ହସରଙ୍ଗା ଓ ମହୀଷ ଥିକ୍‌ସାନା ୫ ଉଇକେଟ ଅକ୍ତିଆର କରିବାରୁ ନେଦରଲାଣ୍ଡ୍ସ ୧୪୬/୯ରେ ସୀମିତ ରହିଥିଲା। ଓପନର ମ୍ୟାକ୍ସ ଓଡଡ୍ ଅପରାଜିତ ୭୧ ରନ୍ କରିଥିଲେ ହେଁ ଏହା ବିଜୟ ପାଇଁ ଯଥେଷ୍ଟ ନ ଥିଲା। କୁଶାଲ ମେଣ୍ଡିସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିତୀୟ ମ୍ୟାଚଟି ୟୁଏଇ ଓ ନାମ୍ବିଆ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ୟୁଏଇ ୩ ଉଇକେଟରେ ୧୪୮ ରନ୍ କରିଥିବା ବେଳେ ନାମ୍ବିଆ ୮/୧୪୧ରେ ସୀମିତ ରହିଥିଲା। ୟୁଏଇ ପକ୍ଷରୁ ମହମ୍ମଦ ୱାସିମ୍ ୫୦ ଓ ଚନ୍ଦନଗାପୋୟିଲ ରିଜୱାନ ୪୩ ରନ୍ କରିଥିଲେ। ଜବାବରେ ଡେଭିଡ୍ ୱିଜଙ୍କ ୫୫ ରନ୍ ସତ୍ତ୍ୱେ ନାମ୍ବିଆ ବିଜୟ ଲକ୍ଷ୍ୟରୁ ୭ ରନ୍ ଦୂରରେ ରହିଥିଲା। ମହମ୍ମଦ ୱାସିମ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।


ଶ୍ରୀଲଙ୍କା ବୋଲର ମହୀଷ ଥିକ୍‌ସାନା।

# କିଶନଙ୍କ ଶତକ: ଓଡ଼ିଶାର ତୃତୀୟ ପରାଜୟ

**ଲକ୍ଷ୍ନୌ,୨୦।୧୦:** ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଓଡ଼ିଶା ତୃତୀୟ ପରାଜୟ ବରଣ କରିଛି। ଗୁରୁବାର ଇଶାନ କିଶନଙ୍କ ଅପରାଜିତ ଶତକ ବଳରେ ଝାଡ଼ଖଣ୍ଡ ୭୧ ରନର ବିଶାଳ ବ୍ୟବଧାନରେ ଓଡ଼ିଶାକୁ ପରାସ୍ତ କରିଛି। କିଶନଙ୍କ ଅପରାଜିତ ୧୦୨ ରନ୍ ବଳରେ ଝାଡ଼ଖଣ୍ଡ ୫ ଉଇକେଟରେ ୧୮୮ ରନ କରିଥିବା ବେଳେ ଓଡ଼ିଶା ୧୯.୨ ଓଭରରେ ୧୧୭ ରନରେ ଅଲଆଉଟ ହୋଇଥିଲା। ଟସ୍ ଜିତି ଓଡ଼ିଶା ପ୍ରଥମେ ବୋଲିଂ କରିଥିଲା। ପ୍ରଥମ ୧୦ ଓଭରରେ ଓଡ଼ିଶା ୩ ଉଇକେଟ ନେଇଥିବା ବେଳେ ଝାଡଖଣ୍ଡ ମାତ୍ର ୭୦ ରନ୍ କରିପାରିଥିଲା। ତେବେ ପରବର୍ତ୍ତୀ ୧୦ ଓଭରରେ ଇଶାନ କିଶନଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଦଳ ୧୧୮ ରନ୍ ସଂଗ୍ରହ କରିଥିଲା। ଇଶାନଙ୍କ ୬୪ ବଲର ଇନିଂସରେ ୫ ଚୌକା ଓ ୭ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ କୁମାର ସୂରଜ ୩୨ ଓ ଅନୁକୂଳ ରୟ ୧୫ ରନ କରିଥିଲେ। ଓଡ଼ିଶା ପକ୍ଷରୁ ତରଣୀ ସା ୩୪ ରନରେ ୩, ସୂର୍ଯ୍ୟକାନ୍ତ ପ୍ରଧାନ ଓ ରାଜେଶ ମହାନ୍ତି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୯ ରନ୍ ବିଜୟ ଲକ୍ଷ୍ୟରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଶାନ୍ତନୁ ମିଶ୍ର(୫୪)ଙ୍କୁ ବାଦ୍ ଦେଲେ ଓଡ଼ିଶାର ଅନ୍ୟ କୌଣସି ବ୍ୟାଟର ଝାଡଖଣ୍ଡ ବୋଲରଙ୍କ ମୁକାବିଲା କରି ପାରି ନ ଥିଲେ। ୬୧ ରନରେ ୬ ବ୍ୟାଟରଙ୍କୁ ହରାଇଥିବା ଓଡ଼ିଶା ରାକେଶ ପଟ୍ଟନାୟକ(୧୧) ଓ ସମୀର ମହାନ୍ତି(୧୯)ଙ୍କ ଇନିଂସ ବଳରେ ୧୦୦ ରନ୍ ପାର କରିବାରେ ସମର୍ଥ ହୋଇଥିଲା। ଝାଡଖଣ୍ଡ ପକ୍ଷରୁ ଶାହବାଜ ନଦୀମ୍ ୩, ଅନୁକୂଳ ରୟ ଓ ବିବେକାନନ୍ଦ ତିୱାରୀ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଗ୍ରୁପ୍ ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ୨ ତାରିଖରେ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ଛତିଶଗଡକୁ ଭେଟିବ।

# ଇଷ୍ଟବେଙ୍ଗଲର ପ୍ରଥମ ବିଜୟ


ନର୍ଥଇଷ୍ଟ ବନାମ ଇଷ୍ଟ ବେଙ୍ଗଲ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଗୁଆହାଟୀ,୨୦।୧୦**

**ଇଣ୍ଡିଆନ ସୁପର ଲିଗ୍**

ଆସାମର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ୍ ସୁପର ଲିଗ ମ୍ୟାଚରେ ଚଳିତ ସିଜିନର ପ୍ରଥମ ବିଜୟ ହାସଲ କରିଛି ଇଷ୍ଟବେଙ୍ଗଲ। ନର୍ଥ ଇଷ୍ଟ ୟୁନାଇଟେଡକୁ ୩-୧ରେ ପରାସ୍ତ କରି ଇଷ୍ଟ ବେଙ୍ଗଲ ପଏଣ୍ଟ ଖାତା ଖୋଲିଛି। କ୍ଲିଟନ୍ ସିଲଭା(୧୧),ଚାରଲାମ୍ପୋସ କିରିଆକୋଉ(୫୨) ଓ ଜୋର୍ଡାନ ଓ ଡୋହର୍ଟି (୮୪) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୯୦+୨ ମିନିଟରେ ନର୍ଥଇଷ୍ଟ ପକ୍ଷରୁ ମ୍ୟାଟ୍ଟ ଡର୍ବିଶାୟାର ଏକମାତ୍ର ଗୋଲ ସ୍କୋର କରିଥିଲେ। ଅଦ୍ୟାବଧି ୩ ମ୍ୟାଚ ଖେଳି ସାରିଥିଲେ ହେଁ ନର୍ଥଇଷ୍ଟ ପଏଣ୍ଟଶୂନ୍ୟ ରହିଛି। ଶୁକ୍ରବାର ଚେନ୍ନାୟିନ୍ ଏଫ୍‌ସି ଓ ଗୋଆ ଏଫ୍‌ସି ମଧ୍ୟରେ ମ୍ୟାଚ ଖେଳାଯିବ।

# ବାଂଲାଦେଶ ଟୁର୍‌ରେ ଯିବ ଭାରତ

**ଢାକା, ୨୦।୧୦ (ପି.ଟି.):** ଭାରତୀୟ କ୍ରିକେଟ ଦଳ ୨୦୧୫ ପରେ ପ୍ରଥମ ଥର ବାଂଲାଦେଶ ଟୁର୍‌ରେ ଯିବ। ଦେଶରେ ଦଳ ୩ ଅନ୍ତର୍ଜାତୀୟ ଦିନିକିଆ ଓ ୨ଟେଷ୍ଟ ମ୍ୟାଚ ଖେଳିବ। ଏହି ଟୁର୍ ଡିସେମ୍ବର ୪ରୁ ଆରମ୍ଭ ହେବ। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ ଏହି ସୂଚନା ଦିଆଯାଇଛି। ଢାକାର ମୀରପୁର ଷ୍ଟାଡିୟମରେ ସମସ୍ତ ୩ଟି ଯାକ ଅନ୍ତର୍ଜାତୀୟ ଦିନିକିଆ ଡିସେମ୍ବର ୪, ୭ ଓ ୧୦ରେ ଖେଳାଯିବ। ପରେ ସିରିଜ ଚଟ୍ଟୋଗ୍ରାମକୁ ସ୍ଥାନାନ୍ତର ହେବ। ସେଠାରେ ଡିସେମ୍ବର ୧୪ରୁ ୧୮ ପ୍ରଥମ ଟେଷ୍ଟ ଖେଳାଯିବ। ଡିସେମ୍ବର ୨୨ରୁ ୨୬ ଦ୍ୱିତୀୟ ତଥା ଫାଇନାଲ ଟେଷ୍ଟ ଖେଳିବା ଲାଗି ଦୁଇ ଦଳ ଢାକା ପ୍ରତ୍ୟାବର୍ତ୍ତନ କରିବେ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ସଭାପତି ନାଜମୁଲ ହସନ ଏକ ବିବୃତିରେ ପ୍ରକାଶ କରିଛନ୍ତି। ୨୦୧୫ ଟୁର୍ ବେଳେ ଭାରତ ଦିନିକିଆ ସିରିଜ ୧-୨ରେ ପରାସ୍ତ ହୋଇଥିଲା। ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ ଡ୍ର ଭାବେ ଶେଷ ହୋଇଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ପଏଣ୍ଟ ଦୃଷ୍ଟିରୁ ଭାରତ-ବାଂଲାଦେଶ ସିରିଜ ଗୁରୁତ୍ୱପୂର୍ଣ୍ଣ। ଉଭୟ ଦଳ ସିରିଜ ଜିତିବାକୁ ଚେଷ୍ଟା କରିବେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି।


ରାଉରକେଲାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଷ୍ଟାଡିୟମ ପରିଦର୍ଶନ ପରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ସିଂ ଗୁରୁବାର ଭୁବନେଶ୍ୱରରେ କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କଲେ ୱାଜିର ସିଂ

**ଭୁବନେଶ୍ୱର,୨୦।୧୦(ସ୍ପୋର୍ଟ୍ସ ବ୍ୟୁରୋ)**
ସାଇର ଆଥ୍‌ଲେଟିକ୍ସ ବିଭାଗ ହାଇପର୍ଫମାନ୍ସ ନିର୍ଦ୍ଦେଶକ ୱାଜିର ସିଂ ଗୁରୁବାର କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ କରିଛନ୍ତି। କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ବୈଷୟିକ ନିର୍ଦ୍ଦେଶକ କଲୋନେଲ୍ ରାଜେଶ ସିଂଙ୍କ ସହିତ ଗସ୍ତ କରିଥିବା ବେଳେ ଆଥ୍‌ଲେଟମାନଙ୍କ ସହିତ ବିଭିନ୍ନ ବିଷୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହା ସହିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ମଧ୍ୟରେ ନିର୍ମାଣ ହେଉଥିବା ଅନ୍ୟାନ୍ୟ ପ୍ରକଳ୍ପଗୁଡିକର ଅନୁଧ୍ୟାନ କରିଥିଲେ। ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପର୍ଫମାନ୍ସ ସେଣ୍ଟର, ଖେଲୋ ଇଣ୍ଡିଆ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରକଳ୍ପର ଅନୁଧ୍ୟାନ କରିବା ସହିତ ବିଶ୍ୱସ୍ତରୀୟ ନିର୍ମାଣ ବ୍ୟବସ୍ଥା ପାଇଁ ଖୁସି ପ୍ରକାଶ କରିଥିଲେ। ଏହା ପରେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣାଙ୍କୁ ସେ ସାକ୍ଷାତ କରିଥିଲେ। ଓଡ଼ିଶା ସରକାର ଯେଉଁଭଳି ଭାବେ କ୍ରୀଡା ଭିତ୍ତିଭୂମିରେ ନିବେଶ କରୁଛନ୍ତି ଏବଂ ରାଜ୍ୟକୁ ଏକ କ୍ରୀଡା ହବ୍‌ରେ ପରିଣତ କରିଛନ୍ତି ତାହାକୁ ସେ ପ୍ରଶଂସା କରିଥିଲେ। କ୍ରୀଡା ଓ କ୍ରୀଡାବିତ୍‌ଙ୍କ ବିକାଶରେ ଓଡ଼ିଶା ସରକାର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ ମତ ଦେଇଥିଲେ।


କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ ଅବସରରେ ଆଥଲେଟ୍‌ଙ୍କ ସହିତ ସାଇର ହାଇପରଫର୍ମାନ୍ସ ନିର୍ଦ୍ଦେଶକ ୱାଜିର ସିଂ।

# ପାକିସ୍ତାନ ଟୁର୍ ସମ୍ପର୍କରେ ନିଷ୍ପତ୍ତି ନେବ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

**ନୂଆଦିଲ୍ଲୀ, ୨୦।୧୦ (ପି.ଟି.)**
ଆସନ୍ତା ବର୍ଷ ଏସିଆ କପ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ପାକିସ୍ତାନ ଗସ୍ତରେ ଯିବ କି ନା ତାହା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ଥିର କରିବ। ଖେଳାଳିମାନଙ୍କର ସୀମା ଆରପଟକୁ ଯିବା ସମ୍ଭାବନା କିନ୍ତୁ କମ୍ ବୋଲି କହିଛନ୍ତି କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର। ଅନ୍ୟପକ୍ଷରେ ଆସନ୍ତା ବର୍ଷ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଖେଳିବା ଲାଗି ପାକିସ୍ତାନ ଟିମ୍ ଭାରତ ଆସିବ ବୋଲି ଠାକୁର ଆଶା ପ୍ରକାଶ କରି କହିଛନ୍ତି। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ମୁଖ୍ୟ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ମଙ୍ଗଳବାର କହିଥିଲେ ଯେ, ମହାଦେଶୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ଭାରତୀୟ ଟିମ୍ ପାକିସ୍ତାନ ଯିବ ନାହିଁ। ପ୍ରତିଯୋଗିତା ଯଦି ଏକ ନିରପେକ୍ଷ ଭେନ୍ୟୁରେ ଆୟୋଜନ କରାଯାଏ ତେବେ ଏଥିରେ ଭାଗ ନେଲେ ତାଙ୍କର କୌଣସି ଅସୁବିଧା ନାହିଁ। ଶାହାଙ୍କ ବିବୃତିକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭାରତ ଯଦି ଏଭଳି ନିଷ୍ପତ୍ତି ନିଏ ତେବେ ଆସନ୍ତା ବର୍ଷ ହେବାକୁଥିବା ବିଶ୍ୱକପ୍‌ରେ ପାକିସ୍ତାନ ଭାଗ ନେଇ ନ ପାରେ ବୋଲି ଧମକ ଦେଇଥିଲା ପିସିବି। ଠାକୁର କହିଛନ୍ତି ଯେଉଁ ଦଳଗୁଡ଼ିକ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ସେମାନଙ୍କୁ ପ୍ରତିଯୋଗିତା ପାଇଁ ଆମନ୍ତ୍ରଣ କରାଯାଇଛି। ପାକିସ୍ତାନ ମଧ୍ୟ ଅନେକ ଥର ଭାରତ ଆସି ପ୍ରତିଯୋଗିତାରେ ଭାଗ ନେଇଛି। ତେଣୁ ପିସିବି ସେଭଳି କିଛି ନିଷ୍ପତ୍ତି ନେବ ନାହିଁ। ଶାହାଙ୍କ ବିବୃତିରେ ବିବାଦ ସୃଷ୍ଟି ହେବାରୁ ଠାକୁର କେତେଜଣ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଏ କଥା କହିଛନ୍ତି। ଅନ୍ୟପକ୍ଷରେ କର୍ନାଟକ କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ଏକ ଇଭେଣ୍ଟରେ ଅଂଶଗ୍ରହଣ ପୂର୍ବକ କହିଛନ୍ତି, ଏସିଆ କପ୍ ଖେଳିବା ଲାଗି ଆସନ୍ତା ବର୍ଷ ଭାରତୀୟ କ୍ରିକେଟ ଦଳ ପାକିସ୍ତାନ ଗସ୍ତରେ ଯାଇ ପାରିବ କି ନା ସେ ନେଇ କେନ୍ଦ୍ର ସରକାରଙ୍କ ହିଁ ନିଷ୍ପତ୍ତି ନେଇପାରିବେ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ







+ Based on TVSM internal test conditions. As compared to BS-IV models. T&C apply. ^ Mobile charger is available in select variants. ^^ Ex-showroom price of XL100 Comfort Kick Start variant. ## Offer valid for a limited period only. T&C apply. ** Rate of interest starts from 5.55%. T&C apply. #Finance at the sole discretion of the financier. Schemes cannot be clubbed. T&C apply. * Applicable on ICICI Debit Card EMI, Credit Card EMI and Credit Card normal transactions; offer period: September 15th to Oct 31st, 2022.

TVS 3 YEAR WARRANTY TVS CREDIT L&T Financial Services IDFC FIRST Bank ALWAYS YOU FIRST SHRIRAM City ICICI Bank FESTIVE BONANZA 5% instant discount up to ₹ 5 000/-*

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers:** SAMBALPUR Kishore TVS, Ph: 9778371171. BOLANGIR Rajlaxmi TVS, Ph: 8260437538. BARGARH Subhamm TVS, Ph: 8860625628. JHARSUGUDA Gunnu TVS, Ph: 8586977624; SONEPUR Minerva TVS, Ph: 6370700730, 6370700732; BHAWANIPATNA Raj Rajeswari TVS, Ph: 7682809880. **Authorised Dealers** Brajrajnagar Ph: 9937077883, Rengali Ph: 9437052831, Deogarh Ph: 9437392892, Modipara Ph: 9337016000, Bamra Ph: 9668005302, Kuchinda Ph: 9777189689, Redakhol Ph: 9938020777, Kantapali Ph: 9437096134, Dhama Ph: 7735079641, Boudh Ph: 9437223008, Dungripally Ph: 9937926986, Kantamal Ph: 7008225996, Birmaharajpur Ph: 8018860710, Patnagarh Ph: 9938621078, Raj Khariar Ph: 9439144433, Kantabanji Ph: 8596980487, Gaisilat Ph: 7683848645, Saintala Ph: 9861471371, Bangamunda Ph: 9937526500, Tusura Ph: 9437890955, Udanbandh Ph: 9437626855, Lathor Ph: 7008086417, Titlagarh Ph: 9776516666, Belpahar Ph: 8249880971, Bandhbahal Ph: 9439810542, Barpali Ph: 9437158843, Nuapara Ph: 9938098888, Baragarh Ph: 9938739550, Bhatli Ph: 7326806471, Attabira Ph: 8658966777, Paikmal Ph: 9938119999, Bheden Ph: 7008822177, Godbagha Ph: 9438043220, Diptipur Ph: 9937119913, Padampur Ph: 8018570957, Jharbandh Ph: 9937120964, Muniguda Ph: 9583860028. dentsu/dha sam/04/22

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କେସିଙ୍ଗା,୨୦।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ବୋରିଆ ଗ୍ରାମପଞ୍ଚାୟତର ମାଲପଡା ଛକ ନିକଟରେ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଏହି ପଞ୍ଚାୟତ ମାଲପଡା କଲୋନୀପଡ଼ାର କିଷାନ ବାଗ (୨୫)। କିଷାନ ଗତ ମଙ୍ଗଳବାର ସକାଳୁ ନାନୀ ଘରକୁ ଯାଉଛି ବୋଲି ବାହାରି ଥିଲେ। ଗୁରୁବାର ସକାଳ ପ୍ରାୟ ୬ଟାରେ ସ୍ଥାନୀୟ ଲୋକେ କିଷାନଙ୍କ ବାପା କେଶରୀଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। କେସିଙ୍ଗା ଏସଡିପିଓ ଅଭିକର ସୋଙ୍କର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। କିଷାନ ଗଛରେ ରସି ଲଗାଇ ନିଜେ କୌଣସି କାରଣରୁ ଆତ୍ମହତ୍ୟା କରିଛି ନା ତାଙ୍କୁ କେହି ହତ୍ୟା କରିଛି ଏ ନେଇ କୌଣସି ସ୍ପଷ୍ଟ ହୋଇ ନ ଥିବା ବେଳେ ଘଟଣାସ୍ଥଳରେ ଭବାନୀପାଟଣାରୁ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜାରି ରଖିଛି। କେସିଙ୍ଗା ଘଟଣାସ୍ଥଳରୁ ପୋଲିସ ମଦ ବୋତଲ, ଛୁରୀ ଓ ରସି ଜବତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୨) ରୁଜୁ ହୋଇଛି।

### ଚାଲାଣ ବେଳେ ୩ ନାବାଳିକା ସହ ୧୩ ଯୁବତୀ ଉଦ୍ଧାର

ନୂଆପଡ଼ା ଅଫିସ,୨୦।୧୦: ନୂଆପଡା ଜିଲା ଖରିଆର ରୋଡ ରେଳ ଷ୍ଟେଶନରୁ ରାଜ୍ୟ ବାହାରକୁ ଚାଲାଣ ବେଳେ ୩ ନାବାଳିକା ସହ ୧୩ ଯୁବତୀଙ୍କୁ ଜୋଙ୍କ ପୋଲିସ ଉଦ୍ଧାର କରିଛି। ଦଲାଲଙ୍କୁ ଅଟକ ରଖି ପଚରା ଉଚରା କରାଯାଉଛି। କୋମନା ବ୍ଲକ ଅଞ୍ଚଳରୁ ଯୁବତୀ ଚାଲାଣ ହେଉଥିବା ଖବର ପାଇ ଜୋଙ୍କ ପୋଲିସ ୧୬ଜଣ ଯୁବତୀଙ୍କୁ ଖରିଆର ରୋଡ ରେଳ ଷ୍ଟେଶନରେ ଚଢ଼ାଉ କରି ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ୧୨ଜଣ ଯୁବତୀ ଦର୍ଲିପଡା ଗ୍ରାମର ହୋଇଥିବା ବେଳେ ମିଛାପାଲି ଗାଁର ଜଣେ, ସୁନାବେଡା ଅଭୟାରଣ୍ୟ ଅବସ୍ଥିତ ଗାତିବେଡା ଗାଁର ୨ଜଣ ଓ ଧାକଲି ଗ୍ରାମର ଜଣେ ବୋଲି ଜଣାପଡ଼ିଛି। ହେଲେ ୩ଜଣ ନାବାଳିକାଙ୍କ ଗାଁ ଜଣାପଡ଼ି ନାହିଁ। ଏମାନଙ୍କୁ ବିହାର ରାଜ୍ୟର ଅଜୟ କୁମାର ସାହା ନାମକ ବ୍ୟକ୍ତି ନାଗପୁର ଜିଲା ନୟାକୁଣ୍ଡସ୍ଥିତ ସୂର୍ଯ୍ୟାମ୍ବା ସୂତା କଳରେ କାମ କରିବା ପାଇଁ ନେଉଥିଲେ। ଉଦ୍ଧାର ଯୁବତୀମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସୂଚନା ମିଳିଥିବା ବେଳେ ଦାଲାଲଙ୍କୁ ରଖି ପଚାରାଉଚରା କରାଯାଉଛି।

### ସାମାଜିକ କର୍ମୀଙ୍କ ପରଲୋକ

ଖଡ଼ିଆଳ,୨୦।୧୦(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଚନାବେଡା ଗାଁର ବିଶିଷ୍ଟ ସାମାଜିକ କର୍ମୀ ଚନ୍ଦ୍ରମଣି ବେହେରାଙ୍କ ଗୁରୁବାର ସକାଳେ ନିଜ ଘରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଅବସରପ୍ରାପ୍ତ ଜଣେ ଆର୍ଦଶ ଶିକ୍ଷକ, ସମାଜ ସେବୀ, କଳାକାର ତଥା ଚନାବେଡା ଅମର ହାଇସ୍କୁଲ ପ୍ରତିଷ୍ଠାତା, ସୁବର୍ଣ୍ଣ ଗ୍ରାହୀ ସୁଣି ସମାଜ ମଧ ପ୍ରତିଷ୍ଠାତା ଥିଲେ। ସେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଭକ୍ତ ଥିଲେ। ମୃତ୍ୟୁବେଳକୁ ତାଙ୍କ ତିନି ପୁଅ, ଗୋଟିଏ ଝିଅ ତଥା ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଶିକ୍ଷକ ନ ଆସିବାରୁ ଫେରିଗଲେ ଛାତ୍ରୀଛାତ୍ର

## ମହାଲିଙ୍ଗ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ

## ବିଦ୍ୟାଳୟରେ ତାଲା, ବାହାରେ ୧ ଘଣ୍ଟା ଅପେକ୍ଷା କରି ନିରାଶ

ଗୋଲାମୁଣ୍ଡା,୨୦।୧୦(ଡି.ଏନ.ଏ.)

ଗୁରୁବାର କୌଣସି ସରକାରୀ ଛୁଟି ନ ଥିବା ବେଳେ ଶିକ୍ଷକମାନେ ସ୍କୁଲ ଆସି ନ ଥିଲେ। ଫଳରେ ଛାତ୍ରୀଛାତ୍ରମାନେ ୧ ଘଣ୍ଟା ବାହାରେ ଅପେକ୍ଷା କରି ନିରାଶରେ ଘରକୁ ଫେରିଯାଇଛନ୍ତି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ବିଦ୍ୟାଳୟକୁ ଶିକ୍ଷକମାନେ ଠିକ ସମୟରେ ନ ଆସିବାରୁ ଗେଟରେ ତାଲା ପଡିଥିବା ଦେଖି ଛାତ୍ରଛାତ୍ରୀମାନେ ଘରକୁ ଫେରି ଯାଇଥିଲେ। ସୂଚନା ଯେ, ଗୁରୁବାର ମହାଲିଙ୍ଗ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ସକାଳ ୯.୩୦ ମିନିଟରେ ପହଞ୍ଚିଥିଲେ। ସାଧାରଣତଃ ପିଲାମାନେ ଏହି ସମୟରେ ସ୍କୁଲକୁ ଆସିଥାନ୍ତି ଓ ୧୦ଟାରେ ପ୍ରାର୍ଥନା ପରେ ପାଠପଢା ଆରମ୍ଭ ହୋଇଥାଏ। କିନ୍ତୁ ଛାତ୍ରୀଛାତ୍ରମାନେ ୯.୩୦ରୁ ୧୦.୩୦ ମିନିଟ ପର୍ଯ୍ୟନ୍ତ ଦୀର୍ଘ ଏକ ଘଣ୍ଟା ବିଦ୍ୟାଳୟ ଗେଟ ବାହାରେ ଅପେକ୍ଷ କରିଥିଲେ। ବିଦ୍ୟାଳୟକୁ ଜଣେ



ସ୍କୁଲ ଗେଟ୍ ବନ୍ଦ ଥିବାରୁ ପିଲାମାନେ ବାହାରେ ବୁଲୁଛନ୍ତି।

ହେଲେ ଶିକ୍ଷକ ନ ଆସିବାରୁ ଏକ ଘଣ୍ଟା ଅପେକ୍ଷା କରିବା ପରେ ପିଲାମାନେ ଘରକୁ ଫେରିଯାଇଥିଲେ। ବିନା ଛୁଟିରେ ଶିକ୍ଷକଙ୍କ ଖାମଖିଆଲି ନୀତି ଯୋଗୁ ଛାତ୍ରୀଛାତ୍ରମାନେ ଘରକୁ ଫେରି ଯିବାରୁ ଅଭିଭାବକଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଅପରପକ୍ଷରେ ଛାତ୍ରୀଛାତ୍ରମାନେ ଘରକୁ ଫେରି ଯିବା ପରେ ଜଣେ ଶିକ୍ଷକ ବିଦ୍ୟାଳୟକୁ ଆସୁଥିବା ଦେଖି ତାଙ୍କ ସହିତ ସ୍ଥାନୀୟ କିଛି ଅଭିଭାବକ ବିଳମ୍ବ ହେବାର କାରଣ ପଚାରିବାରୁ ଶିକ୍ଷକ ଜଣକ ଏହି ଘଟଣାକୁ ଅତି ହାଲୁକା ଭାବେ ନେଇ ଅଭିବାବକଙ୍କୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପରି ନ ଥିଲେ ଯେଉଁ ଭିଡିଓକି ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ, ଏହି ସ୍କୁଲରେ ଥିବା ୬ଜଣ ଶିକ୍ଷକରୁ ୫ଜଣ ଉକ୍ତ ଗ୍ରାମର ହୋଇଥିବା ବେଳେ ଜଣେ ୩ କି.ମି. ଦୂରରୁ ଆସନ୍ତି। ଅପରପକ୍ଷରେ ଏହି ସ୍କୁଲରେ ନିୟମିତ ଏପରି ଘଟଣା ହେଉଥିବା ବେଳେ ସମୟ ପୂର୍ବରୁ ମଧ ଛୁଟି ହୋଇଯାଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବ୍ଲକ ଶିକ୍ଷା ବିଭାଗ ସ୍ୱତନ୍ତ୍ର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀ ନବକିଶୋର ସାହୁଙ୍କୁ ଫୋନରେ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅପରପକ୍ଷରେ ଅଭିଭାବକମାନେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଫୋନ କରି ଜଣାଇବାରୁ କ'ଣ ହୋଇଛି ସେ ବିଷୟରେ ମୁଁ ବିଇଓ ଏବଂ ଡିଇଓଙ୍କୁ ପଚାରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକ ଡକାଯିବ ବୋଲି କହିଥିଲେ।

# ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ମୁଖ୍ୟବକ୍ତା ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

କର୍ଲାମୁଣ୍ଡା,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରିଷିଡା ନାଏବ ସରପଞ୍ଚ ନରେଶ କୁମାର ଦାସ, ମୁଖ୍ୟବକ୍ତା ଭାବେ ଏବିଇଓ ସହଦେ ସୁନା, ସମ୍ମାନିତ ଅତିଥି ଭାବେ ସିଆରସିସି ଅନ୍ତର୍ଯ୍ୟାମୀ ମଲ୍ଲିକ, ରିଷିଡ଼ା ସରକାରୀ ବାପୁଜି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାଗର ରଣା, ରିଷିଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ଜେନା, ଶତ୍ରୁଘନ ହରିଜନ, ଫକୀର ମାଝି ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକସ୍ତରରେ ଛାତ୍ରୀଛାତ୍ରମାନଙ୍କ ପ୍ରତିଭା ଚିହ୍ନଟ କରି ସାମନାକୁ ଆଣିବା ମହୋତ୍ସବ ପ୍ରୟାସ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା, ସୁରଜିତ ରଣା ରାକେଶ କୁମାର, କୁମାର ତରୁଣ ଗହୀର,ବିଦ୍ୟୁତଲତା ସୁନା ସହଯୋଗ କରିଥିଲେ।

# ଏକ୍ସକ୍ୟାଡର ଶିକ୍ଷକ ସଂଘ ବିକ୍ଷୋଭ, ଗଣଧାରଣା



ବିଇଓ ଅଫିସ ସମ୍ମୁଖରେ ଏକ୍ସକ୍ୟାଡର ଶିକ୍ଷକ ସଂଘର ବିକ୍ଷୋଭ, ଗଣଧାରଣା।

ଭବାନୀପାଟଣା,୨୦।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ୧୭୧ଜଣ ଏକ୍ସକ୍ୟାଡ଼ର ଶିକ୍ଷକ ଗୋଟିଏ ମାସର ଦରମାକୁ ଜାଲିଆତି କରି ଆକାଉଣ୍ଟାଣ୍ଟ ସୁଚିସ୍ମିତା ସୁଆର ଫେରାର ମାରିବା ନେଇ ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଜାରି ରଖିଛି ଜିଲା ଶିକ୍ଷା ବିଭାଗ। ଏପଟେ ସୁଚିସ୍ମିତାଙ୍କ ୩ଜଣ ସହଯୋଗୀଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରିଛି ଟାଉନ ଥାନା ପୋଲିସ। ହେଲେ ଦରମା ନ ପାଇ ଏବେ ଅନିଶ୍ଚିତତା ମଧରେ ୧୭୧ଜଣ ଏକ୍ସକ୍ୟାଡ଼ର ଶିକ୍ଷକଙ୍କୁ ଯଥାଶୀଘ୍ର ଦରମା ପ୍ରଦାନ, ମୃତ ଶିକ୍ଷକଙ୍କ ପରିବାରକୁ ଜିଆଇଏସ ଏବଂ ଡେଡ ଗ୍ରେଚେରୁଟି ପ୍ରଦାନ, ଗଣଶିକ୍ଷକଙ୍କ ଇପିଏଫ ସିଏର ତାଙ୍କ ଆକାଉଣ୍ଟରେ ଜମା କରିବା ସହ ସମଗ୍ର ଶିକ୍ଷା ଅଭିଯାନରୁ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି ଦାବି ନେଇ ଗୁରୁବାର ଜିଲା ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ପକ୍ଷରୁ ଭବାନୀପାଟଣା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇଛି।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋକସରା,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ତେନ୍ତୁଳିଆପଡା ଗ୍ରାମର କାମଦେବ ରାଉତ (୩୨) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। କାମଦେବ ଗୁରୁବାର ଭୋରେ ଶୌଚ ପାଇଁ ଯାଇଥିବା ବେଳେ ହଠାତ ଭାଲୁ ଆକ୍ରମଣ କରିଥିଲା। ତାଙ୍କର ମୁଣ୍ଡ ଓ ପିଠିରେ ଗଭୀର କ୍ଷତ ହୋଇଛି। କୌଣସି ପ୍ରକାରେ ଭାଲୁ କବଳରୁ ଗୁରୁତର ଅବସ୍ଥାରେ ମୁକୁଳି ଗାଁକୁ ଆସିଥିବା ପରେ ପରିବାର ୧୦୮ ଆମ୍ବୁଲାନ୍ସରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବାରୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି।

# ଗଣ୍ଡଗୋଳ ଘଟଣାରେ ୨ କୋର୍ଟ ଚାଲାଣ

ଖଡ଼ିଆଳ,୨୦।୧୦(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଥାନାରେ ଗତ ୧୯ ତାରିଖରେ ଗଣ୍ଡଗୋଳ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ରୋଶନ ସତନାମୀ ଖଡ଼ିଆଳ ୱାର୍ଡ ନମ୍ବର ୨ ନିବାସୀ ତାଙ୍କ ପଡାର ସୀତାରାମ ସତନାମୀ (୩୭)ଙ୍କୁ ତାଙ୍କ ଘର ବିଜୁଳି ମରାମତି କରିବାକୁ କହିଲେ। ହେଲେ ସୀତାରାମ ମୁ ବିଜୁଳି ମରାମତି କାର୍ଯ୍ୟ ଜାଣେ ନାହିଁ ବୋଲି କହିବାରୁ ୨ଜଣଙ୍କ ମଧରେ କଥାକଟା ଗଣ୍ଡଗୋଳ ହୋଇଥିଲା। ସୀତାରାମଙ୍କ ସଢୁ ହୀରା ସିଂ ରାୟପୁରରୁ ଖଡ଼ିଆଳ ଆସିଥିଲେ। ସେ ଦୁଇ ଜଣଙ୍କ ଝଗଡାକୁ ସମାଧାନ କରିବାକୁ କହୁଥିବା ବେଳେ ରୋଶନ ସତନାମୀ ସୀତାରାମଙ୍କୁ କାମୁଡି ଦେଇଥିଲେ। ସୀତାରାମ ଉତକ୍ଷିପ୍ତ ହୋଇ ପଥରରେ ରୋଶନକୁ ମାଡ଼ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ୪୩୩/୨୨ ମାମଲା ରୁଜୁ କରି ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଆର୍ଥିକ ସହାୟତା ପାଇଁ ଜିଲାପାଳଙ୍କୁ ସାକ୍ଷାତ



ଜିଲାପାଳଙ୍କୁ ମହିଳା ଫୋରମ ନିଜେ ଆଙ୍କିଥିବା ଫଟୋ ପ୍ରଦାନ କରୁଛନ୍ତି।

ନୂଆପଡ଼ା ଅଫିସ,୨୦।୧୦

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରା ପଥର ଗାଁରେ ଥିବା ମଦର ଟେରେସା ସେବା ସଙ୍ଗଠନ ପକ୍ଷରୁ ଜିଲାପାଳ ହେମାକାନ୍ତ ସାଏ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରାଙ୍କୁ ସାକ୍ଷାତ କରିଛନ୍ତି। ମହିଳାମାନେ ନିଜେ ପ୍ରସ୍ତୁତ କରିଥିବା ଫଟୋ ପ୍ରଦାନ କରି ସଙ୍ଗଠନକୁ ମଜଭୁତ କରିବା ପାଇଁ ଆର୍ଥିକ ସହାୟତା ପାଇଁ ଆଲୋଚନା କରିଥିଲେ। ଚାରା ରୋପଣ, ରକ୍ତଦାନ, ସ୍ୱଚ୍ଛ ଭାରତ ଅଭିଯାନ, ଦିବ୍ୟାଙ୍ଗ ଗ୍ରୁପ ଗଠନ, ବାଲ୍ୟବିବାହ, ନିଶା ନିବାରଣ ଅଭିଯାନ, ନାରୀ ଶିକ୍ଷା, ଶୈକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ବର୍ତ୍ତମାନ ମଦର ଟେରେସା ସେବା ସଙ୍ଗଠନ ଜାରି ରଖିଛି। ସଙ୍ଗଠନ ମହିଳାମାନେ ସୁନ୍ଦର ଚିତ୍ରମାନ ଆଙ୍କିବା ସହ ଗାଁ ଗାଁ ଯାଇ ଦିବ୍ୟାଙ୍ଗମାନଙ୍କୁ ସଚେତନ କରିବା ସହ ସ୍ୱୟଂ ସହାୟକ ଦଳ ଗଠନ କରୁଛନ୍ତି। ସଙ୍ଗଠନର ଆର୍ଥିକ ସ୍ଥିତି ଠିକ ନ ଥିବାରୁ ସେବା କାର୍ଯ୍ୟରେ ବ୍ୟାହତ ସୃଷ୍ଟି ହେଉଛି। ସରକାରଙ୍କ ପକ୍ଷରୁ କିଛି ଆର୍ଥିକ ସହାୟତା ପ୍ରଦାନ କରାଗଲେ ସଙ୍ଗଠନ ମଜଭୁତ ହେବା ସହ ସେବା କାର୍ଯ୍ୟ ଆଗକୁ ତ୍ୱରାନିତ ହୋଇ ପାରନ୍ତା ବୋଲି ଅନୁଷ୍ଠାନ ସମ୍ପାଦକ ଶେଷଦେବ ପ୍ରଧାନୀ, କ୍ଷମା ଭୋଇ,ଫାଲଗୁନୀ ବାଗ, ମହିଳା ଫୋରମ ସଦସ୍ୟା କୁନ୍ତଳା ବେମାଲ, ସାବିତ୍ରୀ ସାମଲ, ଟେଭା ଦୀପ, ମଣିମାଳିନ୍ୟ ଦେବୀ, ସିମରାନ ନାଗ, ସ୍ୱାବର୍ଣ୍ଣା ତାଣ୍ଡି, ଦୋଲେଶ୍ୱରୀ କଟା, ଡାଳିମ୍ବ କଟା, ଗିତାଞ୍ଜଳି ଶବର, ସୁଲୋଚନା ରଣା, ସାବିତ୍ରୀ ମହାନନ୍ଦ, ସୋମ୍ୟ ସରାଫ, ସ୍ମିତା ବାରିକ, କମଳିନୀ ବାରିକ ପ୍ରମୁଖ ନିବେଦନ କରିଛନ୍ତି।

# ପାତାଳଗଙ୍ଗା ଅଲେଖି ମଠାଧୀଶଙ୍କ ପରଲୋକ

ବୋଡେନ,୨୦।୧୦(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକ ପାତାଳଗଙ୍ଗାଠାରେ ସ୍ଥାପିତ ଅଲେଖ ମଠର ମଠାଧୀଶ ଅରବିନ୍ଦ ଦାଶଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ବୟସାଧିକ୍ୟ ଯୋଗୁ ଅରବିନ୍ଦ ବାବା ପ୍ରାୟ ମାସେ ଧରି ଅସୁସ୍ଥ ରହୁଥିଲେ। ତାଙ୍କୁ ପ୍ରଥମେ ଖଡିଆଳ ମିଶନ ଓ ପରେ ରାୟପୁର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ସନ୍ଧ୍ୟା ପ୍ରାୟ ୫ଟାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଗୁରୁବାର ବୋଡେନ ବ୍ଲକ ପାତାଳଗଙ୍ଗାଠାରେ ତାଙ୍କ ମର ଶରୀରକୁ ସମାଧି ଦିଆଯାଇଛି। ତାଙ୍କ ସମାଧି ସ୍ଥଳିରେ ଜିଲା ତଥା ଜିଲା ବାହାରୁ ଶହ ଶହ ଅଲେଖ ଧର୍ମାବଲମ୍ବି ଯୋଗଦାନ କରି ଅମର ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଶୋକବ୍ୟକ୍ତ କରିଥିଲେ।

# ଆକାଉଣ୍ଟାଣ୍ଟଙ୍କ ଭିଣୋଇ ସହ ୨ କୋର୍ଟ ଚାଲାଣ

ଭବାନୀପାଟଣା,୨୦।୧୦(ସ୍ୱ.ପ୍ର.)

- ଜମି ପଟ୍ଟା ଯାଞ୍ଚ ପାଇଁ ଆରଆଇଙ୍କୁ ଭିଜିଲାନ୍ସର ଚିଠି
- ୧୩ ଦିନ ପରେ ବି ଆକାଉଣ୍ଟାଣ୍ଟଙ୍କୁ ଧରିପାରିଲାନି ପୋଲିସ

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆରଙ୍କ କେଳେଙ୍କାରୀ ଘଟଣାରେ ଟାଉନ ଥାନା ପୋଲିସ ତନାଘନା ଆରମ୍ଭ କରିଛି। ଏହି ଘଟଣାରେ ଶୁଚିସ୍ମିତାଙ୍କ ସହ ସାମିଲ ଅଭିଯୋଗରେ ବୁଧବାର ରାତିରେ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବରଗ ଅମ୍ବାପାଲିର ୧୭ ନଂ. ୱାର୍ଡର ଗଙ୍ଗାଧର ପୂଝାରୀ (୪୬), ୱାର୍ଡ ନଂ.୧୩ ମହାନ୍ତିପ ଗୋପାଳକୃଷ୍ଣ ଦାସ (୪୯) ଓ ଭବାନୀପାଟଣାସ୍ଥିତ ରାମନଗରପ ଶିକ୍ଷକ ପୂର୍ଣ୍ଣଶଶି ମହାନ୍ତି (୩୯)। ସେହିପରି ଭିଜିଲାନ୍ସ ପକ୍ଷରୁ ଜମିପଟ୍ଟା ଯାଞ୍ଚ ନିମନ୍ତେ ରାଜସ୍ୱ ନିରୀକ୍ଷକଙ୍କୁ ଚିଠି ଲେଖାଯାଇଛି। ଶୁଚିସ୍ମିତାଙ୍କ ଇରିଗେସନ କଲୋନୀର ଏକ ଘର ପୂର୍ବରୁ ଭିଜିଲାନ୍ସ ସିଲ କରିଥିବାବେଳେ ବର୍ତ୍ତମାନ ଅନ୍ୟ ଏକ ଘର ମଧ ସିଲ କରିଥିବା ସୂଚନା ମିଳିଛି। ଅନ୍ୟପଟେ ୧୩ ଦିନ ବିତିଯାଇଥିଲେ ମଧ ଫେରାର ଶୁଚିସ୍ମିତାକୁ ଠାବ କରିପାରି ନି ପୋଲିସ। ଏହି ଘଟଣାରେ ଉଭୟ ଟାଉନ ଥାନା ପୋଲିସ ଓ ଭିଜିଲାନ୍ସ ପକ୍ଷରୁ ଖୋଳତା ଆରମ୍ଭ ହୋଇଛି। ଟାଉନ ଥାନା ପୋଲିସ ମଙ୍ଗଳବାର ରାତିରେ ଉପରୋକ୍ତ ୩ଜଣଙ୍କୁ ଆଣି ଥାନାରେ ଜେରା କରିଥିଲା। ଶୁଚିସ୍ମିତା ଅର୍ଥ ହେରଫେରରେ ଏହି ୩ ଜଣ ସମ୍ପୃକ୍ତି ଥିବା ସନ୍ଦେହ କରିଥିଲା। ଶୁଚିସ୍ମିତାର ମୋବାଇଲ ଟ୍ରାକିଂ ସମୟରେ ଜଣାପଡିଥିଲା। ମିଳିଥିବା ସୂଚନା ଅନୁସାରେ, ଶୁଚିସ୍ମିତାଙ୍କ ଭିଣୋଇ ଗଙ୍ଗାଧର ଏହି ଘଟଣାରେ ସମ୍ପୃକ୍ତି ଥିବାବେଳେ ଗୋପାଳକୃଷ୍ଣ ଭବାନୀପାଟଣା ସମ୍ବଲପୁରୀ ବସ୍ତ୍ରାଳୟ ବୟନିକାରେ କାର୍ଯ୍ୟ କରୁଥିଲେ। ସେହିଭଳି ପୂର୍ଣ୍ଣଶଶି ଶିକ୍ଷକ ଭାବେ ଚାକିରି କରୁଥିଲେ। ଏହି ୩ଜଣ ଶୁଚିସ୍ମିତାଙ୍କ ଟଙ୍କା ହଡ଼ପ ଘଟଣାରେ ସମ୍ପୃକ୍ତି ଥିବା ନେଇ ପୋଲିସ ସୁରାକ ପାଇଥିଲା।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ରୂପରେଖ ଉପରେ ଆଲୋଚନା

## କୋକସରା ବ୍ଲକର ସମିତି ବୈଠକ

କୋକସରା,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହରେ ଗୁରବାର ବ୍ଲକର ୨୨ ପଞ୍ଚାୟତର ଜନପ୍ରତିନିଧି ଓ ଅଧିକାରୀଙ୍କୁ ନେଇ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋକସରା ଜିପିଇଓ ନାରାୟଣ ଭୋଇଙ୍କ ପରିଚାଳନାରେ ବିଡିଓ ଉତ୍ତମ କୁମାର ବାଗ ଅଧକ୍ଷତା କରିଥିଲେ। ବୈଠକରେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ, ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୁଝାରି, କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ, ସମାଜ ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, କୃଷି ଅଧିକାରୀ ହେମାନନ୍ଦ ମାଝି, ସମନ୍ୱିତ ଶିଶୁ ପ୍ରକଳ୍ପ ଭାରପ୍ରାପ୍ତ ଅଧିକାରୀ ସରୋଜା ଲତା ଦେବୀଙ୍କ ସମେତ ବ୍ଲକର ୨୨ ପଞ୍ଚାୟତ ସମିତି ସଭ୍ୟସଭ୍ୟା, ସରପଞ୍ଚ ଓ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଆସନ୍ତା ୨୨-୨୩ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ରୂପରେଖ ଓ ଯୋଜନା ଉପରେ ଆଲୋଚନା କରାଯାଇଛି। ବୈଠକରେ ବିଭିନ୍ନ ପଞ୍ଚାୟତରେ ରହିଥିବା ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ମରାମତି ସହ ବିଭିନ୍ନ ପଞ୍ଚାୟତରେ ଲୋକଙ୍କ ମୌଳିକ ଅସୁବିଧା, ସମସ୍ୟା ଓ ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଛି। ବୈଠକରେ ଅନେକ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା।



ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରାଯାଉଛି।

# ଜିଲାସ୍ତରୀୟ ରକ୍ତହୀନତା ନିରାକରଣ ଅଭିଯାନ ଶୁଭାରମ୍ଭ

## କଳାହାଣ୍ଡିକୁ ଆନିମିଆ ମୁକ୍ତ ପାଇଁ ଆହ୍ୱାନ

ଭବାନୀପାଟଣା,୨୦।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜିଲାସ୍ତରୀୟ ରକ୍ତହୀନତା ନିରାକରଣ ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି ଅନ୍ୱେଷା ରେଡ୍ଡୀ ଯୋଗଦେଇ 'ଆନିମିଆ ମୁକ୍ତ କଳାହାଣ୍ଡି'ର ଲୋଗୋ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡିପିଏମ ଅବନୀ ମହାପାତ୍ର କାର୍ଯ୍ୟକ୍ରମ ଉଦେଶ୍ୟ ଓ ରୂପାୟନ ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲାପାଳ ଉପସ୍ଥିତ ଛାତ୍ରୀମାନଙ୍କୁ ରକ୍ତହୀନତାକୁ ରୋକିବା ପାଇଁ ଯତ୍ନବାନ ଓ ଉପଚାର ସହ ଏକ ସୁସ୍ଥ ଜୀବନ ଶୈଳୀକୁ ଆପଣେଇବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମ ସଫଳ ରୂପାୟନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଟି ଥ୍ରୀ ମାଧମରେ ପ୍ରତ୍ୟେକ ଛାତ୍ରୀମାନଙ୍କ




ଜିଲାପାଳ 'ଆନିମିଆ ମୁକ୍ତ କଳାହାଣ୍ଡି'ର ଲୋଗୋ ଉନ୍ମୋଚନ କରୁଛନ୍ତି।

ହିମୋଗ୍ଲୋବିନ ପରୀକ୍ଷା, ଚିକିତ୍ସା ଓ ପରାମର୍ଶ ପ୍ରଦାନ କରାଯାଉଛି। ଜିଲା ସ୍ୱାସ୍ଥ୍ୟ ସମିତି ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୦ଜଣ ଛାତ୍ରୀଙ୍କ ରେଜିଷ୍ଟ୍ରେସନ, ରକ୍ତ ପରୀକ୍ଷା ଓ ଉପଚାର ସମ୍ବଧୀୟ ଔଷଧ ପ୍ରଦାନ କରାଯାଇଥିଲା। ଏନଏଫଏଚସି-୫ର ସର୍ଭେ ଅନୁଯାୟୀ ୨୦୧୯-୨୦୨୦ରେ ଜିଲାରେ କିଶୋରୀ ବାଳିକା ଓ ଗର୍ଭବତୀ ମହିଳା ପ୍ରାୟ ୬୮% ରକ୍ତହୀନତାର ଶିକାର ହୋଇଛନ୍ତି। ରାଜ୍ୟରେ କଳାହାଣ୍ଡି ଜିଲାରେ ପ୍ରଥମ ଆନିମିଆମୁକ୍ତ ଜିଲା ଭାବେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ଏହି କାର୍ଯ୍ୟକ୍ରମ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି ମାଧମରେ ତ୍ୱରାନ୍ୱିତ କରାଯିବ। କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପୌଷ୍ଟିକ ଆହାର ଓ ଲୋହସାର ଜାତୀୟ ଖାଦ୍ୟ ଉପରେ ବିଶେଷ ପ୍ରଦର୍ଶନୀ ହୋଇଥିଲା। ସମ୍ମାନିତ ଅତିଥି ଭାବେ ସିଡିଏମଓ ଡାକ୍ତର ଅଞ୍ଜନ ମିତ୍ର, ଡିଇଓ ସୁଶାନ୍ତ ଚୋପଦାର, ଡିଆଇପି ଆରଓ ମନୋଜ ବେହେରା, ଡିଏସଡବ୍ଲୁଓ ଜ୍ୟୋସ୍ନାରାଣୀ ପାତ୍ର, ଡିଡବ୍ଲୁଓ ଅରବିନ୍ଦ ରାୟ, ଏଡିପିଏଚଓ ଡାକ୍ତର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଭାଗବତ କଥା ଉଦ୍‌ଯାପିତ

**ପଦ୍ମପୁର, ୨୦।୧୦(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ହନୁମାନ ପଡାରେ ସପ୍ତାହ ବ୍ୟାପୀ ଚାଲିଥିବା ଭାଗବତ ପାରାୟଣ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ଶୁଭପରିଣୟରେ ଉଦ୍‌ଯାପିତ ହୋଇଛି। ପାରମ୍ପରିକ ରୀତିନୀତିରେ ଉଭୟଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶ୍ରୀକୃଷ୍ଣଙ୍କ ପିତାମାତା ଭାବେ ଜିତେନ୍ଦ୍ର ଦାସ ଓ ରୁକ୍ମିଣୀ ଦାସ କାର୍ଯ୍ୟ ନିର୍ବାହ କରିଥିଲେ। ଶ୍ରୀକୃଷ୍ଣ ଦୋଳିରେ ବସି ବରବେଶରେ ରୁକ୍ମିଣୀଙ୍କ ଘରକୁ ଯାଇଥିଲେ। କନ୍ୟା ପିତା ମାତା ରତ୍ନମଣି ଶତପଥି ଓ ଜୟଶ୍ରୀ ଶତପଥି ବରଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବିବାହ ଭୋଜିରେ ସମସ୍ତ ବରଯାତ୍ରୀ, ଅତିଥି ଆପ୍ୟାୟିତ ହୋଇଥିଲେ। ଭାଗବତ କାର୍ଯ୍ୟକ୍ରମ ପରିଚାଳନା କମିଟି ସଭାନେତ୍ରୀ ଭାରତୀ ପଟ୍ଟନାୟକ, ସମ୍ପାଦିକା ଅମ୍ବିକା ନାୟକଙ୍କ ସମେତ ରୋହିଣୀ ମିଶ୍ର, ଟିକି ପାଣ୍ଡେ, ମଞ୍ଜୁ ପାଢ଼ୀ, ସଞ୍ଜୁ ପାଢ଼ୀ, ସୁମି ଶତପଥି, ସଞ୍ଜୁ ଦାସ, ସୁରେଖା ନାଏକ, ତୃପ୍ତି ଦାସ ପ୍ରମୁଖ ସହଯୋଗ କରିଥିଲେ।

### ନୃସିଂହନାଥ ବ୍ରାହ୍ମଣ ସମାଜର ପ୍ରତିଷ୍ଠା ଦିବସ

**ପାଇକମାଳ, ୨୦।୧୦(ଡି.ଏନ.ଏ.):** ବରଗଡ ଜିଲା ନୃସିଂହନାଥ ସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜର ଦ୍ୱାବିଂଶତମ ପ୍ରତିଷ୍ଠା ଦିବସ ସହ ଗାୟତ୍ରୀ ଯଜ୍ଞ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ନୃସିଂହନାଥ ଝରଣାରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗୁରୁବାର ସକାଳ ୯ଟାରେ ସୂର୍ଯ୍ୟାର୍ଘ ପ୍ରଦାନ ଦୀପ ପ୍ରଜ୍ୱଳନ, ଓମ୍ ପତାକା ଉତ୍ତୋଳନ, ସାମୂହିକ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରାଯାଇ ଗାୟତ୍ରୀ ମା'ଙ୍କ ପୂଜା ଯଜ୍ଞ କରାଯାଇଥିଲା। ସୁନିଲ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ମୁକ୍ତା ପୁରୋହିତ କର୍ତ୍ତା ରହିଥିଲେ। ପୁରୋହିତ ପ୍ରେମାନନ୍ଦ ଦେବତା, ସୁବଳ ପଣ୍ଡା, ଲିଙ୍ଗରାଜ ଦାଶ, ଦିଲୀପ ଦାଶ, ସୁରେଶ୍ୱର ପଣ୍ଡା ପ୍ରମୁଖ ଯଜ୍ଞ କର୍ମ ସମ୍ପାଦନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଗିରିଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ସତ୍ୟ ନାରାୟଣ ଯୋଶୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଜୟନାରାୟଣ ତ୍ରିପାଠୀ, ଶଙ୍କର ପ୍ରସାଦ ଦାଶ, ମାତୃପ୍ରସାଦ ରଥ, ବିଦ୍ୟା ଚରଣ ଶତପଥୀ, ବିନୋଦ କାଲିଆ, ସନ୍ତୋଷ ପାଣିଗ୍ରାହୀ, ସୁଶାନ୍ତ ପାଣିଗ୍ରାହୀଙ୍କ ପ୍ରମୁଖ ସହ ପଡୋଶୀ ଛତିଶଗଡ଼ ଓ ନୂଆପଡା ଜିଲାର ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିଥିଲେ। ବିଭୂତି ଭୂଷଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

### ସେମି ଫାଇନାଲରେ ଜାଣ୍ଡୋଲ ବିଜୟୀ

**ବରଗଡ଼ ଅଫିସ୍,୨୦।୧୦:** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡାଠାରେ ଚାଲିଥିବା ଆଜାଦୀ କପ୍ ଫୁଟବଲ ମହୋତ୍ସବରେ ଗୁରୁବାର ଜାଣ୍ଡୋଲ ଏବଂ କ୍ଷୀରାପାଲି ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଜାଣ୍ଡୋଲ ୩-୧ ଗୋଲରେ ବିଜୟୀ ହୋଇଥିଲା। ଶିବାନନ୍ଦ ଦାଶ, ଅନିଲ ବାଗ, ଶୁଭମ ପାତ୍ର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଗୋବିନ୍ଦ ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାଣ୍ଡୋଲ ଦଳର ଏ. ନେଗୀ ଶ୍ରେଷ୍ଠ ଖେଳାଳି ମନୋନିତ ହୋଇଥିଲେ। ମୁଖ୍ୟଅତିଥି ତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଶୁକ୍ରବାର ବହଲପାଲି ଏବଂ ଚିଚିଣ୍ଡା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ରାସ୍ତା ସଙ୍କୁଚିତ, ଟ୍ରାଫିକ୍ ସମସ୍ୟା ଜଟିଳ



**ସରଣ୍ଡା,୨୦।୧୦ (ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା-ଲହଣ୍ଡା ରାସ୍ତା ଦିନକୁ ଦିନ ସଙ୍କୁଚିତ ହୋଇ ପଡୁଛି। ଫଳରେ ଥିବାରୁ ଟ୍ରାଫିକ ସମସ୍ୟା ସହ ପ୍ରତ୍ୟହ ଦୁର୍ଘଟଣା ବଢ଼ି ଚାଲିଛି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଗୋଡଭଗା-ଲହଣ୍ଡା ରାସ୍ତା ହୀରାକୁଦ ନଦୀବନ୍ଧ ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତା ଉପରେ ଗୋଡ଼ଭଗା, ଲହଣ୍ଡା ଓ ସିଲାଟ ପଞ୍ଚାୟତ ସମେତ ଜାଙ୍ଗେଡ଼, ପାହାଡ଼ଶ୍ରୀଗୀଡା, ରେଙ୍ଗାଲି, ସମ୍ବଲପୁର ଜିଲାର କଳାମାଟି ଆଦି ଗ୍ରାମର ଜନସାଧାରଣ ନିର୍ଭର କରନ୍ତି। ଗୋଡଭଗା ଛକରୁ ରେଳ ଫାଟକ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଦୀର୍ଘ ସମୟ ଧରି ଅଟକି ରହୁଥିବା ଦେଖିବାକୁ ମିଳୁଛି। ପ୍ରାୟ ୨ କି.ମି ଦୂରରେ ଏଫ୍‌ସିଆଇ ଏବଂ ଅନେକ ଧାନକଳ ଥିବାରୁ ଏହି ରାସ୍ତାରେ ପ୍ରତ୍ୟହ ଶହ ଶହ ଭାରିଯାନ ଯିବାଆସିବା କରୁଛି। ଫଳରେ ରାସ୍ତା ଖରାପ ହେବା ସହିତ ପ୍ରଦୂଷଣ ବୃଦ୍ଧି ପାଉଛି। ସେହିପରି ରାସ୍ତା ପାର୍ଶ୍ୱରେ ସ୍କୁଲ ରହିଥିବାରୁ ଟ୍ରକ୍‌ଗୁଡିକର ଅହେତୁକ ଶବ୍ଦ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି କରୁଛି। ରାସ୍ତା ସଙ୍କୁଚିତ ଯୋଗୁ ପ୍ରତ୍ୟହ ଛୋଟବଡ ଦୁର୍ଘଟଣାମାନ ହେଉଛି। ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।

**ଏମାନେ ଯାହା କୁହନ୍ତି..**



"ଗୋଡ଼ଭଗା ଛକରୁ ନିଲେଇପାଲି ଭାୟା ଲହଣ୍ଡା ଦେଇ ପ୍ରତିଦିନ ଶହ ଶହ ଭାରିଯାନ ଯାତାୟାତ କରୁଛି। ଏ ନେଇ ଆମେ ଆର୍‌ଟିଓ, ଜିଲାପାଳ, ଆର୍‌ଡ଼ି ବିଭାଗରେ ଲିଖିତ ଅଭିଯୋଗ କରିଛୁ। ଏହାସତ୍ତ୍ୱେ କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ।

**-ମଧୁସୂଦନ ଶର୍ମା, ଗୋଡ଼ଭଗା ଗ୍ରାମବାସୀ**



"ଏହି ରାସ୍ତା ଦେଇ ଏପରି ଟ୍ରକ୍ ଚଳାଚଳ ପାଇଁ ଆମେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛୁ। ପ୍ରତିଦିନ ଶହ ଶହ ଛାତ୍ରୀଛାତ୍ର ଏହି ବାଟ ଦେଇ ଯାଉଛନ୍ତି। ଏତେଗୁଡ଼ିଏ ଟ୍ରକ୍ ଯାତାୟାତ କରୁଛି ଯେ ଲୋକଙ୍କ ଜୀବନ ପ୍ରତି ବିପଦ ରହୁଛି। ବିଗତ ବର୍ଷ କେବଳ ଲହଣ୍ଡା ପଞ୍ଚାୟତର ଚାରି ଜଣଙ୍କ ଜୀବନ ଯାଇଛି। ଏଥିପ୍ରତି ସରକାର ଉଦାସୀନତା ଆମ ପାଇଁ ଦୁଃଖର କାରଣ।

**-ସୁଶାନ୍ତ କୁମାର ଶତପଥୀ, ଲହଣ୍ଡା ଗ୍ରାମବାସୀ**



"ଏହି ରାସ୍ତା ଉପରେ ଗୋଡ଼ଭଗା, ଲହଣ୍ଡା, ସିଲେଟ, ଜାଙ୍ଗେଡ଼ ଓ ସମ୍ବଲପୁର ଜିଲା କଳାମାଟି ଗ୍ରାମପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରୁଛନ୍ତି। ହେଲେ ଆମ ସମସ୍ୟାର ସମାଧାନ ହୋଇପାରୁନାହିଁ। ଦିନକୁ ଦିନ ରାସ୍ତା ସଙ୍କୁଚିତ ହେଉଛି। ଏକକାଳୀନ ଶହ ଶହ ଟ୍ରକ ଯାତାୟାତ କରୁଛି। ଟ୍ରକ୍‌ଗୁଡିକ ଲାଗି ବିକଳ୍ପ ରାସ୍ତା ନିର୍ମାଣ କରିବା କଥା।

**-ଲୋକେଶ୍ୱର ପ୍ରଧାନ, ନିଲେଇପାଲି ଗ୍ରାମବାସୀ**



"ଆମେ ରାସ୍ତା ତିଆରି କରିପାରିବୁ। କିନ୍ତୁ କାହାକୁ ବ୍ୟବହାର କରିବାକୁ ମନା କରିପାରିବୁ ନାହିଁ। ୧୦ ଟନ୍‌ରୁ ଅଧିକ ଭାରିଯାନ ଚଳାଚଳ ନ କରିବାକୁ ସୂଚିତ କରାଯାଇଛି। ସେହି ଅଞ୍ଚଳରେ ଧାନ ମିଲ୍ ଥିବାରୁ ଭାରିଯାନ ଚଳାଚଳ କରୁଛି। ତେବେ ବିକଳ୍ପ ରାସ୍ତା ଯୋଜନା ଚାଲିଛି। ୪ରୁ ୫ ମାସ ମଧ୍ୟରେ ସେହି ରାସ୍ତା କାମ ଶେଷ ହୋଇଯିବ।

**-ହିମାଂଶୁ ସେଠୀ, ଏସ୍‌ଡିଓ, ବରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ**

### ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ବିକାଶରେ ସୁରଭି ସହାୟକ

**ବରଗଡ଼ ଅଫିସ, ୨୦।୧୦**

ବରଗଡ଼ ଜିଲା ଅଡ଼ଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସହରାପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଶିଶୁ ମହୋତ୍ସବ ସୁରଭି-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବରଗଡ଼ ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବେ। ସିଆରସିସି ବୀରକିଶୋର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଇଓ ସେବାଶ୍ରୀ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ଓ ବିକାଶରେ ସରକାରଙ୍କ ସୁରଭି କାର୍ଯ୍ୟକ୍ରମ ସହାୟକ ହେଉଛି ବୋଲି ମତପ୍ରକାଶ କରିଥିଲେ। କପିଳେଶ୍ୱର ରଥ, ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃପାସିନ୍ଧୁ ଗଡତିଆ ଓ ନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ରାଜ୍ୟପାଳ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଘର ହିଁ ବିଦ୍ୟାଳୟ ଚତୁର୍ଥ ସୋପାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁ ଏବଂ ସେମାନଙ୍କ ଅଭିଭାବକବୃନ୍ଦ।

**ବରଗଡ଼ ଅଫିସ୍,୨୦।୧୦**

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ମୁଖ୍ୟ ଏବଂ ବ୍ରହ୍ମଚାରୀ ସ୍ଥିତ ଶିଶୁ ମନ୍ଦିର ପକ୍ଷରୁ ଘର ହିଁ ବିଦ୍ୟାଳୟ ଚତୁର୍ଥ ସୋପାନ କାର୍ଯ୍ୟକ୍ରମ ଗତ ବୁଧବାର ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ବାଟିକା ବିଭାଗ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଦିଲୀପ କୁମାର ମହାପାତ୍ର ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁ ବାଟିକା ପ୍ରମୁଖ ଶିବ ପ୍ରସାଦ ସାହୁ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତୀୟ ପଶୁ, ପକ୍ଷୀ, ଫୁଲ, ଫଳ, ପତାକା ଉପରେ ଶିଶୁ ପ୍ରାରମ୍ଭ ଏବଂ ବିଭିନ୍ନ ଦେବୀଦେବ, ଅସ୍ତ୍ରଶସ୍ତ୍ର ସହିତ ପରିଚୟ କରାଇବା ଶିଶୁବୋଧ ବିଭାଗର କ୍ରିୟାକଳାପ ଥିଲା। ଉଭୟ ବିଭାଗରେ ୭୦ଜଣ ଲେଖାଏ ଶିଶୁ ସେମାନଙ୍କ ଅଭିଭାବକଙ୍କ ସହିତ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ସତ୍ୟାନନ୍ଦ ବାରିକ, ମଞ୍ଜୁଳା ସାହୁ, ଦୀପ୍ତିରାଣୀ ସେଠ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### କାଇଁଶିର, ବରଗାଁ ବିଜୟୀ

**ବରଗଡ଼ ଅଫିସ୍,୨୦।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ୍‌ରେ କାଇଁଶିର ଏବଂ ବରଗାଁ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। କାଇଁଶିର ଏବଂ ସିମେଣ୍ଟ ନଗର ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ କାଇଁଶିର ୫-୪ ଗୋଲରେ ବିଜୟୀ ହୋଇଥିଲା। ପଞ୍ଚାନନ ପାତ୍ର, ଝସକେତନ ପ୍ରଧାନ, ଅଶ୍ୱିନୀ ମେହେର, ନୀଳରଞ୍ଜନ ପଣ୍ଡା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଲୁରୁପାଲି ଏବଂ ବରଗାଁ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ବରଗାଁ ୩-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ଭରତ ବରିହା ୨ଟି ଏବଂ ଯୋଗେନ୍ଦ୍ର ଧରୁଆ ଗୋଟିଏ ଗୋଲ ସ୍କୋର କରିଥିଲେ। ସଞ୍ଜୀବ ଭୋଇ, ଶ୍ରୀନିବାସ ରାଓ, ଦୀପେଶ ପ୍ରଧାନ ଏବଂ ସନ୍ତୋଷ ପଟେଲ ମ୍ୟାଚ୍ ପରିଚାଳନା କରିଥିଲେ।

### କଳା ଉତ୍ସବ ପ୍ରତିଭା ପ୍ରଦର୍ଶନର ଉତ୍କୃଷ୍ଟ ମଞ୍ଚ

**ବରଗଡ଼ ଅଫିସ, ୨୦।୧୦**

ବରଗଡ଼ ଶିକ୍ଷା ଜିଲାସ୍ତରୀୟ କଳା ଉତ୍ସବ ଗୁରୁବାର ଟୁକୁର୍ଲାସ୍ଥିତ ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଅନୁସୂଚିତ ଜନଜାତି ସଂଯୋଜକ ମିଥୁନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଉଦ୍‌ଘାଟନ କରିଥିଲେ। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ବିଶିଷ୍ଟ କଣ୍ଠଶିଳ୍ପୀ ଗୋପାଳ ଦାଶ, ଡ଼ଃ ତପସ୍ୱିନୀ ଗୁରୁ, ପ୍ରଧାନ ଶିକ୍ଷକ ଭାର୍ଗବ ନାଏକ, ପଦ୍ମପୁର ଏବିଇଓ ଜୟକୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ଉତ୍ସବ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନର ଉତ୍କୃଷ୍ଟ ମଞ୍ଚ ବୋଲି ଅଭିହିତ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଭାର୍ଗବ ନାଏକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରଗଡ଼ ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରୁ ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଗୋପୀନାଥ ପ୍ରଧାନ ସଦାନନ୍ଦ ଜାଲ, ଡ଼ଃ ଡୋଲାମଣି ଶତପଥୀ, ସୁଶାନ୍ତ ଭୋଇ, ଶିବେନ୍ଦ୍ର ରଞ୍ଜନ ସାହୁ, ନନ୍ଦ କୁମାର ମିଶ୍ର, ପରିତୋଷ ବେହେରାଙ୍କ ସମେତ ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ କଳା ପ୍ରତିଯୋଗୀବୃନ୍ଦ।

# ଶୁଦ୍ଧ ଖାଦ୍ୟଶସ୍ୟ ସୁସ୍ଥ ସମାଜ ଗଠନ କରେ

**ବରଗଡ଼ ଅଫିସ, ୨୦।୧୦**

**ଅନ୍ତର୍ଜାତୀୟ ରୋଷେୟା ଦିବସ**

ବରଗଡ଼ ଜିଲା ଚଡେଇଗାଁ ସ୍ଥିତ ଇମ୍ପେରିଅଲ କଲେଜ ପରିସରରେ ଗୁରୁବାର ଅନ୍ତର୍ଜାତୀୟ ରୋଷେୟା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ରୋଷେୟା ଯୋଗ ଦେଇଥିଲେ। ଗଣଦୃଷ୍ଟିର ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର, ଅହିଂସା କ୍ଲବ ସମ୍ପାଦକ ଶିବ ପ୍ରସାଦ ସାହୁ, ମିଲେଟ ମିଶନ ବରଗଡ଼ ଜିଲା ଯୋଜନା ଅଧିକାରୀ ସଂଯୁକ୍ତା ମୁଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉତ୍ତମ ଖାଦ୍ୟ ପରିବେଷଣ ଦିଗରେ ରୋଷେୟାମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ରୋଗମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଶୁଦ୍ଧ ଖାଦ୍ୟଶସ୍ୟ ଉତ୍ପାଦନର ଆବଶ୍ୟକତା ଉପରେ ମତପ୍ରକାଶ ପାଇଥିଲା। ଭାରତ ସରକାର ୨୦୨୩କୁ ମିଲେଟ ବର୍ଷ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ମିଲେଟ ଜାତୀୟ ଖାଦ୍ୟଶସ୍ୟ ମାଣ୍ଡିଆ, କୁଦୋ, ସୁଆଁ, ଗୁରୁଜୀ ଆଦି ଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀକୁ ଲୋକପ୍ରିୟ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ଅସରରେ ବରଗଡ଼ ଜିଲାର ୧୮ଜଣ ରୋଷେୟାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମାଣ୍ଡିଆ, କୁଦୋ, ଗୁରଜୀ ଆଦି କ୍ଷୁଦ୍ରଶସ୍ୟରେ ପ୍ରସ୍ତୁତ କ୍ଷୀରି, ଲଡ୍ଡୁ, ମିଠାଇ, ଗୁଲାପଜାମୁନ, ଚା ଆଦି ଖାଦ୍ୟ ପାନୀୟ ପରସା ଯାଇଥିଲା।




ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ରୋଷେୟାବୃନ୍ଦ।

### ୨୩ରୁ ରେଙ୍ଗାଲି କ୍ୟାମ୍ପ କାଳୀପୂଜା ଆରମ୍ଭ

**ସରଣ୍ଡା,୨୦।୧୦(ଡି.ଏନ.ଏ)**

ଅତାବିରା ବ୍ଲକ ରେଙ୍ଗାଲି କ୍ୟାମ୍ପ କେନାଲ କଲୋନୀ ପରିସରରେ ୬୩ତମ ସାର୍ବଜନୀନ ଶ୍ୟାମାକାଳୀ ପୂଜା ସହ ନବ ବିଗ୍ରହ ସ୍ଥାପନ ପାଇଁ ପ୍ରସ୍ତୁତି ଜୋର୍ ଧରିଛି। ଏହି ପୂଜା ଆସନ୍ତା ୨୩ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ କରାଯିବ। ଚଳିତଥର ମା'ଙ୍କ ୩୬ କେଜି ଓଜନ ଏବଂ ୩ ଫୁଟ ଉଚ୍ଚତାର ପିତଳ ମୂର୍ତ୍ତି ପ୍ରତିଷ୍ଠା କରାଯାଉଥିବାରୁ ମୃଣ୍ମୟ ମୂର୍ତ୍ତି ତିଆରି କରାଯିବ ନାହିଁ ବୋଲି ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବିଭିନ୍ନ ଦିବସରେ ମା'ଙ୍କ ବିଧିବଦ୍ଧ ଭାବେ ପୂଜା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡିଛି। ଖବରଦାତା ସମ୍ମିଳନୀରେ ମନ୍ଦିର ପରିଚାଳନା କମିଟି ସଭାପତି ଇଂ. ରବୀନ୍ଦ୍ର କୁମାର ସେଠୀ, କମିଟି ସଭାପତି ଅନିଲ କୁମାର ସାହୁ, ଉପସଭାପତି ଜିତୁ ଭୋଇ, କର୍ତ୍ତା ଇଂ. ଦିବ୍ୟକିଶୋର କଅଁର, ସହ ସମ୍ପାଦକ ପରମେଶ୍ୱର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**ବରଗଡ଼ ଅଫିସ୍,୨୦।୧୦**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ଗୁରୁବାର ଭାରତୀୟ କିଷାନ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୀତାମ୍ବର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ବ୍ଲକର ଚାଷୀ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସେହିପରି ବୈଠକରେ କେନ୍ଦ୍ରୀୟ ପୂର୍ବାଞ୍ଚଳ ସଙ୍ଗଠନ ମନ୍ତ୍ରୀ ଶ୍ରୀନିବାସ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ କେଦାର ମିଶ୍ର, ସମ୍ପାଦକ ସୁଶାନ୍ତ ଗଡ଼ତିଆ, ଉପଦେଷ୍ଟା ବୈଜୁ ଅଗ୍ରୱାଲ, ରକ୍ଷାକାରୀ ବିଶି ପ୍ରମୁଖ ମଞ୍ଚାସୀନ ଥିଲେ। ବର୍ତ୍ତମାନ କୃଷି ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ବକ୍ତବ୍ୟ ରଖି ଆସନ୍ତା ଡିସେମ୍ବର ୧୯ତାରିଖରେ ଦିଲ୍ଲୀରେ ହେବାକୁ ଥିବା କିଶାନ ଆନ୍ଦୋଳନରେ ଯୋଗଦେବା ପାଇଁ ପ୍ରସ୍ତୁତ ରହିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ସେହିପରି ଚାଷୀଙ୍କୁ ଲାଭକରୀ ମୂଲ୍ୟ ପ୍ରଦାନ, କିଶାନ ସମ୍ମାନ ନିଧିରେ ବୃଦ୍ଧି, କୃଷିକ୍ଷେତ୍ରରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ ଆଦି ଦାବି କରାଯାଇଥିଲା। ଏହାସହିତ ବରଗଡ଼ ଜିଲାର ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବକେୟା କ୍ଷତିପୂରଣ ପ୍ରଦାନ, ବରଗଡ଼ ଚିନିକଳ ଓ ଶୀତଳ ଭଣ୍ଡାରର ପୁନରୁଦ୍ଧାର, ଧାନ କିଣାବିକାର ସରଳୀକରଣ, ଚାଷୀଙ୍କୁ ଅଖା(ବସ୍ତା)ର ପ୍ରାପ୍ୟ ପ୍ରଦାନ, ଚାଷୀଙ୍କ ପାଇଁ ହିତକର କୃଷି ଆଇନ ପ୍ରଚଳନ, ଜୈବିକ ଚାଷ ପାଇଁ ପ୍ରୋତ୍ସାହନ, ଜୈବିକ ପଞ୍ଜୀକରଣର ସରଳୀକରଣ, ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପରୁ ବଞ୍ଚିତ ୫ଟି ପଞ୍ଚାୟତକୁ ସାମିଲ କରାଯିବା, ଭାରତୀୟ କିଶାନ ସଂଘକୁ ବରଗଡ଼ ଜିଲାସ୍ତରୀୟ କୃଷି ଉନ୍ନୟନ କମିଟିରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦିଆଯିବା ଆଦି ଦାବି ହୋଇଥିଲା। ଉକ୍ତ ଦାବି ଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ଭାରତୀୟ କିଶାନ ସଂଘ ରାଜରାସ୍ତାକୁ ଓହ୍ଲାଇ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସଂଗ୍ରାମ କରିବ ବୋଲି ଚେତାବନୀ ଦିଆଯାଇଥିଲା। ପ୍ରହଲ୍ଲାଦ ମହାପାତ୍ର, ବଳରାମ ମେହେର, ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୋମନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ମଞ୍ଚାସୀନ ଭାରତୀୟ କିଷାନ ସଂଘର ପ୍ରତିନିଧିବୃନ୍ଦ।

**ଭାରତୀୟ କିଷାନ ସଂଘର ଚେତାବନୀ**

# ବିକାଶରେ ବୀରାଙ୍ଗନା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୦।୧୦**

ବରଗଡ଼ ପୋଲିସ ପକ୍ଷରୁ ବିକାଶ ୟୁ.ଜି. କ୍ୟାମ୍ପସ ପରିସରରେ ବୀରାଙ୍ଗନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀମାନେ ନିର୍ଭିକତାର ସହିତ ସମସ୍ତ ବିଷମ ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡକେଲ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବୀରାଙ୍ଗନା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନଙ୍କ ସାମର୍ଥ୍ୟ ଓ ନିର୍ଭିକତାର ଉଦାହରଣ ଉପସ୍ଥାପନ କରିଥିଲେ। ଛାତ୍ରୀମାନେ କୌଣସି ବିଷମ ପରିସ୍ଥିତିରେ ଚୁପ୍ ରହି ଅପରାଧକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ପୋଲିସ ସହାୟତାରେ ଏହାର ଉଚିତ୍ ମୁକାବିଲା କରିବା ପାଇଁ ମାନସିକ, ଶାରୀରିକ ସ୍ତରରେ ପ୍ରସ୍ତୁତ ହେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ।

ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଛାତ୍ରୀମାନେ ନିଜକୁ ଅବଳା, ଦୁର୍ବଳା ମନେ ନ କରି ପ୍ରତିକୂଳ ପରିସ୍ଥିତିରେ ଦୃଢ଼ତାର ସହିତ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ୟୁ.ଜି. କ୍ୟାମ୍ପସର ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରି ଆତ୍ମରକ୍ଷା ତାଲିମ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଲ କଲେଜର ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ ଏବଂ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଉପାଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର୍.ଏସ. ଭି. କ୍ରିଷ୍ଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ୱାଇ. ଡ଼ି ଷ୍ଟେଲା ଧନ୍ୟବାଦ ଅର୍ପଣ କରିଥିଲେ।



ବିକାଶରେ ଅନୁଷ୍ଠିତ ବୀରାଙ୍ଗନା କାର୍ଯ୍ୟକ୍ରମ।

**ଶୈବପୀଠରେ ବୃଷଭ ପିଉଛନ୍ତି କ୍ଷୀର, ପାଣି**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ଶୈବପୀଠରେ ଗୁରୁବାର ଅଲୌକିକ ଘଟଣା ଦେଖିବାକୁ ମିଳିଛି। ମହାଦେବଙ୍କ ବୃଷଭ କ୍ଷୀର ଓ ପାଣି ପିଉଥିବା ନେଇ ପ୍ରଚାର ହେବା ପରେ ବ୍ଲକର ଡେଙ୍ଗାଗୁଡା ସମ୍ଭୁଶ୍ୱର ମନ୍ଦିର, ବଡକେନ୍ଦୁଗୁଡା ଝାରବନ୍ଧଠାରେ ଥିବା ପ୍ରାଚୀନ କାଳେଶ୍ୱର ମହାଦେବ ମନ୍ଦିର, ବରାଡଙ୍ଗାର ଶୈବପୀଠରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହି ଘଟଣା ନେଇ ଅନେକ ଭିନ୍ନ ଭିନ୍ନ ମତ ରଖୁଛନ୍ତି। ପାଗ ପରିବର୍ତ୍ତନ ହେଲେ ପଥରରେ ନିର୍ମିତ ଯେକୌଣସି ମୂର୍ତ୍ତି ଆଗରେ ପାନୀୟ ଜଳ ରଖିଲେ ଏମିତି ହୋଇଥାଏ ବୋଲି କିଛିଲୋକ କହିଛନ୍ତି।





ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ଅନୁଷ୍ଠିତ ଗଣଧାରଣା ଓ ପ୍ରତିବାଦ ସଭାରେ ଆଇନଜୀବୀ, ଜନପ୍ରତିନିଧି ଓ ବିଭିନ୍ନ ସଙ୍ଗଠନର ସଦସ୍ୟ।

# ହାଇକୋର୍ଟ ଥିଲା, ସ୍ଥାୟୀ ବେଞ୍ଚ ଫେରାଅ

**ତେଜିଲା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ସ୍ଥାପନ ଆନ୍ଦୋଳନ**

- ବଲାଙ୍ଗୀରର ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ଡାକଘର ବନ୍ଦ
- ଜୋର୍‌ଦାର ଆନ୍ଦୋଳନ କରିବାକୁ ନେଲେ ଚରମ ଶପଥ

ବଲାଙ୍ଗୀର ଅଫିସ, ୨୦।୧୦

ଓଡିଶା ସହ ଗଡଜାତ ମିଶ୍ରଣ ପୂର୍ବରୁ ବଲାଙ୍ଗୀରରେ ହାଇକୋର୍ଟ କାର୍ଯ୍ୟ କରୁଥିଲା। ଗଡଜାତ ମିଶ୍ରଣ ପରେ ବଲାଙ୍ଗୀରରୁ ହାଇକୋର୍ଟ ଉଠାଇ ଦିଆଯାଇ କଟକ ହାଇକୋର୍ଟ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହା ଇତିହାସ ହୋଇପାରେ, ମାତ୍ର ଏହାହିଁ ସତ୍ୟତା। ଐତିହାସିକ ସତ୍ୟତାକୁ ଓଡିଶାର କୌଣସି ସରକାର କିମ୍ବା କୌଣସି ଅଞ୍ଚଳର ଲୋକେ ଅସ୍ୱୀକାର କରିପାରିବେ ନାହିଁ। ବଲାଙ୍ଗୀରବାସୀଙ୍କୁ ତାଙ୍କର ନ୍ୟାୟିକ ଅଧିକାର ଫେରାଇବା ଓଡିଶା ସରକାର ଓ ରାଜ୍ୟବାସୀଙ୍କ କର୍ତ୍ତବ୍ୟ। ଏଣୁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ଆଉ ବେଶୀ ଚକ୍ରାନ୍ତ ଓ ଷଡଯନ୍ତ୍ର ନକରି ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା କରାଯିବା ଉଚିତ୍ ବୋଲି ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସାରସ୍ୱତ ସାଧକ, ଲୋଇସିଂହା ବିଧାୟକ, ବରିଷ୍ଠ ଆଇନଜୀବୀ, ସ୍ୱେଚ୍ଛାସେବୀ ଓ ରାଜନେତାମାନେ ଗୁରୁବାର ଦାବି କରିଥିଲେ।

ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୯ଟାରୁ ପ୍ରତିବାଦ ସଭା ଓ ଗଣଧାରଣା ଆରମ୍ଭ ହୋଇଥିଲା। ଏଥିରେ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ସଙ୍ଗଠନ ସଦସ୍ୟ, ଓକିଲ ସଂଘ ସଦସ୍ୟମାନେ ଯୋଗଦେଇଥିଲେ। ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା ଓ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ କହିଥିଲେ ଯେ ବଲାଙ୍ଗୀରରେ ହାଇକୋର୍ଟ ଥିଲା ଶୀଘ୍ର ଫେରାଅ। ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ କହିଥିଲେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବିଭିନ୍ନ କମିଶନ ରିପୋର୍ଟ ମୁତାବକ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସଂକ୍ରାନ୍ତରେ କେନ୍ଦ୍ର ଆଇନମନ୍ତ୍ରୀ କିରନ ରିଜ୍ଜୁଙ୍କ ସୁପାରିଶକୁ ନେଇ ଓଡିଶା ହାଇକୋର୍ଟର ଆଭିମୁଖ୍ୟକୁ ସେ ସମାଲୋଚନା କରି ଏଭଳି ମନୋଭାବ ଆଞ୍ଚଳିକ ବୈଷମ୍ୟକୁ ବଢ଼ାଇବ ବୋଲି କହିଥିଲେ। ଜିଲା ପରିଷଦ ସଭାପତି ଦେବକୀ ସାହୁ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବି କରିବେ ବୋଲି କହିଥିଲେ। ଗୁରୁଶ୍ରୀ ଘାସିରାମ ମିଶ୍ର କହିଥିଲେ ଯେ, ବଲାଙ୍ଗୀର ପ୍ରତି ଅବିଚାର ମୂଳରୁ ହୋଇଚାଲିଛି। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ଏହା ସ୍ପଷ୍ଟ ଦେଖାଯାଉଛି। ଏଭଳି ମନୋଭାବକୁ ଆଉ ସହ୍ୟ କରାଯିବ ନାହିଁ । ବରିଷ୍ଠ ଆଇନଜୀବୀ ବୈଷ୍ଣବ ମିଶ୍ର କହିଥିଲେ, ଯଶବନ୍ତ ସିଂ କମିଶନ ରିପୋର୍ଟ ଆଧାରରେ ବଲାଙ୍ଗୀର ହିଁ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ପ୍ରକୃଷ୍ଟ ସ୍ଥାନ। ଅନ୍ୟମାନେ ଯେତେ ଦାବି କଲେ ମଧ୍ୟ ସେମାନେ ଏହି ଦାବି ହାସଲ କରିପାରିବେ ନାହିଁ। ବଲାଙ୍ଗୀରବାସୀ ଏହି ଦାବି କରୁଥିବା ଯାଏ ଓଡିଶାର ଅନ୍ୟ କୌଣସି ଅଞ୍ଚଳରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହୋଇପାରିବ ନାହିଁ। ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ କହିଥିଲେ ଯେ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦିଗରେ ଯେତେ ଆନ୍ଦୋଳନ କରିବାକୁ ପଡିବ କରାଯିବ। ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ କହିଥିଲେ ଯେ, ଆଗକୁ ବଡ ଧରଣର ଆନ୍ଦୋଳନ ପାଇଁ ବଲାଙ୍ଗୀରବାସୀ ପ୍ରସ୍ତୁତ ଅଛନ୍ତି। ନାଗରିକ କମିଟି ସମ୍ପାଦକ ମପେନାରଞ୍ଜନ ସାହୁ କହିଥିଲେ ଓଡିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ଅଫିସ ଓ ଅନୁଷ୍ଠାନ ପ୍ରତିଷ୍ଠା କରାଯାଉଛି। ବଲାଙ୍ଗୀରବାସୀ କାହା ଦାବିରେ କେବେ ମୁଣ୍ଡ ପୂରାଇ ନାହାନ୍ତି। ମାତ୍ର ବଲାଙ୍ଗୀର ପାଳି ଆସିଲେ ବିଭିନ୍ନ ସ୍ଥାନରେ ଦାବି ଉଠୁଛି। ଆଗକୁ ଏହାର କଡା ଜବାବ ଦିଆଯିବ। କବି ମଧୁସୂଦନ ନାୟକ କହିଥିଲେ ଯେ ନିର୍ଣ୍ଣାୟକ ଲଢ଼େଇର ସମୟ ଆସିଯାଇଛି। ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ସବୁପ୍ରକାର ଲଢ଼େଇ ପାଇଁ ବଲାଙ୍ଗୀରବାସୀ ପ୍ରସ୍ତୁତ ବୋଲି କହିଥିଲେ।

ସକାଳ ୫ଟାରୁ ପ୍ରଧାନ ଡାକଘର ସମ୍ମୁଖରେ ପତକେଟିଂ କରାଯାଇଥିଲା। ପରେ ଜିଲାପାଳ ଅଫିସ, ଡିଆରଡିଏ. ଡିଏଫ୍‌ଓ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା, ଅନ୍ୟାନ୍ୟ ବ୍ୟାଙ୍କ, ସିଡିଏମ୍‌ଓ ଅଫିସ, ଅନ୍ୟାନ୍ୟ ଜିଲା ସ୍ତରୀୟ ସରକାରୀ ଅଫିସ ବନ୍ଦ କରାଯାଇଥିଲା। ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରାଯାଇ ଜଜ୍‌ମାନଙ୍କୁ ଫେରିଯିବାକୁ ଅନୁରୋଧ କରାଯାଇଥିଲା। ଓକିଲ ସଂଘ, ଆକ୍ସନ କମିଟି ସଦସ୍ୟ, ବିଭିନ୍ନ ଜାତି ସଙ୍ଗଠନ, ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ପୌରାଧ୍ୟକ୍ଷା ଲିକା ସାହୁ, ସମାଜସେବୀ ବିକ୍ରମ ବହିଦାର, ଡ. ଲକ୍ଷ୍ମୀକାନ୍ତ ମହାପାତ୍ର, ନୀଳମଣି ମିଶ୍ର, ସୌମ୍ୟରଞ୍ଜନ ମିଶ୍ର, କୋସଲ ମୁକ୍ତି ମୋର୍ଚ୍ଚାର ବିକାଶ ସା, କଂଗ୍ରେସ ଜିଲା ସଭାପତି ଦିଲୀପ ବେହେରା, ବିଧୁଭୂଷଣ ତ୍ରିପାଠୀ, ନାରୀନେତ୍ରୀ ବନଶ୍ରୀ ଆଚାର୍ଯ୍ୟ, ଆରତୀ ଗୁରୁ, ଶ୍ରମିକ ନେତା ରବି ମିଶ୍ର, ବିଭୂଦତ୍ତ ମିଶ୍ର, ନାଗରିକ କମିଟି ସଭାପତି ବେଲାରସିଂ ଭୋଇ, ଜିଲା ଓକିଲ ସଂଘ ସମ୍ପାଦକ ଅଧିକାରୀ ଦନ୍ତା, ପ୍ରମୋଦ ତ୍ରିପାଠୀ, ପ୍ରବୀଣ ମିଶ୍ର, ଅମନ ନାଗ, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ମୁନା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆନ୍ଦୋଳନ ଯୋଗୁଁ ଟିଟିଲାଗଡ଼, କଣ୍ଟାବାଞ୍ଜି, ପାଟଣାଗଡ଼ରେ ସମସ୍ତ କୋର୍ଟ କଚେରୀ ବନ୍ଦ ରହିଥିଲା।

# ଅବାଧରେ ଚାଲିଛି ନିଶାଦ୍ରବ୍ୟ କାରବାର

ଲୋଇସିଂହା,୨୦।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳ ଦେଇ ଅବାଧରେ ଚାଲିଛି ନିଶାଦ୍ରବ୍ୟ କାରବାର। ଲୋଇସିଂହା ଦେଇ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଯାଇଛି। ଏହି ରାସ୍ତା ସିଧାସଳଖ ସମ୍ବଲପୁରକୁ ଲମ୍ବିଛି। ସେହିପରି ଲୋଇସିଂହା ଥାନାଠାରୁ ମାତ୍ର ୨ଶହ ମିଟର ଦୂର ଚାରିଛକରୁ ପଦ୍ମପୁର ଦେଇ ରାୟପୁର ଏବଂ ବୁର୍ଡା ଛକରୁ ସୋନପୁର, ବୌଦ୍ଧ ଜିଲା ଦେଇ ଭୁବନେଶ୍ୱରକୁ ରାସ୍ତା ସଂଯୋଗୀକରଣ ରହିଛି। ବୌଦ୍ଧ, କନ୍ଧମାଳ ଅଞ୍ଚଳରୁ ଏହି ରାସ୍ତାଦେଇ ବେଆଇନ ଗଞ୍ଜେଇ ଏବଂ ବିଭିନ୍ନ ନିଶା ଦ୍ରବ୍ୟ ଚାଲାଣ ହେଉଛି। ବୁର୍ଡାଛକ ରାସ୍ତା ନିଶା ବେପାରୀଙ୍କ ପାଇଁ ସୁରକ୍ଷିତ ପଥ ପାଲଟିଛି । ମଙ୍ଗଳବାର ଲୋଇସିଂହା ବସ୍‌ଷ୍ଟାଣ୍ଡରେ ଏକ ସ୍କୁଟକୁ ଧକ୍କା ଦେଇଥିବା ସ୍କର୍ପିଓ (ଓଡି୧୪ଏ ୫୦୫୨)ରୁ ୯୩ କେଜି ଗଞ୍ଜେଇ ହୋଇଥିଲା। ଏହାପୂର୍ବରୁ ଗତ ଜୁନ ୧୨ତାରିଖରେ ବରଗଡ ସ୍ପେଶାଲ ସ୍କ୍ୱାଡ ଲୋଇସିଂହା ଥାନା ଭାଲିଆମୁଣ୍ଡାରୁ ଏକ ମହିନ୍ଦ୍ରା ପିକ୍‌ଅପ୍(ଓଡି୦୫ବି ୩୬୫୬)କୁ ପିଛା କରି ବିପୁଳ ପରିମାଣର କଫ ସିରପ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଉଚବାହାଲ ଅଞ୍ଚଳ ଗଞ୍ଜେଇ କାରବାରର ହବ ପାଲଟିଛି । ବିଭିନ୍ନ ଅଞ୍ଚଳରୁ ଗଞ୍ଜେଇ ଆଣି ଏଠାରୁ ଛତିଶଗଡ ପଠାଯାଉଛି। ୩୦ ଅଗଷ୍ଟରେ ଛତିଶଗଡର ଜଣେ ମହିଳା ଲୋଇସିଂହା ଥାନାରେ ଉଚବାହାଲର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା ଏକ ମାମଲା(୨୭୯/୨୨) ରୁଜୁ ହୋଇଥଲା। ତେବେ ପୋଲିସ ଏହା ଗଞ୍ଜେଇ କାରାବାରକୁ ନେଇ ଏପରି ଘଟିଥିବା ସେତେବେଳେ ପୋଲିସ କହିଥିଲା । କିଛିବର୍ଷ ପୂର୍ବରୁ ୨୬ନଂ ଜାତୀୟ ରାଜପଥ ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଦୁର୍ଘଟଣାଗ୍ରସ୍ତ ଏକ ବାଇକରୁ ଗଞ୍ଜେଇ ଜବତ ହୋଇଥିଲା। କୋଭିଡ ସମୟରେ ସୁବର୍ଣ୍ଣପୁର ଜିଲା ମେଣ୍ଢା, ବଲାଡ଼ି, ଡୁମେରଖୋଲ ଅଞ୍ଚଳରୁ ମଦ ଚାଲାଣ ହେଉଥିଲା। କେତେକ ଘଟଣାକୁ ଦେଖିଲେ ଏଥିରୁ ସ୍ପଷ୍ଟ ଜଣାପଡୁଛି ଏହି ପଥ ଦେଇ ରୀତିମତ ଗଞ୍ଜେଇ ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଚାଲାଣ ହେଉଛି। ପୋଲିସ ଓ ଅବକାରୀ ବିଭାଗ କେବଳ ଗ୍ରାମାଞ୍ଚଳରେ ଧରପଗଡ କରି ଦାୟିତ୍ୱ ସାରି ଦେଉଛି। ଲୋଇସିଂହାରେ ଏକ ଅବକାରୀ କାର୍ଯ୍ୟାଳୟ ରହିଛି । ହେଲେ ଅନେକ ସମୟରେ ସେହି କାର୍ଯ୍ୟାଳୟରେ ତାଲା ଝୁଲୁଛି। କର୍ମଚାରୀ ଅଭାବ ସମସ୍ୟା ସୃଷ୍ଟି କରୁଥିବା ଏସଆଇ ପଦ୍ମଲୋଚନ ନାଏକ କହିଛନ୍ତି।

# ପିକେଟିଂ କରି କୋର୍ଟ ବନ୍ଦ କଲେ


ଆଇନଜୀବୀମାନେ ଲୋଇସିଂହାରେ ପିକେଟିଂ କରୁଛନ୍ତି।

ଲୋଇସିଂହା,୨୦।୧୦(ଡି.ଏନ.ଏ)

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପୁନଃ ପ୍ରତିଷ୍ଠା ଦାବିକୁ ସମର୍ଥନ କରିଥିଲା ଲୋଇସିଂହା ଓକିଲ ସଂଘ। ସଂଘ ସଭାପତି ଦିଲୀପ ବେହେରାଙ୍କ ନେତୃତ୍ୱରେ ବାର ସଦସ୍ୟ ରାଜେନ୍ଦ୍ର ନାଏକ, ରାଜକିଶୋରା ମିଶ୍ର, ପ୍ରବୀଣ ତ୍ରିପାଠୀ, ଆଶିଷ ବାରିକ, ସଞ୍ଜୟ ଷଡଙ୍ଗୀ, ଜ୍ୟୋତିରଞ୍ଜନ ପଟେଲ, କ୍ଷେତ୍ରପାଲ ବିଶ୍ୱାଳ, ସମ୍ପଦ ପୋଡ ପ୍ରମୁଖ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହି ସମୟରେ କୋର୍ଟକୁ ଆସୁଥିବା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଳି ମହାନ୍ତିଙ୍କୁ କାର୍ଯ୍ୟାଳୟ ଯିବାକୁ ବାରଣ କରି ଫେରାଇ ଦେଇଥିଲେ। ସଂଘ ସଦସ୍ୟ ଲୋଇସିଂହାରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାର ଅଧୀନ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନକୁ ପିକେଟିଂ କରି ବନ୍ଦ କରିଥିଲେ। ଏହି ବନ୍ଦରୁ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ବାଦ୍ ଦିଆଯାଇଥିଲା।

# ଆଦର୍ଶ ଶିକ୍ଷକ ବାଙ୍କାନିଧି ଶତପଥୀଙ୍କ ପରଲୋକ


ଆଦର୍ଶ ଶିକ୍ଷକ ବାଙ୍କାନିଧି ଶତପଥୀ।

ବଲାଙ୍ଗୀର ଅଫିସ, ୨୦।୧୦

ବଲାଙ୍ଗୀରର ଆଦର୍ଶ ଶିକ୍ଷକ ବାଙ୍କାନିଧି ଶତପଥୀ (୮୪)ଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସପ୍ତାହକ ତଳେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ପ୍ରଥମେ ବଲାଙ୍ଗୀର ଓ ପରେ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ବୁର୍ଲାରୁ ସ୍ୱର୍ଗତ ଶତପଥୀଙ୍କ ମରଶରୀରକୁ ଗୁରୁବାର ବଲାଙ୍ଗୀର ମାଲପଡାସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ସହରର ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣ ଶେଷ ଦର୍ଶନ କରିଥିଲେ। ମୃତ୍ୟୁବେଳକୁ ଏକମାତ୍ର ପୁତ୍ର ଶିଶିରକାନ୍ତ ଶତପଥୀ, ଦୁଇ ଝିଅ ପ୍ରତିଭା ଓ ସୁପ୍ରଭା, ଜ୍ୱାଇଁ ଉପସ୍ଥିତ ଥିଲେ। ପୂର୍ବରୁ ତାଙ୍କ ପତ୍ନୀ ଭୂମିସୁତା ଶତପଥୀଙ୍କ ଦେହାନ୍ତ ହୋଇସାରିଛି। ବିଭୂତିପଡା ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ପୁତ୍ର ଶିଶିରକାନ୍ତ ମୁଖାଗ୍ନି ଦେଇଥିଲେ। ଶତପଥୀଙ୍କ ବିୟୋଗରେ ଜିଲା ସାମ୍ବାଦିକ ସଂଘ ସଭାପତି ଶିବ ପରିଡା, ପୂର୍ବତନ ସଭାପତି ହରିନାରାୟଣ ପୂଝାରୀ, ଉପସଭାପତି ବଳରାମ ମିଶ୍ର, ଦୀପକ ସମାଦାର, ଲକ୍ଷ୍ମୀକାନ୍ତ ମିଶ୍ର, ସମ୍ପାଦକ ରଞ୍ଜିତ ବେହେରା, ଅଭୟ ତ୍ରିପାଠୀ, ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ସୁନୀଲ ମହାନ୍ତି, ସଙ୍ଗଠନ ସମ୍ପାଦକ ଶରତ ମିଶ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଘାରିଛି ପରିବାର ଚଳାଇବା ଚିନ୍ତା

- ଦାଦନ ଖଟିବାକୁ ଯାଇ ତେଲଙ୍ଗାନାରେ ହୋଇଥିଲା ସ୍ୱାମୀଙ୍କ ମୃତ୍ୟୁ
- ଅଙ୍ଗନୱାଡି ସହାୟିକା ରୋଜଗାର ବସୁମତୀଙ୍କ ଭରସା
- ପାଠପଢା ସହାୟତା ପାଇଁ ୨ପିଲା ଉପଜିଲାପାଳଙ୍କୁ ଭେଟିଲେ

ଲାଠୋର, ୨୦।୧୦(ଡି.ଏନ.ଏ.)

ତେଲଙ୍ଗନାକୁ ଦାଦନ ଖଟିବାକୁ ଯାଇ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଅନ୍ତର୍ଗତ ଜାମଟୁଆ ଗ୍ରାମର ଘନଶ୍ୟାମ ଶବରଙ୍କର ସେଠାରେ ମୃତ୍ୟୁ ହୋଇ ଯାଇଥିଲା। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇ ପଡିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ବସୁମତୀ କ'ଣ କରିବେ ଓ ତିନି ପିଲାଙ୍କ ପାଠପଢା ଓ ପ୍ରତିପୋଷଣ କରିବେ ଚିନ୍ତାରେ ପଡି ଯାଇଛନ୍ତି। ବଡ଼ ଝିଅ କସ୍ତୁରୀ ବରଗଡରେ ଜେନେରାଲ ନର୍ସିଂ ପ୍ରଥମ ବର୍ଷ ଛାତ୍ରୀ ଥିବାବେଳେ ପୁଅ କରନ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ +୨ ପ୍ରଥମ ବର୍ଷ କଳାରେ ନାମ ଲେଖାଇଛନ୍ତି। ସାନ ପୁଅ ଶ୍ରୀନାଥ ନବମ ଶ୍ରେଣୀରେ ପଢୁଛନ୍ତି। ବସୁମତିଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ଭାବେ କାମ କରି ମାସକୁ ୩ ହଜାର ଟଙ୍କା ପାରିଶ୍ରମିକ ପାଉଛନ୍ତି। ସେତିକି ହିଁ ରୋଜଗାର। ଏହି ସ୍ୱଳ୍ପ ରୋଜଗାରରେ ଦିନକୁ ଦୁଇଓଳି ଖାଇବା ଯୋଗାଇବା କଠିନ ହେଉଥିବା ବେଳେ ପାଠ ପଢାଇବେ କେମିତି। ନିକଟରେ କସ୍ତୁରୀ ଏବଂ କରନ ପାଟଣାଗଡ଼ ଉପଜିଲାପାଳ ଡ଼.ବିଜୟାନନ୍ଦ ସେଠୀଙ୍କୁ ସାକ୍ଷାତ୍ କରି ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଆର୍ଥିକ ସହାୟତା ଯୋଗାଇ ଦିଆ ନ ଗଲେ ତିନି ପିଲାଙ୍କ ଉଚ୍ଚଶିକ୍ଷା ଲାଭ ଆଶ ଧୂଳିସାତ ହୋଇଯିବ ବୋଲି ସେମାନେ କହିଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ୭୫ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଗୁଡ଼ଭେଲା,୨୦।୧୦(ଡି.ଏନ.ଏ.)

ଗୁଡଭେଲା ବ୍ଲକ ନୂଆଁପଡା ଗ୍ରାମରେ ସମଲେଶ୍ୱରୀ ଦୁଗ୍ଧ ସମବାୟ ଲିମିଟେଡ ପକ୍ଷରୁ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓମଫେଡ ପ୍ଲାଣ୍ଟ ଇନଚାର୍ଜ ଲିଙ୍ଗରାଜ ବଗାର, ସୁପରଭାଇଜର ଦୟାନନ୍ଦ ପ୍ରଧାନ, ଏମଭିଓ ଇନଚାର୍ଜ ଶୁଭମ ପ୍ରଧାନଙ୍କ ଉପସ୍ଥିତରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା ଦୀପ୍ତିମୟୀ ବଢିଆ ଓ ଅତିରିକ୍ତ ବ୍ଲକ ଚିକିତ୍ସାଧିକାରୀ ଡା ଦୀପ ପ୍ରତୀକ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ୭୫ ଗୋରୁଙ୍କ ଚିକିତ୍ସା କରାଯାଇଥିବା ସମିତି ସମ୍ପାଦକ ପଞ୍ଚାନନ ନାଏକ କହିଛନ୍ତି।

# ସିଆର୍‌ପିଏଫ୍‌ର ସ୍ୱଚ୍ଛତା କାର୍ଯ୍ୟକ୍ରମ


ସିଆର୍‌ପିଏଫ୍ ଯମାନମାନେ ସଫେଇ କରୁଛନ୍ତି।

ଖପ୍ରାଖୋଲ, ୨୦।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲରେ ଅବସ୍ଥାପିତ ସିଆରପିଏଫ ୧୮୯ ବାଟାଲିଅନ ବି କମ୍ପାନୀ ତରଫରୁ ଗୁରୁବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ଲଖବିନ୍ଦର୍ ସିଂଙ୍କ ନେତୃତ୍ୱରେ ବସ୍‌ଷ୍ଟାଣ୍ଡ ପାଖ, ମୁଖ୍ୟ ରାସ୍ତାକଡ, ଦୋକାନ ପାଖରେ ଥିବା ଆବର୍ଜନାକୁ ଯବାନମାନେ କୋଡ଼ି, କୋଦାଳ ଧରି ସଫେଇ କରିଥିଲେ। ଏଣେତେଣେ ମଇଳା ଓ ଆବର୍ଜନା ପକାଇ ପରିବେଶକୁ ସ୍ୱଚ୍ଛ ରଖିବାକୁ ଲୋକଙ୍କୁ ବୁଝାଇଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି

ଜୁନାଗଡ,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍, ଜାତୀୟ ସୁରକ୍ଷା ସହାୟତା ଓ ପଞ୍ଚଦଶ ଅର୍ଥ ଆୟୋଗ ଯୋଜନା ସମ୍ପର୍କରେ ଜନଶୁଣାଣି ହୋଇଥିଲା। ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ ତଥା ସ୍ଥାନୀୟ ବ୍ଲକ ନୋଡାଲ ଅଧିକାରୀ ସୁଶାନ୍ତ ପଟେଲ, ବିଡିଓ ଦୁଲାରାମ ମାରାଣ୍ଡି,ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଜିପିଓ ରାଜେନ୍ଦ୍ର ଭୋଇ ଓ ଏପିଓ ମିତାଲି ଚୌଧୁରୀ ଦେବ, ପରିଚାଳନା କରିଥିଲେ। ଏହି ଶିବିରରେ ବ୍ଲକର ସମସ୍ତ ପଞ୍ଚାୟତ ସରପଞ୍ଚ, ପିଇଓ, ଜିଆରଏସ୍, ଭିଆରପି, ଜବକାର୍ଡ ଧାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ସିନାପାଲି,୨୦।୧୦(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ୧୨ନଂ. ଜିଲା ପରିଷଦ ଜୋନରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁସୁମଜୋର ପଞ୍ଚାୟତ କସାଇପାଣି, ନୂଆଗୁଡା, ହଲଦୀଖୋଲ, କୁସୁମଜୋର, ବ୍ରହ୍ମଣୀଗୁଡା ପଦଯାତ୍ରା ପରେ ଝାରବନ୍ଧ ପଞ୍ଚାୟତ ଝୁଲେନବର, ମାଲପଡା, ଝାରବନ୍ଧ, କନ୍ଦାମୁଣ୍ଡା, ନାଗଝର ଗ୍ରାମରୁ ପଦଯାତ୍ରାରେ ବାହାରିଥିଲା। ଏହି ଅବସରରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ ଉପରେ ଲୋକଙ୍କୁ ସଚେତନ କରିଥିଲେ। ବିଜେଡି ପକ୍ଷରୁ ଖଡିଆଳ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥି ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ହୋଇଥିବା ପଦଯାତ୍ରାରେ ଜିଲା ସହପର୍ଯ୍ୟବେକ୍ଷକ ହରେକୃଷ୍ଣ ସଡଙ୍ଗୀ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳୀ ଗୁଆଲ, ବ୍ଲକ ସମ୍ପାଦକ ଦୈତାରି ମେହେର, ଜିଲା ଛାତ୍ର ସଭାପତି ଅମିତ ସିଂଦେଓ, ନିର୍ବାଚନ ମଣ୍ଡଳୀ ସଭାପତି ମହେନ୍ଦ୍ର ସୁନାନୀ, କୁସୁମଜୋର ସରପଞ୍ଚ ଉଦିତ ପ୍ରତାପ ଜ୍ୟୋତି, ବ୍ଲକ ମହିଳା ସଭାନେତ୍ରୀ ମନ୍ଦାକିନୀ ବଘେଲ, ଜଗଦୀଶ ଗର୍ଗ, ଯୀଶୁ ବୈଠାରୁଙ୍କ ସମେତ ଦଳୀୟ ଶତାଧିକ କର୍ମୀ ସାମିଲ ଥିଲେ।

# ଚେକ୍‌ଡ୍ୟାମ୍ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ନୂଆପଡ଼ା ଅଫିସ,୨୦।୧୦

ନୂଆପଡା ସଦର ବ୍ଲକ ବୁଢିପାଲି ପଞ୍ଚାୟତ ଜାଙ୍ଗୁଲା ଗାଁରେ ଲୋକଙ୍କୁ ନ ଜଣାଇ ନିଜ ମନଇଚ୍ଛାରେ ଚେକଡ୍ୟାମ ନିର୍ମାଣ କରାଯାଉଛି। ଏହାକୁ ଗ୍ରାମବାସୀ ବିରୋଧ କରି ଗୁରୁବାର ନୂଆପଡା ଜିଲାପାଳ ହେମାକାନ୍ତ ସାଏଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜାତୀୟ ଜଳବାୟୁ ପରିବର୍ତ୍ତନ ବିନିଯୋଗ ପାଣ୍ଠି ପ୍ରକଳ୍ପ ନୂଆପଡା ଦ୍ୱାରା ବୁଢିପାଲି ପଚାୟତ ଜାଙ୍ଗୁଲା ଗାଁରେ ଚେକଡ୍ୟାମ କାର୍ଯ୍ୟ କରାଯିବା ସହ ବୋରୱାଲ ପାଣି ସୋଲାର ଲାଇଟ ସାହାଯ୍ୟରେ ଉଠାଇ ଅଣଜଳ ସେଚିତ ଅଞ୍ଚଳରେ ପାଣି ମଡାଇବା ପାଇଁ ସୁବିଧା ସବୁ କାର୍ଯ୍ୟ ଚାଲିଛି। ହେଲେ କେତେକ ବିଭାଗୀୟ କର୍ମଚାରୀ ଗ୍ରାମସଭା କିମ୍ବା ଗ୍ରାମବାସୀଙ୍କୁ ନ ଜଣାଇ ଗାଁର କେତେ ଜଣଲୋକଙ୍କୁ ଧରି ତାଙ୍କ ଘରେ ମିଟିଂ କରି ନିଜ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଏହାର ଉଚିତ ତଦନ୍ତ କରାଯାଇ ପ୍ରକୃତ ପାଇବା ଯୋଗ୍ୟ ହିତାଧିକାରୀଙ୍କୁ ଏହି ସୁଯୋଗ ଦିଆଯିବା ପାଇଁ ଗ୍ରାମବସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜଗତ ରାମ ରାଉତ, ଚୌକିବାଉ ରାଉତ, ତୁଳସି ରାମ ବାଗ, ଚନ୍ଦସିଂ ରାଉତ, ଲିଲାରାମ ରାଉତ, ହେମନାଥ ରାଉତ, ଭବାନୀ ଶଙ୍କର ବାଗ, ଗଣେଶ ରାଉତ ପ୍ରମୁଖ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ।


ଦାବିପତ୍ର ଦେବା ପାଇଁ ଜାଙ୍ଗୁଲାବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

**ସ୍ୱଚ୍ଛତା କାର୍ଯ୍ୟକ୍ରମ**

ବିନିକା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଜାତୀୟ ସେବା ଯୋଜନା ତରଫରୁ ଗତ ଦୁଇଦିନ ଧରି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀଛାତ୍ରମାନେ ସାମିଲ ହୋଇ କଲେଜ ରାସ୍ତାର ଉଭୟ ପାର୍ଶ୍ୱ ଓ କ୍ୟାମ୍ପସ ଭିତରେ ଥିବା ଅନାବନା ଗଛଲତା ସଫା କରିଥିଲେ । ସେବା ଯୋଜନାର ପୋଗ୍ରାମ ଅଧିକାରୀ ଅଧାପକ ହରିଶ୍ଚନ୍ଦ୍ର ହୋତା ଓ ଅଧକ୍ଷ ଡ଼.ଧୀରେନ୍ଦ୍ର କୁମାର ନାୟକଙ୍କ ସମେତ ଅଧାପିକା ଅଧାପକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ଟାଙ୍ଗିଆ ଆକ୍ରମଣରେ ଜଣେ ଗୁରୁତର: ଯୁବକ ଗିରଫ

ଉଲୁଣ୍ଡା,୨୦।୧୦(ଡି.ଏନ.ଏ.): ଟାଙ୍ଗିଆ ଆକ୍ରମଣରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପଲାସ ଗ୍ରାମର ଜିବର୍ଦ୍ଧନ ଭୋଇ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାରେ ପୋଲିସ ଉକ୍ତ ଗ୍ରାମର ସୁବାଷ ନାଏକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟା ସମୟରେ ଜିବର୍ଦ୍ଧନ ଘରେ ନ ଥିବା ସମୟରେ ସୁବାଷ ତାଙ୍କ ଘରକୁ ଆସି କୌଣସି କାରଣରୁ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହିତ ଧମକ ଦେଇଥିଲେ। ସେହି ସମୟରେ ଜିବର୍ଦ୍ଧନ ଘରକୁ ଫେରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ସୁବାଷ ଏଥିରେ ଉତ୍ୟକ୍ତ ହୋଇ ଜିବର୍ଦ୍ଧନଙ୍କ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସୋନପୁର ଡାକ୍ତଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଜିବର୍ଦ୍ଧନଙ୍କ ପୁଅ ଦୁଷ୍ମନ୍ତ ଧର୍ମଶାଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁବାଷଙ୍କୁ ଗିରଫ କରିଛି ।

### ସୁରେଶ୍ୱରୀ ମନ୍ଦିର ପୂଜକଙ୍କ ପରଲୋକ

ସୋନପୁର,୨୦।୧୦(ନି.ପ୍ର): ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ



ପୂଜକ ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ପୂଜାହାରୀ(୭୭)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସୋନପୁର ସହର ଥନାପତିପଡାସ୍ଥିତ ବାସଭବନରେ ସକାଳ ୭ଟା ସମୟରେ ତାଙ୍କର ପରଲୋକ ଘଟିଛି । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ପ୍ରଫୁଲ୍ଲ ଦୀର୍ଘ ବର୍ଷ ଧରି ମା' ସୁରେଶ୍ୱରୀଙ୍କ ସେବା ପୂଜା କରିବା ସହ ସୋନପୁର ରାଜ ପରିବାରର ପୂଜକ ଭାବେ କାର୍ଯ୍ୟ କରିଛନ୍ତି । ମୃତ୍ୟୁ ବେଳକୁ ଏକମାତ୍ର ପୁଅ ଅଚ୍ୟୁତ ପୂଜାହାରୀ ଓ ୪ ଝିଅ ଉପସ୍ଥିତ ଥିଲେ । ରାମେଶ୍ୱର ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଅ ଅଚ୍ୟୁତ୍ ମୁଖାଗ୍ନି ଦେଇଥିଲେ ।

### ଅଙ୍ଗନୱାଡି କେନ୍ଦ୍ର ଖୋଲିବା ନେଇ ଆଲୋଚନା ବିଫଳ

ଅମରପାଲି,୨୦।୧୦(ଡି.ଏନ.ଏ.): ବୀରମହାରାଜପୁର ବ୍ଲକ ଖଣ୍ଡହତା ଗ୍ରାମପଞ୍ଚାୟତର ରାମ୍ପିପାଲି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଦୀର୍ଘ ୭ ମାସ ହେଲା ତାଲା ଝୁଲୁଛି । ଗୁରୁବାର ସୁବର୍ଣ୍ଣପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମଙ୍ଗଳ ଅଧିକାରୀ ରେଣୁବାଳା ଦାଶ, ସିଡିପିଓ ସୁଦର୍ଶନୀ ରଥ ଓ ସୁବଳୟା ପୋଲିସ ପହଞ୍ଚି ଏହି ସମସ୍ୟାର ସମାଧାନ କରି ଅଙ୍ଗନୱାଡି କେନ୍ଦ୍ରକୁ ଖୋଲିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏନେଇ ଗ୍ରାମବାସୀଙ୍କ ସହିତ ଆଲୋଚନା ବିଫଳ ହୋଇଛି। ଦୁର୍ନୀତିଗ୍ରସ୍ତ ଅଙ୍ଗନୱାଡି କର୍ମୀଙ୍କୁ ବଦଳାଇବା ସହ ଗ୍ରାମରେ ନୂତନ କର୍ମୀ ଚୟନ ପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ଦାୟିତ୍ୱ ଦିଆଯାଉ । ବାହାର ଗ୍ରାମର କର୍ମୀ କିମ୍ବା ଦୁର୍ନୀତିରେ ଲିପ୍ତ ଥିବା ଅଙ୍ଗନବାଡି କର୍ମୀଙ୍କୁ କେବେହେଲେ କେନ୍ଦ୍ର ଚଳାଇବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ । ଆଲୋଚନା ବିଫଳ ପରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରିଣୀ ପ୍ରକାଶ କରିଛନ୍ତି।

# ଲୋକାର୍ପିତ ହେଲା, କାର୍ଯ୍ୟକ୍ଷମ ହେଉନି



ସୁବର୍ଣ୍ଣପୁର ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ।

ସୋନପୁର,୨୦।୧୦
(ମୃତ୍ୟୁଞ୍ଜୟ ଶତପଥୀ)

- ୫୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର
- ପ୍ରସୂତି, ନବଜାତକ ଓ ଶିଶୁ ଗୁଣାତ୍ମକ ଚିକିତ୍ସା ପାଇବାରୁ ବଞ୍ଚିତ

ସୁବର୍ଣ୍ଣପୁର ଜିଲା ସଦର ମହକୁମାର ଝୁପୁଡିପଡାରେ ନୂତନ ଭାବେ ନିର୍ମିତ ହୋଇଛି ୫୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର । ଗତ ଜୁନ୍ ୧୫ ତାରିଖରେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ରାଣୀ ସିଂହଦେଓ ଅତିଥି ଭାବେ ଯୋଗଦେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକାର୍ପିତ କରିଛନ୍ତି। ଆୟୋଜିତ ଉତ୍ସବରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କ ସମେତ ଜିଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ ହେବାର ୪ ମାସ ପରେ ବି କାର୍ଯ୍ୟକ୍ଷମ ହେଉନି। ଏଥିପ୍ରତି ନିର୍ବାଚିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ନାହିଁ। ଏ କ୍ଷେତ୍ରରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଉଦାସୀନ ମନୋଭାବକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନରେ ୧୪ କୋଟି ୪ଲକ୍ଷ ୯୦ହଜାର ଟଙ୍କା ବ୍ୟୟରେ ତିନି ମହଲା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଓ ଶିଶୁଙ୍କ ପାଇଁ ଓପିଡି, ଟିକାକରଣ, ଲାବୋରେଟୋରୀ, ଲେବର ରୁମ୍, ପ୍ରି ଡେଲିଭରି ଅବଜରଭେସନ ରୁମ, ଆଶା ଗୃହ, ଡାକ୍ତରଙ୍କ କକ୍ଷ, ନର୍ସ ଡ୍ୟୁଟି ରୁମ୍, ଏସଏନସିୟୁ, କଙ୍ଗାରୁ ମଦର କେୟାର ୟୁନିଟ, ୨୦ ଶଯ୍ୟା ବିଶିଷ୍ଟ ଏଏନସି ୱାର୍ଡ, ଓଟି ବ୍ଲକ, ୨୦ ଶଯ୍ୟା ବିଶିଷ୍ଟ ପୋଷ୍ଟ ନାଟାଲ ୱାର୍ଡ ଓ ୧୦ ଶଯ୍ୟା ବିଶିଷ୍ଟ ଶିଶୁ ୱାର୍ଡ ରହିଛି । ଏହି ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଛାତ ତଳେ ପ୍ରସୂତି ମହିଳା, ନବଜାତକ, ଶିଶୁ ଓ କିଶୋରଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ମିଳିପାରିବ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ଓ ନର୍ସ ରହିବା ପାଇଁ ୨ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟରେ କ୍ୱାର୍ଟର୍ସ ନିର୍ମାଣ ହୋଇଛି। ତେବେ ଜିଲାରେ ଡାକ୍ତର ଓ ନର୍ସଙ୍କ ଅଭାବ ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ କରୁ ନ ଥିବା ଅଭିଯୋଗ ହେଉଛି।

### ସେମାନେ କୁହନ୍ତି



"ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ପାଇଁ ଜିଲାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ନର୍ସ ନାହାନ୍ତି। ମାନବ ସମ୍ବଳର ଅଭାବ ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ହୋଇଛି। ସେହିପରି ଡାକ୍ତର ଓ ନର୍ସ ରହିବା ପାଇଁ ନିର୍ମାଣ ହୋଇଥିବା କ୍ୱାଟର୍ସଗୁଡିକରେ ଇଲେକ୍ଟ୍ରିଫିକେଶନ କାର୍ଯ୍ୟ ବାକି ଅଛି। ଏହା ସରିବା ପରେ ଆମେ ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବୁ। ବର୍ତ୍ତମାନ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ତଳ ମହଲାରେ କିଡ୍‌ନୀ ରୋଗୀଙ୍କ ଡାଏଲିସିସ ହେଉଛି।
**ଡା. ବିଶ୍ୱରଞ୍ଜନ ପତି, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ**



"ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରି ଭିତ୍ତିଭୂମି ନିର୍ମାଣ କରୁଛନ୍ତି। କିନ୍ତୁ ଆବଶ୍ୟକ ସଂଖ୍ୟକ ଡାକ୍ତର, ଷ୍ଟାଫ ନର୍ସ ଓ କର୍ମଚାରୀ ନିଯୁକ୍ତି କରାଯାଉନି। ଯଦ୍ୱାରା ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳୁନି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଶଯ୍ୟା ଅଭାବରୁ ପ୍ରସୂତିମାନେ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। କିନ୍ତୁ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ଜିଲାର ବିଧାୟକ, ବଲାଙ୍ଗୀର ଏମ୍‌ପି ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେଲେ ଲୋକେ ଉପକୃତ ହୋଇପାରିବେ।
**ସିତାଂଶୁ ଶେଖର ମିଶ୍ର, ସଭାପତି ସଚେତନ ନାଗରିକ ମଞ୍ଚ**



"ପ୍ରସୂତି, ଶିଶୁ ଓ ନବଜାତକଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନରେ ସୁବର୍ଣ୍ଣପୁରରେ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଅନେକ ବାର ଆନ୍ଦୋଳନ ହୋଇଥିଲା। ତେବେ ଜିଲାର ନିର୍ବାଚିତ ଲୋକ ପ୍ରତିନିଧି ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପଣ ପାଇଁ ଯେତିକି ବ୍ୟଗ୍ର ହେଉଛନ୍ତି, ତାକୁ କାର୍ଯ୍ୟକ୍ଷମ କରିବା ପାଇଁ ସେତିକି ଆନ୍ତରିକତା ଥିବା ଭଳି ମନେ ହେଉନି। ଏହି ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ସ୍ୱାସ୍ଥ୍ୟ ବିଭାଗ କେବଳ ସମୟ ଗଡାଇ ଚାଲିଛି। ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣର ପ୍ରକୃତ ଉଦ୍ଦେଶ୍ୟ ପୂରଣ ନ ହେଲେ ରାଜରାସ୍ତାରେ ଆନ୍ଦୋଳନ କରାଯିବ।
**ବଳଦେବ ପ୍ରସାଦ ବେଦ୍‌ବାକ, ବରିଷ୍ଠ ଆଇନଜୀବୀ**



"ଅର୍ଥ ମନ୍ତ୍ରୀ ଓ ବଲାଙ୍ଗୀର ଏମ୍‌ପିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇ ନ ପାରିବା ଦୁର୍ଭାଗ୍ୟର ବିଷୟ। ସମସ୍ତ ସୁବିଧା ସୁଯୋଗ ଥିଲେ ମଧ ଜିଲାର ଗରିବ ଲୋକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସା ସୁବିଧା ପାଉନାହାନ୍ତି । ଅଧିକାଂଶ ଡାକ୍ତର ନର୍ସିଂ ହୋମ ପ୍ରେମରେ ପଡିଥିବା ବେଳେ ନିର୍ବାଚିତ ଲୋକ ପ୍ରତିନିଧି କେବଳ ଫିତା କାଟି କାମ ସାରି ଦେଉଛନ୍ତି। ପ୍ରଶାସନ ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ ନ କଲେ କଂଗ୍ରେସ ବାଧ ହୋଇ ଆନ୍ଦୋଳନ କରିବ।
**ଜିତେନ୍ଦ୍ର କୁମାର ପଟ୍ଟନାୟକ, ପିସିସି ସଭ୍ୟ**

## ୧୧ ଜୋନ ପାଇଁ ୨୩ ପ୍ରାର୍ଥୀ

**ସାଧାରଣ ନିର୍ବାଚନଠୁ ବଳି ପଡିଲାଣି ସମବାୟ ନିର୍ବାଚନ**

ବୌଦ୍ଧ,୨୦।୧୦(ସ୍ୱ.ପ୍ର.)

ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଦବୀ ପାଇଁ ହେବାକୁ ଥିବା ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଏହି ନିର୍ବାଚନରେ ୧୫ଟି ଜୋନରୁ ବର୍ତ୍ତମାନ ୧୧ଟି ଜୋନ ପାଇଁ ୨୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସମବାୟ ନିର୍ବାଚନର ମାହୋଲକୁ ଦେଖିଲେ ଏହି ନିର୍ବାଚନ ସାଧାରଣ ନିର୍ବାଚନଠୁ ବଳି ପଡିବା ପରି ମନେ ହେଉଛି । ନିର୍ବାଚନ ରଣନୀତି ନେଇ ମନ୍ତ୍ରୀ, ବିଧାୟକ ଓ ଛାମୁଆ ନେତାଙ୍କ ଘର ଆଗରେ ପ୍ରାର୍ଥୀଙ୍କ ଭିଡ ଜମୁଛି। ସମବାୟ ନିର୍ବାଚନ ଦଳୀୟ ଚିହ୍ନରେ ହେଉ ନ ଥିବା ବେଳେ ଜିଲାରେ ଏହି ନିର୍ବାଚନ ଦଳ ଦଳ ଭିତରେ ହେଉଥିବା ଦେଖିବାକୁ ମିଳିଛି। ଜିଲାରେ ଶାସକ ଦଳ ଏଥର ସହମତିରେ ପ୍ରାର୍ଥୀ ଦେଇଥିବା ଜଣାପଡିଛି । ଶାସକ ଦଳ ଏକପ୍ରକାର ବ୍ୟାଙ୍କର ସମସ୍ତ ନିର୍ଦ୍ଦେଶକ ପଦବୀକୁ ହାତେଇବା ଲକ୍ଷ୍ୟରେ ଥିବା ବେଳେ ୧୫ ଗୋଟି ଜୋନରୁ ୪ ଗୋଟିରେ ବର୍ତ୍ତମାନ ସୁଦ୍ଧା ନିର୍ଦ୍ୱନ୍ଦ୍ୱରେ ପ୍ରାର୍ଥୀମାନେ ନିର୍ବାଚିତ ହୋଇଛନ୍ତି । ନିର୍ଦ୍ଦେଶକ ପଦବୀ ପାଇଁ ଆସନ୍ତା ୩୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ପ୍ରଚାର ସେତେ ସରଗରମ ହୋଇଛି। କିଛି କିଛି ଜାଗାରେ ସାଧାରଣ ନିର୍ବାଚନ ଭଳି ଭୋଜି ଭାତର ଆସର ଆରମ୍ଭ ହୋଇଛି। ପ୍ରାର୍ଥୀମାନେ କିପରି ନିର୍ବାଚନ ବୈତରଣୀ ପାରି ହେବେ ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଯାଇଛି। ୧୧ଟି ଜୋନ ପାଇଁ ନିର୍ବାଚନ ହେବାକୁ ଯାଉଥିବା ବେଳେ ପ୍ରାର୍ଥୀମାନଙ୍କ ପାଇଁ ଦଳୀୟ ନେତାମାନେ ପ୍ରଚାର କରିବା ଆରମ୍ଭ କରି ଦେଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅନେକ ପ୍ରାର୍ଥୀ ନିର୍ଦ୍ଦେଶକ ପଦବୀ ଅପେକ୍ଷା ବ୍ୟାଙ୍କର ସଭାପତି ପଦ ପାଇବା ପାଇଁ ଆଶା ବାନ୍ଧିଛନ୍ତି। ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ବୌଦ୍ଧ ଓ କନ୍ଧମାଳ ଜିଲାରେ ବ୍ୟାଙ୍କର ଶାଖା ରହିଥିବା ବେଳେ ବୌଦ୍ଧ ଓ କନ୍ଧମାଳ ଜିଲାରେ ୧୫ଟି ଜୋନ ରହିଛି । ପ୍ରତ୍ୟେକ ଜୋନରେ ପ୍ରାୟ ୯୦ ଜଣ ଲେଖାଁଏ ଭୋଟର ଅଛନ୍ତି । ସମବାୟ ନିର୍ବାଚନ ମାଧ୍ୟମରେ ରାଜନୈତିକ ଦଳଗୁଡିକ ତୃଣମୂଳସ୍ତରରୁ ସେମାନଙ୍କ ସଂଗଠନକୁ ସୁଦୃଢ କରିବା ପାଇଁ ଆଶାବାଦୀ ଅଛନ୍ତି ।

## କରଡି ବାବା ଚମ୍ପେଶ୍ୱର ମନ୍ଦିରରେ କ୍ଷୀରାଭିଷେକ

ବୌଦ୍ଧ,୨୦।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କରଡି ଗ୍ରାମରେ ଥିବା ବାବା ଚମ୍ପେଶ୍ୱର ମନ୍ଦିରରେ ଗୁରୁବାର ଦିନ କ୍ଷୀରାଭିଷେକ ଅନୁଷ୍ଠିତ ହୋଇଯାଇଛି । କ୍ଷୀରାଭିଷେକ ପାଇଁ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା । ମନ୍ଦିର ପ୍ରାଙ୍ଗଣରେ ନାମ ସଂକୀର୍ତ୍ତନ ଓ ପାରାୟଣ ଅନୁଷ୍ଠିତ ହୋଇଥିଲା । ମନ୍ଦିର କମିଟିର ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସଂପାଦକ ହରିଅର୍ଜୁନ ସାହୁ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାକୁଳ, ବିଶ୍ୱଜିତ ମିଶ୍ର, ନରେନ୍ଦ୍ର କୁମାର ସାହୁ, କିଶୋର ସାହୁ, ଧରଣୀଧର ସାହୁ, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ରାଜୁ ଅଗ୍ରୱାଲା, ବାବାଜୀ ପାତ୍ର , ନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତର ଡ୍ରାଇଭର ସଂଘ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

ଡୁଙ୍ଗୁରିପାଲି,୨୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବାଙ୍କିପାଲି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଲେନପାଲିଠାରେ ଅନୁଷ୍ଠିତ ହୋଇଯାଇଛି । ବାଙ୍କିପାଲି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଶିକ୍ଷକ ସମ୍ପଦ ଖମାରୀ, ହୃଷୀକେଶ ଡାଙ୍ଗ, ଦିଲୀପ କୁମାର ମେହେର, ବଲେନପାଲି ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଜଗତ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବାଙ୍କୀପାଲି ସିଆରସିସି ହାରାଧନ ବେରିଆ ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣନାଥ ତାଣ୍ଡି ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ମୋଟ ୧୨ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଭାଗ ନେଇଥିଲେ । ସୁରଭି କାର୍ଯ୍ୟକ୍ରମରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗର ବକ୍ତୃତା, ବିତର୍କ, ସୁନ୍ଦର ହସ୍ତାକ୍ଷର, କୁଇଜ, ପ୍ରବନ୍ଧ, ସୃଜନଶୀଳ ଲିଖନ, ସଙ୍ଗୀତ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ଚିତ୍ରକଳା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ସହକାରୀ ଶିକ୍ଷକ ଅମୃତଲାଲ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପି. ପଧାନ, ଦୟାକର ନାଏକ, ମଧୁ ମଙ୍ଗଳ ତାଣ୍ଡି, ଶିକ୍ଷୟିତ୍ରୀ ସୁନିତା ସେଠୀ, ରଞ୍ଜନ କୁମାର ଦାସ, ପିଛାଲୁ ପଧାନ, ପ୍ରଦୀପ ମାଝୀ ସହଯୋଗ କରିଥିଲେ ।

# ଚାଷୀ, ବନ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ

ବୌଦ୍ଧ,୨୦।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ବୀରନରସିଂହପୁରସ୍ଥିତ ନର୍ସରୀଠାରେ ଉଲ୍ଲେଖନୀୟ ସେବା ପାଇଁ ଜଙ୍ଗଲ କୃଷି ଚାଷୀଙ୍କୁ ଅର୍ଥ ରାଶି ବଣ୍ଟନ ଏବଂ ବନ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦିପ କୁମାର ଅମାତ୍ ଯୋଗଦେଇ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଗଛ ଲଗାଇଥିବା ଚାଷୀ, ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବନ୍ୟଜନ୍ତୁଙ୍କ ସଂଖ୍ୟା କମିବାରେ ଲାଗିଥିବାରୁ ନିଜ ନିଜ ଦାୟିତ୍ୱବୋଧ ଉପରେ ସଚେତନ ହୋଇ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଅଧିକ ଜଙ୍ଗଲ ସୃଷ୍ଟି କରିବା ପାଇଁ ମନ୍ତ୍ରୀ ଅମାତ କହିଥିଲେ । ଏଥିସହିତ ସଫଳ ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଆଯିବା ସହିତ ଚାଷୀ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ଚାରା ଯୋଗାଇ ଦିଆଯାଉଛି ବୋଲି କହିଥିଲେ । ସଭା ଆରମ୍ଭରେ ବୌଦ୍ଧ ସହକାରୀ ବନସଂରକ୍ଷକ ଜିତେନ୍ଦ୍ର କୁମାର ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଜିଲାରେ ବନୀକରଣ ପାଇଁ ବିଭିନ୍ନ ବିଭାଗରେ ଭଲ କାମ କରିଥିବା ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ, ଅଧିକାରୀ, କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ । କେନ୍ଦୁପତ୍ର ବିଭାଗର ଡିଏଫଓ ଅରବିନ୍ଦ ମହାନ୍ତି ଯୋଗଦେଇ ସାମାଜିକ ବନୀକରଣ ଉପରେ ଗୁରୁତ୍ୱ ଦେବା ସହିତ ଅଧିକ ସଂଖ୍ୟାରେ ଗଛ ଲଗାଇବା ଉପରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥିଙ୍କ ଦ୍ୱାରା ବନ ସୁରକ୍ଷା ସମିତିର ସଭ୍ୟମାନଙ୍କୁ ସେମାନଙ୍କ ମହତ୍ କାର୍ଯ୍ୟ ପାଇଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଶେଷରେ ଶିବଦତ୍ତ ଅଗସ୍ତି ଧନ୍ୟବାଦ ଦେଇଥିଲେ ।




ସଭାରେ ଯୋଗ ଦେଇଥିବା ଅତିଥି ।

# ରୋଗୀ କଲ୍ୟାଣ ସମିତି ବୈଠକ

ଅମରପାଲି,୨୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ରୋଗୀକଲ୍ୟାଣ ସମିତିର ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ରୋଗୀକଲ୍ୟାଣ ସମିତିର ଅଧକ୍ଷ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ପୌରୋହିତ୍ୟ କରିଥିଲେ। ବୈଠକରେ ସମିତି ଉପାଧକ୍ଷ ତଥା ଉପଜିଲାପାଳ ଅଶୋକ କୁମାର ଭୋଇ, ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଉପଖଣ୍ଡ ଚିକିତ୍ସାଧିକାରୀ ଡା.ରବୀନ୍ଦ୍ରନାଥ ପଣ୍ଡା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଧାୟକ ବେହେରା ନିଜ ବକ୍ତବ୍ୟରେ ଡାକ୍ତରଖାନରେ ସମସ୍ତେ ଯେପରି ସହଜରେ ସେବା ପାଇପାରିବେ ସେନେଇ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଡା.ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କିପରି ସାଧାରଣ ଲୋକଙ୍କୁ ଉତ୍କୃଷ୍ଟ ସେବା ଯୋଗେଇ ଦିଆଯିବ, ଡାକ୍ତରଖାନା ପରିସର ସୌନ୍ଦର୍ଯ୍ୟକରଣ ଓ କାର୍ଯ୍ୟଦକ୍ଷତା ଭିତ୍ତିରେ ରାଜ୍ୟ ସ୍ତରରେ ଡାକ୍ତରଖାନା କିପରି ପୁରସ୍କୃତ ହେବ ସେନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିପିଏମ ମହେନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ବ୍ଲକ ହିସାବ ରକ୍ଷକ ଅବିନାଶ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ମିଶ୍ର, ଭୂଷଣ ପାତ୍ର, ଏକଲବ୍ୟ ବେହେରାଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ସ୍ୱର୍ଣ୍ଣପ୍ରଭା କୁଏତ, ଆଲୋକ କୁମାର ସେଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ କମିଟିର ସଦସ୍ୟ, ବିଧାୟକ ଏବଂ ଡାକ୍ତର ।

# ହକ୍ ପାଇଁ ଲଢ଼େଇ ଜୋରଦାର କରିବାକୁ ଆହ୍ୱାନ

ବାଉଁଶୁଣୀ,୨୦।୧୦(ଡି.ଏନ.ଏ.)

ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ବି ଆମ ଦେଶରେ ଜାତିପ୍ରଥା ଏବଂ ଛୁଆଁ ଅଛୁଆଁ ଭେଦଭାବ ରହିଛି । ବିଶେଷକରି ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର, ବିଭିନ୍ନ ଦେବାଳୟ, ହୋଟେଲ, ସେଲୁନଗୁଡିକରେ ଆଜି ମଧ୍ୟ ଏହା ବଳବତ୍ତର ରହିବା ଅତି ଦୁଃଖ ଓ ପରିତାପର ବିଷୟ। ଏହାଛଡା ଏବେ ବି ବୌଦ୍ଧ ଜିଲାରେ ଶତାଧିକ ଦଳିତ ବସ୍ତିକୁ ସବୁଦିନିଆ ସରକାରୀ ରାସ୍ତା ନାହିଁ। ଫଳରେ ନା ନା ସମସ୍ୟା ମଧ୍ୟରେ ଦିନ କାଟିବାକୁ ପଡୁଛି । ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ସାମାଜିକ ସଂଗଠନ ବୌଦ୍ଧ ଜିଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦର ପଞ୍ଜୀକରଣ ଦିବସ ଅବସରରେ ବହିରା ବନ୍ୟା ଆଶ୍ରୟସ୍ଥଳୀଠାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା ସଭାପତି ବଟକୃଷ୍ଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସାଧାରଣ ସଂପାଦକ ସୁଧାଂଶୁ ଡାଙ୍ଗ ସାମାଜିକ ସଂସ୍କାର,ଦଳିତ ଅଧିକାର, ରାଜନୈତିକ ଅଧିକାର ତଥା ମାନବିକ ଅଧିକାର ଉପରେ ଆଲୋକପାତ କରିଥିଲେ। ସଂଗଠନର ଏକ ପ୍ରତିନିଧିମଣ୍ଡଳୀ ଜିଲାର ତିନି ବ୍ଲକର ବିଡିଓ, ତହସିଲଦାର ଏବଂ ଜିଲାପାଳଙ୍କୁ ସାକ୍ଷାତ କରି ଯୁଦ୍ଧକାଳୀନ ଭିତ୍ତିରେ ଏହାର ନିରାକରଣ ପାଇଁ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ କନ୍ଧମାଳ ଜିଲାର ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ବେହେରା ମୁଖ୍ୟଅତିଥି, ସମାଜସେବୀ ଡ.ସୋମନାଥ ବାଘ ମୁଖ୍ୟବକ୍ତା ଏବଂ ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତାରିଣୀ ରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ହକ୍ ପାଇଁ ଲଢେଇ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଜିଲା ଉପ ସଭାପତି ମକରଧ୍ୱଜ ମହାନନ୍ଦିଆ, ବସନ୍ତ କୁମାର ଖୁରା, ଯୁଗ୍ମ ସଂପାଦକ ଶ୍ରୀନିବାସ ହାତୀ, ସଂଗଠନ ସମ୍ପାଦକ ଦେବଦତ୍ତ ସାଗର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସେବତୀ ବେହେରା,କ୍ଷେତ୍ର ମୋହନ ମହାନନ୍ଦ ,ରବୀନ୍ଦ୍ର ନାଗ, ଜିଲା କାର୍ଯ୍ୟକାରୀ ସଦସ୍ୟ ସଞ୍ଜିତ ଜେନା, ମହାଦେବ କଳତା, କୃପାସିନ୍ଧୁ ସୁନା, ପ୍ରଜାପତି ଭବସାଗର, ଜୟରାମ ହରିପାଲ, ହରେନ୍ଦ୍ର ତରିଆ, ପରମେଶ୍ୱର ଛତ୍ରିଆ, ଜଗବନ୍ଧୁ ବାଦି, ରମେଶ ମହାନନ୍ଦ,ରସାନନ୍ଦ ହାତୀ, ବରୁଣ କୁମାର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଗଠନର ଜିଲା ସହକାରୀ ସାଧାରଣ ସଂପାଦକ କହେଁଇ ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ସଂଗଠନର କର୍ମକର୍ତ୍ତା ।

### ଜିଲା ପାଣ ଗଣ୍ଡା ସମାଜର କାର୍ଯ୍ୟକାରିଣୀ ବୈଠକ

# ତୃତୀୟ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଦୌଡ ପାଇଁ ଛାତ୍ରୀମାନେ ଠିଆ ହୋଇଛନ୍ତି।

**ନୂଆପଡ଼ା ଅଫିସ,୨୦।୧୦**

ନୂଆପଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ତୃତୀୟ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ପାଢୀଙ୍କ ତ୍ୱତାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି, ଜିଲା ମଙ୍ଗଳ ଅଧିକାରୀ ନନ୍ଦ କିଶୋର ତାଣ୍ଡି, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୨ ଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ ୨୩ଟି ଜିଲାର ମୋଟ ୫୯୭ଜଣ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ବାଳିକା ଓ ବାଳକ ବିଭାଗ ପାଇଁ ୧୬ଟି ଇଭେଣ୍ଟ ରହିଛି। ଶହେ ମିଟର ଦୌଡରେ ୯୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୨ ଶହ ମିଟରରେ ୮୮ ଜଣ, ୪ ଶହ ମିଟର ଦୌଡରେ ୮୯ ଜଣ, ୪ ଇନଟୁ ଶହେ ରାଲି ରେସରେ ୨୧୩ଜଣ, ୪ ଇନଟୁ ୪ ଶହ ରାଲି ରେସରେ ୧୧୭ଜଣ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ତୋଫାନ କୁମାର ବଳ ଖେଳ ପରିଚାଳନା କରୁଥିବା ବେଳେ ଶିବାନନ୍ଦ ରାଉତରାୟ ଓ ଦିଲୀପ କୁମାର ମେହେର ମଞ୍ଚ ପରିଚାଳନା କରିଥିଲେ। ସଞ୍ଜୁତା ରାଣୀ ସଡଙ୍ଗୀ, ପ୍ରିୟଙ୍କା ସାହୁ, ରାଜେଶ ରଞ୍ଜନ ମିଶ୍ର, ତପନ କୁମାର ସାହୁ, ସାରଦା ପ୍ରସନ୍ନ ପଟ୍ଟନାୟକ, ଗୋଧନ ଜାଲ, ଛବିବାଲା ସାମନ୍ତ, ସୁବାଷ ଧରୁଆ, ତରନସିଂ ମାଝି, ସିଲୁ ବେହେରା ପ୍ରମୁଖ ଯୋଗ କରୁଛନ୍ତି।

# ସାହାଜଟ ସେବାଶ୍ରମ ସମସ୍ୟା ନେଇ ଧାରଣା ଚତୁର୍ଥ ଦିନରେ

**ନୂଆପଡ଼ା ଅଫିସ,୨୦।୧୦**

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଜଟଗଡ ପଞ୍ଚାୟତ ସାହାଜଟଗ୍ରାମସ୍ଥିତ ଅନୁସୂଚିତ ଜନଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ତଥା ସେବାଶ୍ରମ ବିଦ୍ୟାଳୟ ଥିବା ବିଭିନ୍ନ ସମସ୍ୟା ନେଇ ସୋମବାରଠାରୁ ଚାଲିଥିବା ଗଣାଧାରଣା ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ଜିଲା ମଙ୍ଗଳ ଅଧିକାରୀ ନନ୍ଦ କିଶୋର ମହାନନ୍ଦ ଆସି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଥିବା ସମସ୍ୟା ନେଇ ଜିଲାପାଳଙ୍କ ସହିତ ଆଲୋଚନା କରି ସବୁ ସମାଧାନ କରାଯିବ କହି ଧାରଣାରୁ ଉଠିବାକୁ କହିଥିଲେ। କିନ୍ତୁ ଧାରଣାକାରୀମାନେ କାମ ଆରମ୍ଭ କରାଯାଇ ପଚାଶ ପ୍ରତିଶ କାମ ହେଲା ପରେ ଆମେ ଧାରଣାରୁ ଉଠିବୁ ନ ହେଲେ ଚାରି ଦିନ କଣ ଚାରି ମାସ ଆମେ ଧାରଣାରେ ବସିବା ପାଇଁ ପ୍ରସ୍ତୁତ ଅଛୁ ବୋଲି ମଙ୍ଗଳ ଅଧିକାରୀଙ୍କୁ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୌତମ ମାଝି, ବିନତି ମାଝି, କମଳା ମାଝି, କିଆବତି ମାଝି, ନିତିଆ ମାଝି, ଅନନ୍ତ ସାହୁ, ତୁଳାରାମ ମାଝି, ଦୁର୍ଯ୍ୟୋଧନ ସେଠୀ, ଭଗବାନ ଷଣ୍ଢଙ୍କ ସମେତ ଜିଲ କଂଗ୍ରେସ କମିଟି ସଭାପତି ଘାସିରାମ ମାଝି, ଦେବଦତ ଦିକ୍ଷୀତ, ଜିଲା ପରିଷଦ ସଦଶ୍ୟ ଭାନୁପ୍ରତାପ ସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଧାରଣାରେ ବସିଥିବା ଗ୍ରାମବାସୀ।

# ଭୋଟ ବର୍ଜନ ପାଇଁ ଚାଷୀଙ୍କ ଚେତାବନୀ

**ଝାରବନ୍ଧ, ୨୦।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ କୁର୍ଲୁପାଲିଠାରେ ଗୁରୁବାର ଚାଷୀମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଚାଷୀମାନେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେଲେ ଆଗାମୀ ପଦ୍ମପୁର ଉପନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ସେମାନେ ଚେତାବନୀ ଦେଇଛନ୍ତି । ବୀମାରାଶି ପ୍ରଦାନ, ମାଗଣା ବିଜୁଳି, ଉଚ୍ଚ କ୍ଷମତାସମ୍ପନ୍ନ ଗ୍ରୀଡ୍ ସ୍ଥାପନ ଦାବି କରି କୁର୍ଲୁପାଲି ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ଚାଷୀନେତା ତୁକାରାମ ପଟେଲ ସଭାପତିତ୍ୱ କରିଥିଲେ। ଏହି ସଭାରେ ରାଜବୋଡା ସମ୍ବର କୃଷକ ସଙ୍ଗଠନ ସଭାପତି ଅଶୋକ ସାହୁ, ରମେଶ ମହାପାତ୍ର, କୈଳାଶ ବାରିକ, ପାଇକମାଳର ରାସବିହାରୀ ସାହୁ, ଗୁପତ ବାରିକ, ଭଗବାନ ପ୍ରଧାନ, ଚାଷୀନେତା ଅଶୋକ ସାହୁ, ପ୍ରମୋଦ କୁମାର ରାୟ, ସନ୍ତୋଷ ବେହେରା, କ୍ଷମାନିଧି ସାହୁ, ଭଜନ ସଗରଙ୍କ ସମେତ ଶତାଧିକ ଚାଷୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ଚାଷୀ ନେତା ଓ ଚାଷୀମାନେ।

GOVERNMENT OF ODISHA No. MM-224
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, BALLIGUDA
FOREST DIVISION, BALLIGUDA, KANDHAMAL - 762103
Tel.: 06846-243249, Fax: 06846-243066, e-mail: dfo_balliguda@yahoo.co.in
Bid Identification No. DFO, BLG 01/2022-23 dated 20.10.2022
Letter No. 5527/1F Dt.20.10.2022

NOTICE INVITING TENDER

| Sl. No. | Name of the Work | : | Building works as per DTCN available in the website: www.tendersodisha.gov.in |
|---|---|---|---|
| 1 | Estimated Cost | : | Rs.10,66,763/- to 10,69,207/- lakhs |
| 2 | No. of Works | : | Four Forest Guard quarters at different places of Balliguda Forest Division |
| 3 | Period & time of Completion | : | 03 (Three) Calendar Months |
| 4 | Date & time of availability of the bid document in the Portal | : | 01.11.2022 to 16.11.2022 (upto 4.00 P.M.) for online bidding |
| 5 | Last date/time for receipt of bids in the Portal | : | Upto 5.00 P.M. of 16.11.2022 |
| 6 | Date & Time of bid opening | : | 11.30 hours on dated 18.11.2022 |
| 7 | Name & Address of the Officer Inviting Bid | : | Divisional Forest Officer, Balliguda Forest Division, Balliguda, Dist.: Kandhamal, PIN - 762103 |

Others details can be seen from Detailed Notice inviting tenders, available in website: www.tendersodisha.gov.in.
Corrigendum if any, shall only be published in the above website.
Sd./- Divisional Forest Officer, Balliguda Forest Division
OIPR-08047/11/0002/2223

# ଜିଲାସ୍ତରୀୟ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଟ୍ରଫି ହସ୍ତାନ୍ତର



**ବୋଡେନ,୨୦।୧୦(ଡି.ଏନ.ଏ.)**

ନୂଆପଡା ଜିଲାସ୍ତରୀୟ ଆନ୍ତଃ ସ୍କୁଲ ୧୭ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗରେ ବୋଡେନ ବ୍ଲକ ଛାତ୍ରୀଛାତ୍ର ଉନ୍ନତ ପ୍ରଦର୍ଶନ ସହ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିବା ବେଳେ ବାଳକ ବିଭାଗରେ ରନର୍ସଅପ୍ ଟ୍ରଫି ହାସଲ କରିଛି। ଗୁରୁବାର ବ୍ଲକର ସମସ୍ତ ହାଇସ୍କୁଲରୁ ଖେଳ ଶିକ୍ଷକ ବୋଡେନ ବିଇଓ ଚୈତନ୍ୟ ହୋତାଙ୍କୁ ସାକ୍ଷାତ କରି ଟ୍ରଫି ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୧ ତାରିଖରୁ ନୂଆପଡା ନ୍ୟାଶନାଲ ହାଇସ୍କୁଲ ପଡିଆରେ ଜିଲାସ୍ତରୀୟ ଆନ୍ତଃ ସ୍କୁଲ ଫୁଟବଲ ପ୍ରତିଯୋଗୀ ହୋଇଥିଲା। ଏଥିରେ ଜିଲାର ୫ଟି ବ୍ଲକରୁ ବାଳକ ଓ ୪ଟି ବ୍ଲକରୁ ବାଳିକା ଦଳ ଅଂଶ ଗ୍ରହଣ କରିଥିଲେ। ବୋଡେନ ବ୍ଲକ ବାଳକ ଦଳ କୋମନା ବ୍ଲକ ଦଳ ସହ ଫାଇନାଲ ଖେଳି ରନର୍ସଅପ୍ ହୋଇଥିବା ବେଳେ ବାଳିକା ଦଳ ଖଡିଆଳ ବ୍ଲକ ଦଳକୁ ହରାଇ ଚାମ୍ପିୟନ୍ ହୋଇଥିଲା। ଏହି ପ୍ରତିଯୋଗୀତାର ଟ୍ରଫି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯିବାକୁ ନିର୍ଦ୍ଦେଶ ରହିଥିଲା। ସେହି ଅନୁସାରେ ଗୁରୁବାର ବ୍ଲକର ସମସ୍ତ ଖେଳ ଶିକ୍ଷକ ଟ୍ରଫି ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୋତାଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ଟ୍ରଫି ହସ୍ତା'ର କରିଛନ୍ତି। ଏହି ଅବସରରେ ଏବିଇଓ ପ୍ରେମାନନ୍ଦ ନାଏକ, କ୍ଷମରାଜ ମହାପାତ୍ର ଓ ଦିଲୀପ ଦାସଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ODISHA HYDRO POWER CORPORATION LTD
OHPC
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
No. CAD-2228
WEB: www.ohpcltd.com ☏ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.-CHEP/TW-251 (Vol.-II)/3623 Date: 19.10.2022

TENDER CALL NOTICE NO.-CHEP-31/2022-23

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned works from the Electrical Contractors having MV License issued by ELBO.

| Description | Cost of Tender Paper (Non-refundable) | Estimated Cost in Rs. |
|---|---|---|
| Earthing of Residential Quarters & Non-Residential Buildings of CHEP, Chiplima | Rs.2,360/- (Rs.2,000/- + GST @18%) | 3,52,726/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.26.10.2022 up to 12:30 PM of dtd.09.11.2022.
OIPR-04006/11/0027/2223 Sd/- C & P Head, CHEP, Chiplima

ଓଡ଼ିଶା ସରକାର
ଗ୍ରାମ୍ୟ ନିର୍ମାଣ ବିଭାଜନ, ଜଗତ୍‌ସିଂହପୁର
ବିଜ୍ଞାପନ

No.XXV-03:- ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ ଜଗତ୍‌ସିଂହପୁର ଅଧୀନରେ କୁଜଙ୍ଗ ବ୍ଲକର ଅନଳି, କାଳିକୁଦ ଗ୍ରାମର ନିମ୍ନଲିଖିତ ପ୍ଲଟ୍‌ର ମହାନଦୀ ସେତୁର ଉଭୟ ପଟ ସଂଯୋଗ ରାସ୍ତା ନିମନ୍ତେ ଜମି ଅଧିଗ୍ରହଣ କରାଯିବ । ଏହି ଜମିର ହିତାଧିକାରୀମାନଙ୍କ ନାମ ଓ ଜମିର ବିବରଣୀ ସଂଲଗ୍ନ କରାଯାଇଅଛି। ଏହି ହିତାଧିକାରୀ ତାଲିକାରେ ଯଦି କାହାର କିଛି ଅଭିଯୋଗ ଅଛି ତାହା ଏହି ବିଭାଜନର ଉପନିର୍ବାହୀ ଯନ୍ତ୍ରୀ, କୁଜଙ୍ଗଙ୍କ କାର୍ଯ୍ୟାଳୟରେ ବିଜ୍ଞାପନ ବାହାରିବାର ୭ (ସାତ) ଦିନ ମଧ୍ୟରେ ଲିଖିତ ଆକାରରେ ଅଭିଯୋଗ ଦର୍ଶାଇଲେ ତାହା ବିଚାର ଯୋଗ୍ୟ ହେବ । ନଚେତ ନିମ୍ନ ଜମି ମାଲିକମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ବିବଚନା କରାଯାଇ ତାଙ୍କର ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ତେଣୁ ପ୍ରକୃତ ଜମି ମାଲିକମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନେ ତାଙ୍କର ନିମ୍ନଲିଖିତ ଦସ୍ତାବିଜ ଉପନିର୍ବାହୀ ଯନ୍ତ୍ରୀ କୁଜଙ୍ଗଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ପରେ ପ୍ରଦାନ କଲେ ବିକ୍ରି କବଲା କରିବା ପାଇଁ ଉପନିବନ୍ଧକ, କୁଜଙ୍ଗଙ୍କ କାର୍ଯ୍ୟାଳୟରେ ଅତ୍ୟାବଶ୍ୟକ ଆୟୋଜନ କରାଯିବ ।

**ବିକ୍ରି କବଲା କରିବା ପାଇଁ ନିମ୍ନଲିଖିତ ଆବଶ୍ୟକ କାଗଜପତ୍ର:-**
1. CERTIFICATE OF ENCUMBRANCE ON PROPERTY (E.C.)
2. LEGAL HEIR CERTIFICATE ISSUED BY TAHASILDAR, IN CASE OF LAND OWNER IS NOT ALIVE.
3. VOTER ID CARD.
4. AADHAAR CARD.

ସ୍ୱା./- ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ, ଜଗତ୍‌ସିଂହପୁର

ବି.ଦ୍ର.: ହିତାଧିକାରୀମାନଙ୍କ ନାମ ଏବଂ ଜମିର ବିବରଣୀ ସଂଲଗ୍ନ କରାଗଲା ।

ଭୂମି ଅନୁସୂଚୀ

| ମୌଜା: ଅନୋଳି | | | | ଥାନା: କୁଜଙ୍ଗ, ଥାନା ନଂ.୧୧ | | ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର | |
|---|---|---|---|---|---|---|---|
| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ଖତିଆନ ରକବା | ପ୍ରସ୍ତାବିତ ଖର୍ଦ୍ଦି ରକବା | କିସମ | ଜମି ରେକର୍ଡଧାରୀଙ୍କ ନାମ ଓ ଧାମ | ମନ୍ତବ୍ୟ |
| ୧ | ୩୯ | ୯୪୮ | ୧.୯୬ | ୦.୧୨ | ପାଳ-୨ | କଂତୁରୀ ଚରଣ ସୁତାର, ପି.- ଦୁଃଖେଇ ସୁତାର, ଜା.- ବଢ଼େଇ, ବା- ନିଜଗାଁ | |
| ୨ | ୧୯୧ | ୯୩୪ | ୦.୨ | ୦.୦୪ | ବିଆଳି ଦୋ ଫସଲି | ବସନ୍ତ କୁମାର ସାହୁ,ପି.- ନେତ୍ରାନନ୍ଦ ସାହୁ, ଜା- ଗୁଡ଼ିଆ, ବା- ନିଜଗାଁ | |
| ୩ | ୨୮୬ | ୯୨୨ | ୦.୧୫ | ୦.୦୫ | ବିଆଳି ଦୋ ଫସଲି | ଶରତ କୁମାର ମହାପାତ୍ର, ପି.- ଦିବାକର ସାମନ୍ତରାୟ, ଜା.- କରଣ, ବା.- ହଂସୁରା | |

ସ୍ୱା./- ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ, ଜଗତ୍‌ସିଂହପୁର

ଭୂମି ଅନୁସୂଚୀ

| ମୌଜା: କାଳିକୁଦ | | | | ଥାନା: କୁଜଙ୍ଗ, ଥାନା ନଂ.୯ | | ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର | |
|---|---|---|---|---|---|---|---|
| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ଖତିଆନ ରକବା | ପ୍ରସ୍ତାବିତ ଖର୍ଦ୍ଦି ରକବା | କିସମ | ଜମି ରେକର୍ଡଧାରୀଙ୍କ ନାମ ଓ ଧାନ | ମନ୍ତବ୍ୟ |
| ୧ | ୫ | ୭୫ | ୦.୪୭ | ୦.୦୧ | ବିଆଳି ଦୋ ଫସଲି | ବ୍ରଜକିଶୋର ଦାସ, ପି.- କାଳନ୍ଦି ଦାସ, ଜା- ପ୍ରଧାନ, ବୈଷ୍ଣବ, ବା-କାଠକୋଟ | |
| ୨ | ୫୯/୧୦ | ୭୫/୨୮୯ | ୦.୪୬ | ୦.୦୩ | ବିଆଳି ଦୋ ଫସଲି | ଦୁର୍ଯ୍ୟୋଧନ ଦାସ, ପି.- କାଳନ୍ଦୀ ଦାସ, ଜା- ପ୍ରଧାନ ବୈଷ୍ଣବ, ବା- କାଠକୋଟ | |
| ୩ | ୫୯/୧୧ | ୭୫/୨୯୧ | ୦.୪୬ | ୦.୦୩ | ବିଆଳି ଦୋ ଫସଲି | ସୂର୍ଯ୍ୟମଣି ଦାସ, ପି.- କାଳନ୍ଦୀ ଦାସ, ଜା- ପ୍ରଧାନ ବୈଷ୍ଣବ, ବା- କାଠକୋଟ | |
| ୪ | ୩୪ | ୭୪ | ୦.୪୭ | ୦.୦୩ | ବିଆଳି ଦୋ ଫସଲି | ବ୍ରଜ କିଶୋର ଦାସ, ଦୁର୍ଯ୍ୟୋଧନ ଦାସ, ସୂର୍ଯ୍ୟମଣି ଦାସ, ଗଜେନ୍ଦ୍ର ଦାସ, ପି.- କାଳି ଚରଣ ଦାସ, ଜା- ଖଣ୍ଡାୟତ ବୈଷ୍ଣବ, ବା- କାଠକୋଟ | |
| ୫ | ୨୬ | ୭୩ | ୦.୪୮ | ୦.୦୨ | ବିଆଳି ଦୋ ଫସଲି | ଗୁଣନିଧି ମାଝି, ପ୍ରମୋଦ କୁମାର ମାଝି, ପ୍ରଫୁଲ୍ଲ କୁମାର ମାଝି, ପି.- ଧନେଶ୍ୱର ମାଝି, ଜା- କୈବର୍ତ୍ତ, ବା- ଅନୋଳି | |
| ୬ | ୫୯/୦୩ | ୭୫/୨୭୭ | ୦.୪୬ | ୦.୦୨ | ବିଆଳି ଦୋ ଫସଲି | କ୍ଷେତ୍ରବାସୀ ଦାସ, ପି.- ବଛ ଦାସ, ଜା- ଗୋପାଳ, ବା- ଅନୋଳି | |
| ୭ | ୫୯/୦୫ | ୭୨/୨୮୧ | ୦.୪୬ | ୦.୦୨ | ବିଆଳି ଦୋ ଫସଲି | ଘନଶ୍ୟାମ ସ୍ୱାଇଁ, ପି.- ହରି ସ୍ୱାଇଁ, ଜା- ପ୍ରଧାନ, ବା- ଅନୋଳି | |
| ୮ | ୪୯ | ୭୨ | ୦.୪୬ | ୦.୦୨ | ବିଆଳି ଦୋ ଫସଲି | ବଂଶୀଧର ସ୍ୱାଇଁ, ମାୟାଧର ସ୍ୱାଇଁ, ପି.- ଦଧି ସ୍ୱାଇଁ, ଜା- ପ୍ରଧାନ, ବା- ଅନୋଳି | |
| ୯ | ୫୯/୦୪ | ୭୨/୨୭୯ | ୦.୪୬ | ୦.୦୨ | ବିଆଳି ଦୋ ଫସଲି | ବୃନ୍ଦାବନ ସ୍ୱାଇଁ, ରମେଶ ଚନ୍ଦ୍ର ସ୍ୱାଇଁ, କୁଳମଣି ସ୍ୱାଇଁ, ପି.- ପଦନ ସ୍ୱାଇଁ, ଜା- ପ୍ରଧାନ, ବା- ଅନୋଳି | |
| ୧୦ | ୪୩ | ୭୧ | ୦.୪୭ | ୦.୦୯ | ବିଆଳି ଦୋ ଫସଲି | ବୃନ୍ଦାବନ ସ୍ୱାଇଁ, ରମେଶ ଚନ୍ଦ୍ର ସ୍ୱାଇଁ, କୁଳମଣି ସ୍ୱାଇଁ, ପି.- ପଦନ ସ୍ୱାଇଁ, ଜା- ପ୍ରଧାନ, ବା- ଅନୋଳି | |
| ୧୧ | ୪୪ | ୭୦/୨୨୧ | ୧.୯୨ | ୦.୧୨ | ବିଆଳି ଦୋ ଫସଲି | ସନାତନ ସ୍ୱାଇଁ, ରମେଶ ଚନ୍ଦ୍ର ସ୍ୱାଇଁ, ପି.- ହରି ସ୍ୱାଇଁ, ଜା- ପ୍ରଧାନ, ବା- ଅନୋଳି | |
| ୧୨ | ୫୦ | ୭୦/୨୨୨ | ୦.୯୬ | ୦.୦୭ | ବିଆଳି ଦୋ ଫସଲି | ଶରତ ଚନ୍ଦ୍ର ସାମନ୍ତରା, ହେମନ୍ତ କୁମାର ସାମନ୍ତରା, ପି.- କୃପାସିନ୍ଧୁ ସାମନ୍ତରା, ମୃଷି ବେୱା, ସ୍ୱା.- କୃପାସିନ୍ଧୁ ସାମନ୍ତରା, ଜା- କରଣ, ବା- ହଂସୁରା | |
| ୧୩ | ୫୯ | ୭୦ | ୧.୩୩ | ୦.୧୪ | ବିଆଳି ଦୋ ଫସଲି | ହାରାମଣି ପଟ୍ଟନାୟକ, ସ୍ୱା.- ଗୋଲେଖ ଚନ୍ଦ୍ର ପଟ୍ଟନାୟକ, ଜା- କରଣ, ବା- ଅନୋଳି | |
| ୧୪ | ୨୯ | ୬୭ | ୧.୯ | ୦.୦୯ | ପତିତ | ନୀଳମଣି ଶତପଥି, ଯଦୁମଣି ଶତପଥି, ଚିନ୍ତାମଣି ଶତପଥି, ପି.- ବିଶ୍ୱନାଥ ଶତପଥି, ବିଚିତ୍ରାନନ୍ଦ ଶତପଥି, ପି.- ଚିନ୍ତାମଣି ଶତପଥି, ଜା- ବ୍ରାହ୍ମଣ, ବା- ଅନୋଳି | |
| ୧୫ | ୪ | ୬୭/୨୩୮ | ୨.୦୫ | ୦.୨୨ | ବିଆଳି ଦୋ ଫସଲି | ଅସିତ ରଞ୍ଜନ ଦାସ,ଚିତ୍ତରଞ୍ଜନ ଦାସ, ଅମିୟ ରଞ୍ଜନ ଦାସ, ପି.- ଗଦାଧର ଦାସ, ଜା- କରଣ, ବା- ଅନୋଳି | |
| ୧୬ | ୫୩ | ୬୯ | ୩.୦୦ | ୦.୨୪ | ବିଆଳି ଦୋ ଫସଲି | ଶ୍ୟାମ ସୁନ୍ଦର ସାମନ୍ତରା, ପି.- ଅର୍ଜୁନ ସାମନ୍ତରା, ଜା- କରଣ, ବା- ହଂସୁରା | |
| ୧୭ | ୧୬ | ୬୬ | ୧୩.୬୬ | ୦.୬୦ | ବିଆଳି ଦୋ ଫସଲି | ଡମ୍ବରୁଧର ପାତ୍ର, ପି- ସୋଭନି ପାତ୍ର, ଜା- ଖଣ୍ଡାୟତ, ବା- ତେରମାଣପୁର | |
| ୧୮ | ୩୩ | ୬୪/୨୪୧ | ୩.୦୦ | ୦.୦୮ | ବିଆଳି ଦୋ ଫସଲି | ବଂଶୀଧର ଗୁରୁ, ପି.- ଯଦୁ ଗୁରୁ, ଜା- ଗୋପାଳ, ବା- ନିଜଗାଁ (କିସମତ ଆଠ ଅଣା) / ପ୍ରମୋଦ ଗୁରୁ, ଶରତ ଚନ୍ଦ୍ର ଗୁରୁ, ପି.- ଦୋଳଗୋବିନ୍ଦ ଗୁରୁ, ଜା- ଗୋପାଳ, ବା- ନିଜଗାଁ, କିସମତ- ଆଠଅଣା, ବା- ନିଜଗାଁ | |
| ୧୯ | ୫୯/୭ | ୬୬/୨୮୨ | ୦.୭୨ | ୦.୦୪ | ବିଆଳି ଦୋ ଫସଲି | ଧୁଳ ଗୁରୁ, ପି.- ରାମ ଗୁରୁ, ଜା- ଗୋପାଳ, ବା- ଚୌଧରୀ ବୁଦା | |

ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ଜଗତ୍‌ସିଂହପୁର
OIPR-25056/14/0019/2223

# ଆମର୍ ଦରବ୍ ପ୍ରଦର୍ଶନୀ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୦।୧୦**

ବରଗଡ଼ ବ୍ଲକ ଅଫିସ ସମ୍ମୁଖରେ ଗୁରୁବାର ଆମର ଦରବ୍ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଦୀପାବଳି ଉପଲକ୍ଷେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜିଲାପାଳ ମୋନିଷା ବାନାର୍ଜୀ ଉଦ୍‌ଘାଟନ କରିଥିଲେ। ଦୀର୍ଘ ଦୁଇବର୍ଷ କରୋନାର ଅନ୍ତରାୟ ପରେ ଗ୍ରାମୀଣ ସ୍ୱରୋଜଗାରୀମାନଙ୍କୁ ବିପଣନ ସୁବିଧା ଦେବା ପ୍ରଦର୍ଶନୀର ମୂଳ ଉଦ୍ଦେଶ୍ୟ ବୋଲି ଜିଲାପାଳ ବାନାର୍ଜୀ କହିଥିଲେ। ଦୀପାବଳି ସମୟରେ ପ୍ରତ୍ୟେକ ଘରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ କିସମର ମାଟି ଦୀପ, ଗୋବର ଦୀପ, ଜଡ଼ା ତେଲ, ସୁଆଦିଆ ଲଡୁ, ଖଜା, ପିଠା, ମଣ୍ଡା, ଖୁଆ, ମିଠା, ରସବରା, କାକରା, ମାଣ୍ଡିଆ ସିଂଘଡ଼ା, ବରା, ଗୁଲାବ୍ ଜାମୁନ, ସେଓ ଆଦି ପ୍ରଦର୍ଶନୀରେ ଉପଲବ୍ଧ ରହିଛି। ଭଟଲି ବ୍ଲକ ଅମ୍ଲିପାଲି ଏବଂ ଅମ୍ବାଭୋନା ବ୍ଲକ ମୁଣ୍ଡୋବାହାଲ ଗ୍ରାମର ମହିଳାଙ୍କ ଦ୍ୱାରା ନୂତନ ରୂପର ଦେଶୀଖାଡୁ ମଧ୍ୟ ପ୍ରଦର୍ଶନୀରେ ରହିଛି। ଅତାବିରା ବ୍ଲକର ଲସ୍ତଲା, ଅତାବିରା, ବୁଗବୁଗା, ବିଜେପୁର ବ୍ଲକର ତାଳପଦର, ବରଗଡ଼ ବ୍ଲକର ବରଗାଁ, କଟାପାଲି, ଭଟଲି ବ୍ଲକର ଚଢ଼େଇଗାଁ, ନୂଆପାଲି, ଅମ୍ବାଭୋନା ବ୍ଲକର ମୁଣ୍ଡୋବାହାଲ ଆଦି ଗ୍ରାମରୁ ଓରମାସ୍, ମିଶନ ଶକ୍ତି ସହାୟତାପ୍ରାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନେ ପ୍ରଦର୍ଶନୀରେ ଭାଗ ନେଇ ନିଜ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରୁଛନ୍ତି। ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଉକ୍ତ ପ୍ରଦର୍ଶନୀ ଚାଲିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ରାଉତ, ଓରମାସ୍‌ର ଉପମୁଖ୍ୟ ନିର୍ବାହୀ ଅଧିକାରୀ ରାଜଗୋପାଳ ଦାଶ, ବିଡ଼ିଓ ଯୁଧିଷ୍ଠିର ମେହେର, ବରଗଡ଼ ଜିଲା ମିଶନ ଶକ୍ତି ଜିଲା ସଭାନେତ୍ରୀ ଝରଣା ଦାଶ, ଆର୍‌ଏମ୍‌ସି ସମ୍ପାଦକ ଶ୍ରଦ୍ଧାକର କୁମ୍ଭାର, ମିଶନ ଶକ୍ତି ଡିପିସି ଅନୀଲ ବାହାଙ୍ଗା, ଓଡ଼ିଶା ଜୀବିକା ମିଶନର ଶଙ୍କର ଚାଲାନ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ସରକାର
ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଘୋଷଣା

File No.୪୧୮ Dt.୩୦.୦୯.୨୦୨୨

**No.II-02:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**କାଲୁସାଉକାଟେଣୀ, ଥାନା-ମୋଟଙ୍ଗା, ତହସିଲ-ଓଡାପଡା,ଜିଲ୍ଲା-ଢେଙ୍କାନାଳ** ରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢାପଙ୍କ ତାଳଚେରଠାରୁ ଜରପଡା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୦୯, ତା.୨୭.୦୯.୨୦୨୧ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା-କାଲୁସାଉକାଟେଣୀ, ଥାନା-ମୋଟଙ୍ଗା, ଜିଲ୍ଲା-ଢେଙ୍କାନାଳରେ** କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଢେଙ୍କାନାଳ ତହସିଲ-ଓଡାପଡା

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୩୭ | ରୟତି | ୭୪୦ | ଶାରଦ ତିନି | ୦.୦୬୦ | ୦.୦୩୦ | କୈଳାସ ଚନ୍ଦ୍ର ସାହୁ, ରାଜକିଶୋର ସାହୁ, ପି:ନଟବର ସାହୁ,ଜାଳେ ସାହୁ, ସ୍ୱା:ନଟବର ସାହୁ, ମକୁନ୍ଦ ସାହୁ, ପି:ଅଧିକାରୀ ସାହୁ, ଚାଖେଣ୍ଡି ସାହୁ, ସ୍ୱା:ଅଧିକାରୀ ସାହୁ, ବୁଦ୍ଧିଆ ସାହୁ, ନଡିଆ ସାହୁ, ଭଗବତି ସାହୁ, ପି:ମୂଳିଆ ସାହୁ, ବଦନି ସାହୁ, ସ୍ୱା:ମୂଳିଆ ସାହୁ, ଜା:ଚଷା, ବା:ନିଜିଗାଁ |
| | ରୟତି | ୮୦୪ | ଶାରଦ ତିନି | ୦.୦୪୦ | ୦.୦୨୦ | |
| | ରୟତି | ୮୦୫ | ଶାରଦ ତିନି | ୦.୧୮୦ | ୦.୦୫୦ | |
| ୬୩ | ରୟତି | ୫୮୧ | ଶାରଦ ତିନି | ୦.୦୫୦ | ୦.୦୫୦ | ଦଣ୍ଡଧର ସାହୁ, ପି:ଅନନ୍ତ ସାହୁ, ଜା:ଚଷା,ବା:ନିଜିଗାଁ |
| | ରୟତି | ୫୮୩ | ଶାରଦ ତିନି | ୦.୧୦୦ | ୦.୦୨୦ | |
| ୭୨ | ରୟତି | ୮୦୩ | ଶାରଦ ତିନି | ୦.୧୪୦ | ୦.୦୧୦ | ନାକଫୋଡି ସାହୁ,ପି:ରଥି ସାହୁ,ଜା:ଚଷା,ବା:ନିଜିଗାଁ |
| ୮୦ | ରୟତି | ୭୩୧ | ଶାରଦ ତିନି | ୦.୦୫୦ | ୦.୦୩୦ | ନୃସିଂହ ଚରଣ ମହାଭୋଇ, ଅଧମ ମହାଭୋଇ, ବାସୁଦେବ ମହାଭୋଇ, କପିଳ ମହାଭୋଇ, ଲାବଣ୍ୟ ମହାଭୋଇ, ଦୁଃଖି ମହାଭୋଇ, ଯଶୋଦା ମହାଭୋଇ, ପି:କୁଟି ମହାଭୋଇ, ଜା:ଗୋପାଳ,ବା:ନିଜିଗାଁ |
| | ରୟତି | ୭୩୨ | ଶାରଦ ତିନି | ୦.୦୪୦ | ୦.୦୩୦ | |
| ୯୪ | ରୟତି | ୭୩୦ | ଶାରଦ ତିନି | ୦.୦୭୦ | ୦.୦୩୦ | ପ୍ରଭାକର ସାହୁ, ସପ୍ତେଶ୍ୱର ସାହୁ, ଉଚ୍ଛବ ସାହୁ, ମିନକେତନ ସାହୁ,ରୂପ ସାହୁ,ପି:ନରହରି ସାହୁ, ଜା:ଚଷା, ବା:ନିଜିଗାଁ |
| | ରୟତି | ୭୩୮ | ଶାରଦ ତିନି | ୦.୦୮୦ | ୦.୦୫୦ | |
| ୯୮ | ରୟତି | ୭୩୬ | ଶାରଦ ତିନି | ୦.୦୨୦ | ୦.୦୨୦ | ପାଇଛା ସେନାପତି,ପି:ମାଧବ ସେନାପତି, ଜା:ଗୋପାଳ, ବା:ନିଜିଗାଁ |
| ୯୯ | ରୟତି | ୭୩୭ | ଶାରଦ ତିନି | ୦.୧୫୦ | ୦.୧୫୦ | ପାଇଛା ସେନାପତି, ନିଳା ସେନାପତି, ପି:ମାଧବ ସେନାପତି, ମାଳତୀ ସେନାପତି,ବିଜୁଳି ସେନାପତି, ପି:ତିଳ ସେନାପତି, ଜା:ଗୋପାଳ, ବା:ନିଜିଗାଁ |
| ୧୦୪ | ରୟତ | ୭୩୩ | ମାହାରା | ୦.୦୨୦ | ୦.୦୨୦ | ପ୍ରାଣବନ୍ଧୁ ମହାଭୋଇ, ପି:ବନମାଳି ମହାଭୋଇ, ଶୁଭ ମହାଭୋଇ, ସ୍ୱା: ଦୁଃଖିଆ ମହାଭୋଇ, ତୁଳା ମହାଭୋଇ, ପି:ଦୁଃଖିଆ ମହାଭୋଇ, ସୁନିଆ ମହାଭୋଇ, ପି:କାଠି ମହାଭୋଇ, ଭିକାରୀ ମହାଭୋଇ, ପି:ଗଙ୍ଗା ମହାଭୋଇ, ଜା:ଗୋପାଳ, ବା:ନିଜିଗାଁ |
| | ରୟତ | ୭୩୪ | ଶାରଦ ତିନି | ୦.୦୩୦ | ୦.୦୨୦ | |
| | ରୟତି | ୭୩୫ | ଶାରଦ ତିନି | ୦.୦୩୦ | ୦.୦୩୦ | |
| ୧୩୧ | ରୟତି | ୫୮୨ | ଶାରଦ ତିନି | ୦.୦୫୦ | ୦.୦୪୦ | ଭଗତ ପଢିଆରୀ, ପି:ଆକୁଳ ପଢିଆରୀ, ଜା:ଚଷା, ବା:ନାଧରା |
| ୧୬୧ | ରୟତି | ୭୨୮ | ଶାରଦ ତିନି | ୦.୦୭୦ | ୦.୦୧୦ | ମିଟୁ ସାହୁ, ପି:କାଳିଆ ସାହୁ, ଜୟକୃଷ୍ଣ ସାହୁ, ଚନ୍ଦ୍ରି ସାହୁ, ପି:ନିତେଇ ସାହୁ, ଗୁରେଇ ସାହୁ, ସ୍ୱା:ନିତେଇ ସାହୁ, ମାୟାଧର ସାହୁ, ହୃଦାନନ୍ଦ ସାହୁ, ପଙ୍କଜ ସାହୁ, କୁନ ସାହୁ, ନାଣ୍ଡି ସାହୁ, ପି:ଜଗା ସାହୁ, ବାଳି ସାହୁ, ସ୍ୱା:ଜଗା ସାହୁ, ଜା:ଚଷା, ବା:ନିଜିଗାଁ |
| ୨୦୩ | ରୟତି | ୭୨୯ | ଶାରଦ ତିନି | ୦.୦୭୦ | ୦.୦୨୦ | ସୁନିଆ ସାହୁ, ପି:ଫକିର ସାହୁ, ମୋହନ ସାହୁ, ମଦନ ସାହୁ, ଶିବ ସାହୁ, ଶଇତ ସାହୁ, ଶୈଳ ସାହୁ, ପି:ଜଗବନ୍ଧୁ ସାହୁ, ମେଙ୍କି ସାହୁ, ସ୍ୱା:ଜଗବନ୍ଧୁ ସାହୁ, ବୈକୁଣ୍ଠ ସାହୁ, ଗୁଣନିଧି ସାହୁ, ପି:ବିଦେଇ ସାହୁ, ଜା:ଚଷା, ବା:ନିଜିଗାଁ |
| | ରୟତି | ୭୩୯ | ଶାରଦ ତିନି | ୦.୦୬୦ | ୦.୦୨୦ | |
| | | | | ମୋଟ | ୦.୬୫୦ | |

• ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ତଫସିଲ-ଖ
(ପୁନର୍ବାସ ନିମିତ ଚିହ୍ନଟ ଭୂମି ଅନୁସୂଚୀ )

ଜିଲ୍ଲା-ଢେଙ୍କାନାଳ ତହସିଲ-ଓଡାପଡା

| ଗ୍ରାମର ନାମ | ଗ୍ରାମୀଣ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହଁ । | | | | | | | |

• ଅଧିସୂଚନାର ବୈଧ ତାରିଖ......................... ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଢେଙ୍କାନାଳ
OIPR-24034/14/0005/2223

# ଜିଲାପାଳ, ଏସ୍‌ପିଙ୍କ ଘରୋଇ ଡାକ୍ତରଖାନା ପରିଦର୍ଶନ

**ବରଗଡ଼ ଅଫିସ୍,୨୦।୧୦**

ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଏସ୍‌ପି ସ୍ମିତ ପି. ପରମାର୍ ଗୁରୁବାର ସ୍ଥାନୀୟ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଏବଂ କିଶୋରୀ ନର୍ସିଂହୋମକୁ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମ୍ପୃକ୍ତ ଘରୋଇ ଡାକ୍ତରଖାନାମାନେ ରୋଗୀ କିଭଳି ଉପକୃତ ହେଉଛନ୍ତି, ସେ ନେଇ ରୋଗୀ, ସମ୍ପର୍କୀୟଙ୍କୁ ପଚରାଉଚୁରା କରିଥିଲେ। ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ବରଗଡ଼ ଜିଲାର ୧୨, ବଲାଙ୍ଗୀର ୧୧, ସୋନପୁର ୫, କଳାହାଣ୍ଡି ୨, ଝାରସୁଗୁଡ଼ା ୨, ସମ୍ବଲପୁର ଜିଲାର ୫ ଏଭଳି ସମୁଦାୟ ୩୭ ରୋଗୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସିତ ହୋଇଥିବା ଜାଣିବାକୁ ପାଇଥିଲେ। ସେହିପରି କିଶୋରୀ ନର୍ସିଂହୋମରେ ବରଗଡ଼ ଜିଲାର ୩ ଏବଂ ବଲାଙ୍ଗୀର ଓ ଝାରସୁଗୁଡ଼ା ଜିଲାର ଜଣେ ଲେଖାଏଁ ଅର୍ଥାତ୍ ସମୁଦାୟ ୫ଜଣ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସିତ ହୋଇଥିବା ଜିଲାପାଳ, ଏସ୍‌ପିଙ୍କ ପରିଦର୍ଶନ କାଳରେ ଜଣାପଡ଼ିଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ ଉପସ୍ଥିତ ଥିଲେ।